ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 22/2025 Page 16 ₹ 7.00 | SAMBALPUR

୫୧ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 90 ମୂଲ୍ୟ ₹୭/-

# କେନ୍ଦ୍ରର ବାଧ୍ୟ, ତାମିଲନାଡୁର 'ନା'

**୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କ୍ଷମତାସୀନ ହେବା ପରଠୁ ତାମିଲନାଡୁ ଉପରେ ହିନ୍ଦୀ ଭାଷାକୁ ଜବରଦସ୍ତ ଲଦି ଦିଆଯାଉଥିବା ନେଇ ଏହି ଦକ୍ଷିଣ ଭାରତୀୟ ରାଜ୍ୟବାସୀ ଅଭିଯୋଗ କରିଆସିଛନ୍ତି। ଭାଷାକୁ ନେଇ କେନ୍ଦ୍ର ଏବଂ ତାମିଲନାଡୁ ସରକାର ମଧ୍ୟରେ ରହିଥିବା ଏହି ବିବାଦ ଏବେ ଘନେଇବାରେ ଲାଗିଛି। ବିଶେଷକରି ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ଚିଠିକୁ ନେଇ ବିବାଦ ପୁଣି ମୁଣ୍ଡ ଟେକିଛି। ମିଳିଥିବା ସୂଚନାନୁସାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖିଥିଲେ। ତାମିଲନାଡୁ ଏନ୍‌ଇପିର ୩-ଭାଷା (ତାମିଲ, ଇଂଲିଶ୍ ଓ ହିନ୍ଦୀ) ନୀତି ନ ଆପଣାଇଲେ ରାଜ୍ୟର ଶିକ୍ଷା କ୍ଷେତ୍ରକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ବନ୍ଦ କରିଦିଆଯିବ ବୋଲି ଧର୍ମେନ୍ଦ୍ର ଏଥିରେ ଚେତାବନୀ ଦେବା ସହ ବ୍ଲାକ୍‌ମେଲିଂ କରୁଥିବା ଷ୍ଟାଲିନ୍ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଧର୍ମେନ୍ଦ୍ର ଏହାର ଜବାବରେ କହିଛନ୍ତି, ଷ୍ଟାଲିନ୍‌ଙ୍କ ପତ୍ର ଅତ୍ୟନ୍ତ ଅରୁଚିକର ଏବଂ ରାଜନୈତିକ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ଲେଖାଯାଇଛି। ଏନ୍‌ଇପି କୌଣସି ଭାଷାକୁ ଲଦିଦିଏ ନାହିଁ। ରାଜନୀତି ପାଇଁ ଏହି ପ୍ରଗତିଶୀଳ ନୀତିକୁ ବିରୋଧ କରାଯିବା ଅନୁଚିତ ବୋଲି ଶିକ୍ଷାମନ୍ତ୍ରୀ ଦର୍ଶାଇଛନ୍ତି। ଧର୍ମେନ୍ଦ୍ରଙ୍କ ଏଭଳି ବକ୍ତବ୍ୟ ପରେ ଷ୍ଟାଲିନ୍‌ଙ୍କ ପୁଅ ତଥା ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ କହିଛନ୍ତି, ରାଜ୍ୟରେ କେବଳ ୨-ଭାଷା ନୀତି (ତାମିଲ ଓ ଇଂଲିଶ୍) ଚାଲିବ। ତାମିଲମାନଙ୍କ ଶିକ୍ଷା ଅଧିକାରକୁ ନେଇ 'ଭାଷାଯୁଦ୍ଧ' ପାଇଁ ଆମେ ପ୍ରସ୍ତୁତ ବୋଲି ଉଦୟନିଧି ପାଲଟା ଜବାବ ଦେଇଛନ୍ତି। ହିନ୍ଦୀ ଆପଣାଇବା ପାଇଁ କେନ୍ଦ୍ର ବାଧ୍ୟ କରୁଥିବାବେଳେ ତାମିଲନାଡୁର ନାସ୍ତିବାଣୀ ରାଜନୈତିକ ଉଷ୍ମତା ବଢ଼ାଇଦେଇଛି।**

ନୂଆଦିଲ୍ଲୀ/ଚେନ୍ନାଇ,୨୧।୨ (ପିଟି/ଏଜେନ୍ସି)

କେନ୍ଦ୍ର ସରକାର ତାମିଲନାଡୁର ଶିକ୍ଷାନୁଷ୍ଠାନ, ସରକାରୀ ପରୀକ୍ଷା ଓ ଅଫିସଗୁଡ଼ିକରେ ହିନ୍ଦୀ ଭାଷା ପ୍ରଚଳନକୁ ବାଧ୍ୟତାମୂଳକ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ରାଜ୍ୟବାସୀ ଏହାକୁ ତାମିଲ ପରିଚୟ, ଅସ୍ମିତା ଓ ଭାଷାଗତ ବିବିଧତା ପାଇଁ ବିପଦ ମଣିଥାଆନ୍ତି। ରାଜ୍ୟରେ ପ୍ରଥମେ ୧୯୩୭ ଓ ପରେ ୧୯୬୫ରେ ହିନ୍ଦୀ ବିରୋଧୀ ବିକ୍ଷୋଭ ବେଳେ ପ୍ରତିବାଦର ସ୍ୱର ଉଠିଥିଲା। ହିନ୍ଦୀ ଭାଷାକୁ ତାମିଲମାନଙ୍କ ଉପରେ ଲଦିଦିଆଯିବାକୁ ବିରୋଧ କରି ରାଜ୍ୟବାସୀ ରାସ୍ତାକୁ ଓହ୍ଲାଇଥିଲେ। ଇତିମଧ୍ୟରେ ୨୦୧୯ ଓ ୨୦୨୦ରେ କେନ୍ଦ୍ରର ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଅନୁସାରେ ତାମିଲନାଡୁର ସ୍କୁଲଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ପ୍ରଚଳନ କରାଯିବା ପ୍ରସ୍ତାବକୁ ରାଜ୍ୟବାସୀ ଓ ରାଜନୈତିକ ଦଳଗୁଡ଼ିକ ବିରୋଧ କରିଆସୁଛନ୍ତି। ଦଳ ନିର୍ବିଶେଷରେ ତାମିଲନାଡୁର ଏମ୍‌ପିମାନେ ମଧ୍ୟ ଏହାକୁ ସଂସଦରେ ବିରୋଧ କରିଥାଆନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ଏବଂ ବିରୋଧୀ ଦଳ ଏଆଇଏଡିଏମ୍‌କେ ହିନ୍ଦୀ ଲଦିଦେବାକୁ ଦୃଢ଼ ବିରୋଧ କରିଥାଏ। ହିନ୍ଦୀ ଭାଷା ଆଞ୍ଚଳିକ ଭାଷା ଓ ଅଣହିନ୍ଦୀଭାଷୀଙ୍କୁ ନ୍ୟୂନ କରିଦିଏ ବୋଲି ସେମାନେ ଯୁକ୍ତି ବାଢ଼ିଥାଆନ୍ତି। ଏହି ପୃଷ୍ଠଭୂମିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ପତ୍ର 'ଭାଷାଯୁଦ୍ଧ' ବୃଦ୍ଧିର କାରଣ ହୋଇଥିବା କୁହାଯାଉଛି।

ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଗୁରୁବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଏନ୍‌ଇପି ଅନୁଯାୟୀ ୩ ଭାଷା ନୀତି ପ୍ରଚଳନ କରା ନ ଗଲେ ଶିକ୍ଷା କ୍ଷେତ୍ରକୁ କେନ୍ଦ୍ରର ଶିକ୍ଷା ମନ୍ତ୍ରଣାଳୟରୁ ପ୍ରଦାନ କରାଯାଉଥିବା ଅନୁଦାନ ଆଉ ମିଳିବ ନାହିଁ। କେବଳ ଏତିକି ନୁହେଁ, ଧର୍ମେନ୍ଦ୍ର ତାମିଲନାଡୁ ଉପରେ ହିନ୍ଦୀକୁ ଲଦିଦେଇ ରାଜ୍ୟ ସରକାରଙ୍କୁ ବ୍ଲାକ୍‌ମେଲିଂ ମଧ୍ୟ କରୁଛନ୍ତି। ତେବେ ୧୯୬୭ରୁ ୨-ଭାଷା ସୂତ୍ରକୁ ଆପଣାଇଥିବା ରାଜ୍ୟର ସରକାରୀ ସ୍କୁଲଗୁଡ଼ିକ ଏହାକୁ ପରିତ୍ୟାଗ କରିବେ ନାହିଁ। ଏହା ଉପରେ ଧର୍ମେନ୍ଦ୍ର କେତେକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ନିଜ ସ୍ପଷ୍ଟୀକରଣ ରଖିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ମଧ୍ୟ ଏକ ଚିଠି ଲେଖିଛନ୍ତି। ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, ଷ୍ଟାଲିନ୍‌ଙ୍କ ଚିନ୍ତା କାଳ୍ପନିକ ଓ ଅରୁଚିକର। ଷ୍ଟାଲିନ୍ ସଂଘୀୟ ସହଯୋଗିତା କଥା ଉଠାଇ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ୨,୧୫୪ କୋଟି ଟଙ୍କାର ପାଣ୍ଠି ଦେବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ସ୍ଥଳେ ଭାଷାକୁ ନେଇ ଷ୍ଟାଲିନ୍ ରାଜନୀତି କରିବା ଅନୁଚିତ। କୌଣସି ଭାଷା ଲଦିଦେବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ ବିଦେଶୀ ଭାଷା ଉପରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରୀଛାତ୍ରଙ୍କୁ ଭାଷାଗତ ମୌଳିକତାରୁ ଦୂରେଇ ଦେଉଛି। ଜାତୀୟ ଶିକ୍ଷା ନୀତି ଏହି ଭୁଲ୍‌କୁ ସୁଧାରିବା ପାଇଁ ଉଦ୍ୟମ କରୁଛି ବୋଲି ☞ପୃଷ୍ଠା-୨



# ଆଜିଠୁ ପ୍ରଥମ 'ସୁଭଦ୍ରା ଶକ୍ତିମେଳା'

## ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ମିଳିବ ଏସ୍‌ଏଚ୍‌ଜି, ପିଜିଙ୍କ ହାତତିଆରି ସାମଗ୍ରୀ

ଭୁବନେଶ୍ୱର, ୨୧।୨(ବନ୍ଦନା ସେଠୀ)

ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଶନିବାରଠାରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ 'ସୁଭଦ୍ରା ଶକ୍ତିମେଳା-୨୦୨୫' ଅନୁଷ୍ଠିତ ହେବ। ଓଡ଼ିଶାରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା, ସେମାନଙ୍କ ଉତ୍ପାଦ ଓ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଏହି ମେଳାର ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଶୁକ୍ରବାର ମିଶନ ଶକ୍ତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଭାତୀ କହିଛନ୍ତି, ରାଜ୍ୟରେ ପ୍ରଥମଥର ପାଇଁ ଏହି ମେଳା ଆୟୋଜନ କରାଯାଉଛି। ଏଥିରେ ସମଗ୍ର ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଉତ୍ପାଦକ ଗୋଷ୍ଠୀ (ପିଜି) ଅଂଶଗ୍ରହଣ କରିବେ। ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ହେବ। ଏହା ପରିଦର୍ଶକମାନଙ୍କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସୃଜନଶୀଳତା, ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବକୁ ଅନୁଭବ କରିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମେଳା ସମ୍ପର୍କରେ ସୂଚନା ଦେଉଛନ୍ତି।

ଏହି ୯ଦିନିଆ ମେଳାରେ ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ସାମଗ୍ରୀଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଓ ୱେଲ୍‌ନେସ୍ ଉତ୍ପାଦ, ଜୈବିକ ଖାଦ୍ୟ ସାମଗ୍ରୀ, ମସଲା, ମିଷ୍ଟାନ୍ନ ଏବଂ ମିଲେଟ-ଭିତ୍ତିକ ବ୍ୟଞ୍ଜନ ପର୍ଯ୍ୟନ୍ତ ଉଚ୍ଚ ଗୁଣବତ୍ତା ତଥା ଦୀର୍ଘସ୍ଥାୟୀ ଉତ୍ପାଦଗୁଡ଼ିକ ପ୍ରଦର୍ଶିତ ହେବ। ଏହା ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ଗ୍ରାହକ, ବ୍ୟବସାୟ ଏବଂ ବଜାର ସହିତ ସଂଯୋଗ କରିବ। ଏହାଦ୍ୱାରା ସେମାନଙ୍କ ବ୍ୟବସାୟ ସମ୍ପ୍ରସାରଣ ହେବା ସହ ଆର୍ଥିକ ଅଭିବୃଦ୍ଧି ଏବଂ ନେଟ୍‌ୱର୍କିଂ ପାଇଁ ଦ୍ୱାର ଖୋଲିବ। ସେହିପରି ମେଳାରେ ଦର୍ଶକମାନେ ମହିଳା ଉଦ୍ୟୋଗୀଙ୍କଠାରୁ ସିଧାସଳଖ ହାତତିଆରି ଉତ୍ପାଦ କ୍ରୟ କରିବାର ସୁଯୋଗ ପାଇବେ, ଯାହାକି ସେମାନଙ୍କର ଆର୍ଥିକ ସଶକ୍ତୀକରଣରେ ମଧ୍ୟ ସହାୟକ ହେବ। 'ସୁଭଦ୍ରା ଶକ୍ତିମେଳା' ମହିଳା ସଶକ୍ତୀକରଣ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ। ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ଉଦ୍ୟୋଗିତା, ବଜାର ପ୍ରବେଶ ଏବଂ କ୍ଷମତା ତଥା ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି। ଓଡ଼ିଶା ଜୀବିକା ମିଶନ ଦ୍ୱାରା ସମର୍ଥିତ 'ଲକ୍ଷପତି ଦିଦି' ଯୋଜନା ମହିଳାମାନଙ୍କୁ ଆର୍ଥିକ ଆତ୍ମନିର୍ଭରଶୀଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ମେଳା ସେହି ଲକ୍ଷ୍ୟ ପୂରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

# ଜେଲ ଗଲେ ଅଧ୍ୟକ୍ଷ, ଅଧ୍ୟାପକ ଏବେ ବି ଫେରାର

## କଲେଜ ଛାତ୍ରୀଙ୍କ ବଳାତ୍କାର ଉଦ୍ୟମ ଅଭିଯୋଗ ଘଟଣା

ଯାଜପୁର,୨୧।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ଅଭିଯୋଗର ଅନ୍ୟତମ ଅଭିଯୁକ୍ତ ତଥା କଲେଜ ଅଧ୍ୟକ୍ଷ ସୁଧୀର କୁମାର ରାଉତ ଶୁକ୍ରବାର ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ପ୍ରାୟ ୧ ମାସ ହେବ ଫେରାର ଥିଲେ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଯାଜପୁର ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏଯାଏ ଫେରାର ରହିଛି। କିନ୍ତୁ ଶୁକ୍ରବାର ଯାଜପୁର କୋର୍ଟ ପରିସରରେ ତାଙ୍କୁ ଅନେକ ଲୋକ ଦେଖିଥିବା ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁସାରେ ଗତ ୬ ତାରିଖରେ ଛାତ୍ରୀ ଜଣକ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ କଲେଜକୁ ଯାଇଥିଲେ। ଆଧ୍ୟାପକ ଧଳ ଛାତ୍ରୀଙ୍କ ଫୋନ୍ ମାଗିବା ବାହାନରେ ଏକ କ୍ଲାସ୍‌ରୁମ୍ ଭିତରେ ବଳାତ୍କାର ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଏହାର ବିରୋଧ କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଠେଲି ତଳେ ପକାଇ ଦେଇଥିଲେ। କଲେଜର ପ୍ରଥମ ବର୍ଷ ଛାତ୍ରମାନେ ଆସିଯିବା ପରେ ଅଧ୍ୟାପକ ଧଳ ଛାତ୍ରୀଙ୍କୁ ଛାଡ଼ି ସେଠାରୁ ଚାଲି ଯାଇଥିଲେ। ଘଟଣା ସମ୍ପର୍କରେ ଛାତ୍ରୀଜଣକ ମା'ଙ୍କୁ ସବୁ କଥା କହିଥିଲେ। ଏପରି କି କଲେଜର ଅଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଏହାପରେ ଅଧ୍ୟାପକ ସିଧାସଳଖ ଧମକ ଦେଇଥିଲେ ଯେ, ତାଙ୍କର ପରୀକ୍ଷା କଣ୍ଟ୍ରୋଲ ରୁମ୍‌ରେ ନିଜ ଲୋକ ଅଛନ୍ତି। ତାଙ୍କୁ ପରୀକ୍ଷାରେ ଫେଲ୍ କରାଇଦେବେ। ଏହାବାଦ୍ ସେମାନଙ୍କ କଥା ମାନିଲେ ଅଧିକ ମାର୍କ ଦିଆଯିବ ବୋଲି କଲେଜ ଅଧ୍ୟକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଘଟଣାକୁ ଚାପିଦେବାକୁ ଛାତ୍ରୀଙ୍କୁ ଅର୍ଥ ଲୋଭ ମଧ୍ୟ ଦେଖାଇଥିଲେ। ହେଲେ ଏହି ପ୍ରସ୍ତାବରେ ଛାତ୍ରୀ ଜଣକ ରାଜି ନ ହେବାରୁ ତାଙ୍କୁ ମାନସିକ ନିର୍ଯାତନା ଦେଇ ଭୟଭୀତ କରାଇଥିଲେ। ଘଟଣାକୁ ନେଇ ଛାତ୍ରୀଛାତ୍ରମାନେ କଲେଜରେ ଆନ୍ଦୋଳନ କରିବା ସହ ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପୀଡ଼ିତା ଛାତ୍ରୀଜଣକ ନ୍ୟାୟ ବିଚଳିତ ହୋଇ ଆତ୍ମହୁତି ଉଦ୍ୟମ ମଧ୍ୟ କରିଥିଲେ। ପରେ ପୀଡ଼ିତା ଛାତ୍ରୀ ଓ ତାଙ୍କ ପରିବାରବର୍ଗଙ୍କ ସହ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ କଲେଜ ଗେଟ୍ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା। ଘଟଣାକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ବି ପୋଲିସ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଧଳଙ୍କୁ ଗିରଫ କରିପାରିନାହିଁ। ଅଭିଯୋଗ ଭିତ୍ତିରେ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଉଭୟ ଅଧ୍ୟାପକ ଏବଂ ଅଧ୍ୟକ୍ଷଙ୍କୁ ଚାକିରି ବହିଷ୍କାର କରାଯାଇଛି।

# ଚଳନ୍ତା ବସ୍‌ରେ ଲାଗିଲା ନିଆଁ

ଉଦଳା,୨୧।୨
(ସନ୍ତୋଷ କୁମାର ବାଛିନୀ)

ବାଲେଶ୍ୱରରୁ ଉଦଳା ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍‌ରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନିଆଁ ଲାଗି ଯାଇଥିଲା। ଓଡି୦୧ ଓ ୭୯୭୯ ନମ୍ବର ବିଶିଷ୍ଟ ସାହୁ ନାମକ ଏହି ବସ୍ କପ୍ତିପଦାରେ ପହଞ୍ଚିବା ସମୟରେ ଇଞ୍ଜିନରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କପ୍ତିପଦା ଛକରେ ଡ୍ରାଇଭର ବସ୍ ଛିଡ଼ା କରିବା ପରେ ସେଥିରେ ବସିଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। ଖବରପାଇ କପ୍ତିପଦା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟରୁ ଏହି ନିଆଁ ଲାଗିଥିବା ଜଣା ପଡ଼ିଛି।

# ମହାକୁମ୍ଭ ପାଇଁ ଓଡ଼ିଶାର ୨୫ ସହରକୁ ସଂଯୋଗ କରୁଛି ୬୦ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୨୧।୨ (ଅନୁରାଧା ମହାରଣା)

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ୨୦୨୫ରେ ଯୋଗଦେବାକୁ ଯାଉଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ପୂର୍ବତଟ ରେଳପଥ ଅଧୀନ ଓଡ଼ିଶାର ୨୫ଟି ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଏଥିରୁ ୫୦ଟି କୁମ୍ଭ ସ୍ୱତନ୍ତ୍ର ଟ୍ରେନ ସଫଳତାର ସହ ଯାତ୍ରା ଶେଷ କରିଛି। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର ଆଦି ସହରକୁ ସଂଯୋଗ କରୁଛି। ଏସବୁ ଟ୍ରେନ୍ ମଧ୍ୟରେ ପୁରୀ ଏବଂ ତୁଣ୍ଡଲା ମଧ୍ୟରେ ପ୍ରୟାଗରାଜ ଦେଇ ଦୁଇ ଯୋଡ଼ା ଟ୍ରେନ ନଂ.୦୮୪୧୭ ଏବଂ ୦୮୪୭୫ ଚଳାଚଳ କରୁଛି। ଭୁବନେଶ୍ୱର-ତୁଣ୍ଡଲା, ପୁରୀ-ତୁଣ୍ଡଲା ଓ ବିଶାଖାପାଟଣା-ଗୋରଖପୁର ସ୍ୱତନ୍ତ୍ର ଟ୍ରେନ ପ୍ରୟାଗରାଜ ଷ୍ଟେଶନ ଦେଇ ଚାଲୁଛି। ବ୍ରହ୍ମପୁର ଓ ବାଲୁଗାଁରୁ, ଯାଜପୁର କେନ୍ଦୁଝର ରୋଡ ଏବଂ ଯଖପୁରା, କେନ୍ଦୁଝରଗଡ ଏବଂ ନୟାଗଡ଼ରୁ ଢେଙ୍କାନାଳ, ଅନୁଗୋଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର ସିଟିରୁ ରାୟଗଡା, କେସିଙ୍ଗା, କଣ୍ଟାବାଞ୍ଜି, ମୁନିଗୁଡା, ଟିଟିଲାଗଡ, ବଲାଙ୍ଗୀର, ବରଗଡ ରୋଡ, ସମ୍ବଲପୁର, ଝାରସୁଗୁଡ଼ାରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ସାମଗ୍ରିକ ଭାବରେ, ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ସମଗ୍ର ଓଡ଼ିଶାର ଏକ ବିସ୍ତୃତ ଭୌଗୋଳିକ ଅଞ୍ଚଳକୁ ସଂଯୋଗ କରୁଛି। ଭକ୍ତମାନଙ୍କ ପାଇଁ ଏକ ଅସୁବିଧାମୁକ୍ତ ଏବଂ ଆରାମଦାୟକ ଅନୁଭୂତି ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳପଥ ଅନେକ ପଦକ୍ଷେପ ଗ୍ରହଣ କରିଛି। ପ୍ରୟାଗରାଜ ଜଙ୍କଶନ ଓ ଛେଓକି ସମେତ ପ୍ରୟାଗରାଜର ପ୍ରମୁଖ ରେଳ ଷ୍ଟେଶନଗୁଡ଼ିକରେ ନିବନିର୍ମିତ ଶୌଚାଳୟ, ପ୍ରଚୁର ପାନୀୟ ଜଳ ଏବଂ ଖାଦ୍ୟ କୋର୍ଟ ଭଳି ଉନ୍ନତ ସୁବିଧା ଉପଲବ୍ଧ ରହିଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଶିମିଳିପାଳ ଉପରେ ନିର୍ମାଣ ହେଉଛି ଚଳଚ୍ଚିତ୍ର 'ଶିମ୍ଲୀ'

## ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ, ମାର୍ଚ୍ଚ ୧୪ରେ ଲୋକାର୍ପଣ




ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ଚଳଚ୍ଚିତ୍ର 'ଶିମଲୀ'ର ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୧।୨(ସୌମ୍ୟରଞ୍ଜନ ରାଉତ)

ଏମ୍ କେ.ଆର୍ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ଓଡ଼ିଶା ଚଳଚ୍ଚିତ୍ର 'ଶିମଲୀ' ମାର୍ଚ୍ଚ ୧୪ରେ ମୁକ୍ତିଲାଭ କରିବ। ଭୁବନେଶ୍ୱର ପ୍ରେସ୍‌କ୍ଲବଠାରେ ଏହାର ଫାଷ୍ଟ ଲୁକ୍ ଓ ଅଡିଓ ଲୋକାର୍ପଣ କରାଯାଇଛି। ଶିମିଳିପାଳ ଜଙ୍ଗଲର ନିତିଦିନିଆ ଘଟଣା ଉପରେ 'ଶିମଲୀ' କଥାବସ୍ତୁ ଆଧାରିତ। ହାତୀଦାନ୍ତ ଓ ବାଘଛାଲ ଚୋରାଚାଲାଣ, ବନରକ୍ଷୀଙ୍କୁ ଆକ୍ରମଣ ଭଳି ଅପରାଧର କାହାଣୀ ଏହା ଚଳଚ୍ଚିତ୍ରରେ ରହିଛି। ଏଥିସହ ଏଥିରେ ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି।ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବାଙ୍ଗିରିପୋଷି ବିଧାୟକ ସଞ୍ଜଲି ମୁର୍ମୁ, ସରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଆଡ୍‌ଭୋକେଟ ସଞ୍ଜୀବ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ।

ୟୁ ସେନ୍‌ସର୍ ସାର୍ଟିଫିକେଟ ପାଇଥିବା ଏହି ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ସ୍ମିତା ରାଉତ ନେଇଥିବାବେଳେ ପରେଶ ଚନ୍ଦ୍ର ମହାନ୍ତ ସହ-ପ୍ରଯୋଜକ ରହିଛନ୍ତି। ଏଡିଟର ସୁକୁମାର ମଣି 'ଶିମଲୀ' ଜରିଆରେ ନିର୍ଦ୍ଦେଶକ ଭାବେ ଓଲିଉଡ଼ରେ ପାଦ ରଖିଛନ୍ତି। ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି।

ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 22/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 90 ମୂଲ୍ୟ ₹୭/-



କଟକ ବକ୍ସିବଜାରସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେବା ପାଇଁ ଯାଉଥିବା ଛାତ୍ରଙ୍କ ମଥାରେ ଶିକ୍ଷୟିତ୍ରୀ ଚନ୍ଦନ ଟୋପା ଲଗାଉଛନ୍ତି।

# ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

**କଟକ,୨୧।୨(କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରଥମ ଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ସେହିପରି ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେଉଛି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ କଟକ ବକ୍ସିବଜାରସ୍ଥିତ ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇ ପରୀକ୍ଷା ପରିଚାଳନାକୁ ତଦାରଖ କରାଯାଉଛି। ଏଥିସହ ରାଜ୍ୟର ୬୦୦ ପରୀକ୍ଷା କେନ୍ଦ୍ର ଲାଇଭ୍ ଯୋଗେ ବୋର୍ଡ ମୁଖ୍ୟାଳୟ ସହ ସଂଯୋଗ କରାଯାଇଛି। ସେହିପରି ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ବୋର୍ଡ ମୁଖ୍ୟାଳୟକୁ ସିଧାସଳଖ ପରୀକ୍ଷାକେନ୍ଦ୍ର ଓ ନୋଡାଲ କେନ୍ଦ୍ରଗୁଡ଼ିକରୁ ଆସିବା ନିମନ୍ତେ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ରାଜ୍ୟର ମୋଟ୍ ୨୯୭୯ କେନ୍ଦ୍ରରେ ୫,୧୦,୭୭୮ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଲାଗି ୧୦୨ଟି କେନ୍ଦ୍ରରେ ୭୭୬୬ ଜଣ ଓ ମଧ୍ୟମା ପରୀକ୍ଷା ପାଇଁ ୫୨ଟି କେନ୍ଦ୍ରରେ ୩୭୯୨ ଜଣ ପରୀକ୍ଷାର୍ଥୀ ଅଛନ୍ତି। ତିନୋଟିଯାକ ପରୀକ୍ଷାର ପ୍ରଶ୍ନପତ୍ରକୁ ୩୧୪ଟି ନୋଡାଲ କେନ୍ଦ୍ରରେ ୨୪ ଘଣ୍ଟିଆ ସୁରକ୍ଷା ମଧ୍ୟରେ ରଖାଯାଇଛି। ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଦ୍ୱାରା ପରୀକ୍ଷା ପରିଚାଳନାର ତଦାରଖ କରାଯାଉଛି।

## ପରୀକ୍ଷାରେ କପି ନ ଦେବାରୁ ଗୁଳି

### ଜଣେ ଛାତ୍ର ମୃତ, ୨ ଆହତ

**ସାସାରାମ,୨୧।୨**

ବିହାରର ରୋହତାସ ଜିଲା ସାସାରାମରେ ଏକ ପରୀକ୍ଷା ହଲ୍‌ରେ କପିକୁ ନେଇ ୨ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ସଂଘର୍ଷରୁ ଗୁଳିକାଣ୍ଡ ହୋଇଛି। ଗୁଳିମାଡ଼ରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ରେ ଏବଂ ଅନ୍ୟ ଜଣକ ପିଠିରେ ଗୁଳି ବାଜିଛି। ହତ୍ୟା ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଜାରି ରହିଛି। ଗୁଳିକାଣ୍ଡ ପ୍ରତିବାଦରେ ମୃତ ଛାତ୍ରଙ୍କ ପରିବାର ସଦସ୍ୟ ଓ ☞ପୃଷ୍ଠା-୨

## ଏର୍ଦୋଗାନ୍‌ଙ୍କ କଶ୍ମୀର ମନ୍ତବ୍ୟକୁ ନେଇ ବିବାଦ

**ନୂଆଦିଲ୍ଲୀ,୨୧।୨**

ତୁର୍କୀ ରାଷ୍ଟ୍ରପତି ରେସେପ୍ ତାଇପ୍ ଏର୍ଦୋଗାନ୍ କଶ୍ମୀର ପ୍ରସଙ୍ଗରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଶୁକ୍ରବାର ଭାରତ ଏହାର ଦୃଢ଼ ପ୍ରତିବାଦ ଜଣାଇଛି। ଗତ ସପ୍ତାହରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶୋହବାଜ ଶରିଫ୍‌ଙ୍କ ସହ ଆଲୋଚନା ପରେ ଏର୍ଦୋଗାନ୍ କଶ୍ମୀର ପ୍ରସଙ୍ଗର ସମାଧାନ ଲାଗି ଜାତିସଂଘରେ ଆଲୋଚନା ପାଇଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଦ୍ୱନ୍ଦ୍ୱ ଶେଷ




SIKSHA 'O' ANUSANDHAN
Empowering students for a brighter future
CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through JEE-Main, Please visit: www.soa.ac.in

DSPL-395



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭ ଉଦ୍‌ଘାଟନ
ସୁଭଦ୍ରା ଶକ୍ତି ମେଳା
୨୨ ଫେବୃଆରୀ ୨୦୨୫ (ଶନିବାର), ଅପରାହ୍ନ ୫.୩୦ ଘଟିକା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ





୨୨ ଫେବୃଆରୀ-୦୨ ମାର୍ଚ୍ଚ ୨୦୨୫ । ଜନତା ମଇଦାନ, ଭୁବନେଶ୍ୱର
ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର
OIPR-48001/13/0008/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ପାୱାର ହାଉସ ଛକ, ସମୟ: ସକାଳ ୯ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଷଷ୍ଠ ଓଡ଼ିଶା ଟ୍ରାଭେଲ ବଜାର ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମେ' ଫେୟାର ଅର୍କିଡ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା। ୩୦।
- ନମସ୍କାର ଓଡ଼ିଶାର ପାର୍ଟନରସ୍ ମିଟ୍, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଭାଜପା କଟକ ଜିଲା ପକ୍ଷରୁ ବଜେଟ୍ ସମ୍ବନ୍ଧୀୟ ଆଲୋଚନା ଓ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ନିଶାମଣୀ କନ୍‌ଭେନ୍‌ସନ୍ ହଲ୍ ଲିଙ୍କୁରୋଡ୍ କଟକ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ଷଷ୍ଠ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖଇରା ସାହିତ୍ୟ ସଂସଦ ବୈଠକ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନଟପଡ଼ା ଛକ, ଖଇରା, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଓ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ପଶ୍ଚିମ ସିମୁଳିଆ ଶିବମନ୍ଦର ପ୍ରାଙ୍ଗଣ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ବାର ଆସୋସିଏଶନ୍‌ର ୧୨୬ତମ ବାର୍ଷିକ ଉତ୍ସବରେ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ସିଭିଲ କୋର୍ଟ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମାନବ ପ୍ରାଣୀ ପରିବେଶ ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଶ୍ରୀ ଶନିଗ୍ରହଙ୍କ ମନ୍ଦିରରେ ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ : ମୋଟରାଗଡିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ଭାଜପାର ଦଳୀୟ କାର୍ଯ୍ୟାଳୟରେ ବୈଠକ, ସ୍ଥାନ: ବ୍ଲକ୍ ସମ୍ମୁଖ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ପ୍ରଜାପିତା ବ୍ରହ୍ମ କୁମାରୀ ବିଶ୍ୱବିଦ୍ୟାଳୟର ସୁଖଶାନ୍ତି ସରୋବର ଗୃହ ଉଦ୍‌ଘାଟନ, ସ୍ଥାନ: ପୁରୁଣାସହର, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ
- ଡିଆର୍‌କେ(ବି) ସହିତ ମୟୂରଭଞ୍ଜ ରେଡ୍ କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ, ସ୍ଥାନ:ସାରସକ୍ଷେତ୍ର, ସାରସକଣା,ସମୟ:ଅପରାହ୍ନ ୨ଟା।
- ମକ୍ ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି,ସମୟ: ଅପରାହ୍ନ ୨ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଗଣିତ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର,ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ସେଣ୍ଟ ପଲ୍ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଛତ୍ରପୁର ସଂସ୍କୃତି ଭବନ, ସମୟ : ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱଚିନ୍ତନ କାର୍ଯ୍ୟକ୍ରମ, ସ୍ଥାନ:କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ମୂର୍ଚ୍ଛନା ଓ ଓକା ଓଡ଼ିଶା ପକ୍ଷରୁ ଗୋବରୀ ମହୋତ୍ସବ, ସ୍ଥାନ: ଗଣ୍ଡାକିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଆଜାଦ୍ କ୍ଲବ ପକ୍ଷରୁ ଫୁଟ୍‌ବଲ ଖେଳ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳ ପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ମହାପ୍ରଭୁ ଶ୍ରୀନୀଳମାଧବଙ୍କ ମାଘମେଳାର ୧୫ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ, ସମୟ: ସକାଳ ୮ଟା।
- ଜଙ୍ଗଲ ଓ ପରିବେଶ ସୁରକ୍ଷା ମହାସଂଘ ପକ୍ଷରୁ ଜଙ୍ଗଲରେ ନିଆଁର ଭୟାବହତା ଓ ପରିବେଶ ସୁରକ୍ଷା ଉପରେ ସଚେତନତା, ସ୍ଥାନ: ଦଶପଲ୍ଲା ବ୍ଲକ ଡାଳିପଦର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୮ଟା ୩୦।
- ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା (ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୂର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ ଜିଲା ବନାମ ଦେବଗଡ ଜିଲା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର
- ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୬ଟା ୩୦ ମିନିଟ।
- ସୂଚନା ଅଧିକାର ଆଇନ କାର୍ଯ୍ୟକାରିତା ଉପରେ ଆନ୍ତଃ ଜିଲାସ୍ତରୀୟ ମହାସମ୍ମିଳନୀ ସ୍ଥାନ: କଲ୍ୟାଣମଣ୍ଡପ, କଲେଜ ଛକ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦।
- ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ, ସ୍ଥାନ: ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର, ଡୁରୁଙ୍ଗା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍କନର ଜେଲ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ବରଗଡ଼ ସବଜେଲ୍, ବରଗଡ଼, ସମୟ: ଅପରାହ୍ନ ୨ଟା ୩୦।

## ବୌଦ୍ଧ
- ଦ୍ୱିତୀୟ ସେବା ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡା, ହରଭଙ୍ଗା, ସମୟ: ସକାଳ ୯ଟା ।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ତରଭା ଶନିଶ୍ଚର ମନ୍ଦିରରେ ଶନି ପୁରାଣ ପଠନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୂଆପଡା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନାରେ ସହାୟତା ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଡିଟୋରିୟମ୍ ହଲ, ସମୟ: ଅପରାହ୍ନ ୩ଟା।

# ମାତୃଭାଷା ଆମ ହୃଦୟର ଭାଷା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୨(ସୌମ୍ୟରଞ୍ଜନ ରାଉତ)**

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ସେ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି, 'ମାତୃଭାଷା' ହିଁ ଆମ ହୃଦୟର ଭାଷା, ମା' ମାଟିର ମହକ ଓ ପରିଚୟ। ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଆସନ୍ତୁ ଆମେ ଆମ ଗୌରବମୟ ଓଡ଼ିଆ ଭାଷାର ପ୍ରସିଦ୍ଧି ଓ ଅସ୍ମିତା ଅକ୍ଷୁଣ୍ଣ ରଖିବା ସହ ଏହାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବା ସଙ୍କଳ୍ପକୁ ଆହୁରି ଦୃଢ଼ କରିବା।

# ଅଙ୍କଲ୍ ସାଲାହ ଜହିନ୍ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଅଶ୍ୱିନୀ-ଅବନୀଙ୍କ କୃତି

**ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

ଜଣେ ପ୍ରଖ୍ୟାତ କବି, ଗୀତିକାର ଏବଂ ରାଜନୈତିକ ବ୍ୟଙ୍ଗ ଚିତ୍ରଶିଳ୍ପୀ ଭାବେ ପ୍ରସିଦ୍ଧି ହାସଲ କରିଥିବା ଇଜିପ୍ଟର ବହୁମୁଖୀ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ସାଲାହ ଜହିନ୍‌ଙ୍କ ସମ୍ମାନାର୍ଥେ ହାନାଜେର ଆର୍ଟ ସେଣ୍ଟର, କାଇରୋସ୍ଥିତ ଆଦାମ୍ ହେନିନ୍ ହଲ୍‌ଠାରେ ଆୟୋଜିତ 'ଆୱାର୍ ଅଙ୍କଲ ସାଲାହ ଜହିନ୍' ଅନ୍ତର୍ଜାତୀୟ କେରିକେଚର୍ ଏକ୍‌ଜିବିଶନ୍‌ରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କୃତି ସ୍ଥାନ ପାଇଛି।
୧୯୬୦ରୁ ଆରମ୍ଭ କରି ୧୯୮୬ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ 'ଅଲ୍ ଅହରାମ୍' ଦୈନିକ ପ୍ରକାଶନରେ କାର୍ଟୁନ ପ୍ରକାଶ କରି ପରିଚିତି ହାସଲ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଇଜିପ୍ଟର ସଂସ୍କୃତି ବିଭାଗ ସହାୟତାରେ ଆୟୋଜିତ ଏହି ପ୍ରଦର୍ଶନୀ ଉଦ୍‌ଘାଟନ ସମାରୋହରେ କାଇରୋଠାରେ ଅବସ୍ଥାପିତ ନେଦରଲାଣ୍ଡର ରାଷ୍ଟ୍ରଦୂତ ପିଟର ମୁଲିମା, ଇଜିପ୍ଟ ମିନିଷ୍ଟର ଅଫ୍ କଲଚର ଫର ଡାଏଲଗ ଏଣ୍ଡ କମ୍ୟୁନିଟି ଡେଭେଲପମେଣ୍ଟର ପରାମର୍ଶଦାତା ଅମୀର ଟାଡ୍ରସ୍, ଚିତ୍ରଶିଳ୍ପୀ ସାମିଆ ଜହିନ ଏବଂ ଆୟୋଜକ ତଥା ଇଜିପ୍ଟ କେରିକେଚର୍ ଆସୋସିଏଶନର ସେକ୍ରେଟାରୀ ଜେନେରାଲ୍ ଫୌଜି ମର୍ସୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସାଲାହ ଜହିନ୍‌ଙ୍କ ନିଜସ୍ୱ ୩୨ଟି ଚିତ୍ର ସହ ଭାରତ ସମେତ ସ୍ୱିଡେନ, ରୁଷ, ସ୍ପେନ, କ୍ୟୁବା, ଚାଇନା, ପେରୁ, ବ୍ରାଜିଲ, ଉରୁଗୁଏ, ଇଜିପ୍ଟ ଆଦି ବିଶ୍ୱର ବିଭିନ୍ନ ଦେଶର ୫୨ଜଣ କାର୍ଟୁନିଷ୍ଟଙ୍କ ୬୦ଟି କୃତି ପ୍ରଦର୍ଶନୀ ପାଇଁ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ଚଳିତ ଫେବୃଆରୀ ୧୯ ଏବଂ ୨୦ ତାରିଖରେ ଏହି ପ୍ରଦର୍ଶନୀ କାଇରୋଠାରେ ଅନୁଷ୍ଠିତ ହୋଇଛି। ୨୧ ତାରିଖରେ ରୋମସ୍ଥିତ ଇଜିପ୍ସିଆନ୍ ଏକାଡେମୀ ଅଫ୍ ଆର୍ଟରେ ମଧ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ୨୦୧୪ରେ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା




ଇଜିପ୍ଟ ପ୍ରଦର୍ଶନୀରେ ପ୍ରଦର୍ଶିତ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ।

ଅଶ୍ୱିନୀ-ଅବନୀ ଅନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ବହୁବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଅଶ୍ୱିନ-ଅବନୀ ଦୁଇ ଭାଇଙ୍କ ପକ୍ଷରୁ ଆୟୋଜିତ 'ପି.ସି. ରଥ ମେମୋରିଆଲ୍ ଇଣ୍ଟରନ୍ୟାଶନାଲ ୱେବ୍ କାର୍ଟୁନ୍‌କଣ୍ଟେଷ୍ଟ' ବିଶ୍ୱସ୍ତରରେ ବେଶ୍ ଆଦୃତିଲାଭ କରିଛି।

# ଗୋପାଳପୁର-ରାୟଗଡ଼ା,ନୂଆପଡ଼ା-ଗୁଣପୁର-ଥେରୁବାଲି ରେଳଲାଇନ ଦୋହରୀକରଣର ଲୋକେଶନ ସର୍ଭେ ମଞ୍ଜୁର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୨(ସୁନିତ୍ ମିଶ୍ର)**

ରେଳ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ମଞ୍ଜୁର କରାଯାଇଛି। ୨୦୫୦ କି.ମି. ଦୀର୍ଘ ଗୋପାଳପୁର-ରାୟଗଡ଼ା ନୂଆ ରେଳଲାଇନ ଓ ନୂଆପଡ଼ା-ଗୁଣପୁର-ଥେରୁବାଲି ରେଳଲାଇନର ଦୋହରୀକରଣ ପାଇଁ ଫାଇନାଲ ଲୋକେଶନ ସର୍ଭେ ମଞ୍ଜୁର କରାଯାଇଛି। ଏହି ୨ଟି ପ୍ରକଳ୍ପ ଦ୍ୱାରା ଓଡ଼ିଶା, ବିଶେଷକରି ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମି ସହ ଅର୍ଥନୈତିକ ବିକାଶ ଆହୁରି ବ୍ୟାପକ ହେବ। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କର ଫୋକସ୍ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା ବିକାଶର ଯେଉଁ ଲକ୍ଷ୍ୟ ରଖିଛି ତାହା ନିଶ୍ଚୟ ହାସଲ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଥିବା ସମୟରେ ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନାକରି ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ନୂଆ ପ୍ରକଳ୍ପ ସହ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକର ଆଲୋଚନା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଯୋଡ଼ା-ବଡ଼ବିଲ ଓ ଯୋଡ଼ା-ବରସୁଆଁ ରେଳଲାଇନ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ବଡ଼ବିଲ, ଯୋଡ଼ା ଓ କେନ୍ଦୁଝରକୁ ନେଇ ଏକ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣ ପାଇଁ ରାଜ୍ୟ ସରକାର ଯେଉଁ ଯୋଜନା କରୁଛନ୍ତି, ସେଥିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଏହି ୨ଟି ରେଳ ଲାଇନ ନିର୍ମାଣର ସମ୍ଭାବନା ମଧ୍ୟ ଉଜ୍ଜ୍ୱଳ ହୋଇଛି। ଏହାସହ ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପ ସହିତ ଦକ୍ଷିଣ ଓଡ଼ିଶାର ପ୍ରକଳ୍ପଗୁଡ଼ିକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିରେ ରେଳ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ବିକାଶର ଗତି ବହୁଗୁଣିତ ହେବା

## ୨ ରେଳ ପ୍ରକଳ୍ପ ପାଇଁ ସକାରାତ୍ମକ ଦୃଷ୍ଟି ରଖି ପଦକ୍ଷେପ ନିଆଯାଉଛି: ରେଳମନ୍ତ୍ରୀ

ସହିତ ଅନେକ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ। ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଏହି ଦୁଇଟି ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସକାରାତ୍ମକ ଦୃଷ୍ଟି ରଖି ପଦକ୍ଷେପ ନେଉଛନ୍ତି। ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ରହିଛି। ଆସନ୍ତା ୨୫ ବର୍ଷର ଅମୃତକାଳରେ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡ଼ିଶାକୁ ଦେଶର ଅର୍ଥନୀତିର ଇଞ୍ଜିନ ଭାବେ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ରେଳ ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଉଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ବୈଷ୍ଣବ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦୪୬ କି.ମି.ନୂଆ ରେଳ ଲାଇନ ନିର୍ମାଣ ହୋଇସାରିଛି ଯାହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ ହେବ। ଓଡ଼ିଶାର ଜନଜାତି ବହୁଳ ଓ ଆକାଂକ୍ଷୀ ଜିଲାଗୁଡ଼ିକରେ ରେଳ ଭିତ୍ତିଭୂମିର ବିକାଶ ଉପରେ କେନ୍ଦ୍ର ସରକାରଙ୍କ ଫୋକସ୍ ଅଛି। ମୋଦି ସରକାରଙ୍କ ୩ୟ କାର୍ଯ୍ୟକାଳରେ ବର୍ତ୍ତମାନ ସୁଦ୍ଧା ୨୦ ହଜାର କୋଟି ଟଙ୍କାର ୮ଟି ନୂଆ ରେଳ ଲାଇନ ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଥିବା ବେଳେ ୫୯ଟି ରେଳ ଷ୍ଟେଶନକୁ ଅମୃତ ଷ୍ଟେଶନ ଭାବେ ବିକଶିତ କରାଯାଉଛି। ଏଥିରୁ ୧୬ଟି ଷ୍ଟେଶନ ଆକାଂକ୍ଷୀ ଜିଲାରେ ରହିଛି। ପ୍ରଧାନମନ୍ତ୍ରୀ ନିକଟରେ ରାୟଗଡ଼ା ଡିଭିଜନ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି ବୋଲି ବୈଷ୍ଣବ କହିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି। ଆଗାମୀ ଦିନରେ ରେଳ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାରେ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ଆଲୋଚନା ହୋଇପାରେ। ଦୀର୍ଘଦିନ ହେଲା ପତ୍ର ନ ଥିବା ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ବନ୍ଧୁଙ୍କ ସହ ସ୍ନେହ ସମ୍ପର୍କରେ ଫାଟ ସୃଷ୍ଟି ହେବା କାରଣରୁ ପରସ୍ପରକୁ ସନ୍ଦେହ କରିପାରନ୍ତି। ବହୁ କଷ୍ଟ ସ୍ୱୀକାର କରି ମଧ୍ୟ କାମଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ବୃଷ**
ଦୈହିକ ଉତ୍କର୍ଷ ସହ ବନ୍ଧୁଙ୍କ ଆଦର, ସାହାଯ୍ୟ, ଲାଭ କରି ଖୁସି ରହିବେ। ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ବ୍ୟତିବ୍ୟସ୍ତ ହେବାକୁ ପଡ଼ିପାରେ। ସଭାସମିତି, ଆଲୋଚନା, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ**
ଶାରୀରିକ ଅସୁସ୍ଥତା,ଉଗ୍ରଚିନ୍ତା,ଉତ୍ତେଜକ ବାଣୀ ଦ୍ୱାରା ସମସ୍ୟାରେ ଛନ୍ଦି ହୋଇପାରନ୍ତି। ଅଟକିରହିଥିବା କାର୍ଯ୍ୟ ସକାଶେ ଚିନ୍ତାକରି ଅନ୍ୟମନସ୍କ ରହୁଥିବାର ସୂଚନା ମଧ୍ୟ ରହିଛି । କୌଣସି ଜିନିଷକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହୋଇପାରେ। ଯାନବାହନ, ଜମିଜମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ।

**କର୍କଟ**
ଆଜି କର୍ମକ୍ଷେତ୍ରରେ କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ନୂତନ ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର କ୍ରୟ କିମ୍ବା ବିକ୍ରୟ ପାଇଁ ବ୍ୟଗ୍ରତା ପ୍ରକାଶ କରିବେ। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ଏହା ସହ ବ୍ୟବସାୟରେ ଲାଭବାନ ହେବେ।

**ସିଂହ**
ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗ ଜନିତ ପୀଡ଼ାନୁଭବ କରିପାରନ୍ତି। କୌଣସି ସାଂଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ମିତ୍ରମାନେ ପରୋକ୍ଷରେ ଶତ୍ରୁତା ଆଚରଣ କରିବାର ସୂଚନା ପାଇବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ,ପ୍ଲଟିଂ କାରବାରରେ ମାନମନାନ୍ତର ଦେଖାଦେଇପାରେ। ଅବଶ୍ୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡ଼ି ଯାଇପାରେ।

**ତୁଳା**
ଆଜି ବିଜାତୀୟ ବ୍ୟକ୍ତିଙ୍କ ସହ ଶତ୍ରୁତାଜନିତ କିମ୍ବା ଅତୀତ ଘଟଣାବଳୀକୁ ନେଇ ଚିନ୍ତିତ ରହିବେ। କଳା, ସଙ୍ଗୀତ, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ,ପ୍ଲଟିଂ କାରବାର,ଆଲୋଚନା ଓ କଚେରି ମାମଲା କ୍ଷେତ୍ରରେ ଶୁଭ ଫଳ ପାଇବେ।

**ବିଛା**
ଯାହା ଚାହୁଁଛନ୍ତି ତାହା ପାଇବେ କିନ୍ତୁ ଆଶାନୁରୂପ ନ ହେବା କାରଣରୁ ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରୁ କିମ୍ବା ଦୂରସ୍ଥାନରୁ ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ବିବାଦୀୟ ଘଟଣାର ସ୍ଥିତି ଅନୁକୂଳ ରହିବା କାରଣରୁ ସାମୟିକ ଖୁସି ରହିପାରନ୍ତି। ପିଲାଙ୍କ ସକାଶେ କିଛିଟା ଅନ୍ତର୍ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସାମୟିକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ କିମ୍ବା ସ୍ଥାନାନ୍ତର ସକାଶେ ମନ ବଳିବ।

**ମକର**
ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବେ। ସାମାନ୍ୟ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ ଏବଂ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ**
ଗତକାଲିଠାରୁ ଯାହା ଚିନ୍ତା କରୁଛନ୍ତି ଆଜି ତାହା ସହଜରେ ସମ୍ପନ୍ନ ହେବ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡ଼ିବା ପାଇଁ ଚିନ୍ତା କରିବେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ ଓ କରିବେ। କର୍ମକ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ନିଜର ଉପରିସ୍ଥ ଅଫିସର କ୍ରୋଧ ପ୍ରକାଶ କରିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ନୀଚ ବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବହୁତ ଖଟଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଜମିଜମା କାରବାର, ସଭାସମିତି, ରାଜନୈତିକ ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

ଆଜି ଫେବୃଆରୀ ୨୨ ତାରିଖ, ଫାଲ୍‌ଗୁନ କୃଷ୍ଣ ନବମୀ ଯୁକ୍ତ ଦଶମୀ ଶନିବାର, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୧୦।୩୩ ମି. ଗତେ ଘ.୦୧।୦୯ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୭ ଗତେ ଘ.୧୦।୩୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପରୀକ୍ଷାରେ କପି ...
ଗ୍ରାମବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ନେଇଛି। ବିକ୍ଷୋଭକାରୀମାନେ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଲମ୍ବା ଟ୍ରାଫିକ୍ ଜାମ୍ ଦେଖାଯାଇଥିଲା। ହତ୍ୟାକାଣ୍ଡ ପାଇଁ ଦାୟୀ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଛାତ୍ରଙ୍କ ପରିବାର ମୃତଦେହ ଗ୍ରହଣ କରିଛନ୍ତି। ହତ୍ୟାକାଣ୍ଡର ତଦନ୍ତ ଜାରି ରହିଛି।

### ଏର୍ଡୋଗାନ୍‌ଙ୍କ କଶ୍ମୀର ...
ଆହ୍ୱାନ ଦେଇଥିଲେ। ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରେ। ଦେଶର ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମ ଉପରେ ଏଭଳି ଅବାଞ୍ଛିତ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏନେଇ ତୁର୍କୀ ରାଷ୍ଟ୍ରଦୂତଙ୍କ ନିକଟରେ ଦୃଢ଼ ପ୍ରତିବାଦ ଜଣାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଜମ୍ମୁ-କଶ୍ମୀର ଲୋକଙ୍କ ପାଇଁ ସବୁଠୁ ବଡ଼ ବିପଦ ଭାବେ ରହିଆସିଥିବା ଭାରତ ବିରୋଧରେ ପାକିସ୍ତାନର ସୀମାପାର ଆତଙ୍କବାଦ ନୀତି ପ୍ରତି ଦୃଷ୍ଟି ଆକର୍ଷଣ କରାଗଲେ ଭଲ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

### କେନ୍ଦ୍ରର ବାଧ୍ୟ, ...
ଧର୍ମେନ୍ଦ୍ର ଶୁକ୍ରବାର ଷ୍ଟାଲିନ୍‌ଙ୍କ ନିକଟକୁ ଲେଖିଥିବା ପତ୍ରରେ ଯୁକ୍ତି ବାଢ଼ିଛନ୍ତି। ଡିଏମ୍‌କେ ଏନ୍‌ଇପି ୨୦୨୦କୁ ରାଜନୈତିକ କାରଣରୁ କିପରି ବିରୋଧ କରିଆସିଛି, ତାହା ମଧ୍ୟ ଧର୍ମେନ୍ଦ୍ର ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ତାମିଲନାଡୁରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ କେନ୍ଦ୍ରରେ ଭାଜପା ମଧ୍ୟ ଏଥିରୁ ଫାଇଦା ନେବା ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁନାହିଁ। ଆସନ୍ତା ମାର୍ଚ୍ଚ ୧ରୁ ରାଜ୍ୟରେ ଭାଜପା ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ସେପଟେ ଧର୍ମେନ୍ଦ୍ରଙ୍କ ଚିଠି ହସ୍ତଗତ ହେବା ପରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ କହିଛନ୍ତି, ତାମିଲନାଡୁ ଆଉ ଏକ 'ଭାଷାଯୁଦ୍ଧ' ପାଇଁ ପ୍ରସ୍ତୁତ। ଏହା ହେଉଛି ଦ୍ରାବିଡ଼ଙ୍କ ଭୂମି...ପେରିୟାରଙ୍କ ଭୂମି। ଗତଥର ଆପଣ ତାମିଲ ଲୋକଙ୍କ ଅଧିକାର ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ସେମାନେ କହିଥିଲେ, 'ମୋଦି ଗୋ ବ୍ୟାକ୍'। ଆପଣ ଯଦି ପୁନର୍ବାର ଏଭଳି ଉଦ୍ୟମ କରନ୍ତି, ଏଥର ସ୍ୱର ଉଠିବ 'ଗେଟ୍ ଆଉଟ୍ ମୋଦି'। ଆପଣଙ୍କୁ ହଟାଇବା ପାଇଁ ଆନ୍ଦୋଳନ କରାଯିବ। ଆମେ ଆମ ଅଂଶ (୨,୧୫୦ କୋଟି ଟଙ୍କାର ପାଣ୍ଠି) ମାଗୁଛୁ। କେନ୍ଦ୍ର ଆମକୁ ଏନ୍‌ଇପିର ୩ ଭାଷା ଗ୍ରହଣ କରିବାକୁ ବାଧ୍ୟ କରୁଛି। ରାଜନୀତି କିଏ କରୁଛି, ଦୟାକରି ବୁଝନ୍ତୁ ବୋଲି ଉଦୟନିଧି କହିଛନ୍ତି।

# ଓଡ଼ିଶା କୃଷକଙ୍କୁ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କଲା ମ୍ୟାପ୍ ମାଇଁ କ୍ରପ୍ କମ୍ପାନୀ

**ଭୁବନେଶ୍ୱର,୨୧।୨ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ପ୍ରତିବର୍ଷ ଏଠାରେ ବାତ୍ୟା, ଅଦିନିଆ ବର୍ଷା, ବନ୍ୟା, ସାମୁଦ୍ରିକ ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଥାଏ। କୃଷକମାନେ ହିଁ ଏହାର ସର୍ବାଧିକ କ୍ଷତି ସହିଥାନ୍ତି। ଏହାବାଦ୍ ରୋଗପୋକ ଏବଂ ଅନ୍ୟାନ୍ୟ ସଂକ୍ରମଣ ଯୋଗୁ ମଧ୍ୟ ଫସଲ ହାନି ହୋଇଥାଏ। ଏସବୁର ମୁକାବିଲା କରିବା ସହିତ କୃଷକଙ୍କୁ ସହଯୋଗ କରିବାକୁ ଆଗେଇ ଆସିଛି ମ୍ୟାପ୍ ମାଇଁ କ୍ରପ୍ କମ୍ପାନୀ। ଏହି କମ୍ପାନୀ ବିପର୍ଯ୍ୟୟର ଯଥେଷ୍ଟ ଆଗରୁ ସୂଚନା ପ୍ରଦାନ କରିବା, ବିପର୍ଯ୍ୟୟ ପରବର୍ତ୍ତୀ ଫସଲ ହାନିର ତଥ୍ୟ ସାଟେଲାଇଟ ଯୋଗେ ପ୍ରଦାନ କରିବା ଓ ଯେକୋଣସି ସମୟରେ ଯେକୌଣସି ଅଞ୍ଚଳର ଚାଷଜମିର ଅବସ୍ଥିତି ଏବଂ ଫସଲର ଅବସ୍ଥା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିବ। ଏହି ଅବସରରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ମ୍ୟାପ ମାଇଁ କ୍ରପର ପ୍ରତିନିଧି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଏକ ଉପସ୍ଥାପନ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ ପ୍ରମୁଖ ଉପସ୍ଥିତ ରହି ନିଜ ମତ ପ୍ରଦାନ କରିଥିଲେ। ସମ୍ପ୍ରତି ଓଡ଼ିଶାର କୃଷି କ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜିର ସହାୟତାରେ ଏଗ୍ରି ଷ୍ଟାକ୍ ଆପ୍ ମାଧ୍ୟମରେ ଚାଷଜମି ଓ ଫସଲର ମ୍ୟାପିଂ କରାଯାଉଛି। କୃଷି କ୍ଷେତ୍ରରେ ଡିଜିଟାଲ ଟେକ୍ନୋଲୋଜିର ଉପଯୋଗ କରି କୃଷକଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ଓଡ଼ିଶା ସରକାର ସର୍ବଦା ଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଥିଲେ। ବୈଠକରେ ମ୍ୟାପ୍ ମାଇଁ କ୍ରପ୍ କମ୍ପାନୀର ବାଣିଜ୍ୟ ନିର୍ଦ୍ଦେଶକ ସଞ୍ଜୟ ବୋବଡେ, ଆଦର୍ଶ ନାୟର, ଦିଲୀପ ଦାଶ, ଗିରିଧର, ଆନନ୍ଦ ତାମରାକର, ଏ ଶୈଖ ପ୍ରମୁଖ ଯୋଗଦେଇଥିଲେ।




# ଅଚ୍ୟୁତ ସାମନ୍ତଙ୍କୁ ଅଢ଼େଇ ଘଣ୍ଟା ଜେରା

■ ଉଚ୍ଚସ୍ତରୀୟ କମିଟି ଆଗରେ ରଖିଲେ ମତ

■ ଭିସିଙ୍କ ସମେତ ୬ କର୍ମଚାରୀ ଉପସ୍ଥିତ ଥିଲେ

ଭୁବନେଶ୍ୱର,୨୧।୨ (ସୁଚିସ୍ମିତା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତ୍ୟୁ, ଆନ୍ଦୋଳନରତ ନେପାଳୀ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ସହ ବଳପୂର୍ବକ ବସ୍‌ରେ ନେଇ କଟକ ରେଳଷ୍ଟେଶନରେ ଛାଡ଼ିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଉଚ୍ଚସ୍ତରୀୟ କମିଟି ଘଟଣାର ତଦନ୍ତ କରୁଛି। ଶୁକ୍ରବାର କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଜ୍ୟ ଅତିଥି ଭବନରେ ଏହି ଉଚ୍ଚସ୍ତରୀୟ ତଦନ୍ତ କମିଟି ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ସେହିଭଳି କିଟ୍ କୁଳପତି ସରନଜିତ୍ ସିଂ, ରେଜିଷ୍ଟ୍ରାରଙ୍କ ସହ କର୍ମଚାରୀ ଜୟନ୍ତୀ ନାଥ ଓ ଆସୋସିଏଟ୍ ପ୍ରଫେସର ମଞ୍ଜୁଷା ପାଣ୍ଡେ ମଧ୍ୟ ହାଜର ହୋଇଥିଲେ। ଅଚ୍ୟୁତଙ୍କ ସମେତ ମୋଟ ୮ଜଣଙ୍କୁ ଅଢ଼େଇ ଘଣ୍ଟା ଧରି ଘନଘନ ଜେରା କରି ତଥ୍ୟ ହାସଲ କରିଥିଲା ୩ଜଣିଆ ତଦନ୍ତ କମିଟି। ତେବେ ଜେରା ପରେ ଅଚ୍ୟୁତଙ୍କ ସହ ଅନ୍ୟମାନେ ରାଜ୍ୟ ଅତିଥି ଭବନରୁ ବାହାରିବା ସମୟରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ କିଛି ବି କହି ନ ଥିଲେ।

ତଦନ୍ତ କମିଟି ନିକଟରେ ହାଜର ହେବାକୁ ଗୁରୁବାର ଅଚ୍ୟୁତ ସାମନ୍ତଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନୋଟିସ କରାଯାଇଥିଲା। ଏହି ଅନୁସାରେ ନିର୍ଦ୍ଧାରିତ ସମୟର ପ୍ରାୟ ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ଶୁକ୍ରବାର ସନ୍ଧ୍ୟା ୬ଟାରେ ଅଚ୍ୟୁତ ଓ ଅନ୍ୟମାନେ ରାଜ୍ୟ ଅତିଥି ଭବନରେ ପହଞ୍ଚିଥିଲେ। ତଦନ୍ତ କମିଟିରେ ଥିବା ମହିଳା ଓ ଶିଶୁ କଲ୍ୟାଣ ସଚିବ ଶୁଭା ଶର୍ମା, ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଘଟଣା ସଂକ୍ରାନ୍ତରେ ଅଚ୍ୟୁତ ଓ ଅନ୍ୟମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ତେବେ ମିଳିଥିବା ସୂଚନାନୁସାରେ, ନେପାଳୀ ଛାତ୍ରୀଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାହିଁକି ଘଟଣା ସମ୍ପର୍କରେ ତୁରନ୍ତ ଗୃହ ବିଭାଗ କିମ୍ବା ଉଚ୍ଚଶିକ୍ଷା ବିଭାଗକୁ ଜଣାଇଲେ ନାହିଁ, ଆନ୍ଦୋଳନ ଛାତ୍ରୀଛାତ୍ରଙ୍କୁ ମାଡ଼ ଓ କ୍ୟାମ୍ପସରୁ ତଡ଼ିଦେବା ଆଦି ଘଟଣା ଉପରେ ଏବେସୁଦ୍ଧା କ'ଣ ସବୁ ପଦକ୍ଷେପ ହୋଇଛି, ସମ୍ପୃକ୍ତ ନେପାଳୀ ପିଲାମାନେ ଏବେ କେଉଁଠି ଅଛନ୍ତି ଏବଂ ସେମାନେ କିପରି କ୍ୟାମ୍ପସକୁ ଫେରିବା ନେଇ କର୍ତ୍ତୃପକ୍ଷ କ'ଣ ପଦକ୍ଷେପ ନେଇଛନ୍ତି ଆଦି ବିଷୟରେ କମିଟି ସଦସ୍ୟମାନେ ପଚରାଉଚରା କରି ତଥ୍ୟ ଚାହିଁଥିଲେ। ଅଚ୍ୟୁତ ଓ ଅନ୍ୟ ୭ଜଣ ସବୁ ପ୍ରଶ୍ନର ଉତ୍ତର ରଖିଥିବାବେଳେ ନିର୍ଦ୍ଦେଶ ଅନୁସାରେ କିଛି ଡକ୍ୟୁମେଣ୍ଟ ଦାଖଲ କରିଥିବା ସୂଚନା ମିଳିଛି।

## କିଟ୍ ଘଟଣାରେ ଦୁଃଖ ପ୍ରକାଶ କଲା ଏମ୍‌ଇଏ

କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀମୃତ୍ୟୁ ଘଟଣାକୁ ନେଇ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଦୁଃଖ ପ୍ରକାଶ କରିଛି। ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ପ୍ରତିକ୍ରିୟା ରଖି କହିଛନ୍ତି, ଏହି ଘଟଣାକୁ ନେଇ ଭାରତ ନେପାଳ କର୍ତ୍ତୃପକ୍ଷଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଛି। ଏହାସହିତ ଓଡ଼ିଶା ସରକାର ଓ କିଟ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଥିବା ନେଇ ସେ ସୂଚନା ଦେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ସର୍ବଦା ଅନ୍ତର୍ଜାତୀୟ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଥାଏ। ଛାତ୍ରୀମୃତ୍ୟୁକୁ ଗମ୍ଭୀରତାର ସହ ନିଆଯାଇଥିବା ବେଳେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଉପରେ ଜୟସ୍ୱାଲ ଗୁରୁତ୍ୱ ଦେଇଛନ୍ତି।

# ମଧ୍ୟାହ୍ନଭୋଜନରେ ପ୍ରତି ଅଣ୍ଡା ପିଛା ୬ଟଙ୍କା ଦିଆଯାଉଛି

ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)

ରାଜ୍ୟରେ ଥିବା ପ୍ରତ୍ୟେକ ସରକାରୀ ଓ ସରକାରଙ୍କ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ପ୍ରଧାନମନ୍ତ୍ରୀ ପୋଷଣଶକ୍ତି ନିର୍ମାଣ (ମଧ୍ୟାହ୍ନ ଭୋଜନ) କାର୍ଯ୍ୟକ୍ରମରେ ଉପକୃତ ହେଉଛନ୍ତି। ଏହି କ୍ରମରେ ଛାତ୍ରୀଛାତ୍ର କିପରି ପୋଷଣଯୁକ୍ତ ଖାଦ୍ୟ ଖାଇବେ ସେ ନେଇ ସରକାର ପଦକ୍ଷେପ ନେଉଛନ୍ତି। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଦିଆଯାଉଥିବା ଅଣ୍ଡା ପ୍ରତି ଦର ୫ଟଙ୍କା ଦେବାପାଇଁ ସ୍ଥିର କରାଯାଇଛି ବୋଲି ଯେଉଁ ପ୍ରସଙ୍ଗ ଉଠିଛି ତାହା ଠିକ୍ ନୁହେଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ କହିଛନ୍ତି। ୨୦୨୪ ଡିସେମ୍ବର ୧୦ରୁ ପ୍ରତି ଅଣ୍ଡା ପିଛା ୬ଟଙ୍କା ପ୍ରଦାନ କରାଯାଉଛି। ଏଥିସହ ବର୍ତ୍ତମାନ ବିଦ୍ୟାଳୟରେ ସପ୍ତାହକୁ ୨ଥର ବୁଧବାର ଓ ଶନିବାର ଦିନ ଛାତ୍ରୀଛାତ୍ରଙ୍କୁ ଅଣ୍ଡା ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମୁଣ୍ଡପିଛା ପଡିର ମୂଲ୍ୟ କେନ୍ଦ୍ରସରକାର ନିର୍ଦ୍ଧାରଣ କରିବା ସହ ରାଜ୍ୟ ସରକାର ନିର୍ଦ୍ଧାରିତ ପଡିର ଅଂଶ ପ୍ରଦାନ କରିଥାନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାର ନିଜସ୍ୱ ଯୋଜନାରୁ ଅତିରିକ୍ତ ପଡି ଖର୍ଚ୍ଚ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ୭ ଦିନରେ ଟଙ୍କା ଫେରାଅ, ନ ହେଲେ କାର୍ଯ୍ୟାନୁଷ୍ଠାନ

## ବିଞ୍ଝାରପୁର ବ୍ଲକ: ୮୯୪ଙ୍କ ନାଁରେ ୯୦.୯ ଲକ୍ଷର ଭତ୍ତା ହଡ଼ପ

ଯାଜପୁର,୨୧।୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୮୯୪ ଜଣ ହିତାଧିକାରୀଙ୍କ ନାମରେ ହଡ଼ପ ହୋଇଥିବା ୯୦ ଲକ୍ଷ ୯ ହଜାର ଟଙ୍କା ଅସୁଲି କରିବାକୁ ବିଡିଓ ଦିବ୍ୟେନ୍ଦୁ କୁମାର ଦାସ ନୋଟିସ ଜାରି କରିଛନ୍ତି। ବିଡିଓ ଦାସ ତାଙ୍କ ପତ୍ରସଂଖ୍ୟା ୨୦/୧୮।୨।୨୦୨୫ରେ ହିତାଧିକାରୀମାନଙ୍କୁ ୭ ଦିନ ମଧ୍ୟରେ ପାଇଥିବା ଭତ୍ତା ଟଙ୍କା ଜମା କରନ୍ତୁ ନଚେତ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଚେତାବନୀ ଦିଆଯାଇଛି।

ମଧୁବାବୁପେନ୍‌ସନ ଯୋଜନାରେ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରାଯାଇ ୮୯୪ ଜଣ ଭୂତ ହିତାଧିକାରୀଙ୍କ ନାମରେ ଉପରୋକ୍ତ ଭତ୍ତା ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ଆବଶ୍ୟକ ତଦନ୍ତ ପରେ ବିଡିଓ ଦାସ ବିଞ୍ଝାରପୁର ଥାନାରେ ୨୨।୧୦।୨୦୨୪ରେ ପୂର୍ବତନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍‌ଏସ୍‌ଓ) ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଧର୍ମେନ୍ଦ୍ର କୁମାର ସାହୁଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲା ଦାଏର କରିଥିଲେ। ଏନେଇ ବିଞ୍ଝାରପୁର ଥାନାରେ ୫୮୪/୨୦୨୪ରେ ଏକ ମାମଲା ରୁଜୁ ହୋଇଥିଲାବେଳେ ଅଭିଯୁକ୍ତ ପିଇଓ ସାହୁ ଏବେ ଜାମିନରେ ଥିବା ସୂଚନା ମିଳିଛି।

ବିଡିଓ ଦାସଙ୍କ ଅଭିଯୋଗ ଅନୁସାରେ, ୮୯୪ ଜଣ ହିତାଧିକାରୀଙ୍କ ନାମରେ ଭତ୍ତା ଅର୍ଥ ମଞ୍ଜୁର ହୋଇଥିବାବେଳେ ସେମାନଙ୍କ ନାମ ତାଲିକା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗ ପୋର୍ଟାଲରେ ମିଳିନାହିଁ। ଏହାପରେ ବିଡିଓ ୧୪।୧୦।୨୦୨୪ରେ ବିଏସ୍‌ଏସ୍‌ଓ ସାହୁଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଏସ୍‌ଏସ୍‌ଓ ସାହୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ମଞ୍ଜୁର ନିର୍ଦ୍ଦେଶ ମିଳିବା ପରେ ଉକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବାକୁ ଆକ୍ୟୁଟେନ୍ସ ରୋଲ୍ ପ୍ରସ୍ତୁତ କରିଥିଲେ ଏବଂ ଏହି ଅନିୟମିତତା ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଉତ୍ତର ରଖିଥିଲେ। ଏହାପରେ ବିଡିଓ ଦାସ ଏକ କମିଟି ଗଠନ କରି ଉକ୍ତ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ବିଏସ୍‌ଏସ୍‌ଓ ସାହୁ ଉପଜିଲାପାଳଙ୍କ ଦସ୍ତଖତକୁ ଜାଲିଆତି କରି ହିତାଧିକାରୀଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିବାକୁ କାଗଜପତ୍ର ପ୍ରସ୍ତୁତ କରିଥିବା ପ୍ରମାଣିତ ହୋଇଥିଲା।

ଏହାପୂର୍ବରୁ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ୨୪ ଜଣ ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଉଠାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ନିଗ୍ଧା ସାହୁ, ଶ୍ୟାମସୁନ୍ଦର ତିୟୁ, ସୂର୍ଯ୍ୟମଣି ପଟ୍ଟନାୟକ ଓ ବୀରେନ୍ଦ୍ର କୁମାର ମଲ୍ଲିକଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରସ୍ତ କରିବାକୁ ଦଶରଥପୁର ବିଡିଓ ନିର୍ଦ୍ଦେଶ ଜାରି କରିଥିଲେ। ସେତେବେଳେ କାର୍ଯ୍ୟାନୁଷ୍ଠାନ ଏତିକିରେ ସୀମିତ ରହିଥିଲା। ଭତ୍ତା ହଡ଼ପକାରୀ ଉପରୋକ୍ତ ଅଧିକାରୀଙ୍କ ନାମରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଜିଲାରେ ଏଭଳି ଶତାଧିକ ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ହଡ଼ପ ହେଉଥିବା ଅଭିଯୋଗ ହେଉଛି। ଏହାବାଦ୍ ପ୍ରକୃତ ହିତାଧିକାରୀ ଚିହ୍ନଟରେ ମଧ୍ୟ ଅନିୟମିତତା ହେଉଥିବାରୁ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ପୂର୍ବରୁ ଅଭିଯୋଗ ହୋଇସାରିଛି। କିନ୍ତୁ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେଇ କାର୍ଯ୍ୟାନୁଷ୍ଠାନକୁ କୋହଳ କରାଯାଉଛି। ଫଳରେ ଜିଲାରେ ଏଭଳି ସମ୍ବେଦନଶୀଳ ମୃତ ବ୍ୟକ୍ତିଙ୍କ ନାମରେ ଅର୍ଥ ହଡ଼ପ ଅଭିଯୋଗ ମାମଲା ବଢ଼ି ବଢ଼ି ଯାଉଛି ବୋଲି ମତପ୍ରକାଶ ପାଇଛି।

# ମାଣ୍ଡିଆରୁ ପ୍ରସ୍ତୁତ ହେବ ମଦ: ମନ୍ତ୍ରୀ

ଭୁବନେଶ୍ୱର, ୨୧।୨ (ସୁନିତ୍ ମିଶ୍ର)

ମାଣ୍ଡିଆରୁ ଆଗକୁ ମଦ ପ୍ରସ୍ତୁତ ହେବ। ଏଥିଲାଗି ଯେଉଁ କମ୍ପାନୀଗୁଡ଼ିକ ମାଣ୍ଡିଆରୁ ମଦ ପ୍ରସ୍ତୁତ କରିବାକୁ ଆଗ୍ରହୀ ହେବେ ସେମାନଙ୍କୁ ସରକାର ସବ୍‌ସିଡି ଯୋଗାଇଦେବେ। ମହୁଲ ଏବଂ ମାଣ୍ଡିଆରୁ ମଦ ପ୍ରସ୍ତୁତ କଲେ ପ୍ରୋତ୍ସାହନ ମିଳିବ। ଓଡ଼ିଶାରେ ଭଲ ବ୍ରାଣ୍ଡର ମଦ ପ୍ରସ୍ତୁତି କାରଖାନା ସମ୍ପର୍କରେ ଆଲୋଚନା କରାଯାଇଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ନୂଆ ଅବକାରୀ ନୀତି ନେଇ ଶୁକ୍ରବାର ମନ୍ତ୍ରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏକ ସ୍ୱଚ୍ଛ ଅବକାରୀ ନୀତି ଗ୍ରହଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିଲାଗି ସମ୍ପୃକ୍ତ ଅଂଶୀଦାରମାନଙ୍କ ସମେତ ରାଜ୍ୟବାସୀ କିପରି ଉପକୃତ ହୋଇପାରିବେ ସେନେଇ ବ୍ୟବସ୍ଥା କରାଯାଉଛି। ରାଜ୍ୟରେ ଅବକାରୀ ନୀତି ୨୦୨୫-୨୬ ପ୍ରଣୟନ ପାଇଁ ଚିଠା ପ୍ରସ୍ତାବ ଉପରେ ଅଂଶୀଦାରଙ୍କ ମତାମତ ସମ୍ପର୍କିତ ଆଲୋଚନା କରାଯାଇଛି। ଏହି ଅବସରରେ ବିଭାଗୀୟ କମିଶନର ଗୁହା ପୁନମ ତାପସ କୁମାର ଏବଂ ଅବକାରୀ କମିଶନର ନରସିଂହ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ କୌଣସି ନୀତି ପ୍ରଣୟନ ପୂର୍ବରୁ ଜନସାଧାରଣ ଓ ଅଂଶୀଦାରମାନଙ୍କ ମତାମତ ଗ୍ରହଣ କରାଗଲେ ସମ୍ପୃକ୍ତ ଆଇନ ଗ୍ରହଣୀୟ ହୋଇଥାଏ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ବୈଠକ ପ୍ରାରମ୍ଭରେ ଶାସନ ସଚିବ ଅବକାରୀ ନୀତି ସମ୍ପର୍କରେ ତଥ୍ୟ ଉପସ୍ଥାପିତ କରିଥିଲେ। ଏହି ଅବକାରୀ ନୀତି ରାଜ୍ୟରେ ନୂତନ ପୁଞ୍ଜିନିବେଶ, ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍, ବ୍ୟବସ୍ଥାରେ ସ୍ୱଚ୍ଛତା, ମିଳେଟ୍‌ଭିତ୍ତିକ ପାନୀୟ ପ୍ରସ୍ତୁତ, ଉତ୍କର୍ଷ ଓଡ଼ିଶା ଅନୁପାଳନକୁ ପ୍ରୋତ୍ସାହନ ଦେବା ଆଦି ସମ୍ପର୍କରେ ଆଲୋଚନା ହୋଇଛି। ଏଥିରେ ମଦ ପ୍ରସ୍ତୁତକାରୀ କମ୍ପାନୀର ପ୍ରତିନିଧି, ହୋଟେଲ ଓ ରେସ୍ତୋରାଁ ସଂଘର କର୍ମକର୍ତ୍ତା, ଲାଇସେନ୍ସପ୍ରାପ୍ତ ଖୁଚୁରା ବ୍ୟବସାୟୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଶିଳ୍ପ, ଅର୍ଥ, ଜଙ୍ଗଲ ଓ ପଞ୍ଚାୟତିରାଜ ବିଭାଗର ଅଧିକାରୀମାନଙ୍କ ସହ ପର୍ଯ୍ୟାୟଭିତ୍ତିକ ଆଲୋଚନା କରାଯାଇ ସେମାନଙ୍କ ମତାମତ ଲୋଡ଼ାଯାଇଛି।

ସେହିଭଳି ରାଜ୍ୟରେ ମାଣ୍ଡିଆ, ଯଅ ଓ ବାଜରାଭିତ୍ତିକ ମଦ ପ୍ରସ୍ତୁତି ସହ ବ୍ୟବସାୟିକ ପ୍ରୋତ୍ସାହନ, ମଦ ଅପମିଶ୍ରଣ ରୋକିବା, ବ୍ୟାପକ ସଚେତନତା ନେଇ ବୈଠକରେ ଆଲୋଚନା ହୋଇଛି। ସେହିଭଳି ଜନଜାତି ବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହୁଲ ଫୁଲ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତି କିଭଳି ଆବଶ୍ୟକ ଅର୍ଥ ପାଇପାରିବେ ସେନେଇ ବୈଠକରେ ବ୍ୟାପକ ଭାବେ ଆଲୋଚନା କରାଯାଇଛି।




# ରାଜ୍ୟର ୫ ଜିଲାରେ ୨୫୯.୦୬ ବର୍ଗ କି.ମି. ହେନ୍ତାଳବଣ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୨୧।୨(ବନ୍ଦନା ସେଠୀ)

ରାଜ୍ୟର ୭ ଉପକୂଳବର୍ତ୍ତୀ ଜିଲା ମଧ୍ୟରୁ ୫ଜିଲାରେ ହେନ୍ତାଳବଣ ଦେଖାଯାଏ। ଭାରତ ସରକାରଙ୍କ ଜାତୀୟ ସର୍ବେକ୍ଷଣ ସଂସ୍ଥାଙ୍କ ଦ୍ୱାରା ସଦ୍ୟତମ ପ୍ରକାଶିତ ଭାରତ ଜଙ୍ଗଲ ସ୍ଥିତି ରିପୋର୍ଟ (ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ) ୨୦୨୩ର ତଥ୍ୟ ଅନୁଯାୟୀ, ରାଜ୍ୟର ୫ଟିଉପକୂଳବର୍ତ୍ତୀ ଜିଲାଗୁଡିକରେ ସମୁଦାୟ ୨୫୯.୦୬ ବର୍ଗକିଲୋମିଟର ହେନ୍ତାଳବଣ ରହିଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲାରେ ୪.୮୨ ବର୍ଗ କିଲୋମିଟର, ଭଦ୍ରକ ଜିଲାରେ ୩୨.୩୯ ବର୍ଗ କିଲୋମିଟର, ଜଗତସିଂହପୁର ଜିଲାରେ ୮.୪୨ ବର୍ଗ କିଲୋମିଟର, କେନ୍ଦ୍ରାପଡ଼ା ଜିଲାରେ ୨୧୨.୬୯ ବର୍ଗ କିଲୋମିଟର ଓ ପୁରୀ ଜିଲାରେ ୦.୭୪ ବର୍ଗ କିଲୋମିଟର ହେନ୍ତାଳବଣ ଅଛି। ବାତ୍ୟାର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରତିବର୍ଷ ରାଜ୍ୟର ଉପକୂଳବର୍ତ୍ତୀ ଜିଲାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ହେନ୍ତାଳ ଚାରା ରୋପଣ କରାଯାଉଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ବିଧାନସଭାରେ ଆଗତ ଏକ ପ୍ରଶ୍ନର ଉତ୍ତରରେ ମତ ରଖିଛନ୍ତି। ସେହିପରି ୨୦୨୨-୨୩ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ସର୍ବମୋଟ ୧୧୯୮ ହେକ୍ଟର ପରିମିତ ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି କରିବା ପାଇଁ ହେନ୍ତାଳ ଚାରା ରୋପଣ କରାଯାଇଛି। ଭାରତ ଜଙ୍ଗଲ ସ୍ଥିତି ରିପୋର୍ଟ ୨୦୨୩ ଅନୁଯାୟୀ ବିଗତ ୨ବର୍ଷ ମଧ୍ୟରେ ମୋଟ ୧.୫୫ ବର୍ଗ କିଲୋମିଟର ହେନ୍ତାଳବଣର ଅଭିବୃଦ୍ଧି ଘଟିଛି। ହେନ୍ତାଳବଣର କ୍ଷେତ୍ରଫଳ ୨୫୭.୫୧ ବର୍ଗ କିଲୋମିଟରରୁ ବୃଦ୍ଧି ପାଇ ୨୫୯.୦୬ ବର୍ଗକିଲୋମିଟର ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ପରୀକ୍ଷା କେନ୍ଦ୍ର ଆଗରେ ଟଳିପଡ଼ିଲେ ମାଟ୍ରିକ୍ ପରୀକ୍ଷାର୍ଥୀ

ବାହାନଗା,୨୧।୨ (ଅରୂପ୍ କୁମାର ଦାସ)

ଶୁକ୍ରବାର ଆରମ୍ଭ ହୋଇଛି ମାଟ୍ରିକ୍ ପରୀକ୍ଷା। ଛାତ୍ରୀଛାତ୍ରମାନେ ପ୍ରସ୍ତୁତ ହୋଇ ପରୀକ୍ଷା କେନ୍ଦ୍ରକୁ ଯାଇଥିବା ବେଳେ ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣିସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠ ପରୀକ୍ଷାକେନ୍ଦ୍ର ଫାଟକ ସାମ୍ନାରେ ଏକ ଦୁଃଖଦ ଘଟଣା ଘଟିଛି। ଜଣେ ପରୀକ୍ଷାର୍ଥୀ ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରି ତଳେ ଟଳିପଡ଼ିଥିଲେ। ପାଖରେ ଥିବା ତାଙ୍କ ପରିବାର ଲୋକେ ତୁରନ୍ତ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୋର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବାହାନଗା ବ୍ଲକ ଆରୁହାବାଡ଼ ୟୁଏନ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦ୍ରଶେଖର



ଚନ୍ଦ୍ରଶେଖର ମାଝି।

ମାଝି ମାଟ୍ରିକ ପରୀକ୍ଷା ଦେବା ପାଇଁ ଶୁକ୍ରବାର କଲ୍ୟାଣୀସ୍ଥିତ ନିଗମାନନ୍ଦ ସ୍ମୃତି ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ। ଫାଟକ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଚନ୍ଦ୍ରଶେଖରଙ୍କ ପେଟ ବ୍ୟଥା ହୋଇଥିଲା। ଫଳରେ ଚନ୍ଦ୍ରଶେଖର ସଙ୍ଗେ ସଙ୍ଗେ ତଳେ ପଡ଼ିଯାଇଥିଲେ। ଉଲ୍ଲେଖଯୋଗ୍ୟ, ୩ଦିନ ତଳେ ଏକ ଭୋଜି ଖାଇ ଚନ୍ଦ୍ରଶେଖରଙ୍କ ଦେହ ଖରାପ ହୋଇଥିଲା। ସେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୋର ଡାକ୍ତରଖାନାରେ ମଧ୍ୟ ଚିକିତ୍ସିତ ହୋଇ ଗତ ଗୁରୁବାର ଘରକୁ ଫେରିଥିଲେ।

# ଉଚ୍ଚ ବିଦ୍ୟୁତ୍‌ସମ୍ପନ୍ନ ଟାୱାର ଉପରେ ଶୋଇଲେ



ଟାୱାର ଉପରେ ଜଣେ ଲୋକ ଶୋଇଛନ୍ତି।



କେନ୍ଦୁଝର,୨୧।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଲଣ୍ଡା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଗ୍ରାମ ଦେଇ ଯାଇଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ଚଢ଼ି ଉପରେ ଶୋଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବ୍ୟକ୍ତି ଜଣଙ୍କ ସ୍ଥାନୀୟ ଅମୃତପଡ଼ା ଗ୍ରାମର ନେତ୍ର ମୁଣ୍ଡା(୫୫)। ତାଙ୍କର କୌଣସି କ୍ଷତି ହୋଇନାହିଁ। ସୂଚନା ଅନୁଯାୟୀ, କଲଣ୍ଡା ଖେଳପଡ଼ିଆରେ ମଧ୍ୟାହ୍ନ ୧୨ଟାରେ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଥିଲା। ସେ ସମୟରେ ନେତ୍ର ସେଠାରେ ଥିବା ଟାୱାର ଉପରକୁ ଚଢ଼ିଯାଇଥିଲେ। ଉପରକୁ ଯାଇ ପାଇପ ଉପରେ ଶୋଇଥିଲେ। ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପଳାଶପଙ୍ଗା ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଲୋକେ ମଧ୍ୟ ବୁଝାଶୁଝା କରିବା ପରେ ସେ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇଥିଲେ। ସେ ମାନସିକ ବିକୃତ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ପୋଲିସ ତାଙ୍କୁ ନେଇ ଘରେ ଛାଡ଼ିଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ ମାଟ୍ରିକ୍ ପରୀକ୍ଷାର୍ଥୀ ଗୁରୁତର

ଟାଙ୍ଗୀ-ଖୋର୍ଦ୍ଧା, ୨୧।୨(ରଘୁନାଥ ସାହୁ)

ଶୁକ୍ରବାର ମାଟ୍ରିକ୍ ପରୀକ୍ଷା ଦେଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟି ଜଣେ ପରୀକ୍ଷାର୍ଥୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ନଇରୀ ଗ୍ରାମର ସୋମନାଥ ବେହେରା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସୋମନାଥ ନଇରୀ ଅପର୍ତ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ର ହୋଇଥିବାବେଳେ ନିକଟସ୍ଥ ହରିପୁର ଉଚ୍ଚ ବିଦ୍ୟାଳୟରେ ତାଙ୍କ ପରୀକ୍ଷା କେନ୍ଦ୍ର ପଡ଼ିଥିଲା। ସେ ନିଜେ ବାଇକ୍ ଚଳାଇ ପରୀକ୍ଷା ଦେବାକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ଗାଡ଼ିଟି ପିଟି ହୋଇଥିଲା। ନାବାଳକଙ୍କ ଗାଡ଼ିଚଳାକୁ ନେଇ ଅଭିଭାବକମାନେ ସଚେତନ ହେବାକୁ ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।



ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। -ଶ୍ରୀଅରବିନ୍ଦ



# ଦ୍ୱନ୍ଦ୍ୱ ଶେଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ନାଟକୀୟ ପରାଜୟ ଓ ଭାଜପାର ଅଭୂତପୂର୍ବ ବିଜୟ ଘଟିଛି। ଶେଷରେ ଦିଲ୍ଲୀର ସିଭିଲ୍ ସର୍ଭାଣ୍ଟମାନେ ଭଲରେ ନିଃଶ୍ୱାସ ମାରିବା ମନେ ହେଉଛି। ଦେଖିବାକୁ ଗଲେ ଗତ ଦଶନ୍ଧିରେ ଭାଜପା କେନ୍ଦ୍ରରେ ଯେତେବେଳେ କ୍ଷମତାକୁ ଆସିଥିଲା ସେତେବେଳେ ଆପ୍ ଦିଲ୍ଲୀର ଶାସନ ଦାୟିତ୍ୱ ନେଇଥିଲା ଓ ସେତେବେଳଠାରୁ ବହୁ ସମୟରେ ଅମଲାତନ୍ତ୍ରୀମାନେ ଅସହଜ ସ୍ଥିତିରେ ଥିବା ଅନୁଭବ କରୁଥିଲେ। ଦୁଇ କ୍ଷମତାସୀନ ସରକାର ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ସଞ୍ଚାଳିତ କରିବା ଏତେ ସହଜ କାମ ନ ଥିଲା। ତେବେ ଏବକାର ସ୍ଥିତିରେ ଦିଲ୍ଲୀ ସରକାର କେନ୍ଦ୍ରର ଏକ ବିସ୍ତାରିତ ବାହୁ ବା ଶାଖା ଭାବେ କାମ କରିବାର ସମ୍ଭାବନା ରହିଛି ଏବଂ ଏହା ପୂର୍ବରୁ ଦାବି କରୁଥିବା ସ୍ୱାୟତ୍ତତା ରହି ନ ପାରେ। କିନ୍ତୁ ଅନ୍ତତଃ ପକ୍ଷେ ଅମଲାତନ୍ତ୍ରୀମାନେ ରାଜନୈତିକ କଟକଣା ମଧ୍ୟରେ ନ ରହି ଆରାମରେ କାମ କରିପାରିବେ ଏବଂ ଏବେ ହୋଇଥିବା ପେ'କମିଶନ ଓ ଆୟକର ଛାଡ଼ରୁ କିଛି ଲାଭ ମିଳିବ ବୋଲି ଆଶା କରାଯାଉଛି। ଏହି ସମୟରେ, ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର ଏକ ଅମଲାତନ୍ତ୍ରିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାରେ କୌଣସି ସମୟ ନଷ୍ଟ କରି ନାହାନ୍ତି। ଏପରି କି ନୂଆ ସରକାର ଔପଚାରିକ ଭାବେ ଦାୟିତ୍ୱ ନେବା ପୂର୍ବରୁ ଆପ୍ ଶାସନ ସମୟରେ ହୋଇଥିବା ସମସ୍ତ ନିଯୁକ୍ତିର ତାଲିକା ପ୍ରସ୍ତୁତ କରିବା ଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଦଳର ସଦସ୍ୟ ଓ ମନ୍ତ୍ରୀଙ୍କ ସହଯୋଗୀଙ୍କ ଦ୍ୱାରା ଚୟନ କରାଯାଇ ଅନୌପଚାରିକ ଭାବେ ଆରାମଦାୟକ ପଦବୀରେ କରାଯାଇଥିବା ନିଯୁକ୍ତିର ମଧ୍ୟ ତାଲିକା କରିବାକୁ ଆଦେଶ ଦିଆଯାଇଛି। ଏକ ଦୃଢ଼ ସରକାର ଥିବାରୁ ଏହା ସ୍ପଷ୍ଟ ସୂଚନା ଦିଏ ଯେ, ଦିଲ୍ଲୀ ସିଭିଲ ସର୍ଭାଣ୍ଟଙ୍କର ଦ୍ୱନ୍ଦ୍ୱ ଶେଷ ହୋଇଛି।

### ଅଭିଜ୍ଞତାକୁ ଗୁରୁତ୍ୱ

କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) ଫେବୃଆରୀ ୨୦୨୫ ପରେ ନୀତି ଆୟୋଗର ସିଇଓ ଭାବେ ବି.ଭି.ଆର୍. ସୁବ୍ରମଣ୍ୟମ୍‌ଙ୍କ କାର୍ଯ୍ୟକାଳ ଅଧିକ ଏକ ବର୍ଷ ବୃଦ୍ଧି କରିବା ପାଇଁ ଅଭିଜ୍ଞତାକୁ ଜୋର ଦେବା ଲାଗି ନିଷ୍ପତ୍ତି ନେଇଥିବା ଜଣାପଡୁଛି। ଶାସନଠାରୁ ଆରମ୍ଭ କରି ବାଣିଜ୍ୟ, ରଣନୀତିକ ନୀତି ନିର୍ଦ୍ଧାରଣରେ ଏହି ବରିଷ୍ଠ ଅମଲାତନ୍ତ୍ରୀଙ୍କର ଏକ ଭଲ ରେକର୍ଡ ରହିଛି। ତେବେ ସୁବ୍ରମଣ୍ୟମ୍‌ଙ୍କର ନୀତି ଆୟୋଗରେ ରହିବାର ସଙ୍କେତ ମିଳୁଛି। କିନ୍ତୁ ଏଭଳି କାର୍ଯ୍ୟକାଳ ବୃଦ୍ଧି କରି ଦାୟିତ୍ୱରେ ରଖାଯିବା ଭଲ କଥା କି? ଗୋଟିଏ ପଟେ ତାଙ୍କ ନେତୃତ୍ୱ ସ୍ଥାୟିତ୍ୱ ନିଶ୍ଚିତ କରେ। ଜମ୍ମୁ କଶ୍ମୀର ପ୍ରଶାସନଠାରୁ ଆରମ୍ଭ କରି ଭାରତର ବାଣିଜ୍ୟ ରଣନୀତି ପର୍ଯ୍ୟନ୍ତ ଅନେକ ଜଟିଳ ଆହ୍ୱାନକୁ ନିୟନ୍ତ୍ରଣ କରିବାରେ ସେ ଗଭୀର ସଂସ୍ଥାଗତ ଜ୍ଞାନ ହାସଲ କରିଛନ୍ତି। ତାଙ୍କ ସମର୍ଥକମାନେ ଯୁକ୍ତି ବାଢ଼ନ୍ତି ଯେ, ଏକ ଦ୍ରୁତ ବିକାଶଶୀଳ ଆର୍ଥିକ ଦୃଶ୍ୟପଟରେ ନୀତି ଆୟୋଗରେ ସ୍ଥିର ନେତୃତ୍ୱ ଦରକାର। ଅନ୍ୟପଟେ ଏହି ପଦକ୍ଷେପ ନୂତନ ବିଚାରର ପଥରୋଧ କରୁଛି ବୋଲି ଅନେକେ ପ୍ରଶ୍ନ କରୁଛନ୍ତି। ଭାରତର ନୀତିଗତ ପରିବେଶ ହିଁ ନୂତନତ୍ୱର ବିକାଶକୁ ବାଟ କଢ଼ାଇ ନିଏ ଏବଂ ଶୀର୍ଷ ପଦବୀରେ ପରିବର୍ତ୍ତନ ଏକ ନୂତନ ଶକ୍ତି ଜାଗରଣ କରେ। ଶେଷରେ କାର୍ଯ୍ୟକାଳ ବୃଦ୍ଧି ଦର୍ଶାଏ ଯେ, ସରକାର ପରୀକ୍ଷାନିରୀକ୍ଷାଠାରୁ ଅଭିଜ୍ଞତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ତାହା ସଫଳ କିମ୍ବା ବିଫଳ ହେବ ଆସନ୍ତାବର୍ଷ ଜଣାପଡ଼ିବ। ନୀତି ଆୟୋଗ ଭାରତର ଆକାଂକ୍ଷା ସହିତ ତାଳଦେଇ ଗତି କରିଥିବା ନୀତି ଗଠନ କରିପାରିବ ନା ଏବକାର ସ୍ଥିତି ଜାରି ରଖିବ, ତାହା ହିଁ ତା' ପାଇଁ ଅସଲ ପରୀକ୍ଷା।

### ସତର୍କଘଣ୍ଟି

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ନିକଟରେ ରାଜ୍ୟ ପ୍ରଶାସନ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଦେଖାଯାଇଛି। ବେଗମପେଟ୍‌ରେ ଆଇଏଏସ୍ ଅଧିକାରୀଙ୍କର ଏକ ସମାବେଶକୁ ସମ୍ବୋଧିତ କରିବା ଅବସରରେ ସେ କହିଥିଲେ ଯେ, ଏବେ କେତେକ ଜିଲାର ଜିଲାପାଳ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରକୁ ଯାଇ ଲୋକଙ୍କ ସହ ଜଡ଼ିତ ହେବା ଓ ସେମାନଙ୍କ ସେବା କରିବାକୁ ଅନିଚ୍ଛୁକ ଥିବା ଜଣାପଡୁଛି। ଏହା ପ୍ରକୃତରେ ଦୁର୍ଭାଗ୍ୟଜନକ, ଯାହା ସିଭିଲ ସର୍ଭାଣ୍ଟଙ୍କ ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଇଛି। ଆଇଏଏସ୍ ଅଧିକାରୀମାନେ ନୀତି ନିର୍ଦ୍ଧାରଣର ଭଲ ମନ୍ଦ ଦିଗରେ ରାଜନୈତିକ ନେତାଙ୍କୁ ଠିକ୍ ସୂଚନା ଦେବା ଓ ସହଯୋଗ କରିବାର ବେଳ ଏବେ ଚାଲିଯାଇଛି ବୋଲି ରେଡ୍ଡୀ କହିଥିଲେ। ଏହା ବଦଳରେ ସେମାନେ ସେମାନଙ୍କ ରାଜନୈତିକ ବସ୍‌ଙ୍କୁ ସନ୍ତୁଷ୍ଟ କରିବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନେକ ସମୟରେ ମଧ୍ୟ ସେମାନେ ରାଜନୈତିକ ନେତାଙ୍କୁ ଭୁଲ୍ ବାଟରେ ଯିବାକୁ ଉତ୍ସାହିତ କରୁଛନ୍ତି। ତାହା ପ୍ରକୃତରେ ଶାସନ ନୁହେଁ, ତାହା ହେଉଛି ଏକ ଦୁର୍ବଳ ଗୋଷ୍ଠୀଗତ ବିଚାର, ଯାହାର ଏକ ବିପଜ୍ଜନକ ପ୍ରଭାବ ରହିଛି। ଗୋଟିଏ ସମୟ ଥିଲା ଯେତେବେଳେ ଅବସରପ୍ରାପ୍ତ ଅଧିକାରୀ ଏମ୍. ଗୋପାଳକ୍ରିଷ୍ଣନଙ୍କ ଭଳି ଅମଲାତନ୍ତ୍ରୀମାନେ ନୀତିନିର୍ଦ୍ଧାରଣରେ ସିଧାସଳଖ ଜଡ଼ିତ ରହୁଥିଲେ। ସେମାନେ କ୍ଷେତ୍ର ବା ଫିଲ୍ଡରେ ସମୟ କାଟି ତୃଣମୂଳ ସ୍ତରର ବାସ୍ତବତାକୁ ଅନୁଭବ କରିବା ସହ ସରକାର ଓ ଶାସନ ମଧ୍ୟରେ ସଂଯୋଗ ରକ୍ଷା କରୁଥିଲେ। ଏବେ କିନ୍ତୁ ଅନେକ ଅଧିକାରୀ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ବଦଳରେ ଘରେ ରହୁଥିବା ମନେହେଉଛି। ଅବଶ୍ୟ ସବୁ ବାବୁ ଏହା କରୁନାହାନ୍ତି ବୋଲି ରେଡ୍ଡୀ କହିଥିଲେ। ତେବେ ଏଥିରୁ ବୁଝାପଡୁଛି ଯେ, ରେଡ୍ଡୀଙ୍କ ମନ୍ତବ୍ୟ ପ୍ରଶାସକମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ଶାସନ କେବଳ କାଗଜକଲମରେ ସୀମିତ ନୁହେଁ, ଏହା ଲୋକଙ୍କ ପାଇଁ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | 3 | 6 |
| | 9 | | 2 | | | | | |
| | | | | 8 | | | 5 | |
| | 8 | | | | 5 | 2 | | |
| | 3 | | 9 | | 7 | | | |
| | | | | | | | | 3 |
| 3 | 5 | | | | | 7 | | |
| | | 8 | | | 9 | 5 | 6 | |
| 7 | | | 4 | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 5 | 6 | 2 | 1 | 4 | 9 | 7 |
| 2 | 9 | 1 | 8 | 4 | 7 | 3 | 6 | 5 |
| 4 | 6 | 7 | 5 | 9 | 3 | 2 | 1 | 8 |
| 8 | 2 | 9 | 7 | 6 | 4 | 5 | 3 | 1 |
| 5 | 4 | 6 | 1 | 3 | 2 | 7 | 8 | 9 |
| 1 | 7 | 3 | 9 | 8 | 5 | 6 | 4 | 2 |
| 9 | 3 | 8 | 2 | 7 | 6 | 1 | 5 | 4 |
| 7 | 1 | 4 | 3 | 5 | 9 | 8 | 2 | 6 |
| 6 | 5 | 2 | 4 | 1 | 8 | 9 | 7 | 3 |

ଗତକାଲିର ଉତ୍ତର

# ଗୁଣସୂତ୍ର ଓ ବାତାବରଣ



ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷର ବ୍ୟକ୍ତିତ୍ୱର ବିକାଶ ପାଇଁ ଦୁଇଟି ପ୍ରଭାବଦାୟୀ। ପ୍ରଥମଟି ହେଲା, ମଣିଷ ତା'ର ସୁଗୁଣ ଓ ଦୁର୍ଗୁଣ ଉତ୍ତରାଧିକ୍ରମେ ଗୁଣସୂତ୍ର (GENES) ମାଧ୍ୟମରେ ଲାଭକରେ। ଅର୍ଥାତ୍ ଜଣେ ସାଧୁ ପୁରୁଷର ପୁତ୍ର ତା' ବାପା ପାଖରୁ ସାଧୁତା ଗୁଣ ଉତ୍ତରାଧିକାରୀ ସୂତ୍ରରେ ପାଏ ଓ ଜଣେ ଚୋର ଠିକ୍ ସେପରି ଚୋରି କରିବା ଗୁଣ ତା' ବାପାଠାରୁ ଲାଭକରେ। ମାତ୍ର ଏହି ତତ୍ତ୍ୱ ଶତ ପ୍ରତିଶତ ପ୍ରମାଣସିଦ୍ଧ ନୁହେଁ। ବହୁ ଅସାଧୁମାନଙ୍କ ପୁତ୍ର ସାଧୁ ହୋଇଥିବାର ଓ ବହୁ ଦୁଷ୍ଟଚରିତ୍ର ବ୍ୟକ୍ତିଙ୍କ ବଂଶଜ ସତ୍ ଚରିତ୍ର ସମ୍ପନ୍ନ ହୋଇଥିବାର ଉଦାହରଣ ଅଛି। ଅପରପକ୍ଷରେ ସତ୍‌ପୁରୁଷମାନଙ୍କ ପୁତ୍ରକନ୍ୟା ଦୁଷ୍ଟଚରିତ୍ର ହେବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ନିଶାସେବନ ଓ ଧର୍ମାନ୍ତରୀକରଣକୁ ବିରୋଧ କରିଥିବା ମହାତ୍ମା ଗାନ୍ଧୀଙ୍କ ପୁଅ ହରିଲାଲ ଗାନ୍ଧୀ ମଦ୍ୟପ ଥିବା ଓ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ସର୍ବଜନବିଦିତ । ଏଣୁ ବ୍ୟକ୍ତିତ୍ୱ ବିକାଶ ପାଇଁ ସର୍ବଦା ଗୁଣସୂତ୍ର ଦାୟୀ ନୁହେଁ। ଚତୁଃପାର୍ଶ୍ୱସ୍ଥ ସାମାଜିକ ବାତାବରଣ ଓ ଆନୁଷ୍ଠାନିକ ଶିକ୍ଷା ମଧ୍ୟ ବ୍ୟକ୍ତିତ୍ୱ ନିର୍ମାଣରେ ବଡ଼ ଭୂମିକା ଗ୍ରହଣ କରେ। ଯଦି ସାମାଜିକ ବାତାବରଣ କଳୁଷିତ ଓ ଶିକ୍ଷା ନୈତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ନୁହେଁ, ତା'ର କୁପ୍ରଭାବ ବ୍ୟକ୍ତି ଉପରେ ପଡ଼େ। କୌଣସି ଗୁଣ ଆନୁବଂଶିକ ଭାବରେ ଜଣକ ପାଖରୁ ପରବର୍ତ୍ତୀ ପିଢ଼ିକୁ ସର୍ବଦା ଯାଏନାହିଁ। ରାକ୍ଷସ ହିରଣ୍ୟକଶିପୁର ଗୁଣ ପ୍ରହ୍ଲାଦଙ୍କ ପାଖରେ ପରିଲକ୍ଷିତ ହୋଇନଥିଲା। ହିରଣ୍ୟକଶିପୁ ହିଂସ୍ର ଓ ଉତ୍ପୀଡ଼କ ହୋଇଥିବାବେଳେ ପ୍ରହ୍ଲାଦ ଥିଲେ ଶାନ୍ତ ଧର୍ମପରାୟଣ ଓ ବିଷ୍ଣୁଭକ୍ତ। ଅପରପକ୍ଷରେ ଆକବର ଜଣେ ଉଦାର ଓ ସହନଶୀଳ ପ୍ରଶାସକ ଥିବାବେଳେ ପୁତ୍ର ଜାହାଙ୍ଗୀର ଥିଲେ ଅତ୍ୟନ୍ତ ହିଂସ୍ର ଓ ଅତ୍ୟାଚାରୀ। ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି ତାଙ୍କ ଜୀବନର ଏକ ସତ ଘଟଣାକୁ ଆଧାର କରି ଲେଖିଛନ୍ତି ଏକ କ୍ଷୁଦ୍ର ଗଳ୍ପ 'ଜିନ୍‌ସ' ଓ ସେଥିରେ ସେ କହିଛନ୍ତି କେବଳ ରୋଗ ଜିନ୍ ଦ୍ୱାରା ପରବର୍ତ୍ତୀ ପିଢ଼ିକୁ ସଂକ୍ରମଣ ହୁଏ, ସାଧୁତା ଓ ସଚ୍ଚୋଟତା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୁଏନାହିଁ।

ଅନନ୍ତ ନାମରେ ଜଣେ ବେକାର ଅଣକୁଶଳୀ ଶ୍ରମିକ ପହଞ୍ଚିଲା ସୁଧା ମୂର୍ତ୍ତିଙ୍କ ଘରେ। ସେ ଚାହିଁଥିଲା କିଛି କାମ କରିବାକୁ ଓ ତା' ବଦଳରେ ଚାହିଁଥିଲା ଦିନକୁ ଦି ଓଳି ଖାଦ୍ୟ। ସୁଧା ମୂର୍ତ୍ତିଙ୍କ ଜେଜେବାପା ଅନନ୍ତକୁ ଘରେ ରଖିଲେ ଓ କହିଲେ, "ଦେଖ ବାବୁ! ବଞ୍ଚିବା ପାଇଁ ଅର୍ଥ ମଧ୍ୟ ଆବଶ୍ୟକ। ଏଣୁ ମୁଁ ତୁମକୁ ପୂଜାବିଧି ଶିଖାଇଦେବି। ତୁମେ ଆମଘରେ ପୂଜା କରିବ, ରହିବ ଓ ପ୍ରତ୍ୟେକ ମାସ ୧୦୦ ଟଙ୍କା ମଧ୍ୟ ପାଇବ।" ଅନନ୍ତ ଖୁସି ହେଲା। ପୂଜା ଶିଖି ଘରେ ଦେବଦେବୀ



ପୂଜା କରିବା ସଙ୍ଗେ ବଜାର କରିବା, ଫୁଲ ତୋଳିବା ଆଦି ଦୈନନ୍ଦିନ କାମ କଲା। ସେ ନିଷ୍ଠାରେ କାର୍ଯ୍ୟ କରି ପରିବାରର ସମସ୍ତଙ୍କ ପ୍ରିୟଭାଜନ ହେଲା। ଦିନେ ତାଙ୍କ ଜେଜେମା ଏକ ସୁନା କଙ୍କଣ ହଜାଇଦେଲେ ଓ ଅନନ୍ତ ତାହା ତୁଳସୀ ଗଛ ମୂଳେ ପାଇ ଜେଜେମାଙ୍କୁ ଦେଇଦେବାରୁ ତା'ର ସାଧୁତାରେ ପ୍ରୀତ ହୋଇ ଜେଜେବାପା ତାକୁ ୧୦୦ ଟଙ୍କା ପୁରସ୍କାର ଦେଲେ। ମାତ୍ର ଅନନ୍ତ କହିଲା, ପୁରସ୍କାର ପରିବାରର ବାହାର ଲୋକଙ୍କୁ ଦିଆଯାଏ। ମୁଁ ନିଜକୁ ଏହି ପରିବାରର ସଦସ୍ୟ ବୋଲି ଭାବେ। ଏଣୁ ମୁଁ ଏହି ପୁରସ୍କାର ଗ୍ରହଣ କରିପାରିବି ନାହିଁ। ଥରେ ଅନନ୍ତ ଅଭାବରେ ପଡ଼ି ଜେଜେବାପାଙ୍କଠାରୁ ୫୦ ଟଙ୍କା ଋଣ ନେଲା ଓ ପରବର୍ତ୍ତୀ ମାସର ଦରମାରୁ ତାକୁ କାଟିଦେବା ପାଇଁ କହିଲା। ମାତ୍ର ପରମାସ ଜେଜେବାପା ସେହି ଟଙ୍କା କଥା ଭୁଲିଯାଇ ଅନନ୍ତକୁ ୧୦୦ ଟଙ୍କା ବଢ଼ାଇ ଦିଅନ୍ତେ ଅନନ୍ତ ନିଜେ ତା' ତରଫରୁ ସେହି ଟଙ୍କା କାଟିବା ପାଇଁ ମନେ ପକାଇଦେଲା। ଏହିଭଳି ଅନେକ ଘଟଣା ଜେଜେବାପାଙ୍କୁ ପ୍ରଭାବିତ କରିଥିଲା ଓ ତେଣୁ ସେ ଅନନ୍ତକୁ ଖୁବ୍ ଭଲ ପାଉଥିଲେ। ମାତ୍ର କିଛି ବର୍ଷ ପରେ ଅନନ୍ତ ବିବାହ କଲା ପରେ ତା'ର ଶ୍ୱଶୁରଙ୍କୁ ସାହାଯ୍ୟ କରିବା ପାଇଁ ଓ ପାରିବାରିକ ଦାୟିତ୍ୱର ଆହ୍ୱାନରେ ସୁଧା ମୂର୍ତ୍ତିଙ୍କ ଘରୁ ବିଦାୟ ନେଇ ଗାଁରେ ରହିବାକୁ ସ୍ଥିର କଲା। ପରିବାରର ସମସ୍ତେ ତା'ର ମଙ୍ଗଳ କାମନା କରି ବିଦାୟ ଦେଲେ।

ଅନେକ ବର୍ଷ ଅତିକ୍ରାନ୍ତ ହେଲା। ଦିନେ ହଠାତ୍ ଅନନ୍ତ ତା'ର ନାତି 'ହରି'କୁ ଧରି ପହଞ୍ଚିଲା ସୁଧାଙ୍କ ଅଫିସ୍‌ରେ। ସେ କହିଲା ତା'ର ନାତି ଚେନ୍ନାଇରେ ଆଇ.ଆଇ.ଟି.ରେ ନାମ ଲେଖାଇବ ଓ ସେଥିପାଇଁ ପ୍ରତ୍ୟେକ ବର୍ଷ ୫୦ ହଜାର ଟଙ୍କା ଆବଶ୍ୟକ। ଅନନ୍ତ ଏହି ଆର୍ଥିକ ସାହାଯ୍ୟ ପାଇଁ ପ୍ରାର୍ଥନା କରନ୍ତେ ସୁଧା ତା' ନାତିକୁ ବ୍ୟକ୍ତିଗତ ଭାବରେ ଦୁଇ ଲକ୍ଷ ଟଙ୍କା ଦେଲେ ଓ ରୋଜଗାର କରିବା ପରେ ଫେରାଇବା ପାଇଁ କହିଲେ, କାରଣ ସେହି ଟଙ୍କା କ୍ରମାନ୍ୱୟରେ ଅନେକ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ପୂରଣ କରିବାରେ ବ୍ୟବହାର କରିବା ପାଇଁ ସେ ଚାହୁଁଥିଲେ। ଅବଶ୍ୟ ହରି ଏହି ଅର୍ଥ ଋଣ ନେଇ ଏକ ଦଲିଲ ଦସ୍ତଖତ କରିବାକୁ ଚାହୁଁଥିଲା। ମାତ୍ର ସୁଧା କହିଲେ, "ଆବଶ୍ୟକ ନାହିଁ, କାରଣ ତୁ ଅନନ୍ତ ଭଳି ଜଣେ ସାଧୁ ଓ ସଚ୍ଚୋଟ ବ୍ୟକ୍ତିର ନାତି। ତା'ର ରକ୍ତ ତୋ ଦେହରେ ପ୍ରବାହିତ।"

ହରି ଟଙ୍କା ନେଲା। ଚେନ୍ନାଇ ଆଇ.ଆଇ.ଟି.ରେ ପାଠ ପଢ଼ିଲା ଓ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ହୋଇ ପ୍ରଭୂତ ଅର୍ଥ ରୋଜଗାର କଲା। ଏହାରି ଭିତରେ ଅନେକ ବର୍ଷ ଅତିକ୍ରାନ୍ତ ହେଲା ଓ ସୁଧା ମୂର୍ତ୍ତି ସେହି ଋଣଟଙ୍କା ବିଷୟରେ ଭୁଲିଗଲେ। ଥରେ ସେ ବାଙ୍ଗାଲୋର ଫେରିବା ପାଇଁ ଚେନ୍ନାଇ ବିମାନବନ୍ଦରରେ ଅପେକ୍ଷା କରିଥାନ୍ତି। ସେହି ବିମାନ ଅପେକ୍ଷାରେ ଥିବା ଜଣେ ସୁପରିଧିତ ଯୁବକ ଲାପ୍‌ଟପ୍‌ରେ କିଛି କାମ କରୁଥିବା ଦେଖିଲେ ସୁଧା। ଯୁବକଟି ତାଙ୍କୁ ଚିହ୍ନା ଅନୁଭବ ହେଲା, ମାତ୍ର ସେ ନିଶ୍ଚିତ ହୋଇପାରିଲେ ନାହିଁ। ବିମାନ ଛାଡ଼ିଲା ଓ ସେ ବାଙ୍ଗାଲୋରରେ ଚାକିରି କରୁଥିବା କଲେଜରେ ପହଞ୍ଚି ଦେଖିଲେ ସେହି ଯୁବକଟି ଶ୍ରେଣୀଗୃହରେ ଏକ ପ୍ରେରଣାଦାୟୀ ବକ୍ତୃତା ଦେଉଛି। ଗରିବ ଘରେ ଜନ୍ମନେଇ ମଧ୍ୟ ସଂଘର୍ଷ କରି ନିଜକୁ ନିଜେ ନିର୍ମାଣ କରି ସଫଳ ହୋଇଥିବା ବ୍ୟକ୍ତି ଭାବରେ ଏକ ପ୍ରେରଣାଦାୟୀ ବକ୍ତୃତା ଦେବା ପାଇଁ ସେ ନିମନ୍ତ୍ରିତ ହୋଇଥିଲା। ସୁଧା ଜାଣିପାରିଲେ ସେ ଥିଲା ଅନନ୍ତର ନାତି ହରି। ତା' ପରଦିନ ସୁଧା ହରିକୁ ଫୋନ୍ କରି ଭଲମନ୍ଦ ପଚାରିଲେ ଓ ଅନନ୍ତର ମୃତ୍ୟୁକଥା ମଧ୍ୟ ଜାଣିବାକୁ ପାଇଲେ। କଥୋପକଥନ ଭିତରେ ହରି ତାଙ୍କ ପାଖରୁ ନେଇଥିବା ଦୁଇଲକ୍ଷ ଟଙ୍କା ଫେରାଇବା ବିଷୟରେ କିଛି ନ କହିବାରୁ ସୁଧା ଆଶ୍ଚର୍ଯ୍ୟ ହେଲେ। କିଛିଦିନ ପରେ ସୁଧା ଆଉଥରେ ଫୋନ୍ ଯୋଗେ ହରିକୁ ନେଇଥିବା ଋଣ କଥା ମନେ ପକାଇ ଦିଅନ୍ତେ ସେ କହିଲା, "ମୋ ଜେଜେବାପାଙ୍କୁ ଆପଣ ଅଳ୍ପ ଦରମା ଦେଇ ବହୁତ ପରିଶ୍ରମ କରାଉଥିଲେ। ଏହା ଏକ ପ୍ରକାର ଶୋଷଣ ଥିଲା। ଏଣୁ ଆପଣ ଆହୁରି ଟଙ୍କା ଆମ ପରିବାରକୁ ଦେବା କଥା। ତଥାପି ମୋ ଜେଜେବାପାଙ୍କ ସମ୍ମାନ ରକ୍ଷା କରିବା ପାଇଁ ମୁଁ ତାହା ଦାବି କରୁନାହିଁ।" ଏତକ କହି ସେ ଫୋନ୍‌ଟି କାଟିଦେଲା। ସୁଧା ମୂର୍ତ୍ତି ସେଦିନ ଉପସଂହାରରେ ପହଞ୍ଚିଲେ ଯେ ସୁଗୁଣ ସର୍ବଦା ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୁଏନାହିଁ।

ଯଦି ହେଉଥାନ୍ତା ହରି ତା' ଜେଜେବାପାଙ୍କ ଭଳି ଜଣେ ସତ୍ୟବାଦୀ, ସାଧୁ ବିଶ୍ୱସ୍ତ ବ୍ୟକ୍ତି ହୋଇଥାନ୍ତା। ଚରିତ୍ର ଗଠନରେ ଗୁଣସୂତ୍ର ସର୍ବଦା ଦାୟୀ ହୋଇ ନ ପାରେ। ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ଆବଶ୍ୟକ ଏକ ଅନୁକୂଳ ଶୁଦ୍ଧ ବାତାବରଣ ଓ ନୈତିକ ମୂଲ୍ୟବୋଧ ଆଧାରିତ ଶିକ୍ଷା। ଏହି ଦୁଇଟି ଉପାଦାନର ସଦ୍‌ବ୍ୟବହାର କଲେ ନିଜକୁ ଏକ ମହତ ବ୍ୟକ୍ତିତ୍ୱ ଭାବରେ ଗଢ଼ିତୋଳି ହୁଏ। ଏଣୁ 'ବେଣୀ ସଂହାର' ନାଟକରେ କର୍ଣ୍ଣ କହିଥିଲେ "ଦୈବାୟତ୍ତ କୁଳେ ଜନ୍ମଂ ମଦାୟତ୍ତ ଚ ପୌରୁଷମ୍"। କିଏ କିଭଳି ବ୍ୟକ୍ତିତ୍ୱର ଅଧିକାରୀ ହେବ, ତାହା ନିଜର ଅଭିପ୍ସା ଓ ପ୍ରଚେଷ୍ଟା ଉପରେ ନିର୍ଭର କରେ। ସେଥିରେ ସାହାଯ୍ୟ କରେ ଶିକ୍ଷା ଓ ବାତାବରଣ।

ପ୍ରାକ୍ତନ୍ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ବଞ୍ଚିବା ବନାମ ବଞ୍ଚିଥିବା ଜୀବନ



ଭଗବାନ ଦାଶ

ଏ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ। ପ୍ରାଣ ଥାଇ ସୃଷ୍ଟି ତ ପ୍ରାଣୀ। ପ୍ରାଣୀ ସଂସାରରେ ବଞ୍ଚେ ଓ ବଞ୍ଚାଏ ମଧ୍ୟ। ବଞ୍ଚାଇବାର ରାହା ସୃଷ୍ଟି କରିପାରେ। ବଞ୍ଚିବାର ପ୍ରଥମ ସୋପାନ ହେଲା ଆହାର। ଯାହା ଜନ୍ମ ସହିତ ଈଶ୍ୱର ଆପେ ଆପେ ଖଞ୍ଜି ଦେଇ ଥାଆନ୍ତି। ଜନ୍ମରୁ ମନୁଷ୍ୟ ନିର୍ଭରଶୀଳ। ତେଣୁ ଜନ୍ମଦାତ୍ରୀ ମା'କୁ ଭଗବାନ୍ ସେଇ ଗୁରୁଦାୟିତ୍ୱ ଟିକକ ଦେଇ ପଠାଇ ଥାଆନ୍ତି। ପାଣି, ପବନ, ଆଲୋକ ଯାହା ଜୀବନ ଧାରଣ କରିବାର ଗୋଟିଏ ଗୋଟିଏ ଅମୂଲ୍ୟ ଉପାଦାନ ତାହା ଈଶ୍ୱର ବିନା ଦେୟରେ ପାଖରେ ଆଣି ଥୁଆଡି ଦିଅନ୍ତି। ବାଛ ବିଚାର ନ ଥାଏ ତାଙ୍କର। ସତେ ଯେପରି ସେ ସମସ୍ତଙ୍କର ଜନ୍ମକଲା ମା'। ଆଉ ଆଶ୍ଚର୍ଯ୍ୟର କଥା ଯେ, ଛୁଆର ପ୍ରକାଶ ହେବା ମାତ୍ରେ ମା' ପାଖରେ ତା'ର ଭରପୂର ଖାଦ୍ୟ ଓ ପାନୀୟ ସୃଷ୍ଟି ବି ଈଶ୍ୱରଙ୍କର ଶ୍ରେଷ୍ଠ ବୈଚିତ୍ର୍ୟ। ମଣିଷ ସଂସାରକୁ ଆସେ। ସଂସାରୀ ସାଜେ ଓ ବଞ୍ଚେ। ଖାଇ ପିଇ, ଚାଲିବୁଲି ସମୟ କାଟିବା ତ ସାଧାରଣ କଥା। ଏପରି କେତେଜଣ ଲୋକ ଥାଆନ୍ତି, ସେମାନେ ନିଜ ଅପେକ୍ଷା ଅନ୍ୟ ପାଇଁ ବଞ୍ଚିବାକୁ ଜୀବନର ଲକ୍ଷ୍ୟ ବୋଲି ଧରି ନିଅନ୍ତି। କେବଳ ଖାଇପିଇ ପଶୁତୁଲ୍ୟ ଜୀବନ ବଞ୍ଚାଇବାରେ ତାଙ୍କର ଜନ୍ମର ସାର୍ଥକତା କ'ଣ ବୋଲି ନିଜେ ନିଜକୁ ପ୍ରଶ୍ନ କରନ୍ତି। ବେଦ ପୁରାଣ ଇତ୍ୟାଦି ଗ୍ରନ୍ଥରୁ ଶିଖନ୍ତି ମନୁଷ୍ୟ ଜନ୍ମଟା ଅନ୍ୟର ହିତ ପାଇଁ, ନିଜ ସ୍ୱାର୍ଥ ପାଇଁ ନୁହେଁ। ଏଇଠି ବଞ୍ଚିଥିବା ମଣିଷ ଦୁଇ ଭାଗ ହୋଇ ବାଣ୍ଟି ହୋଇଯାଏ। କିଛି ଥା'ନ୍ତି ଆପେ ବଞ୍ଚିଲେ ବାପର ନାଁ ନୀତି ଆପଣେଇ, ଆଉ ଅନ୍ୟ ଥା'ନ୍ତି ଏ ମରଣଶୀଳ ଜଗତରେ ଯଦି କାହାର କିଛି କରିପାରିବେ ତେବେ ଆତ୍ମସନ୍ତୋଷ ଲଭିବେ ତାଙ୍କ ମଣିଷ ଜନ୍ମର। ମୋଟାମୋଟି କହିବାକୁ ଗଲେ ଏହା ଶରୀର ଅର୍ଥାତ୍ ସ୍ଥୂଳ ଓ ମନ ଅର୍ଥାତ୍ ସୂକ୍ଷ୍ମ ଚିନ୍ତନର ପ୍ରତିଫଳନ।

ରୋଜଗାର କରି ଖାଇପିଇ ସଂସାରୀ ସାଜିଥିବା ଲୋକଙ୍କ ଗଣତି ମଧ୍ୟରେ ରହିବାର ପ୍ରଚେଷ୍ଟା ଥାଏ ସାଧାରଣ ଜନତାଙ୍କର। ଏମାନେ ପ୍ରାୟ ସରଳ। କେତେଜଣ ଥାଆନ୍ତି ଜଟିଳ ପ୍ରକୃତିର। ଏପରି ମୋଟାମୋଟି ଦୁଇ ପ୍ରକାରର। ସରଳମାନେ ନିଜେ ନିଜେ ବଞ୍ଚିବାର ମାୟାରେ ବାୟା। ଅନ୍ୟମାନେ ଅର୍ଥାତ୍ ଜଟିଳମାନେ ସେହି ଏକା ପ୍ରକାରର ହେଲେ ଅନ୍ୟକୁ ଅସୁବିଧାରେ ପକାଇ ବା କିଛିଟା ସୁବିଧା କରାଇ ଅର୍ଥ ଠୁଳେଇବାରେ ଅଭ୍ୟସ୍ତ। ଏ ସମସ୍ତଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ଶହେ। କାଁ ଭାଁ କିଛି ଥାଆନ୍ତି ଯେଉଁମାନଙ୍କୁ ସବୁବେଳେ ଅନ୍ୟର ଅସୁବିଧା ଦେଖାଯାଏ। ଦୁଃଖରୁ ନିସ୍ତାରି ଖୁସି ବାଣ୍ଟିବା ଏମାନଙ୍କ ଚିନ୍ତାଧାରା। ଶୁଖିଲା ମୁହଁରେ ହସ ଫୁଟାଇ ପାରିଲେ ଏମାନେ ନିଜେ ନିଜେ ଖୁସି ଅନୁଭବ କରନ୍ତି। ସେମାନଙ୍କର ବିଚାରଧାରା ବସୁଧୈବ କୁଟୁମ୍ବକମ୍। ପର ନିଜର ଭାବନା ପ୍ରାୟ ନ ଥାଏ ଏମାନଙ୍କର। ସ୍ରଷ୍ଟାଙ୍କ ସୃଷ୍ଟିର ମହତ୍ତ୍ୱ ଏମାନଙ୍କୁ ଜଣା। ଏମାନଙ୍କର ଆଦର ସବୁଠି।



ଯେତେବେଳେ ମନୁଷ୍ୟ ବିଷୟ ସମ୍ପତ୍ତି ପ୍ରତି ଲାଳାୟିତ ହୁଏ, ସେତେବେଳେ ସେ ବଞ୍ଚିରହେ ନିଜପାଇଁ ବା ନିଜର ପର ପିଢ଼ି ପାଇଁ। ସାଧାରଣ ମଣିଷଟିଏ ସେ। ଆଉ ଯଦି କୌଣସି କାରଣରୁ ସେ ବିଷୟ ସମ୍ପତ୍ତି ଅପେକ୍ଷା ଅନ୍ୟର ଜୀବନଶୈଳୀରେ ସୁଧାର ଆଣିବାରେ ଯତ୍‌ପରୋନାସ୍ତି ଚେଷ୍ଟିତ ରହେ, ତେବେ ତାହା ତା'ର ବଞ୍ଚିବାଟାକୁ ସାର୍ଥକ ମନେକରେ। ବଞ୍ଚିବା ଜୀବନଟା ତାକୁ ଅନ୍ତରରୁ ଆନନ୍ଦ ଦେଇଥାଏ। ଆତ୍ମତୃପ୍ତି ଲାଭ କରେ ସେ। ଶରୀର ନଶ୍ୱର। ଆତ୍ମା ଚିରକାଳ ଅମର। ଭାଗବତ ବାଣୀ- ମର୍ତ୍ତ୍ୟ ମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ। ମୁଠାଏ ପାଉଁଶରେ ଜୀବନଟା ଶେଷ। ଆତ୍ମୀୟ ସ୍ୱଜନଙ୍କ କେଇଧାର ଝରା ଲୁହ କିଛିଦିନ ପାଇଁ ଝରିବ। ପରେ ପରେ ଆପେ ଆପେ ନାମ ନିଶାନ ଦିନେ ଲିଭିଯିବ। ହଁ, ଆଉ ଏପରି ଲୋକ ବି ଅଛନ୍ତି ଯାହାଙ୍କୁ ଲୋକେ ଚିରଦିନ ପାଇଁ ମନେରଖନ୍ତି, ପିଢ଼ି ପରେ ପିଢ଼ି ତାଙ୍କର ଗୁଣଗାନ କରୁଥାନ୍ତି। ଏଇତ ବଞ୍ଚାଇ ରଖେ। ଯଶକୀର୍ତ୍ତିସଃ ଜୀବତି।

ସେଇ ବଞ୍ଚିଥିବା ଲୋକମାନେ କାଳଜୟୀ। ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୋଗରହିତ। ତ୍ୟାଗୀ। କିଏ ଲେଖକ ତ କିଏ ଦାର୍ଶନିକ, କିଏ ବୈଜ୍ଞାନିକ ତ କିଏ ପୁଣି ରାଜନୀତିଜ୍ଞ ବା ରାଷ୍ଟ୍ର ନାୟକ, କିଏ ଅବତାରୀ ତ ପୁଣି କିଏ ଅବତାର, କିଏ ସଂଗ୍ରାମୀ ତ କିଏ ନେତା, ଏପରି ଅନେକ ଅଛନ୍ତି। ଏମାନେ ମରି ବି ଅମର। ଯାହାଙ୍କ ଅଭାବ ଦୁନିଆ ପାଇଁ। ଯାହାଙ୍କୁ ଦୁନିଆ ଝୁରେ। ଏମାନେ ଗୋଟିଏ ଗୋଟିଏ ତ୍ୟାଗର ଅଲିଭା ପ୍ରତିମୂର୍ତ୍ତି। ସେମାନେ କର୍ମ ଓ ଧର୍ମର ପରିବାହକ। ଆଜି ବି ମନେପଡନ୍ତି ବୁଦ୍ଧ, ଯିଶୁ, ଜୈନ। ମନେପଡ଼ନ୍ତି ସେକ୍ସପିଅର, ଆରିଷ୍ଟୋଟଲ, ନିଉଟନ। ଗାନ୍ଧୀ ଗୋପବନ୍ଧୁଙ୍କୁ ବା କିଏ ନ ଜାଣେ? ଆମେ ହୁଏତ ତାଙ୍କର କେହି ନୋହୁଁ ତଥାପି ଆମ ମନରେ ତାଙ୍କର ସ୍ଥାନ ଅଛି। ତାଙ୍କ ସମୟର ଆମ ପିଢିର କେହି କିନ୍ତୁ ଆମର ଏବେ ମନେନାହାନ୍ତି। ଏଇ ତ ପ୍ରଭେଦ। ସେମାନେ ଏବେ ଆମ ପାଇଁ ବଞ୍ଚିଛନ୍ତି।

ବୋଧହୁଏ ସେହି ମହାମନୀଷୀମାନେ ଈଶ୍ୱରଙ୍କ ଦ୍ୱାରା ଅଭିପ୍ରେତ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ କର୍ମ କରିସାରିଲା ପରେ ସେମାନେ ଆଉ ଏ ଧରାପୃଷ୍ଠରେ କ୍ଷଣେ ମାତ୍ର ରୁହନ୍ତି ନାହିଁ। ଈଶ୍ୱରଙ୍କର ସେମାନେ ଅତି ପ୍ରିୟ। ସେଥିପାଇଁ ଇଂଲିଶରେ ଏକ କଥନୀ ଅଛି, God loves those who dies young. ଲୋକେ କିନ୍ତୁ ଚାହାନ୍ତି ସେମାନଙ୍କର ଦୀର୍ଘ ଜୀବନ। ଆଶା ରଖନ୍ତି ବହୁତ କିଛି ପାଇବାକୁ, କିନ୍ତୁ ଫଳ ହୁଏ ଓଲଟା। ସ୍ୱାମୀ ବିବେକାନନ୍ଦ ବା ଶଙ୍କରାଚାର୍ଯ୍ୟ କି ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ମହାନ୍ ଆତ୍ମନ ସ୍ୱଳ୍ପଜୀବୀ। ହେଲେ ସେମାନେ ପରା ମରି ଅମର।

ଏହା ସତ୍ୟ ଯେ ସମସ୍ତେ ଆସିଛନ୍ତି ଯିବାକୁ କିନ୍ତୁ କିଛି ଆସନ୍ତି ଯେ କି ଯିବା ପୂର୍ବରୁ ଏପରି ଛାପ ଛାଡ଼ିଯାଆନ୍ତି ଯାହାଙ୍କୁ ଗୋଡ଼ି ମାଟି ବି ଝୁରେ। ସେଇମାନେ ଜନମନରେ ରହିଯାଆନ୍ତି ଯୁଗ ଯୁଗ ପାଇଁ। ଏଇତ ବଞ୍ଚିରହିବା ଜୀବନ। ସେଥିପାଇଁ ଇଂଲିଶରେ କୁହାଯାଏ, Man lives in deeds but not in years. କର୍ମ ହିଁ କେବଳ ମୃତ୍ୟୁପରେ ମନୁଷ୍ୟକୁ ଦୀର୍ଘଦିନ ବଞ୍ଚାଇ ରଖିପାରେ।

ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ଫାର୍ମଲାଣ୍ଡକୁ ଏକ ଫ୍ରି ଏକାଡେମୀରେ ପରିଣତ କରିଦେଇଛନ୍ତି ପୋଲିସ କନ୍‌ଷ୍ଟେବଲ ଥୋକାପ୍ପିୟାନ ଶିବରାଜ। ତାଙ୍କ ଘର ତମିଲନାଡୁର ଭିଲ୍ଲୁପୁରମା କମ୍ପୁରରେ। ତାଙ୍କ ବୟସ ଏବେ ୪୧। ସେ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଅର୍ଥାଭାବରେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୨୦୧୦ରେ ପୋଲିସରେ ଭର୍ତ୍ତି ହୋଇଥିଲେ। ଏହିଠାରେ ସେ ସରକାରୀ ଚାକିରି ଆଶାୟୀଙ୍କୁ ଶିକ୍ଷା ଓ ବିଭିନ୍ନ ଧନ୍ଦାମୂଳକ ଟ୍ରେନିଂ ଦେବାର ବ୍ୟବସ୍ଥା କରିଛନ୍ତି। ସେ ତାଙ୍କ ଟ୍ରେନିଂ ସେଣ୍ଟରର ନାମ ରଖିଛନ୍ତି ପୁଥିୟା ସିରାଗୁଗଲ ଅର୍ଥାତ୍ 'ନ୍ୟୁ ୱିଙ୍ଗସ' । ଏହାକୁ ସେ ୨୦୧୩ରେ ପ୍ରତିଷ୍ଠା କରିଥିଲେ। ଏବେ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ଯୁବକ ଏଠାରେ ଟ୍ରେନିଂ ନେଇ ସରକାରୀ ଚାକିରି ପାଇ ସାରିଲେଣି। ଏମାନେ ବିଶେଷକରି ପୋଲିସ, ରାଜସ୍ୱ, ଶ୍ରମ ଏବଂ ପ୍ରଶାସନିକ ବିଭାଗରେ ଚାକିରି ପାଇଛନ୍ତି। ବଡ଼ କଥା ହେଉଛି ଶିବରାଜଙ୍କ ପୂରା ପରିବାର ପିଲାମାନଙ୍କୁ ପଢାଉଛନ୍ତି। ତାଙ୍କ ଭାଇ ସତ୍ୟରାଜ ବିଭିନ୍ନ ବିଷୟ ପଢାଇବା ସହ ଶାରୀରିକ ଟ୍ରେନିଂ ଦେଉଛନ୍ତି। ଭଉଣୀ ଜୀବିତା ଟାଇପିଂ, କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ସେ ୧ ଏକର ଜମିକୁ ଟ୍ରେନିଂ ଗ୍ରାଉଣ୍ଡ କରିଦେଇଛନ୍ତି। ଏହା ପାଇଁ ସେ ତାଙ୍କ ସଞ୍ଚିତ ଅର୍ଥରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଫେବୃଆରୀ ୧୯୭୬

- ଋଷିକୁଲ୍ୟା ଜଳସେଚନ ଯୋଜନାର ପ୍ରଥମ ପର୍ଯ୍ୟାୟକୁ ଆଧୁନିକୀକରଣ କରିବା ନିମନ୍ତେ ଦିଆଯାଇଥିବା ସ୍କିମ୍‌କୁ ଯୋଜନା କମିଶନ ଅନୁମୋଦନ କରିଛନ୍ତି।
- ଭାରତ ସରକାର ୬୩୦ ନିୟୁତ ଡଲାର ମୂଲ୍ୟର ଲୁହାପଥର ଖଦଡ଼ା ଅଂଶ (ସ୍ଲରି) ଯୋଗାଣ ନିମନ୍ତେ ଇରାନ ସରକାରଙ୍କ ସହ ଚୁକ୍ତି କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ବିନର୍ବ୍ୟୟ ରୋକାଯାଉ

ମହାଶୟ,

ବସୁଧା ଯୋଜନାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ପାଇପ ଯୋଗେ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି। ବହୁ ଅଞ୍ଚଳରେ ଲୋକଙ୍କ ବାସଭବନକୁ ଯାଇଥିବା ପାଇପ୍ ଲାଇନର ପାଣି ଷ୍ଟାଣ୍ଡରେ ଥିବା ଟ୍ୟାପ ଖୋଲା ରହୁଥିବାରୁ ଏବଂ କେତେକ ସ୍ଥାନରେ ଟ୍ୟାପ୍ ଭାଙ୍ଗି ଯାଇଥିବାରୁ ଜଳ ଯୋଗାଣ ସମୟରେ ପାଣି ଅବିଶ୍ରାନ୍ତ ଭାବରେ ବାହାରିଯାଇ ନଷ୍ଟ ହେଉଛି। ଏହା ଦେଖାଶୁଣା କରିବାକୁ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ପଶ୍ଚିମ, ଦକ୍ଷିଣ, ଉତ୍ତର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବହୁ ଲୋକ ପାନୀୟ ଜଳ ଅଭାବରେ ହନ୍ତସନ୍ତ ହେଉଥିବା ବେଳେ ଏବଂ ପାର୍ବତ୍ୟ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକମାନେ ପାଣି ପାଇଁ ନାଳ, ନଈ, ଚୁଆ ଉପରେ ନିର୍ଭର କରୁଥିବା ବେଳେ ଏଭଳି ଜଳ ବିନର୍ବ୍ୟୟ ହେବା ଆଦୌ ଠିକ୍ ଲାଗୁନାହିଁ। ଏଣୁ ବିଭାଗୀୟ କର୍ମଚାରୀ, ହିତାଧିକାରୀ ଏବଂ ଜନପ୍ରତିନିଧିମାନେ ଏହି ଜଳ ବିନର୍ବ୍ୟୟକୁ ରୋକିବା ଦିଗରେ ଯତ୍ନବାନ ହେବା ଆବଶ୍ୟକ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ
ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ
ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସି ଚୂତ।
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକାରୀ ଗୁଳିରେ ଜଣେ ଗୁରୁତର: ୬ ଗିରଫ

**କୁଚିଣ୍ଡା,୨୧।୨(ବିରଞ୍ଚି ଦର୍ଭା)**

ଶିକାର ପାଇଁ ଯାଇଥିବା ଶିକାରୀ ଗୁଳିରେ ଜଣେ ଗୁରୁତର ଘଟଣାରେ ସମ୍ବଲପୁର ଜିଲା ମହୁଲପାଲି ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଚିଣ୍ଡା ଥାନା ତେଲିତିଲେଇମାଲ ପଞ୍ଚାୟତ ବୁରୋଡିହି ଗ୍ରାମର ଅନିଲ କୁଲୁ(୨୬), ରିସ୍ତିକୁଶ କୁଲୁ(୪୬), ଅରବିନ କିଡୋ(୨୩), ହରମନ କୁଲୁ(୩୦), ମଙ୍ଗଲୁ କିଷାନ (୩୫) ଓ ସୁଡାଲୋଇ ଗ୍ରାମର ଶ୍ରୀକର ମୁଣ୍ଡା(୨୫)। ପୋଲିସ ମହୁଲପାଲି ଥାନାରେ ଦଫା ୧୦୯(୧)/୧୧୫(୨)/୨୩୮/୩(୫)ବିଏନଏସ ସହ ୨୫ଆର୍ମ ଆକ୍ଟ ଓ ୨୭ଅସ୍ତ୍ରଶସ୍ତ୍ର ନିରୋଧ ଆଇନରେ ଏକ ମାମଲା (ନଂ.୨୦/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ସନ୍ଧ୍ୟାରେ କୁଚିଣ୍ଡା ଏସ୍‌ଡିଜେମ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସେମାନଙ୍କଠାରୁ ଗୋଟିଏ ବାଇନୋକୁଲାର ଖଞ୍ଜା ଯାଇଥିବା ଏକ ଏୟାରଗନ, ଗୋଟିଏ ଦେଶୀ ବନ୍ଧୁକ, କିଛି ହାତ ତିଆରି ଗୁଳିସହ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଛି। ଶିକାରୀ ଗୁଳିରେ ଗୁରୁତର ଆହତ ସୁଦର୍ଶନ ସୋରେଙ୍ଗଙ୍କୁ ବୁର୍ଲା ଭୀମସାର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟାରେ କୁଚିଣ୍ଡା ଥାନା ବୁରୋଡିହି ଗ୍ରାମର ସୁଦର୍ଶନ ଓ ଗିରଫ ହୋଇଥିବା ୬ଜଣ ବୁରୋଡିହି (ଅସୁରଖୋଲ) ଜଙ୍ଗଲକୁ ଶିକାର ପାଇଁ ଯାଇଥିଲେ। ଶ୍ରୀକର ମୂଷା ଶିକାର ପାଇଁ ଗୁଳି ଚଳାଇଥିବାବେଳେ ଏହା ସୁଦର୍ଶନଙ୍କ ବେକ ଓ କାନ ପାର୍ଶ୍ୱରେ ବାଜି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସୁଦର୍ଶନଙ୍କୁ କୁସୁମୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରୁ ତାଙ୍କୁ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୁଣି କୁଚିଣ୍ଡା ମେଡିକାଲକୁ ଅଣାଯାଇଥିଲା। ମାତ୍ର ବାଜିଥିବା ଗୁଳି କାଢିବା ପାଇଁ ଡାକ୍ତର ଶୁକ୍ରବାର ବୁର୍ଲା ଭୀମସାର ମେଡିକାଲକୁ ରେଫର କରିଥିବା କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ ଏକ ପ୍ରେସ ବିବୃତିରେ କହିଛନ୍ତି। ଘଟଣା ସମ୍ପର୍କରେ କୁସୁମୀ ମେଡିକାଲ ପକ୍ଷରୁ କୁସୁମୀ ଫାଣ୍ଡି ପୋଲିସକୁ ଖବର ଦିଆଯାଇଥିଲା। ଖବରପାଇ ମହୁଲପାଲି ଥାନାକୁ ଜଣାଇଥିଲା। ସୁଦର୍ଶନଙ୍କ ସ୍ତ୍ରୀଙ୍କ ବୟାନ ମୁତାବକ ମହୁଲପାଲି ପୋଲିସ ସମସ୍ତଙ୍କୁ ଗିରଫ କରିଥିଲା।


ଆହତ ଯୁବକ ଓ ଗିରଫ ହୋଇଥିବା ୬ଶିକାରୀ।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା: ସମ୍ବଲପୁର ଜିଲାରେ ପରୀକ୍ଷା ଦେଲେ ୧୦୬୭୬ ପରୀକ୍ଷାର୍ଥୀ

**ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର)**

ସମଗ୍ର ରାଜ୍ୟରେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନର ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ସମ୍ବଲପୁର ଜିଲାରେ ପ୍ରଥମ ଦିନରେ ମୋଟ ୮୩ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର, ଏକ୍ସ-ରେଗୁଲାର, ମଧ୍ୟମା, ପତ୍ରମାଧ୍ୟମ ତଥା ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୨୧୦ଟି ବିଦ୍ୟାଳୟର ୧୦ ହଜାର ୬୬୩ ରେଗୁଲାର ଓ ୧୯ ଏକ୍ସ ରେଗୁଲାର, ୨୮ ପତ୍ରମାଧ୍ୟମ ରେଗୁଲାର, ୨୩ ମଧ୍ୟମା, ୭୭ ମୁକ୍ତବିଦ୍ୟାଳୟ ନୂତନ ଓ ୧୯ ବ୍ୟାକ୍ ଛାତ୍ରୀଛାତ୍ରୀଙ୍କୁ ମିଶାଇ ମୋଟ ୧୦ ହଜାର ୮୨୯ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ପାଇଁ ପଞ୍ଜିକୃତ ହୋଇଥିଲେ। ମାତ୍ର ପ୍ରଥମ ଦିନରେ ମୋଟ ୧୦ ହଜାର ୬୭୬ ପରୀକ୍ଷାର୍ଥୀ ପରୀକ୍ଷାରେ ଅବତୀର୍ଣ୍ଣ ହେଇଛନ୍ତି। ତେବେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ୧୧୩ ଜଣ ପତ୍ରମାଧ୍ୟମ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ଏବଂ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥଙ୍କ ମଧ୍ୟରୁ ୩୭ ଜଣ ମିଶି ମୋଟ ୧୫୩ ଜଣ ଅନୁପସ୍ଥିତ ରହିଥିଲେ। କପି ରୋକିବା ପାଇଁ ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

**ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)**

### ନିରମାଏଲ ସାହିତ୍ୟ ସଂସଦ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁରସ୍ଥିତ ନିରମାଏଲ ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ସମ୍ବଲପୁରୀ ମାତୃଭାଷା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାହ୍ନୁଚରଣ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଆକାଶବାଣୀର ବରିଷ୍ଠ ଗୀତିକାର ବିଭୂତି ଭୁଷଣନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ ଭାଷାର ଶବ୍ଦ ଗୁଡିକୁ ସଂଗ୍ରହ କରି ସେଗୁଡକିର ପ୍ରୟୋଗ ବୃଦ୍ଧି କରିବା ଜରୁରୀ ବୋଲି ସେ କହିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟର ବିକାଶ ଦିଗରେ ନିୟମିତ ପ୍ରୟାସ କରାଯିବାକୁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଯୁବକବି ପ୍ରଦ୍ୟୁମ୍ନ ବିଶି, ଶ୍ରୀକାନ୍ତ କଠାର, ଲଳିତମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇ ନିଜର ମତ ଉପସ୍ଥାପନ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
କଟକ, ଭୁବନେଶ୍ୱର, ପୁରୀ ଓ ଜଗତ୍‌ସିଂହପୁରରେ ବ୍ରିକ୍ ଏବଂ ଅଫିସ୍ କାର୍ଯ୍ୟ ପାଇଁ ସିଭିଲ୍ ଇଞ୍ଜିନିୟର, ସୁପରଭାଇଜର, ଆକାଉଣ୍ଟାଣ୍ଟ ଏବଂ ରୋଷେୟା ଆବଶ୍ୟକ।
ଫୋନ୍ ନଂ: 9937499625, 8114634847

ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍ ପାଇଁ ପୁଅ ଏବଂ ଝିଅ ଆବଶ୍ୟକ।
-: ଯୋଗାଯୋଗ :-
୯୭୭୭୬୩୧୪୦୪
ଏନ୍‌ଆଇଟି, ଭୁବନେଶ୍ୱର

**ASSISTANT REQUIRED**
Qualification: +3 Arts (English language mode) + PGDCA, Age 30 to 50yrs & Driving license 2 wheeler Monthly salary- Rs.10,000/- to 14,000/- basing on merit to finalize on interview. Annual increment scope available. Apply with certificate copies and Aadhar card to L.palo & Sons, Palo Colony, Bhanjanagar-761126. (male or female candidate), Contact- 9438572007, 9437448343, Mail id- lrpalo@yahoo.in

**ଆବଶ୍ୟକ**
ବାଡ଼ି ବଗିଚା କାମ ପାଇଁ ଲୋକ ଦରକାର। ଖାଇବା, ରହିବା ସହ ୧୦,୦୦୦ ଦିଆଯିବ।
ଫୁଲନଖରା, କଟକ
7809525452

# ୨୫ରୁ ରାଣୀପୁର-ଝରିଆଲ ମହା ଶିବରାତ୍ରି ମେଳା

**ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)**

ରାଣୀପୁର-ଝରିଆଲସ୍ଥିତ ପ୍ରସିଦ୍ଧ ୬୪ ଯୋଗିନୀ ପୀଠରେ ମହାଶିବରାତ୍ରି ମେଳା ଓ ଚଉଷଠି ଯୋଗିନୀ ମହୋତ୍ସବ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ବଙ୍ଗୋମୁଣ୍ଡା ବ୍ଲକସ୍ଥିତ ପ୍ରାକ୍ ଐତିହାସିକ ସ୍ଥଳୀ ତଥା ଆଦି ଯୋଗିନୀ ପୀଠ ରାଣୀପୁର-ଝରିଆଲରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଶିବରାତ୍ରୀ ମେଳା ଓ ଯୋଗିନୀ ମହୋତ୍ସବ ପାଳନ କରାଯିବ ବୋଲି ରାଣୀପୁର ଝରିଆଲ ଟ୍ରଷ୍ଟ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ସଭାପତି ମାଣିକ ଚନ୍ଦ ଜୈନ ଓ ଆବାହକ ଅନିଲ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଆସନ୍ତା ୨୫ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମହାଶିବରାତ୍ରି ମେଳା ଓ ଫେବୃଆରୀ ୨୬ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଆୟୋଜନ ହେବ। ରାଣୀପୁର-ଝରିଆଲ ପୀଠକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ) ନିଜ ହାତକୁ ନେବା ପରେ ଏପର୍ଯ୍ୟନ୍ତ କୌଣସି ମୌଳିକ ସୁବିଧା ଯୋଗାଇବାରେ ସକ୍ଷମ ହୋଇନାହିଁ। ତେବେ ପ୍ରତିବର୍ଷ ପୀଠରେ ମହାଶିବରାତ୍ରି ମେଳା ଓ ମହୋତ୍ସବରେ ଭିଡ ପରିଲକ୍ଷିତ ହେଉଛି। ଏହାକୁ ନଜରରେ ରଖି କଣ୍ଟାବାଞ୍ଜି ବିଧାୟକ ତଥା ମେଳା ଓ ମହୋତ୍ସବ କମିଟି ଅଧ୍ୟକ୍ଷ ବାଗଙ୍କ ନେତୃତ୍ୱରେ ଟ୍ରଷ୍ଟ କମିଟିର ସହଆବାହକ ଅନୀଲ ତ୍ରିପାଠୀ, ରାଣୀପୁର-ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଠେମରା ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ହେମନ୍ତ ସାହୁ ଭୁବନେଶ୍ୱର ଯାଇ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ୬୪ ଯୋଗିନୀ ମହୋତ୍ସବରେ ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ କମିଟି ସଭାପତି ମାଣିକ ଚନ୍ଦ ଜୈନ, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ମଞ୍ଜେସ ମେହେର, ଯୁବରାଜ ବାଗ, ନିତ୍ୟାନନ୍ଦ ପୃଷେଠ, ବଲାଙ୍ଗୀର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ଟିଟିଲାଗଡ଼ ଉପଜିଲାପାଳ, ଟିଟିଲାଗଡ଼ ଏସଡିପିଓଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରିଥିବା ସୂଚନା ଦେଇଛନ୍ତି। ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାର ଓ ନେତା ଅଭିନେତା ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।


କଣ୍ଟାବାଞ୍ଜି ବିଧାୟକ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ଓ ଅନ୍ୟ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁଛନ୍ତି।

# ପିକ୍‌ଅପ୍ ସହ ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ

**ନୂଆପଡ଼ା,୨୧।୨ (ମକାରୁ ବେମାଲ)**

### ଜିଲା ଅବକାରୀ ବିଭାଗର ଚଢ଼ାଉ

ନୂଆପଡ଼ା ଜିଲା ଅବକାରୀ ବିଭାଗ ଶୁକ୍ରବାର ଚଢାଉ କରି ୧୩ କୁଇଣ୍ଟାଲ ୨୬ କିଗ୍ରା ଗଞ୍ଜେଇ ସହ ଏକ ପିକ୍‌ଅପ୍ ଜବତ କରିଛି। ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ସୂଚନା ମୁତାବକ ନୂଆପଡ଼ା ଅବକାରୀ ବିଭାଗର ପାଟ୍ରୋଲିଂ ୟୁନିଟ କୋମନା ବ୍ଲକର ଉଦ୍ୟାନବନ୍ଧ-ବଲାଙ୍ଗୀର ରାସ୍ତାରେ ପାଟ୍ରୋଲିଂ କରୁଥିଲାବେଳେ କେନ୍ଦୁଭଟା ନିକଟରେ ବଲାଙ୍ଗୀର ପଟୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ସନ୍ଦେହରେ ଅଟକାଇଥିଲେ। ହେଲେ ସେଥିରେ ଥିବା ତିନିଜଣ ବ୍ୟକ୍ତି ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। ତେବେ ଅବକାରୀ କର୍ମଚାରୀ ପିକ୍‌ଅପ୍‌କୁ ତନଖି କରି ସେଥିରୁ ୧୩ କୁଇଣ୍ଟାଲ ୨୬ କିଗ୍ରା ଗଞ୍ଜେଇ ଜବତ କରିଥିଲେ। ଏହାର ଆନୁମାନିକ ବଜାର ମୂଲ୍ୟ ୧କୋଟି ୫୦ଲକ୍ଷ ଟଙ୍କା ହେବ। ପରେ କର୍ମଚାରୀମାନେ ଜବତ ଗଞ୍ଜେଇ ସହ ପିକ୍‌ଅପ୍ ନୂଆପଡା ଆଣିଥିଲେ। ପିକ୍‌ଅପ୍ ପଞ୍ଜୀକୃତ ସଂଖ୍ୟା ଓଡି୦୩ଏସି ୫୨୦୪।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଲିଖିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଠିକାଦାରମାନଙ୍କୁ କେବଳ ଅନ୍‌ଲାଇନ୍‌ରେ www.ireps.gov.in ୱେବ୍‌ସାଇଟ୍ ଜରିଆରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜକୁ ଧ୍ୟାନପୂର୍ବକ ପଢ଼ନ୍ତୁ । କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ., କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ଅଟେ : ୧. ଇଲେକ୍ଟ-ସିଜିଏଚ୍-ଏସ୍‌ଟି-୨୪-୨୫-ଏଏଏଲ୍୨୮, ତିନିବର୍ଷ ପାଇଁ ଦକ୍ଷିଣ ପୂର୍ବ ରେଳପଥରେ କୋଚିଂ ମେଣ୍ଟେନାନ୍ସ ଡିପୋ (ସାନ୍ତ୍ରାଗାଛି, ଶାଲିମାର, ପଦ୍ମପୁକୁର, ରାଉରକେଲା, ଟାଟାନଗର, ହାଟିଆ କିମ୍ବା ଅନ୍ୟ ଯେକୌଣସି ଡିପୋ)ର ଆର୍‌ଏମ୍‌ପିୟୁ ଟାଇପ୍ ଏସି କୋଚ୍‌ଗୁଡ଼ିକର ୨୫ କେଭିଏ ଇନ୍‌ଭର୍ଟର (ଅଟୋମିଟର୍ସ ଆଲିଆନ୍ସ ଗଠନ)ର ବାର୍ଷିକ ରକ୍ଷଣାବେକ୍ଷଣ ଠିକା (ଏଏମ୍‌ସି) । ଟେଣ୍ଡର ମୂଲ୍ୟ: ₹୨,୯୭,୨୬,୧୬୨.୪୮/-, ଇଏମ୍‌ଡି/ବିଡ୍ ଅମାନତ: ₹୨,୯୮,୬୦୦/-। ୨. ଇଲେକ୍ଟ-ସିଜିଏଚ୍-ଓଟି-୨୪-୨୫-ଆର୍‌ଏସ୍‌ପି୨୯, ସାନ୍ତ୍ରାଗାଛିଠାରେ ଏଲ୍‌ଏଚ୍‌ବି ଟାଇପ୍ ଏସି କୋଚ୍ ଏବଂ ପାୱାର କାର୍‌ରେ ୨୦୦ ଭିଏ, ୭୫୦/୪୧୫ ଭୋଲ୍ଟ ଟ୍ରାନ୍ସଫର୍ମର ସ୍ଥାପନ କରିବା । ଟେଣ୍ଡର ମୂଲ୍ୟ: ₹୪୦,୬୫,୬୦୦/-, ଇଏମ୍‌ଡି/ବିଡ୍ ଅମାନତ: ₹୮୧,୩୦୦/-। ଟେଣ୍ଡର ସମାପ୍ତି ତାରିଖ ଓ ସମୟ: ୧୭।୦୩।୨୦୨୫, ୧୦.୩୦ ଘଟିକା ପ୍ରତ୍ୟେକ ପାଇଁ । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି ।
(PR-1162)

**WALK-IN INTERVIEW**
SRM UNIVERSITY AP
Andhra Pradesh
SRM University-AP is seeking talented, motivated, and research-oriented faculty members to fill various postions in the Department of Computer Science and EngInerring (CSE).
**Position: Assistant Professor/Associate Professor/Professor**
**Qualification:** PhD in CSE or other relevant areas with excellent academic and publication records or industry experience. Canditates who have submitted their thesis can also apply.
**Highlights:**
- Support for research through Professional Development Allowance, Seed Grant (Upto 50 Lakhs) and allotment of PhD scholars/Postdocs.
- Encouragement for patent publication, consultancy and technology transfer through our dedicated research centres.
- Attractive compensation based on qualifications and experience. Compensation will not be a constraint for exceptional candidates.
- Subsidized accommodation (subject to availability), full support in finding near by accommodation, on-campus childcare facilities and free local transport to the campus for work and back in selected routes.
- Comprehensive medical cover for self and family - Rs.5,00,000/-
- Term life insurance - Rs.15,00,000/-

Interested candidates are requested to attend the walk-in interview.
Date: February 23, 2025 | Time: 9:00 AM to 4:00 PM
Venue: Hotel Pal Heights, J-7, Jayadev Vihar-Ekamra Kanana Rd, Jayadev Vihar, Bhubaneswar, Odisha - 751013
For any inquiries, please contact: +91 9032067774 / 9790733507

GOVT OF ODISHA
**OFFICE OF THE PANCHAYAT SAMITI, KUARMUNDA (SUNDARGARH)**
Phone No:- 0661-2914713, Email Id:ori-kuarmunda@nic.in, Pin-770039
No.549/ Date 21.02.2025
**QUOTATION CALL /TENDER CALL NOTICE**
Sealed quotations/ tenders are invited from interested reputed Travel Agencies/ Tour Operators/ Private individuals for providing 01 Nos. of AC Petrol/ Diesel driven vehicles having sitting capacity not more than 10 including driver, which shall conform to the Terms and Conditions (Appendix-A) for official use in RH works in the Panchayat Samiti, Kuarmunda monthly rent basis: Tender date 22.02.2025 to 06.03.2025.
Sd./- Block Development Officer
Kuarmunda

# ଯୋଗଦେଲେ ୧୮୬୭ ନିଯୁକ୍ତି ଆଶାୟୀ



ଅନ୍ୟ ଅତିଥିଙ୍କ ଗହଣରେ ଉଦ୍‌ବୋଧନ ଦେଉଛନ୍ତି ଜିଲାପାଳ।

**ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)**

### ଜିଲାସ୍ତରୀୟ ନିଯୁକ୍ତି ମେଳା

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ସିଟି ସ୍କୁଲ ପ୍ରାଙ୍ଗଣରେ ଶୁକ୍ରବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ମେଳାରେ ରାଜ୍ୟ ଓ ତଥା ରାଜ୍ୟ ବାହାରର ୪୦ ନିଯୁକ୍ତିଦାତା ସଂସ୍ଥା ଯୋଗଦେଇଥିଲେ। ଏହାବ୍ୟତୀତ ୧୨ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ସିଟିସି, ଆଇଟିଆଇ ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, କଳାହାଣ୍ଡି ସରକାରୀ ପଲିଟେକ୍ନିକ, ଜନଶିକ୍ଷଣ ସଂସ୍ଥାନ, ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଭାରତୀୟ ସେନା ଓ ଭାରତୀୟ ବାୟୁସେନା ଅଧିକାରୀମାନେ ଯୋଗଦେଇ ପିଲାମାନଙ୍କୁ ଅଗ୍ନିବୀର ଓ ଅଗ୍ନିବୀର ବାୟୁରେ ଯୋଗଦେବା ପାଇଁ ପ୍ରୋତ୍ସାହିତ କରିଥିଲେ। ମେଳାରେ ଜିଲାର ସମସ୍ତ ୧୩ ବ୍ଲକରୁ ୧୮୬୭ ଜଣ ନିଯୁକ୍ତି ଆଶାୟୀ ପ୍ରାର୍ଥୀ, ପ୍ରାର୍ଥୀନି ଯୋଗ ଦେଇଥିଲେ। ତନ୍ମଧ୍ୟରୁ ୬୮୨ ଜଣ ବିଭିନ୍ନ ନିଯୁକ୍ତି ସଂସ୍ଥା ଓ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ସହିତ ଅନୁବନ୍ଧିତ ହୋଇଥିଲେ। ଜିଲାପାଳ ପିଲାମାନଙ୍କୁ ଏହି ସୁଯୋଗର ଫାଇଦା ନେବା ଓ ବିଭିନ୍ନ ଦକ୍ଷତା ବିକାଶ ତାଲିମ ନେଇ ରୋଜଗାରକ୍ଷମ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ମେଳାକୁ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିଲେ। କାର୍ଯ୍ୟାଳୟର ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ, ସୁବ୍ରତ ମେହେର, ପ୍ରିୟା, କେଶବ ଗାଭାଲେ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼**

ସଂଖ୍ୟା: ୮୨ — ତାରିଖ: ୨୧।୦୨।୨୫

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଠଗଡ଼ ଦେବୋତ୍ତର ପରିଚାଳନାଧୀନ ସମସ୍ତ ସୈରାତ ଉତ୍ସ ଗୁଡ଼ିକୁ ୨୦୨୫-୨୦୨୬ ଆର୍ଥିକ ବର୍ଷ ନିମନ୍ତେ ଜଉମୁଦଦିଆ ଟେଣ୍ଡର ସୂତ୍ରେ ନିଲାମ କରାଯିବା ପାଇଁ ଆହ୍ୱାନ କରାଯାଉଅଛି। ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ ଆଠଗଡ଼ରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ତଥା ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ (cuttack.odisha.gov.in)ରେ ଉପଲବ୍ଧ।

**ନୋଟିସ**

ପତ୍ର ସଂଖ୍ୟା: ୭୬ — ତାରିଖ: ୨୧।୦୨।୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଠଗଡ଼ ଦେବୋତ୍ତର ପରିଚାଳନାଧୀନ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବ, ଶ୍ରୀ ଶ୍ରୀ ସର୍ପେଶ୍ୱର ଦେବ ଓ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ଠାକୁରଙ୍କ ନିମ୍ନ ସୈରାତମାନ ଆଗାମୀ ୨୦୨୫-୨୦୨୬ବର୍ଷ ନିମନ୍ତେ ଜଉମୁଦ ଟେଣ୍ଡର ସୂତ୍ରେ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ସାଦା କାଗଜରେ ନିଜ ନାମ, ପିତା/ସ୍ୱାମୀଙ୍କ ନାମ ସହିତ ପୂର୍ଣ୍ଣ ଠିକଣା ଲେଖାଇ ନିଜର ପରିଚୟ ପତ୍ର ଫଟୋ କପି ସହିତ ନିର୍ଦ୍ଧାରିତ ଫର୍ମ ସଂଲଗ୍ନ କରି ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଠଗଡ଼ ଦେବୋତ୍ତର, ସାକିନ/ପୋ: ଆଠଗଡ଼, ଜିଲ୍ଲା: କଟକ, ପିନ୍‌କୋଡ ନମ୍ବର: ୭୫୪୦୨୯ ଆବେଦନ କରିପାରିବେ। ୪ନମ୍ବର ସ୍ତମ୍ଭରେ ଉଲ୍ଲେଖିତ ଅମାନତ ଦେୟକୁ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଆଠଗଡ଼ ଦେବୋତ୍ତର (Sub-Collector-cum-Executive Officer, Athgarh Debottar)ଙ୍କ ସପକ୍ଷରେ ବ୍ୟାଙ୍କ ଡ୍ରାଫ୍ଟ ସଂଲଗ୍ନ କରି ପଠାଇବେ। ଯାହାକି ଆଠଗଡ଼ରେ ଉଠାଣ କରାଯାଇପାରିବ।
ଜଉମୁଦ ଟେଣ୍ଡର କାଗଜ ଦେବୋତ୍ତର ଆଠଗଡ଼ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ତାରିଖ ତା୦୭।୦୩।୨୦୨୫ରିଖ ସୈରାତ ଉତ୍ସର ନିଜର ଧାର୍ଯ୍ୟ ମୂଲ୍ୟ (Offer Price) ଉଲ୍ଲେଖ କରି ଅପରାହ୍ଣ ୫ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ପହଞ୍ଚାଇବା ଆବଶ୍ୟକ। ଦରଖାସ୍ତଗୁଡ଼ିକ ତା୧୨।୦୩।୨୦୨୫ରିଖ ପୂର୍ବାହ୍ଣ ୧୧ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ। ଦରଖାସ୍ତକାରୀମାନେ ନିମ୍ନ ନିଲାମର ସର୍ତ୍ତାବଳୀ ଓ ନିଲାମ ସମ୍ବନ୍ଧୀୟ ଆବଶ୍ୟକତା ସୂଚନା ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼ଙ୍କଠାରୁ ଛୁଟିଦିନ ବ୍ୟତୀତ ନେଇପାରିବେ। କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ।

| କ୍ରମିକ ନମ୍ବର | ଠାକୁରଙ୍କ ନାମ ଓ ସୈରାତ ନାମ | ଧାର୍ଯ୍ୟଦର | ଅମାନତ ଦେୟ |
|---|---|---|---|
| 1 | 2 | 3 | 4 |
| ୧ | ସାଇକେଲ ଷ୍ଟାଣ୍ଡ (ମଙ୍ଗେଶ୍ୱର ପଟ) (୧ଟି) | ଟ.୨୪,୮୫,୪୫୦/- | ଟ.୨,୪୮,୫୪୫/- |
| ୨ | ଭୋଗ ଦୋକାନ (୧ଟି) | ଟ.୨୨,୦୦,୬୦୫/- | ଟ.୨,୨୦,୦୬୧/- |
| ୩ | ଦୀପ, ଦହି, କ୍ଷୀର ଦୋକାନ (୧ଟି) | ଟ.୪୪,୦୦,୦୦୦/- | ଟ.୪,୪୦,୦୦୦/- |
| ୪ | ଜୋତା ଷ୍ଟାଣ୍ଡ (୧ଟି) | ଟ.୨୫,୧୧,୩୦୦/- | ଟ.୨,୫୧,୧୩୦/- |
| ୫ | ପୁରୀ ମିଠା (୧ଟି) | ଟ.୧,୭୮,୭୫୦/- | ଟ.୧୭,୮୭୫/- |
| ୬ | ନଡ଼ିଆ, କଦଳୀ, ଧୂପ, ଭାସ୍କର (୧ଟି) | ଟ.୧୧,୮୨,୫୦୦/- | ଟ.୧,୧୮,୨୫୦/- |
| ୭ | ଚାଟ ଦୋକାନ (୧ଟି) | ଟ.୪୪,୨୨୦/- | ଟ.୪,୪୨୫/- |
| ୮ | ଖିଲିପାନ (୧ଟି) | ଟ.୧,୭୮,୨୦୦/- | ଟ.୧୭,୮୨୦/- |
| ୯ | ଅଣ୍ଡା ଦୋକାନ (୧ଟି) | ଟ.୬,୪୮,୫୧୧/- | ଟ.୬୪,୮୫୧/- |
| ୧୦ | ଆଖୁରସ (୧ଟି) | ଟ.୧,୭୯,୨୯୯/- | ଟ.୧୭,୯୩୦/- |
| ୧୧ | ଚା ଦୋକାନ (୧ଟି) | ଟ.୮୮,୦୦୦/- | ଟ.୮,୮୦୦/- |
| ୧୨ | ଚୁଡ଼ି ଦୋକାନ (୧ଟି) | ଟ.୧,୪୩,୨୧୯/- | ଟ.୧୪,୩୨୨/- |
| ୧୩ | ବହି, ଫଟୋ କଡ଼ମାଳି ଓ ମନୋହାରୀ (୧) | ଟ.୬,୦୫,୭୭୦/- | ଟ.୬୦,୫୭୭/- |
| ୧୪ | ହବିଷର୍ଣ୍ଣ | ଟ.୨୬,୯୬,୨୩୮/- | ଟ.୨,୬୯,୬୨୪/- |
| ୧୫ | ଶ୍ରୀ ସର୍ପେଶ୍ୱର ଦେବଙ୍କ ଭୋଗ ଓ ଦୀପ | ଟ.୨୯,୧୩୬/- | ଟ.୨,୯୧୪/- |
| ୧୬ | ଆମ୍ବ ବଗାୟତା (ରାଧାଗୋବିନ୍ଦ ଦେବ) | ଟ.୩୫,୭୫୦/- | ଟ.୩,୫୭୫/- |

ସ୍ୱା./- ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ
ଆଠଗଡ଼ ଦେବୋତ୍ତର

झारखण्ड सरकार
ग्रामीण कार्य विभाग
कार्यपालक अभियंता का कार्यालय
कम्बाईण्ड बिल्डिग, प्रथम तल्ला, एल0सी0 रोड, धनबाद

**ई– निविदा आमंत्रण सूचना**

ई–निविदा संख्या:- 25/RWD/DHANBAD/24-25 — दिनांक :- 21.02.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| 1 | RWD/DHANBAD/18/23-24 | टुण्डी | चरककला से संथालडीह काली मंदिर भाया चरकखुर्द तक पथ निर्माण कार्य (लम्बाई – 3.40 कि0मी0) | 304.904 | तीन करोड़ चार लाख नब्बे हजार चार सौ | 15 माह | तृतीया |
| 2 | RWD/DHANBAD/ /36/24-25 | निरसा | सिरपुरिया काली मंदिर से सिगेर बगान कंचनडीह शंकरडीह तक पथ (लम्बाई –1.50 कि0मी0) | 111.214 | एक करोड़ ग्यारह लाख इक्कीस हजार चार सौ | 09 माह | द्वितीय |

2. वेबसाईट में निविदा प्रकाशन की तिथि:– 28.02.2025
3. ई–निविदा प्राप्ति की अंतिम तिथि एवं समय:– 15.03.2025 अपराह्न 5.00 बजे तक।
4. निविदा खोलने की तिथि एवं समय:– 17.03.2025 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

PR 346950 (Rural Work Department) 24-25 (D)

**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art Culture, Sports & Youth Affairs)**
Gate No. 28, Birsa Munda Football Stadium, Morabadi, Ranchi - 834008
E-mail Id - directorsportsjharkhand@gmail.com

**Corrigendum – 1**
**(NIT No. 10/2024-25 Dated 07.02.2025)**

**Sub:** Corrigendum No. 1 to the above referred NIT No.: 10/2024 dated 7th February 2025 (PR No. 346087 Dated: 07.02.2025) against the RFP of Rate contract for supply of Sports and Generic Kits.

**The following changes are incorporated to the RFP:**

| S.N | RFP Clause Reference | Clause as per RFP | To be Read as |
|---|---|---|---|
| 1 | IFB (Page 2) Last date and time for physical submission of Tender, Original Demand Draft towards cost of bid document, Earnest Money and Samples/Catalogue | Up to 11.30 AM on 24th February 2025 | Last date and time for physical submission of Tender, Earnest Money and Samples/Catalogue Up to 11.30 AM on 3rd March 2025 |
| 2 | IFB (Page 2) Date and time for opening of Tender Part -I (Technical Bid) | At 02.30 PM on 24th February 2025 | At 02.30 PM on 3rd March 2025 |
| 3 | Section -III (Eligibility Criteria) S. No 3 | Bidder must have minimum annual turnover of INR 3000 Lakhs (Rupees Thirty Crores) in any last three financial years. (2021-22, 2022-23 & 2023-24) | Bidder must have minimum annual turnover of INR 1500 Lakhs **(Rupees Fifteen Crores)** in any last three financial years. (2021-22, 2022-23 & 2023-24) |
| 4 | Section -III (Eligibility Criteria) S. No 3 | The bidder should submit a character certificate certified and issued by any deputy commissioner | The bidder should submit a character certificate certified and issued by any deputy commissioner/Sub Divisional Magistrate |

**Note:**
1. Comprehensive information regarding the corrigendum is available on website – **sports.jharkhand.gov.in**
2. Successful bidders are required to submit a GST Certificate of Jharkhand within 30 days of the award of contract. Payment for any bills submitted by the bidder will be processed only if the GST number mentioned in the bill is registered for the state of Jharkhand.
3. All other terms and conditions mentioned in tender document will remain unchanged.

Sd/-
Director
Directorate of Sports & Youth Affairs
Jharkhand, Ranchi

PR 346900 (Art Culture Sports and Youth Affairs) 24-25 (D)

## ସଂକ୍ଷେପରେ

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା,୨୧।୨(ମକାରୁ ବେମାଲ): ନୂଆପଡ଼ା ଜିଲା କୋମନା ବ୍ଲକ୍ କୁରୁମପୁରି ପଞ୍ଚାୟତ ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରେମଲାଲ ସତ୍‌ନାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଧାକାନ୍ତ ତାଣ୍ଡି ମୁଖ୍ୟ ଅତିଥି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁବଳ ଶ୍ୟାମ ପଣ୍ଡା ମୁଖ୍ୟବକ୍ତା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫିରୋଜ ଖାନ, ବିଶ୍ୱଦେବ ପଣ୍ଡା, ରୀତା ପାତ୍ର, ଶ୍ରୀପାଲା ଶବର, ହେମରାଜ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷା, ଆଲୁମ୍‌ନି ତଥା କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ମୁଦୁଲି, ପୁଷ୍ପାଞ୍ଜଳି ପଟେଲ, କଳ୍ପନା ଦାସ, ପୁଷ୍ପାଞ୍ଜଳି ପାତ୍ର, ଲିଲିମନି ତରାଇ ପ୍ରମୁଖ ସହଯୋଗ କରିଥିଲେ। ହିମାଞ୍ଚଳ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସୁଜାତା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀମା'ଙ୍କ ଜୟନ୍ତୀ ପାଳନ

ଖଡ଼ିଆଲ,୨୧।୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ପରେ ସମାଧି ପୀଠରେ ଧୂପପୁଷ୍ପ ଅର୍ପଣ, ପୀଠ ପରିସର ସଫେଇ, ନାମଜପ, ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସମେତ ଉପସଭାପତି ଶ୍ରୀବତ୍ସ ବାରିକ, ସମ୍ପାଦକ ସବିତା ବେହେରା, କୋଷାଧ୍ୟକ୍ଷ ଗିଧାନ ଭାଇ, ସୁନିତି ଅପା, ରାଜଶ୍ରୀ ଅପା, ବେଣୁ ଭାଇ ଓ ବହୁ ମାତୃଭକ୍ତ ଯୋଗଦେଇଥିଲେ। ଶେଷରେ ଆଧ୍ୟାତ୍ମିକ ପତାକା ଅବତରଣ କରାଯାଇଥିଲା।

### ଶ୍ରୀଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପଲମ, ୨୧।୨ (ଭିକାରି ଗଉଡ଼): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ରୁପ୍ରା ପଞ୍ଚାୟତ ଖମପଡ଼ାସ୍ଥିତ ବିଶ୍ୱେଶ୍ୱର ଶୈବପୀଠରେ ନବନିର୍ମିତ ଶ୍ରୀଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ବନଯାଗ, ଇନ୍ଦ୍ର ଇନ୍ଦ୍ରାଣୀ ପ୍ରତିଷ୍ଠା, ରତ୍ନମୁଦ, ଅଙ୍କୁରାରୋପଣ, ଶାଳା ସଂସ୍କାର, ଗଣପତ୍ୟାଗ୍ନି ସ୍ଥାପନ ଓ ଧାନ୍ୟାଧିବାସ ଆଦି ଅନୁଷ୍ଠିତ ହୋଇଥିଲା। ପୂଜା କର୍ତ୍ତା ଭାବରେ ମନ୍ଦିର ପ୍ରତିଷ୍ଠାତା ଗଣ୍ଡାରାମ ସାହୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବରେ ବ୍ରହ୍ମପୁରର ମହେଶ୍ୱର ଶତପଥୀ ଓ ସହଯୋଗୀ କାର୍ଯ୍ୟ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଶିବଶକ୍ତି ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ହରେକୃଷ୍ଣ ସାହୁ, ସୁଦାମ ସାହୁ, ଯେମନ୍ତ ପୁଟେଲ, ନେପାଳ ବିଶ୍ୱାଳ, ପ୍ରତାପ ପଟ୍ଟନାୟକ, ବ୍ରଜ ରଣା ପ୍ରମୁଖ ସହଯୋଗ କରିଥିଲେ।

### ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ଖଡ଼ିଆଲ,୨୧।୨ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଲ ବ୍ଲକ୍‌ର ୨ ଦିବ୍ୟାଙ୍ଗ ସରକାରଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଖଡିଆଳ ବ୍ଲକ୍ ଡୁଆଝର ଗ୍ରାମର ରୀତାଞ୍ଜଳି ମେହେର ଶହେ ପ୍ରତିଶତ ଶ୍ରବଣ ଶକ୍ତି ହରାଇଥିବା ବେଳେ ତାଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ମିଳିପାରୁନାହିଁ। ସେହିପରି ଡୁଆଝର ଗ୍ରାମପଞ୍ଚାୟତ ନିବାସୀ ରାମ ଜି ସତ୍‌ନାମୀ ମଧ୍ୟ ୧୦୦ ପ୍ରତିଶତ ଦିବ୍ୟାଙ୍ଗ । ତାଙ୍କ ଦୁଇ ଗୋଡ଼ ଏକ ରେଳ ଦୁର୍ଘଟଣାରେ କଟିଯାଇଥିବା ବେଳେ ଦୈନନ୍ଦିନ ଜୀବନ ନିର୍ବାହ କରିବା କଷ୍ଟକର ହେଉଛି। ଏମାନେ ପୂର୍ବରୁ ୧୨୦୦ ଟଙ୍କା ଭତ୍ତା ପାଉଥିବା ବେଳେ ବର୍ତ୍ତମାନ ୧୦୦୦ ଟଙ୍କା ପାଉଛନ୍ତି। ଶହେ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାରୁ ବର୍ଦ୍ଧିତ ରୂପେ ୩୫୦୦ ଟଙ୍କା ପାଇବା କଥା। କିନ୍ତୁ ତାଙ୍କୁ ଏହା ମିଳିପାରିନାହିଁ। ଏ ନେଇ ପଦକ୍ଷେପ ନେବାକୁ ଉଭୟେ ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲାପାଳ ଖଡିଆଳ ବିଡିଓ ନରସିଂହ ଗଡ଼ବାଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# କଳାହାଣ୍ଡିରେ ଆଖୁ ବଡିର ଚାହିଦା ଅଧିକ

ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)

ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟରେ ବଡିର ସ୍ୱତନ୍ତ୍ର ସ୍ଥାନ ରହିଛି। ପଶ୍ଚିମ ଓଡ଼ିଶାରେ ତିଆରି ବଡିର ସ୍ୱାଦ ନିଆରା। ବର୍ତ୍ତମାନ କଳାହାଣ୍ଡି ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗୃହିଣୀମାନଙ୍କ ବଡି ପକା ଶେଷ ପର୍ଯ୍ୟାୟରେ ରହିଛି। ସାଧାରଣତଃ ଶୀତ ଦିନରେ ଅର୍ଥାତ ଡିସେମ୍ବରରୁ ଫେବୃଆରୀ ମାସ ମଧ୍ୟରେ ବଡି ତିଆରି କରାଯାଏ। ଆଉ ଏହାକୁ ତିଆରିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ଗୃହିଣୀମାନେ। ପଶ୍ଚିମ ଓଡିଶାର ବିଭିନ୍ନ ପ୍ରକାର ବଡି ମଧ୍ୟରେ ଆଖୁ ବଡି, କଖାରୁ ବଡି, ଭଜା ବଡି, ଝୁଡୁଙ୍ଗ ବଡି, ଫୁଲ ବଡି, ଲିଆ ବଡି, ମୁଗ ବଡି, କଟିଙ୍ଗ ବଡି, ଚିନାବାଦମ ବଡି ଅନ୍ୟତମ। ଆଖୁ ବଡି ତିଆରି ପାଇଁ ପ୍ରଥମେ ଆଖୁକୁ ଖଣ୍ଡ ଖଣ୍ଡ କରାଯାଇ ଚଞ୍ଚା ଯିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ବିରି ଚକଟା ସହ ମିଶାଇ ବଡି ପ୍ରସ୍ତୁତ କରାଯାଇଥାଏ। ପରେ ତାହାକୁ ଖରାରେ କିଛି ଦିନ ଶୁଖାଇବା ପରେ ଏହି ବଡି ପ୍ରସ୍ତୁତ ହୋଇଥାଏ।



ଜଣେ ଗୃହିଣୀ ବଡି ପକାଉଛନ୍ତି।

କଳାହାଣ୍ଡିରେ ଆଖୁ ବଡିର ଚାହିଦା ଅଧିକ ରହିଛି। ଅଞ୍ଚଳରେ ଖାଦ୍ୟପେୟର ଏକ ଅଭିନ୍ନ ଅଙ୍ଗ ହେଉଛି ବଡି ବୋଲି ଧର୍ମଗଡ଼ ଓ ଭବାନୀପାଟଣା ସହରର ଗୃହିଣୀ ଗୋମନୀ ହାତୀ ଓ ମମତା ତ୍ରିପାଠୀ କହନ୍ତି।

ତେବେ ବଡି ଯେ କେବଳ ଦୈନନ୍ଦିନ ଖାଦ୍ୟ ଭାବରେ ବ୍ୟବହାର କରାଯାଏ ତା' ନୁହେଁ, ଏହା ପଛରେ ରହିଛି ଅନେକ କାହାଣୀ। ଝିଅ ବାହା କରିବା ସମୟରେ ବଡିର ନିହାତି ଆବଶ୍ୟକତା ରହିଥାଏ। କାରଣ ବଡିକୁ ଝିଅ ସାଥିରେ ନିଜ ଶାଶୁ ଘରକୁ ନେବା ପାଇଁ ଯୌତୁକରେ ଦିଆଯାଇଥାଏ। ଏହାର ବର୍ଣ୍ଣ ଶ୍ୱେତ ହୋଇଥିବାବେଳେ ଏହାକୁ ଶୁଭ ଓ ଶାନ୍ତିର ପ୍ରତୀକ ବୋଲି କିମ୍ବଦନ୍ତି କହେ। ଆଉ ଯୌତୁକରେ ବଡି ଦେବା ଦ୍ୱାରା ଘରେ ଶୁଖ ଶାନ୍ତି ଆସିଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ଏହାସହିତ ଜଣେ ମା' ଛୁଆ ଜନ୍ମ କଲା ପରେ ସେହି ପ୍ରସୂତି ମା'ଙ୍କୁ କେବଳ

**ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟ ବଡି**

ବଡି ତରକାରୀ ରନ୍ଧାଯାଇ ଦିଆଯାଇଥାଏ। କାରଣ ଶିଶୁ ଯେତେବେଳେ ମା' କ୍ଷୀର ଖାଇଥାଏ ସେଥିରେ ମା' ଖାଉଥିବା ସମସ୍ତ ଜିନିଷ ଛୁଆ ଗ୍ରହଣ କରେ। ଖାଦ୍ୟପେୟରେ ତେଲ ମସଲାଜାତୀୟ ଖାଦ୍ୟ ଦିଆଯିବା ଦ୍ୱାରା ଛୁଆ ଉପରେ ପ୍ରଭାବ ପଡିବା ଆଶଙ୍କା ରହିଥାଏ। ଏହାଛଡା ବଡି ଏକ ସଂରକ୍ଷଣ ଖାଦ୍ୟ। ପୂର୍ବକାଳରେ ପନିପରିବାକୁ ଶୁଖାଇ ମାସ ମାସ ଧରି ରଖାଯାଉଥିଲା। ପରବର୍ତ୍ତି ସମୟରେ ତାକୁ ପାଣିରେ ଭିଜାଇ ପୁନର୍ବାର ରନ୍ଧା ଯାଉଥିଲା। ସେହିପରି ବଡିକୁ ମଧ୍ୟ ବର୍ଷ ବର୍ଷ ଧରି ସଂରକ୍ଷଣ କରାଯାଇଥାଏ। ଫଳରେ ପନିପରିବା ମହଙ୍ଗା କିମ୍ବା ଅଭାବ ସମୟରେ ବଡି ତାହା ପୂରଣ କରିଥାଏ। ଯେଉଁ ଘରେ ବଡି ରହିଥାଏ ସେଠି ମା' ଲକ୍ଷ୍ମୀଙ୍କ ଉପସ୍ଥିତି ରହିବା ବିଶ୍ୱାସ ରହିଛି ବୋଲି ଯୁବ ଗବେଷକ ମାନସ ମୁଣ୍ଡ ପ୍ରକାଶ କରନ୍ତି। ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ଖାଦ୍ୟ ବ୍ୟବସ୍ଥା ବଡିର ଚାହିଦାକୁ କମାଇ ଦେଇଛି ସତ, ହେଲେ ବଡିର ବିକଳ୍ପ ଏଯାବତ ତିଆରି ହୋଇନାହିଁ।

# ୨ମାସ ହେଲା ବନ୍ଦ ପଡ଼ିଛି ମିଶନ ଶକ୍ତି କାଫେ

କଲମପୁର, ୨୧।୨ (ଗଣେଶରାମ ବାଗ)

ପୂର୍ବ ସରକାର ସମୟରେ ବିଭିନ୍ନ ବ୍ଲକ୍‌ରେ ମିଶନ ଶକ୍ତି କାଫେ ଖୋଲାଯାଇଥିଲା। କଳାହାଣ୍ଡି ଜିଲା କଲମପୁର ବ୍ଲକ୍‌ରେ ମଧ୍ୟ ଏକ କାଫେ ରହିଥିଲା। ଏଠାରେ ବ୍ୟବସାୟକରି ଲାଭାଂଶରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନେ ଉପକୃତ ହେବେ ବୋଲି ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ସମ୍ପୃକ୍ତ ମହିଳା ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। କିଛି ମାସ ଏହି କାଫେ ଚାଲିବା ପରେ ଏବେ ପ୍ରାୟ ୨ମାସ ହେବ ବନ୍ଦ ପଡ଼ିଛି। ବ୍ଲକ୍ କାର୍ଯ୍ୟାଳୟ ନିକଟ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ମିନି ଷ୍ଟାଡିୟମ ସମ୍ମୁଖରେ ଏହି କାଫେ ନିର୍ମାଣ ହୋଇଛି। ବ୍ଲକ୍‌ର ମହିଳା ଗୋଷ୍ଠୀଙ୍କ ଦ୍ୱାରା କାଫେ ଆରମ୍ଭ ହୋଇଥିଲା। ପୂର୍ବତନ ବିଧାୟକ ମୌଷଧି ବାଗ ଏହାକୁ ଲୋକାର୍ପଣ କରିଥିଲେ। ଏଠାରେ ଚା, ଜଳଖିଆ ସହ ଭୋଜନ ସୁବିଧା ମିଳୁଥିଲା। ଏହା ଦ୍ୱାରା ସାଧାରଣ ଲୋକେ ମଧ୍ୟ ଉପକୃତ ହେଉଥିଲେ। ହେଲେ ଏବେ ଏହା ବନ୍ଦ ପଡ଼ିଥିବାରୁ ଲୋକଙ୍କୁ ନିରାଶ ହେବାକୁ ପଡୁଛି। ଏ ସମ୍ପର୍କରେ ବ୍ଲକ୍ ପ୍ରକଳ୍ପ ପରିଚାଳକ (ବିପିଏମ୍) ରିଜାଆନୁସ ଏକ୍କାଙ୍କୁ ପଚାରିବାରୁ ମିଶନ ଶକ୍ତି କାଫେ ବନ୍ଦ ଥିବା ଜାଣିଛି, ପୁଣି ମହିଳା ଗୋଷ୍ଠୀଙ୍କୁ ଏହା ଖୋଲିବା ପାଇଁ କହିଛି ବୋଲି ପ୍ରକାଶ କରିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

କୋକସରା,୨୧।୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ନେଗିଗୁଡ଼ା କର୍ଲାପଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ଶୁଭଖମ୍ବ ସ୍ଥାପନ ହୋଇଛି। କ୍ଷୀରସିନ୍ଧୁ ଗୋପାଳ ଓ ସେରାମ ଗୋପାଳ କର୍ତ୍ତା ଓ ଜ୍ୟୋତିର୍ବିଦ ଭୂପେଶ ତିୱାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଲଛମନ ପୂଜାରୀ ମାଟି ପୂଜନ ସହ ଲଙ୍ଗଳ କର୍ଷଣ କରି ଅଙ୍କୁରୋଦ୍‌ଗମ କାର୍ଯ୍ୟ କରିଥିଲେ। ପରେ ବୃନ୍ଦାବତୀଙ୍କ ବରଣ କରାଯାଇଥିଲା। ଗ୍ରାମବାସୀ ଆଜିଠାରୁ ନାମଯଜ୍ଞ ପର୍ଯ୍ୟନ୍ତ ଆମିଷ ଓ ମଦ୍ୟପାନ ସମ୍ପୂର୍ଣ୍ଣ ବର୍ଜନ ପାଇଁ ସଂକଳ୍ପ ନେଇଥିଲେ। ଆସନ୍ତା ମାର୍ଚ୍ଚ ୬ରେ କଳସ ଯାତ୍ରା ଓ ଅଧିବାସ, ୭ରେ ନାମଯଜ୍ଞ ଓ ୮ରେ ନାମଯଜ୍ଞ, ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ହେବ। ନାମଯଜ୍ଞ କମିଟି ସଭାପତି ଗୋପଲାଲ ଗୋପାଳ, ଉପସଭପତି କ୍ଷୀରସିନ୍ଧୁ ବାଗ, ସମ୍ପାଦକ କହ୍ନେଇ ବାଗ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୋପାଳ, କୋଷାଧ୍ୟକ୍ଷ ସୁନିଲ କୁମାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ନୂଆପଡ଼ା ଏନ୍‌ଏସି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

# ସହର ସୁନ୍ଦର ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

ନୂଆପଡ଼ା,୨୧।୨(ମକାରୁ ବେମାଲ)

ନୂଆପଡ଼ା ଏନ୍‌ଏସିର ସାଧାରଣ ବୈଠକ ପରିଷଦ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମହମ୍ମଦ ଆଦାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୱାର୍ଡ ସଭ୍ୟାସଭ୍ୟ, ରାଜ୍ୟ ସଭା ସାଂସଦ ପ୍ରତିନିଧି ହରିଶ୍ଚନ୍ଦ୍ର ପଣ୍ଡା ଓ ବିଧାୟକ ପ୍ରତିନିଧି ଜୟଭାଇ ଢୋଲକିଆ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) କୁରୁକ୍ଷେତ୍ର ନାଏକ ସଭା ପରିଚାଳନା କରିଥିଲେ। ଏନ୍‌ଏସିର ପରିମଳ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଇ ନୂଆପଡା ସହର କିପରି ଅଧିକ ସୁନ୍ଦର ହୋଇପାରିବ ସେ ଦିଗରେ ସମସ୍ତେ ସହଯୋଗ କରିବାକୁ ଇଓ ମତ ପ୍ରକାଶ କରିଥିଲେ। ସଭ୍ୟାସଭ୍ୟ ନିଜ ୱାର୍ଡର ବହୁବିଧ ସମସ୍ୟା ଉପସ୍ଥାପନ କରିଥିଲେ। ଆଗାମୀ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହାର ସଫଳ ମୁକାବିଲା ପାଇଁ ଆଲୋଚନା ହୋଇଥିଲା। ନୂତନ ଭାବରେ ତିଆରି ହୋଇଥିବା ଏନ୍‌ଏସି କୋଠା ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସାରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗାନ୍ଧୀ ଉଦ୍ୟାନ ସବୁଜସୁନ୍ଦର କରିବା ସହ ଓପନ ଜିମ୍ ଉପକରଣ କାର୍ଯ୍ୟକ୍ଷମ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଦୈନିକ ବଜାର ଓ ସାପ୍ତାହିକ ବଜାରର ନିଲାମ କରିବା ସହିତ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଲା। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆସିଥିବା ୫୦,୦୦,୦୦୦ ଟଙ୍କା ବ୍ୟୟରେ ପୁରାତନ ପୋଲିସ ପଡିଆ ସମ୍ମୁଖରେ ନୂତନ ଦୁଇମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ କରାଯାଇ ଗୃହୀତ କରାଯାଇଥିଲା। ସହରକୁ ସବୁଜସୁନ୍ଦର କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ଇଓ ନାଏକ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି, ପ୍ରଦର୍ଶନୀ ମେଳା

ନୂଆପଡ଼ା,୨୧।୨ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ୍ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମଶାନକୁଣ୍ଡା କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ବରିହାଙ୍କ ଅଧ୍ୟକ୍ଷତାରେ ପରିବେଶପ୍ରେମୀ ମନୋଜ ଡାଗା ମୁଖ୍ୟ ଅତିଥି, ହୀରାଲାଲ ପଟେଲ, ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା, ସେତୁରାମ ଦଣ୍ଡସେନା, ମୋହନ ଦୋରା, ବାବୁଲାଲ ନାୟକ, ପ୍ରଫୁଲ୍ଲ ବାରିକ, ହେମଲାଲ ଦୀପ, ଡଙ୍ଗର ସିଂ ଶବର, ରୋହିତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଆବଶ୍ୟକତା ଓ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଦକ୍ଷତା ବିକାଶ ପାଇଁ ଏହାର ଉପଯୋଗିତା ଉପରେ ମତ ରଖିଥିଲେ। ସାଧନ କର୍ମୀ ଗୁଣସାଗର ଭୋଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିର ସହଜ କୌଶଳ ଉପରେ ମାର୍ଗଦର୍ଶନ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତକରି ପ୍ରଦର୍ଶିତ କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିକ୍ଷୟିତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ କିଶୋର କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୟୁପି ସ୍କୁଲର ବାର୍ଷିକ ଉତ୍ସବ ଉତ୍କର୍ଷ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କୋକସରା,୨୧।୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ସର୍ବମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟ ଚିଲିଗୁଡାର ବାର୍ଷିକ ଉତ୍ସବ ଉତ୍କର୍ଷ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟ ଅତିଥି, ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲ ମୁଖ୍ୟ ବକ୍ତା ଓ ଏବିଇଓ ଆଲୋରାଣୀ ହଲଦାର, ଦୟାନିଧି ପାଢ଼ୀ, ଶିକ୍ଷାବିତ୍ ମିନକେତନ ପ୍ରଧାନୀ, ସମିତି ସଭ୍ୟା ଗାୟତ୍ରୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୁମନ ଅର୍ପିତ ପଣ୍ଡା ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଲେଙ୍କା ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ଲକ୍ଷରାମ ନାଏକ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା ଖମାରି, ସୁମନ ଅର୍ପିତ ପଣ୍ଡା, ଭାଗ୍ୟଶ୍ରୀ ଗିରି, ଗୀତାଞ୍ଜଳି ଗିରି, କିଶନଲାଲ ଧଙ୍ଗଡା ମାଝୀ ସହଯୋଗ କରିଥିଲେ।

# ଗ୍ରାମୀଣ ଜଳଯୋଗାଣ ସଂଘର ୧୦ଦଫା ଦାବିପତ୍ର

ଲାଞ୍ଜିଗଡ଼,୨୧।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ଗ୍ରାମୀଣ ଜଳଯୋଗାଣ ସଂଘ ତରଫରୁ ୧୦ଦଫା ସମ୍ବଳିତ ଦାବିପତ୍ର ବିଡିଓ ଶଶାଙ୍କ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କୁଶଳୀ କାରିଗର ଭିତ୍ତିରେ ଦରମା ପ୍ରଦାନ, ନଳକୂପ କାରିଗର ଓ ପମ୍ପ ଚାଳକମାନଙ୍କୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ବ୍ଲକ୍ ମାଧ୍ୟମରେ ଦରମା ବୃଦ୍ଧି, ନଳକୂପ କାରିଗର ଓ ପମ୍ପ ଚାଳକମାନଙ୍କୁ ମେଘା ପ୍ରୋଜେକ୍ଟଠାରେ ନିୟମିତ ନିଯୁକ୍ତି, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ରେ ଖାଲି ଥିବା ପଦବୀରେ ନଳକୂପ କାରିଗର ଓ ପମ୍ପ ଚାଳକଙ୍କୁ ନିଯୁକ୍ତି, କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ସହ ପରିବାରର ଜଣଙ୍କୁ ନିଯୁକ୍ତି, ଦୁର୍ଘଟଣାରେ ଶାରୀରିକ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ଲାଞ୍ଜିଗଡ଼ ବ୍ଲକ୍‌ର ଜଳଯୋଗାଣ ସଂଘ ଉପସଭାପତି ଚନ୍ଦ୍ରମଣି ବେହେରା, ସମ୍ପାଦକ ଡମ୍ବରୁ ନାଏକ ଚିତ୍ତରଞ୍ଜନ ପାତ୍ର, ଭଦ୍ର ମାଝୀ, ନବୀନ ସାହୁ, ପ୍ରକାଶ ଚଣ୍ଡୀ, ଅଶୋକ ଛତ୍ରିଆ, ଦୁଃଶାସନ ମାଝୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ସଂଘ କର୍ମକର୍ତ୍ତା।

# 'ବାତାୟନରେ କଳାହାଣ୍ଡି' ଲୋକାର୍ପିତ

ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଗବେଷକ, ଗାଳ୍ପିକ ଓ ବରିଷ୍ଠ ଖବରଦାତା ଉମା ଶଙ୍କର କରଙ୍କ ଗବେଷଣାତ୍ମକ ପୁସ୍ତକ 'ବାତାୟନରେ କଳାହାଣ୍ଡି' ଲୋକାର୍ପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାପାଳ ସଚିନ ପ୍ରକାଶ ପାୱାର, ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ଡ. ବାବା ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଡ. ବାବା ମିଶ୍ର କଳାହାଣ୍ଡି ଅଞ୍ଚଳର ଐତିହାସିକ ତଥ୍ୟ ଅବତାରଣା କରି ଏହି ପୁସ୍ତକ ଯୁଗାନ୍ତକାରି ପଦକ୍ଷେପ ଓ ନୂତନ ପିଢ଼ି ପାଇଁ ଗବେଷଣାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ହରେକୃଷ୍ଣ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ପଣ୍ଡା, ସନ୍ତୋଷ ସିଂଦେଓ, ରାଜକୁମାର ସିଂଦେଓ, ରୂପ କିଶୋର ଦଳେଇ, ସୀମାଞ୍ଚଳ ମିଶ୍ର ପ୍ରମୁଖ ପୁସ୍ତକ ଉପରେ ଅଭିମତ ରଖିଥିଲେ। ଉମା ଶଙ୍କରଙ୍କ ପୂର୍ବରୁ ପ୍ରକାଶିତ ଗବେଷଣାତ୍ମକ ପୁସ୍ତକ କଳାହାଣ୍ଡିର କଥା, ମାଣିକ୍ୟଦେବୀ ମାଣିକେଶ୍ୱରୀ, ଐତିହାସିକ ଦୁର୍ଗ ଅସୁରଗଡ ଓ କାଳାନ୍ତାରରେ କାନ୍ତାରକ ତଥା ଜୀବନ ଧର୍ମୀ ଗଳ୍ପ ସଂକଳନ ପାଠକଙ୍କ ପ୍ରିୟ ଗଳ୍ପ ପାଠକ ଓ ଗବେଷକଙ୍କ ପ୍ରିୟ ଭାଜନ ହୋଇଛି।



ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିଗଣ।

# ମାଟ୍ରିକ ପରୀକ୍ଷା ଦେଲେ ୧୯,୨୧୮ ଛାତ୍ରୀଛାତ୍ର

ଭବାନୀପାଟଣା,୨୧।୨(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଜିଲାରେ ୩୫୪ ଅନୁପସ୍ଥିତ**

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ଓଡିଆ ପରୀକ୍ଷା ହୋଇଛି। କଳାହାଣ୍ଡି ଜିଲାରେ ୧୩୨ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଜିଲାର ୧୩ ବ୍ଲକରେ ୧୩ ନୋଡାଲ ସେଣ୍ଟର ହୋଇଛି। ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ୧୯,୫୭୨ ଛାତ୍ରୀଛାତ୍ର (ରେଗୁଲାର) ଫର୍ମ ପୂରଣ କରିଥିବାବେଳେ ସେଥିମଧ୍ୟରୁ ପ୍ରଥମ ଦିନରେ ୧୯, ୨୧୮ଜଣ ପରୀକ୍ଷା ଦେଇଥିଲେ। ୩୫୪ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ଜିଲାର ଭବାନୀପାଟଣା ବ୍ରଜବିହାର ଶିଶୁ ମନ୍ଦିରଠାରେ ହୋଇଥିବା ଏସ୍‌ଆଇଓଏସ୍ ପରୀକ୍ଷାରେ ୧୫୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୪ ଜଣ ପରୀକ୍ଷା ଦେଇଥିଲେ। ୩୩ ଜଣ ଅନୁପସ୍ଥିତ ଥିଲେ। ଚଳିତବର୍ଷ କପି ରୋକିବାକୁ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବା ସହ ଯାଞ୍ଚ ପାଇଁ ଜିଲା ଶିକ୍ଷାଅଧିକାରୀଙ୍କ ପକ୍ଷରୁ ୩ଟି ସ୍କ୍ୱାର୍ଡ୍, ସେଣ୍ଟ୍ରାଲ ସ୍କ୍ୱାଡ୍ ଓ ଜିଲାପାଳଙ୍କ ପକ୍ଷରୁ ପ୍ରତି ବ୍ଲକରେ ବିଡ଼ିଓ, ବିଇଓଙ୍କୁ ମିଶାଇ ଗୋଟିଏ ଲେଖାଏ ସ୍କ୍ୱାଡ୍ କରାଯାଇଥିବା ଜଣାପଡିଛି।

### ଲାଞ୍ଜିଗଡ଼ ବ୍ଲକ୍: ମାଟ୍ରିକ ପରୀକ୍ଷା ଦେଲେ ୧୦୮୬ ପରୀକ୍ଷାର୍ଥୀ

ଲାଞ୍ଜିଗଡ଼, ୨୧।୨(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ୮ କେନ୍ଦ୍ରରେ ଶୁକ୍ରବାର ୧୦୮୬ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିବାବେଳେ ୧୫ଜଣ ଅନୁପସ୍ଥିତ ଥିଲେ। ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୮ ଛାତ୍ରୀଛାତ୍ର, ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟରେ ୧୪୯, ଲାଞ୍ଜିଗଡ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ୧୩୦, ଲାଞ୍ଜିଗଡ ରୋଡ୍ ଉଚ୍ଚ ବିଦ୍ୟାଳୟରେ ୧୫୧, ଲାଖବାହାଲି ଉଚ୍ଚ ବିଦ୍ୟାଳୟରେ ୬୮, ବେନଗାଁ ଉଚ୍ଚ ବିଦ୍ୟାଳୟରେ ୧୨୯, ମଧୁପୁର ଉଚ୍ଚ ବିଦ୍ୟାଳୟରେ ୧୫୪ ଓ ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ୧୮୨ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଚୟନ ହୋଇଥିଲେ। ଶୁକ୍ରବାର ପ୍ରଥମ ଦିନରେ ଓଡ଼ିଆ ପରୀକ୍ଷା ଥିବାବେଳେ ୧୧୦୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୮୬ ଜଣ ପରୀକ୍ଷା ଦେଇଥିଲେ। ନୋଡାଲ ସେଣ୍ଟର ଭାବେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ଅଫିସର ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଏବଂ ଏବିଇଓ ସୁଢ଼ଳଦେବ ମୁଣ୍ଡ ଦାୟିତ୍ୱରେ ଅଛନ୍ତି।



ଲାଞ୍ଜିଗଡ଼ର ଏକ କେନ୍ଦ୍ରରୁ ପରୀକ୍ଷା ଦେଇ ବାହାରୁଛନ୍ତି ଛାତ୍ରୀଛାତ୍ର।

### କୋକସରା ବ୍ଲକର ୨ ପରୀକ୍ଷାର୍ଥୀ ଏକ୍ସପେଲ

କୋକସରା,୨୧।୨ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କୋକସରା ବ୍ଲକର ୧୦ କେନ୍ଦ୍ରରେ ମୋଟ ୧୫୧୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୯୨ଜଣ ପରୀକ୍ଷା ଦେଇଥିବା ବେଳେ ୨୩ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରରୁ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯାଇଥିଲା। ପରୀକ୍ଷାକୁ ଅବାଧ ଓ ନିରପେକ୍ଷ କରିବା ସହ କପି ରୋକିବାକୁ କେନ୍ଦ୍ରଗୁଡିକରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଯାଞ୍ଚ କରିଥିଲେ। ମାହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡାରେ ସ୍କ୍ୱାଡ୍ ପରିଦର୍ଶନ ସମୟରେ ଦୁଇଜଣ ଛାତ୍ରଙ୍କୁ କପି କରିବା ସମୟରେ ଧରି ଏକ୍ସପେଲ କରିଥିବା ବ୍ଲକ ନୋଡାଲ ସେଣ୍ଟର ଅଧୀକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପୋଲିସ ଏଏସ୍ଆଇ ଆହତ, ୩ ଗିରଫ

**ସଙ୍ଗା ଚଢ଼ାଉ ବେଳେ ଆକ୍ରମଣ**

**ସୋହେଲା, ୨୧।୨(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ଥାନା ଦଶମାଇଲ ଛକର ଏକ ନିଛାଟିଆ ଜାଗାରେ ଚାଲିଥିବା ସଙ୍ଗା ଖେଳ ଉପରେ ଶୁକ୍ରବାର ଅପରାହ୍ନରେ ଚଢାଉ ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣରେ ପୋଲିସ ଏଏସ୍ଆଇ ମନୋରଞ୍ଜନ ପାଣିଗ୍ରାହୀ ଆହତ ହୋଇଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା କେନାଲପଡାର ଚକାନୟନ ମେହେର, ଡାକ୍ତର ମେହେର ଏବଂ ସୋହେଲା ଥାନା ଦଶମାଇଲ ଛକର ରଞ୍ଜିତ ଭୁଏ। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଛୁରି, ନଗଦ ୨୦ ହଜାର ୨୦ ଟଙ୍କା, ସଙ୍ଗା ଖେଳରେ ବ୍ୟବହୃତ ୩ଟି ସ୍ମାର୍ଟ ଫୋନ, ଏକ ବାଇକ୍ (ନଂ.ଓଡିଏଏସି/୧୭୬୦)କୁ ଜବତ କରାଯାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୭୦/୨୫) ରୁଜୁ ହେବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ସୋହେଲା ଥାନା ଆଇଆଇସି ଶଶୀଭୂଷଣ ମିଶ୍ର ସୂଚନା ଦେଇଛନ୍ତି।

### ବୈଦ୍ୟନାଥ ବାବାଙ୍କ ବାର୍ଷିକ ଉତ୍ସବ

**ପାଇକମାଲ, ୨୧।୨ ( ବଡ ଶତପଥୀ):** ବରଗଡ଼ ଜିଲା ପାଇକମାଲ ବ୍ଲକ ବଇଦପାଲି ଗ୍ରାମରେ ବୈଦ୍ୟନାଥ ବାବାଙ୍କ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଭୋରରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷଙ୍କ ଉପସ୍ଥିତିରେ ବୈଦ୍ୟନାଥ ବାବାଙ୍କ ରୁଦ୍ରାଭିଷେକ କରାଯାଇଥିଲା। ପଣ୍ଡିତ ମନୋଜ କୁମାର ପୁରୋହିତ ପୂଜା କାର୍ଯ୍ୟ କରିଥିବା ବେଳେ କର୍ତ୍ତାଭାବେ ଟାଇଲଚନ୍ଦ୍ର ଭୋଇ ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ଭୋଇ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଝାରବନ୍ଧ ସାନଦାଦର ଗ୍ରାମର ତରଣୀ ମହାପାତ୍ର ଓ ସାଥୀଙ୍କ ଦ୍ୱାରା ରାମାୟଣ ପାରାୟଣ ସହ ପ୍ରବଚନ ହୋଇଥିଲା। ଅତିଥିଭାବେ ହୃଦାନନ୍ଦ ବାରିକ, ରାଜୀବ ଲୋଚନ ସାହୁ, ବଡ଼ ଶତପଥୀ, ସୁରଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ କାର୍ଯ୍ୟକ୍ରମରେ ବାବା ବୈଦ୍ୟନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ବିପିନ ଭୋଇ, କ୍ଷୀରବତୀ ନାଏକ, ସରୋଜ ଭୋଇ, ବିହାରୀ ପ୍ରଧାନ, ରଶିକ ଭୋଇ, ଚନ୍ଦ୍ରମଣି ସାହୁ, କିଶୋର ପ୍ରଧାନ, ଝସ ପ୍ରଧାନ, ମିଶ୍ର ବରିହା, ଏକାଦଶିଆ ସାହୁ, ମୋତି ସାହୁ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରତି ବର୍ଷପରି ଚଳିତବର୍ଷ ମଧ ଅପରାହ୍ନରେ ଧ୍ୱଜା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁର ସମସ୍ତେ ମିଳିମିଶି ଏକତ୍ର ଅନ୍ନ ପ୍ରସାଦ ବଣ୍ଟନ କରି ଭୋଜନ କରିଥିଲେ।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ପଦ୍ମପୁର,୨୧।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ଶାନ୍ତି ନଗରରେ ରହୁଥିବା ଚନ୍ଦ୍ରମଣୀ ଶତପଥୀଙ୍କ ସ୍ତ୍ରୀ ବ୍ରଜେଶ୍ୱରୀ ଶତପଥୀଙ୍କ ୮୪ବର୍ଷ ବୟସରେ ଗୁରୁବାର ରାତିରେ ନିଜ ବାସଭବନରେ ପରଲୋକ



ଘଟିଛି। ଶୁକ୍ରବାର ସ୍ଥାନୀୟ ରଜାପଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏଥିରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଏକମାତ୍ର ପୁତ୍ର ଦୁର୍ଗାଶଙ୍କର ମୁଖାଗ୍ନି ଦେଇଥିଲେ। ସେ ଜଣେ ଧର୍ମ ପରାୟଣା, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ପଦ୍ମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୩ ଦଫା ଦାବିରେ ଚାଷୀଙ୍କ ବିକ୍ଷୋଭ

**ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)**




ଭଟଲି ତହସିଲ କାର୍ଯ୍ୟାଳୟ ଆଗରେ ଚାଷୀମାନେ ପ୍ରତିବାଦ ସଭା କରିଛନ୍ତି।

- ବିଦ୍ୟୁତ୍ କ୍ଷେତ୍ରରେ କମ୍ପାନୀକରଣ ବନ୍ଦ ହେଉ
- ଧାନବିକ୍ରିରେ ମିଲର୍ସଙ୍କ ହସ୍ତକ୍ଷେପ ନ ରହୁ
- ନାନୋ ସାର ବାଧ୍ୟତାମୂଳକ କରା ନ ଯାଉ

ବରଗଡ଼ ଜିଲାରେ କୃଷି ଏବଂ କୃଷକଙ୍କ ସମସ୍ୟା ଅସମାହିତ ରହିଛି। ଧାନର ଅଭାବୀ ବିକ୍ରି, କଟନୀଛଟନୀଠାରୁ ଆରମ୍ଭ କରି ବିଦ୍ୟୁତ୍ କ୍ଷେତ୍ରରେ କମ୍ପାନୀକରଣକୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ଶୁକ୍ରବାର ଜିଲାର ଭଟଲିରେ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ବିକ୍ଷୋଭ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଅଭିରାମ ସେଠଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଭଟଲି ଟାଉନ ହଲ୍‌ରୁ ଅଞ୍ଚଳର ଶତାଧିକ ଚାଷୀ ଶୋଭାଯାତ୍ରାରେ ତହସିଲଦାରଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲେ। ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ହୋଇଥିଲା। ଜୟ କିଷାନ ଆନ୍ଦୋଳନର ବ୍ଲକ ସଭାପତି ମାନଭଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜଙ୍କ ସମେତ ଅନେକ ଚାଷୀନେତା ଯୋଗ ଦେଇଥିଲେ। ଲିଙ୍ଗରାଜ କହିଥିଲେ, ବିଦ୍ୟୁତ୍ କ୍ଷେତ୍ରରେ କମ୍ପାନୀକରଣ ବିରୁଦ୍ଧରେ ଭଟଲିରୁ ପ୍ରଥମେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେହି ଆନ୍ଦୋଳନ ସମଗ୍ର ଜିଲାରେ ଚେତନା ସୃଷ୍ଟି କରିବା ସହିତ ଚାଷୀଙ୍କୁ ଆନ୍ଦୋଳିତ କରିଥିଲା ଏବଂ ପରବର୍ତ୍ତୀ ନିର୍ବାଚନରେ ତାହା ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ବର୍ତ୍ତମାନ ରାଜ୍ୟର ଭାଜପା ସରକାର ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଇନ୍‌ପୁଟ୍ ସବ୍‌ସିଡ଼ି ପ୍ରଦାନ କରିଛନ୍ତି ସତ, କିନ୍ତୁ ମଣ୍ଡିରେ କଟନୀଛଟନୀ ଏବଂ ମିଲର୍ସଙ୍କ ଦାଦାଗିରି ପୂର୍ବବର୍ଷଠାରୁ ଅଧିକ ଦେଖିବାକୁ ମିଳିଛି। ଏହାସହିତ ଚଳିତ ଖରିଫ୍ ଚାଷରେ ନାନୋ ସାରକୁ ବାଧ୍ୟତାମୂଳକ କରାଯାଇଛି। ଫଳରେ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ତେବେ କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ୍ ସମ୍ପୂର୍ଣ୍ଣ ଛାଡ଼, ପ୍ରତ୍ୟେକ ପରିବାରକୁ ଅନ୍ତତଃ ୩୦୦ ୟୁନିଟ୍ ବିଦ୍ୟୁତ ବିଲ୍ ଛାଡ଼, ବିଦ୍ୟୁତ କ୍ଷେତ୍ରରେ କମ୍ପାନୀକରଣକୁ ବନ୍ଦ, ଧାନବିକ୍ରି ବ୍ୟବସ୍ଥାରେ ମିଲର୍ସଙ୍କ ହସ୍ତକ୍ଷେପ ବନ୍ଦ, ନାନୋ ସାର ବ୍ୟବହାରକୁ ବାଧ୍ୟତାମୂଳକ କରା ନ ଯିବାକୁ ଜୟ କିଷାନ ଆନ୍ଦୋଳନ ଦାବି କରିଛି।

ଏହି ଦାବି ସମୂହକୁ ସରକାର ଗମ୍ଭୀରତାର ସହିତ ଚିନ୍ତା କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ, ଅନ୍ୟଥା ଜିଲାବ୍ୟାପୀ ଆନ୍ଦୋଳନ ବ୍ୟାପକ ହେବ ବୋଲି ଲିଙ୍ଗରାଜ ଚେତାବନୀ ଦେଇଥିଲେ। ଫସଲ ଥିବା ସମୟରେ କୌଣସି ପରିସ୍ଥିତିରେ ଚାଷୀଙ୍କ ବିଦ୍ୟୁତ୍ କାଟ୍ କରାଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଅକ୍ଷୟ ପ୍ରଧାନ, ନରେନ୍ଦ୍ର ନାୟକ, ମୋହନ ସାହୁ, ଜନ୍ମେଜୟ ଠାକୁର, ଭରତ ଚନ୍ଦ୍ର ନାୟକ, ମିନିଷ୍ଟର ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ପରିବା ବିକାଳି ମୃତ

**ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ଥାନା ନିକଟରେ ଶୁକ୍ରବାର ଭୋର୍‌ରୁ ଏକ ଦୁର୍ଘଟଣାରେ ଜଣେ ପରିବା ବିକାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଡ଼ୋଲ ଗ୍ରାମର ସରୋଜ ମାଝୀ(୪୬)। ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ଭଟଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜାଖୋଜି କରୁଛି। ସୂଚନା ଅନୁଯାୟୀ, ଉକ୍ତ ପରିବା ବେପାରୀ ଅନ୍ୟଦିନ ଭଳି ଶୁକ୍ରବାର ଭୋର୍‌ରୁ ଭଟଲି ବଜାରକୁ ପରିବା ଆଣିବା ପାଇଁ ସୁପର ଏକ୍ସଏଲ ମୋପେଡ୍ ଗାଡ଼ିରେ ଯାଇଥିଲେ। ମାତ୍ର ଭଟଲି ଥାନା ନିକଟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବା ଯୋଗୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଶାଳକ ଲବ ପଧାନଙ୍କ ଏତଲାକ୍ରମେ ଭଟଲି ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଦୁଲ୍‌ଦୁଲି, ଢେମ୍‌ସା ନୃତ୍ୟ ଦର୍ଶକଙ୍କ ମନ ମୋହିଲା

**ପଦ୍ମପୁର,୨୧।୨(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଆଲୋକ ବର୍ତ୍ତିକା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ପୃଷ୍ଠପୋଷକ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରବନ୍ଧକ ଡ. ନୃପରାଜ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଆଲୋକ ବର୍ତ୍ତିକା ନାମକରଣର ଯଥାର୍ଥତାକୁ ଉଚ୍ଚପ୍ରଶଂସା କରିବା ସହ ନାରୀଶିକ୍ଷାର ଗୁରୁତ୍ୱ ଉପରେ ତାଙ୍କର ଅଭିଭାଷଣ ରଖିଥିଲେ। ଅଧକ୍ଷା ନାଥ ସମାଜ ପ୍ରତି ଛାତ୍ରୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସାଂସ୍କୃତିକ ସମ୍ପାଦିକା ସୁଶ୍ରୀ ସଙ୍ଗୀତା ଗୌନ୍ତିଆ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ଅଧାପକ ଅକ୍ଷୟ ବାରିକଙ୍କ ନିର୍ଦ୍ଦେଶନାରେ ଏକାଙ୍କିକା 'କଲା ଗ୍ରାମ'ମଞ୍ଚସ୍ଥ ହୋଇଥିଲା ଓ ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି କହିଥିଲେ, ଆମେ ଏମିତି କିଛି କାମ କରିବା, ଯେଉଁଥି ପାଇଁ ସମାଜ ଆମକୁ ଚିରଦିନ ମନେରଖିବ। ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ଅଧିବେଶନରେ ଅଧକ୍ଷାଙ୍କ ଦ୍ୱାରା ବରେଣ୍ୟ ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଅଧାପକ ଧୀରେନ୍ଦ୍ର ବର୍ଗେଙ୍କ ନିର୍ଦ୍ଦେଶିତ ଏକାଙ୍କିକା 'ଶାଶୁମା' ସହ ଦୁଲ୍‌ଦୁଲି, ଢେମ୍ସା ଓ ଲାବଣୀ ନୃତ୍ୟ ଦର୍ଶକଙ୍କ ମନମୋହି ଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଅଧାପିକା ଡ. ଚନ୍ଦ୍ରିକା ଭୋଇ ପରିଚାଳନା କରିଥିଲେ। ଅଧାପିକା ସରିତାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ଦାବି

**ସୋହେଲା,୨୧।୨( ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାଠାରେ ଏକ ଉପଖଣ୍ଡ ସ୍ତରୀୟ ପୋଲିସ କାର୍ଯ୍ୟାଳୟ ଏବଂ ସୀମାନ୍ତ ଲୁହୁରାଚଟିଠାରେ ଏକ ପୋଲିସ ଫାଣ୍ଡି ସ୍ଥାପନ ପାଇଁ ଭଟିଲି ବିଧାୟକ ଇରାସିସ ଆଚାର୍ଯ୍ୟ ବିଧାନସଭାରେ ଦାବି କରିଛନ୍ତି। ସୋହେଲା ଏବଂ ବିଜେପୁରରୁ ପଦ୍ମପୁରର ଦୂରତା ୫୦ କି.ମି. ହୋଇଥିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ତେଣୁ ଉଭୟ ସୋହେଲା ଏବଂ ବିଜେପୁରକୁ ମିଶାଇ ସୋହେଲାଠାରେ ଏକ ଉପଖଣ୍ଡ ସ୍ତରୀୟ ପୋଲିସ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଦାବି କରିଛନ୍ତି ବିଧାୟକ ଆଚାର୍ଯ୍ୟ। ସେହିପରି ସୀମାନ୍ତ ଲୁହୁରାଚଟିଠାରେ ଏକ ପୋଲିସ ଫାଣ୍ଡି ନିର୍ମାଣ କରିବାକୁ ବିଧାୟକ ଦାବି କରିଛନ୍ତି। ସୀମାନ୍ତରେ ନିଶା କାରବାର ରୋକିବା ପାଇଁ ତଥା ଆନ୍ତଃରାଜ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ଲୁହୁରାଚଟିଠାରେ ତୁରନ୍ତ ଏକ ପୋଲିସ ଫାଣ୍ଡି ନିର୍ମାଣ କରିବା ପାଇଁ ଗୃହ ବିଭାଗକୁ ଦାବି କରିଛନ୍ତି। ଆଗାମୀ ଦିନରେ ସୋହେଲା ଅଞ୍ଚଳକୁ ଭୟମୁକ୍ତ ଓ ଅପରାଧ ମୁକ୍ତ କରିବା ପାଇଁ ସେ ସର୍ବଦା ଚେଷ୍ଟା କରିବେ ବୋଲି ଜଣାଇଛନ୍ତି ।

## ଦର୍ଲିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପାଇକମାଲ, ୨୧।୨(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଅଧୀନ ଦର୍ଲିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର କୁମାର ବାରିକ, ମାଣ୍ଡୋସିଲ ସରପଞ୍ଚ ଓମ୍ ପ୍ରକାଶ ନାୟକ, ସମିତି ସଭ୍ୟ ଗୁଲାମ ରଙ୍ଗରେଜ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବସୁଦେବ କୁମ୍ଭାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ନାୟକ, ମୁଖ୍ୟବକ୍ତା ମାଲପଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ମେହେର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳମଣି ଜଗତ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଅତିଥିଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିଲା ବେଳେ ସହକାରୀ ଶିକ୍ଷକ ସରଜୁ ପ୍ରସାଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୩୦ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସୁଦାମ କନ୍ଧେର ଓ ସମ୍ପଦ ନାୟକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବସୁଦେବ କୁମ୍ଭାର ସମସ୍ତ ଅତିଥି, ଅଭିଭାବକ ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଭଗବାନ ମାଝୀ, ପଦୁ ଧରୁଆ, ଅଶ୍ୱିନୀ ନାୟକ, ଭରତ ଧରୁଆ, ଦେବେନ୍ଦ୍ର ବର୍ହା, ସସ୍ମିତା ମାଝୀ, ଗୋମତୀ ଧରୁଆଙ୍କ ସମେତ ସମସ୍ତ ଦର୍ଲିପଡା ଗ୍ରାମବାସୀ ସହଯୋଗ କରିଥିଲେ ।

## ମାଟ୍ରିକ୍ ପରୀକ୍ଷା: ପ୍ରଥମ ଦିନରେ ୨୫୧ ଅନୁପସ୍ଥିତ

**ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମାତୃଭାଷା ବିଷୟରେ ପରୀକ୍ଷା ରହିଥିଲା। ତେବେ ପ୍ରଥମ ଦିବସରେ ବରଗଡ଼ ଜିଲାରେ ୨୫୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୨୪୨ଜଣ ଏଏଚ୍ଏସ୍‌ସି (ଏନୁଏଲ୍ ହାଇସ୍କୁଲ ସାର୍ଟିଫିକେଟ୍) ଏବଂ ୯ଜଣ ଏସ୍ଓଏସ୍‌ସି (ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷାର୍ଥୀ ଅଟନ୍ତି। ଉଲ୍ଲେଖନୀୟ, ଜିଲାରେ ଏଥର ସମୁଦାୟ ୧୭ହଜାର ୧୯୨ଜଣଙ୍କ ପାଇଁ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମଧ୍ୟରେ ୧୬ହଜାର ୯୭୯ଜଣ ଏଏଚ୍ଏସ୍‌ସି, ୧୧୧ଜଣ ଏସ୍ଓଏସ୍‌ସି, ୧୦୨ଜଣ ମଧ୍ୟମା ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଥମ ଦିନରେ ସମସ୍ତ ୧୦୨ଜଣ ମଧ୍ୟମା ପରୀକ୍ଷା ଦେଇଥିବାବେଳେ ୧୬ହଜାର ୭୩୭ଜଣ ଏଏଚ୍ଏସ୍‌ସି ଏବଂ ୧୦୨ଜଣ ଏସ୍ଓଏସ୍‌ସି ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ।

## ୫୧ଦିନରେ ୨୭୭୨ୟୁନିଟ୍ ରକ୍ତ ସଂଗ୍ରହ



ବରଗଡ଼ର ପୂର୍ବତନ ବିଧାୟକ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

**ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)**

**ସରିଲା ରେଡ୍ ଡ୍ରପ୍ ଅଲଟ୍ରା ମାରାଥନ୍ ଅଭିଯାନ**

ବରଗଡ଼ର ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରେଡ୍ ଡ୍ରପ୍ ଅଲଟ୍ରା ମାରାଥନ୍ ଅଭିଯାନ ଶୁକ୍ରବାର ଶେଷ ହୋଇଛି। ଏହି ଅଭିଯାନରେ ମୋଟ୍ ୨୭୭୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବରଗଡ଼ ବ୍ଲକ ଅନ୍ତର୍ଗତ ତାଲଶ୍ରୀଗିଡ଼ା ଗ୍ରାମରେ ଉଦ୍‌ଯାପନୀ ଦିବସରେ ରକ୍ତଦାନ ଶିବିର ହୋଇଥିଲା। ଗଣଦୃଷ୍ଟିର ସମ୍ପାଦକ ଉମେଶ ବିଶ୍ୱାଳ, ପ୍ରଦୀପ ପାଢ଼ୀ, ସ୍ଥାନୀୟ ସରପଞ୍ଚ ରିକନ୍ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୪୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ ସଂଯୋଗ ଏବଂ ନିଷ୍ଠା ପରିବାରର ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ। ଅନୁରୂପ ଭାବେ ଉଦ୍‌ଯାପନୀ ଦିବସରେ ଖଣ୍ଡହଥା ଆନ୍ଦ୍ରକ୍ୟାମ୍ପସ୍ଥିତ ନିଷ୍ଠା ଭବନରେ ଆଉ ଏକ ରକ୍ତଦାନ ଶିବିର ହୋଇଥିଲା। ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ନିଷ୍ଠା ପରିବାରର ସଦସ୍ୟମାନେ ରକ୍ତଦାନ କରିଥିଲେ। ଏହି ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ୩୦ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ନିଷ୍ଠା ପରିବାରର ଉପଦେଷ୍ଟା ଦୁର୍ବାଦଳ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଝାରବନ୍ଧ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଝାରବନ୍ଧ,୨୧।୨(ଦେବେନ୍ଦ୍ର ସାହୁ)**



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏମପି ପ୍ରଦୀପ କୁମାର ପୁରୋହିତ ଯୋଗଦାନ କରିଥିବାବେଳେ ମୁଖ୍ୟ ବକ୍ତାଭାବେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅଧକ୍ଷ ଲଳିତ ମୋହନ ପଣ୍ଡା, ସମ୍ମାନିତ ଅତିଥିଭାବେ ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା ଯୋଗଦାନ କରି ଜଣେ ଭଲ ମଣିଷ ହେବାପାଇଁ ହେଲେ ମା' ବାପା ଓ ଶିକ୍ଷକଙ୍କ ଆଶୀର୍ବାଦ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅଧାପକ ଡଲଫିନ ସୁନା ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ତାପସରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଓ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଚାରକଭାବେ ଅବସରପ୍ରାପ୍ତ ଅଧକ୍ଷ ସାନନ୍ଦ କୁମାର ସାହୁ, ଓଏଭି ପ୍ରିନ୍ସପାଲ ଜିତେନ୍ଦ୍ରୀୟ ପ୍ରଧାନ, ହରିପ୍ରିୟା ସାହୁ, ଦୁର୍ଗାପ୍ରସାଦ ଅଗ୍ରୱାଲ ଅଂଶ ଗ୍ରହଣ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଖ୍ୟାତିମୟ ତ୍ରିପାଠୀ, ମିନପ୍ରଭା ପ୍ରଧାନ, ରଶ୍ମି ମହାଲିଙ୍ଗ, ନବୀନ ମେହେର, ଗଗନ ବିହାରୀ ଡନସନା, ଅଶୋକ ହାତୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ଦର୍ଲୀମୁଣ୍ଡା ବିଜୟୀ: ଜୟ ବୁଢ଼ାରଜା କ୍ରିକେଟ ଉଦ୍‌ଘାଟିତ

**ପାଇକମାଲ,୨୧।୨(ବଡ ଶତପଥି)**

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ୫ମ ଜୟ ବୁଢାରଜା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ଏମପି ପ୍ରଦୀପ ପୁରୋହିତ ଓ ଗ୍ରାମ୍ୟ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ଜୟ ବୁଢାରଜା ଭୂତମୁଣ୍ଡା ଓ ନୂଆପଡ଼ା ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ନୂଆପଡା ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ନୂଆପଡା ଓ ଦର୍ଲୀମୁଣ୍ଡା ମଧ୍ୟରେ ହୋଇଥିଲା। ଦର୍ଲୀମୁଣ୍ଡା ବିଜୟ ହୋଇଥିଲା। ତୃତୀୟ ମ୍ୟାଚ ଟେଙ୍ଗନାବସା ଓ କାଂସଡ଼ା ମଧ୍ୟରେ ହୋଇଥିଲା। ଟେଙ୍ଗନାବସା ବିଜୟ ହୋଇଥିଲା। ଚତୁର୍ଥ ମ୍ୟାଚ ଟେଙ୍ଗନାବସା ଓ ଦର୍ଲୀମୁଣ୍ଡା ମଧ୍ୟରେ ହେଇଥିଲା। ମ୍ୟାଚରେ ଦର୍ଲୀମୁଣ୍ଡା ବିଜୟ ହୋଇଥିଲା। ଯଦୁମଣି ମାଝୀ ଓ ଜୟକାନ୍ତ ମାଝୀ ଖେଳ ପରିଚାଳନା କରିଥିଲେ। ଅମୀୟ ପ୍ରଧାନ ସ୍କୋରର ଥିବା ବେଳେ ଆଶିଷ ପ୍ରଧାନ, ମାଟୁ ପଟେଲ ଓ ଦୁଷ୍ମନ୍ତ ମାଝୀ, ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ । ପପୁ ମାଝୀ, ଚକ୍ରଧର ପ୍ରଧାନ, ଗିରିଧାରୀ ଧରୁଆ, ସହଯୋଗ କରିଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳି।

**ଯଦୁମଣି ଶେଖର ବଛା ସ୍ମାରକୀ କ୍ରିକେଟ**

## ଇଲେଭେନ୍ ଷ୍ଟାର ଚାମ୍ପିୟନ

**ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)**



କୃତୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସରେ ଶୁକ୍ରବାର ଯଦୁମଣି ଶେଖର ବଛା ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୫ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ରୟାଲ ହଣ୍ଟର୍, ଷ୍ଟ୍ରାଇକର୍ସ ଇଲେଭେନ୍, ଟିଚର୍ସ ଇଲେଭେନ, ପାଇରେଟ୍ସ ଇଲେଭେନ, ଟ୍ରାଇଡେଣ୍ଟ ଇଲେଭେନ ଏବଂ ଇଲେଭେନ ଷ୍ଟାର ଆଦି ୬ଟି ଦଳ ଅଂଶଗ୍ରହଣ କରିଥିଲେ। ରୟାଲ ହଣ୍ଟର ଏବଂ ଇଲେଭେନ ଷ୍ଟାର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ଇଲେଭେନ ଷ୍ଟାର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କ୍ରିଷ୍ଣା ପଟେଲ ମ୍ୟାନ୍ ଅଫ୍ ଦି ସିରିଜ୍, ଆର୍ୟନ ସାହୁ ବେଷ୍ଟ ବୋଲର ଏବଂ ରୋହନ କୁମାର ବେଷ୍ଟ ଫିଲଡର୍ ମନୋନୀତ ହୋଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଦଳ ଏବଂ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ଆର୍. ଏସ୍. ଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ ଆଦିତ୍ୟ ପ୍ରଧାନ, ଅବଦୁଲ ଫରିଦ୍‌ଖାନ୍, ସୁରଜପଣ୍ଡା ପୁରସ୍କାର ବିତରଣୀ ସମାରୋହ ସଂଯୋଜନା କରିଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ଉପଦେଷ୍ଟା, ଅଧକ୍ଷ, ଉପାଧକ୍ଷ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଯଦୁମଣି ବଛାଙ୍କ ସ୍ମୃତିଚାରଣ ସହିତ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ୨୬ ସାଇକେଲ ଜବତ, ୩ ଗିରଫ

**ରାଉରକେଲା, ୨୧।୨(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅଧୀନ ସିଭିଲଟାଉନଶିପ୍ ଏବଂ ପାନପୋଷର ବିଭିନ୍ନ ସ୍ଥାନରୁ ସାଇକେଲ ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତରା କଲୋନିର ରାକେଶ ମହାନନ୍ଦ(୧୯), ବାଲୁଘାଟ ଟାଇଗର କ୍ଲବର ଆଶିଷ ବାବା(୨୩) ଓ ରୁପୁଟୋଲାର ବିରେନ୍ଦ୍ର ଗୁରୁଙ୍ଗ(୨୧)। ସେମାନଙ୍କଠାରୁ ୨୬ଟି ଚୋରି ସାଇକେଲ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୯୮/୨୫) ରୁଜୁ କରି ଶୁକ୍ରବାର ସନ୍ଧ୍ୟା ୬ଟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଆଶିଷ ବାବାଙ୍କ ନାମରେ ପୂର୍ବରୁ ରଘୁନାଥପାଲୀ, ବ୍ରାହ୍ମଣୀତରଙ୍ଗ ଥାନାରେ ୯ଟି ଆପରାଧିକ ମାମଲା ରହିଛି। ସେହିପରି ରାକେଶ ମହାନନ୍ଦଙ୍କ ନାଁରେ ରଘୁନାଥପାଲୀ ଥାନାରେ ୩ଟି ତଥା ବିରେନ୍ଦ୍ରଙ୍କ ନାଁରେ ୩ଟି ମାମଲା ରହିଛି। ଏମାନେ କ୍ରମାଗତ ଭାବେ ଅପରାଧ ଘଟାଉଥିବା ବେଳେ ନିଜେ ଆଇନ କବଳରୁ ବର୍ତ୍ତିବା ପାଇଁ ନାବାଳକମାନଙ୍କୁ ଚୋରି ଗ୍ୟାଙ୍ଗରେ ସାମିଲ କରୁଥିଲେ। ଏହି ଗ୍ୟାଙ୍ଗ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

### ଭାରସାମ୍ୟ ହରାଇ ଓଲଟିଲା ବରଯାତ୍ରୀ ସ୍କର୍ପିଓ

**କୁତ୍ରା, ୨୧।୨(ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ବିରିଙ୍ଗାଟୋଲି ବସଷ୍ଟାଣ୍ଡ ନିକଟ ବିଜୁ ଏକ୍ସପ୍ରେସ ୱେ ଉପରେ ବରଯାତ୍ରୀ ଗାଡି ନଂ.ଓଡି ୩୩ଏଚ୮୬୪୩ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ହେଲେ ସ୍କର୍ପିଓରେ ବସିଥିବା ୭ ଜଣ ବରଯାତ୍ରୀ ଆହତ ହୋଇଥିବା ବେଳେ ଅଳ୍ପକେ ବଡ ଧରଣର କ୍ଷୟକ୍ଷତିରୁ ବର୍ତ୍ତିଯାଇଛନ୍ତି। ଘଟଣାରୁ ଜଣାପଡିଛି ଯେ, ରାଜଗାଙ୍ଗପୁର ବାରୁପରୁ ଏକ ବରଯାତ୍ରୀ ଦଳ ସୁନ୍ଦରଗଡର କିଞ୍ଜିର୍କେଲାକୁ ଯାଉଥିବା ବେଳେ ପୂର୍ବାହ୍ନ ୧୦ଟା ସମୟରେ ବିରିଙ୍ଗାଟୋଲି ନିକଟରେ ଭାରସାମ୍ୟ ହରାଇ ସ୍କର୍ପିଓ ଓଲଟି ପଡିଥିଲା। ସମସ୍ତ ଆହତଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା।



ଶୁକ୍ରବାର ରାଉରକେଲା ମହାନଗର ନିଗମ ଅଧୀନ ବୁରୁଟୋଲା ବସ୍ତି ଅଞ୍ଚଳରେ ସୁନ୍ଦରଗଡ଼ ଜିଲା କଳା, ନୃତ୍ୟ ଗବେଷଣା ଓ ତାଲିମ କେନ୍ଦ୍ର ପକ୍ଷରୁ ଲୋକକଳା ମାଧ୍ୟମରେ ଏଡ୍ସ ସଚେତନତା କରାଯାଉଛି।

## ଲୋକକଳା ମାଧ୍ୟମରେ ଏଡ୍ସ ସଚେତନତା

**ବେଦବ୍ୟାସ, ୨୧।୨(ଦେବବ୍ରତ ବେହୁରା)**

ବେଦବ୍ୟାସ ଓ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ଲୋକକଳା ମାଧ୍ୟମରେ ଏଚ୍ଆଇଭି ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା କଳା ନୃତ୍ୟ ଗବେଷଣା ଓ ତାଲିମ କେନ୍ଦ୍ରର ଦଳପତି ସୁଦର୍ଶନ ଜେନାଙ୍କ ଦଳ ଲୋକଗୀତ ମାଧ୍ୟମରେ ଏଚ୍ଆଇଭି ସଂକ୍ରମଣର ଲକ୍ଷଣ ଏବଂ ଏଥିରୁ ବର୍ତ୍ତିବା ପାଇଁ ନିରାକରଣ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଜନସାଧାରଣ ତଥା ଏସ୍ଏଚ୍ଜି ସଦସ୍ୟା ଉପସ୍ଥିତ ଥିଲେ।

# ନଦୀ ପ୍ରଦୂଷଣ କରୁଛି କାରଖାନା ବର୍ଜ୍ୟ

**ରାଉରକେଲା, ୨୧।୨(ସଙ୍ଗୀତା ଜେନା)**

ରାଉରକେଲା ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ବାୟୁ, ଜଳ ବ୍ୟାପକ ମାତ୍ରାରେ ପ୍ରଦୂଷଣ ହେଉଛି। ଏହାଯୋଗୁ ସ୍ଥାନୀୟ ଲୋକ ନାନା ଅସୁବିଧା ଭୋଗୁଛନ୍ତି। ଏହି ଅଞ୍ଚଳମାନଙ୍କରେ ଥିବା କଳକାରଖାନାର ଧୂଆଁଧୂଳି ଯୋଗୁ ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଥିବା ବେଳେ ବ୍ରାହ୍ମଣୀ ସମେତ ଅନ୍ୟ ଜଳଉତ୍ସରେ କାରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ପ୍ରଦୂଷଣ କରୁଥିବା ଜଣାପଡିଛି। ଖୁଲମଖୁଲା ନିୟମକୁ ଅଣଦେଖା କରି ଟ୍ରକ୍, ଟିପ୍ପର, ହାଇୱାରେ ବିପୁଳ ପରିମାଣର ବର୍ଜ୍ୟବସ୍ତୁ ନଦୀରେ ଫିଙ୍ଗାଯାଉଛି। ନଦୀ ଅବବାହିକାରେ ଟନ୍ ଟନ୍ ବର୍ଜ୍ୟବସ୍ତୁ ପଡ଼ି ରହି ଜଳଉତ୍ସକୁ ବିଷାକ୍ତ ଓ ବ୍ୟବହାର ଅନୁପଯୋଗୀ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍ପିସିବି) ପକ୍ଷରୁ ପ୍ରଦୂଷଣ କରୁଥିବା ଏବଂ ନିୟମ ମାନୁ ନ ଥିବା କଳକାରଖାନା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୂଚନା ଦିଆଯାଇଛି।

ରାଉରକେଲା ସମେତ କଳୁଙ୍ଗାରେ ସ୍ପଞ୍ଜ୍ଲୁହା କାରଖାନା ସହ ଜଡ଼ିତ ଡାଇରେକ୍ଟ ରିଡକ୍ସନ ଆଇରନ(ଡିଆର୍ଆଇ) କ୍ଲିନର, କୁଲର ଡିସ୍ଚାର୍ଜ ୟୁନିଟ୍, ଡିଆର୍ଆଇ କ୍ଲିନର କ୍ରଶର ଏବଂ ଉତ୍ପାଦ ପୃଥକୀକରଣ ୟୁନିଟ୍, ପାୱାରପ୍ଲାଣ୍ଟ, ରୋଲିଂ ମିଲ୍, ପ୍ଲେଟ ପ୍ଲାଣ୍ଟ, ଷ୍ଟିଲ୍ ମେଲ୍ଟିଂ ୟୁନିଟ୍ ଆଦି ରହିଛି। ଏଥିରୁ ବିପୁଳ ପରିମାଣରେ ଲୌହ କଣିକା ନିର୍ଗତ ହେଉଛି। ସ୍ପଞ୍ଜ୍ ଆଇରନ ୟୁନିଟ୍ର ଇଲେକ୍ଟ୍ରୋ ଷ୍ଟାଟିକ୍ ପ୍ରସିପିଟେଟର୍ରୁ ଘନ କଳା ଧୂଆଁ ନିର୍ଗତ ହେଉଛି। ଉକ୍ତ କାରଖାନାରୁ ବାହାରୁଥିବା ଲୌହମଳ, ସିନ୍ଥେଟିକ୍ ପ୍ଲାଷ୍ଟିକ୍ ଓ ଘାତକ କେମିକାଲ ଗୁଣ୍ଡ ସୁପରିଚାଳନା ପାଇଁ ବିଶେଷ ନିୟମ ରହିଛି। ଯାହାକୁ ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ପରିବେଶ ସହିତ ଜଳସ୍ରୋତରୁ ସିଧାସଳଖ ଜଳ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଜଳ ପ୍ରଦୂଷଣ ଯୋଗୁ ଜଳଚର ଜୀବ ମରିଯାଉଥିବା ବେଳେ ବିଭିନ୍ନ ଚର୍ମରୋଗ ହେଉଛି। ବାୟୁର ମାନ ଯାଞ୍ଚ ପାଇଁ କାରଖାନାଗୁଡ଼ିକ ନିଜ କମ୍ପାନୀ ପରିସରରେ ବାୟୁ ଗୁଣବତ୍ତା ମାନକାଙ୍କ (ଏକ୍ୟୁଆଇ) ମେଶିନ ସ୍ଥାପନ କରୁ ନ ଥିବା ଦେଖାଯାଉଛି। ରାଉରକେଲାର ସିଭିଲଟାଉନଶିପ୍, ବାସନ୍ତୀ କଲୋନି,



ବ୍ରାହ୍ମଣୀ ନଦୀକୂଳ ଜମିରେ ସ୍ପଞ୍ଜ୍ କାରଖାନାର ବର୍ଜ୍ୟବସ୍ତୁ ଗଦା କରାଯାଇଛି।

### ୧୨୮ ଶିଳ୍ପ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ଓଏସ୍ପିସିବି

ଛେଣ୍ଡ, କଳୁଙ୍ଗା, କୁଆଁରମୁଣ୍ଡ, ଜିଆବାହାଲ, ମାରଙ୍ଗପିଡ଼ି, ଗୋଇଭଙ୍ଗା, ଝାଡ଼ତରଙ୍ଗ, କାଲୋକୁଦର ତଥା ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ଥିବା ଶିଳ୍ପରୁ ପରିବେଶ ପ୍ରଦୂଷିତ ହେଉଥିବା କୁହାଯାଉଛି। ଏଥିପାଇଁ ଓଏସ୍ପିସିବି ପକ୍ଷରୁ କୁଆଁରମୁଣ୍ଡା, ଭାଗାଟୋଲା, ସିଭିଲଟାଉନଶିପ୍, ରାଜଗାଙ୍ଗପୁର, ଚିକଟମାଟି, ଜମୁନାନାକିର ୭୮ଟି କାରଖାନାକୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି। ସେହିପରି କଳୁଙ୍ଗା, ବାଙ୍କିଆ, ସିଭିଲଟାଉନସିପ୍, କୁନ୍ଦୁରୁକେଲା ସମେତ ଅନ୍ୟ ଅଞ୍ଚଳର ୨୨ଟି କାରଖାନାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କଳୁଙ୍ଗା, କୁଆଁରମୁଣ୍ଡା, ମାଣ୍ଡିଆକୁଦର ଅଞ୍ଚଳର ୧୧ଟି କାରଖାନାକୁ କ୍ଲୋଜର ନୋଟିସ୍ ଓ ୪ଟିକୁ ରିଫ୍ୟୁଜାଲ୍ ତଥା ୧୩ଟି ଶିଳ୍ପକୁ ଶୁଣାଣି ପାଇଁ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ଓଏସ୍ପିସିବି ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକଙ୍କୁ ପଚରାଯିବାରୁ ସେ କହିଲେ, ଇସ୍ପାତ ସହର ନିକଟ କଳୁଙ୍ଗା ଶିଳ୍ପାଞ୍ଚଳରେ ୧୨ଟି ବଡ଼ ଶିଳ୍ପ, ୧୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ରୋଲିଂ, ଇଣ୍ଡକ୍ସନ, ରିଫ୍ରାକ୍ଟୋରୀ ମିଲ୍ ରହିଛି। ଏଥିରୁ ୮/୧୦ ଘଣ୍ଟା ଧୂଆଁ ନିର୍ଗତ ହୋଇଥାଏ। ସେହିପରି କିଛି କମ୍ପାନୀ ନିୟମକୁ ଅଣଦେଖା କରୁଛନ୍ତି। ବାୟୁର ମାନ ପରଖିବା ପାଇଁ ଏକ୍ୟୁଆଇ ସବୁ କାରଖାନାରେ ଉପଲବ୍ଧ ନାହିଁ। ନିକଟରେ ଗୋଟିଏ ଭାରିଶିଳ୍ପକୁ ଏକ୍ୟୁଆଇ ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ରୋକିବା ପାଇଁ ନିୟମିତ ଯାଞ୍ଚ କରାଯାଇ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରାଯାଇଛି। ଯଥାଶୀଘ୍ର ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରାଯାଉଛି। କଳୁଙ୍ଗାରେ ଏକ କମ୍ପାନୀରେ ବଡ଼ ଧରଣର ଦୁର୍ଘଟଣା ପରେ ସେଠାରେ ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଜଳସ୍ରୋତର ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉଛି। ଅଦ୍ୟାବଧି ୬.୫-୮.୫ ପିଏଚ୍ ସ୍ତର ବଜାୟ ରହୁଥିବା ଦେଖାଯାଉଛି। ସେହିପରି ନଦୀରେ ବର୍ଜ୍ୟବସ୍ତୁ ଫିଙ୍ଗିବା ଅପରାଧ ଅଟେ। ଏଥିରୁ ନିବୃତ ରହିବା ଉଚିତ ବୋଲି ମଲ୍ଲିକ କହିଥିଲେ।

### ୨୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ

**ରାଉରକେଲା, ୨୧।୨(ଦିନେଶ ମିଶ୍ର):** ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗତ ୧୯ ତାରିଖରେ କୁଆଁରମୁଣ୍ଡା ବ୍ଲକର ରତାଖଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଡିଆଟୋଲାରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆର୍ଏସ୍ପି କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପକ୍ଷରୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ବିଭାଗର ସିଏମ୍ଓ ଇନ୍ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଅତିରିକ୍ତ ସିଏମ୍ଓ ଡାକ୍ତର ପ୍ରତିଭା ଷଡଙ୍ଗୀ, ସିଏସ୍ଆର ବିଭାଗର ଜିଏମ୍ ଇନ୍ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ୍ ବି. ମଲ୍ଲିକ, ଏଜିଏମ ଏ. ଏନ୍. ପତି, ମ୍ୟାନେଜର ସୁଶ୍ରୀ ରୀତା ସୁଧୀରମ ଏବଂ ସିଏସ୍ଆର ବିଭାଗର ଅନ୍ୟ ଅଧିକାରୀ ଶିବିର ପରିଦର୍ଶନ କରିଥିଲେ। ଆରଏସପିର ମେଡିସିନ୍ ଡାକ୍ତର ଦେବାଶିଷ ରାୟ, ଶିଶୁରୋଗ ଡାକ୍ତର ମାନଭଞ୍ଜନ, ସ୍ତ୍ରୀ ରୋଗ ଡାକ୍ତର ପ୍ରିୟା, ଚକ୍ଷୁ ରୋଗ ଡାକ୍ତର ପୁଷ୍ପା କୁମାରୀ, ଶଲ୍ୟ ଡାକ୍ତର ଜ୍ୟୋତି ରଞ୍ଜନ ସାହୁ ଏବଂ ଇଏନ୍ଟି ବିଭାଗର ଡାକ୍ତର ମଧୁସ୍ମିତା ହୋତା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ପ୍ରାୟ ୨୪୬ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା।

## ତୃଣମୂଳସ୍ତରରୁ କାର୍ଯ୍ୟ କଲେ ଓଡ଼ିଆ ଭାଷା ବଞ୍ଚିରହିବ

**ରାଉରକେଲା, ୨୧।୨(ସଙ୍ଗୀତା ଜେନା)**

ରାଉରକେଲା ଆମ୍ବାଗାନସ୍ଥିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭାଷା ବିକାଶ ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ତଥା ସାହିତ୍ୟିକ ବ୍ରଜେନ୍ଦ୍ର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆମ ରାଜ୍ୟ ନିଜ ମାତୃଭାଷାକୁ ସମ୍ମାନ ଜଣାଇ ଏହି ଭାଷାର ସମୃଦ୍ଧି ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟ କଲେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ବଞ୍ଚିରହିବ ବୋଲି ମୁଖ୍ୟଅତିଥି କହିଥିଲେ। ସାହିତ୍ୟିକ ନୃସିଂହ ଚରଣ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ, ପ୍ରାଚୀନ ସାହିତ୍ୟର ସଂରକ୍ଷଣ, ଓଡ଼ିଆ ଭାଷାର ଆଦ୍ୟ ପର୍ବ ଗ୍ରନ୍ଥାବଳୀର ଇ-ଲାଇବ୍ରେରୀ ସୃଷ୍ଟି ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହି ଜାତୀୟ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ପୀତବାସ ପ୍ରଧାନ, ଆଲୋକ ବୋଷ, ଅଜୟ ନାୟକ, ଗୌତମ ଦାସ, ଦେବେନ୍ଦ୍ର ମହାରଣା, ବସନ୍ତ କୁମାର ଦାସ, ପ୍ରଫୁଲ୍ଲ ସାମଲ, ଧନଞ୍ଜୟ ମଲ୍ଲିକ, ଚନ୍ଦ୍ରଶେଖର ପାଇକରାୟ, ଗଙ୍ଗାଧର ପୁହାଣ, ଅନନ୍ତ ପଟ୍ଟନାୟକଙ୍କ ସମେତ ବହୁ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ, ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଚତୁର୍ଥସ୍ତମ୍ଭର କର୍ମକର୍ତ୍ତା ଏବଂ ସାହିତ୍ୟ ପ୍ରତି ଅନୁରକ୍ତି ଥିବା ବ୍ୟବସାୟୀ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ଉଦିତନଗର ସରକାରୀ ହାଇସ୍କୁଲରେ ଛାତ୍ରୀଛାତ୍ର ପରୀକ୍ଷା ଦେବା ପରେ ବାହାରକୁ ଆସୁଛନ୍ତି।

## ୧୯ କେନ୍ଦ୍ରରେ ୪୭୬୨ ପରୀକ୍ଷାର୍ଥୀ

**ରାଉରକେଲା, ୨୧।୨(ଦିନେଶ ମିଶ୍ର)**

### ରାଉରକେଲାରେ ମାଟ୍ରିକ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାର ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ଆରମ୍ଭ ହୋଇଛି। ଚଳିତ ବର୍ଷ ଜିଲାରେ ସମୁଦାୟ ୨୩୦୦୧ ଜଣ ୧୧୭ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଉଥିବାବେଳେ ସେଥିରୁ ବିଶ୍ରା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ରାଉରକେଲାରେ ୬୯ଟି ସ୍କୁଲର ୪୭୬୨ ଜଣ ଛାତ୍ରୀଛାତ୍ର ୧୯ଟି କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ ସାହିତ୍ୟ ମାତୃଭାଷାରେ ପରୀକ୍ଷା ଥିଲା। ଏହି ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ସାଢେ ୧୧ଟାରେ ଶେଷ ହୋଇଥିଲା। ପରୀକ୍ଷାକେନ୍ଦ୍ରକୁ ଯିବା ପୂର୍ବରୁ ପରୀକ୍ଷାର୍ଥୀମାନଙ୍କୁ ଯାଞ୍ଚ କରାଯାଇଥିଲା। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ, କାଲକୁଟର ବାରଣ କରାଯାଇଥିଲା। କପି ରୋକିବା ପାଇଁ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ବିଦ୍ୟାଳୟ ସମ୍ମୁଖରେ ସୂଚନା ଫଳକ ଲଗାଇ ବିଦ୍ୟାର୍ଥୀଙ୍କୁ ଅବଗତ କରିଥିଲେ। ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ରହିବା ପାଇଁ ରାଉରକେଲାର ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଏନ୍ଏସି-ଏସ୍ଟି ହାଇସ୍କୁଲ ସେକ୍ଟର-୨୦ ଓ ସେକ୍ଟର-୧୮ ସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିରକୁ ୩ଟି ନୋଡାଲ ସେଣ୍ଟର କରାଯାଇଛି। ସକାଳ ସାଢେ ୭ଟାରୁ ପୋଲିସ ସହାୟତାରେ କଡା ସୁରକ୍ଷା ବଳୟରେ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଛି।

ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲାର ୧୭ଟି ବ୍ଲକରେ ୨୦ଟି ନୋଡାଲ ସେଣ୍ଟର ହୋଇଥିବାବେଳେ ୪୦୮ଟି ସ୍କୁଲର ୨୩୦୦୧ ବିଦ୍ୟାର୍ଥୀ ପରୀକ୍ଷା ଦେଉଛନ୍ତି। ରାଉରକେଲା ସହରରେ ଶାନ୍ତି ଶୃଙ୍ଖଳା ସହ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ପରିଚାଳନା କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ପ୍ରତ୍ୟେକ ପରୀକ୍ଷାକେନ୍ଦ୍ର ସମ୍ମୁଖରେ ଗୃହରକ୍ଷୀମାନଙ୍କୁ ନିୟୋଜିତ କରାଯିବା ସହ ପାଟ୍ରୋଲିଂ କରାଯାଇଥିଲା। ପ୍ରତି ପରୀକ୍ଷାକେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା ହୋଇଛି। ଏହାସାଙ୍ଗକୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୪ଟି ସ୍କ୍ୱାଡ୍ ଗଠନ କରାଯାଇ ପରୀକ୍ଷାକେନ୍ଦ୍ରରେ କପି ଯାଞ୍ଚ କରାଯାଇଥିବା ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ହକି: ଆର୍ଏସ୍ପି ଚାମ୍ପିୟନ

**ରାଉରକେଲା, ୨୧।୨(ଦିନେଶ ମିଶ୍ର)**

ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଆର୍ଏସ୍ପି ପକ୍ଷରୁ ଆୟୋଜିତ ଷ୍ଟିଲ୍ ପ୍ଲାଣ୍ଟ ସ୍ପୋର୍ଟସ ବୋର୍ଡ (ଏସ୍ପିଏସ୍ବି) ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିୟନଶିପ୍-୨୦୨୫ରେ ରାଉରକେଲା ଇସ୍ପାତ କାରଖାନା ଚାମ୍ପିୟନ ହୋଇଛି। ଟାଟା ଷ୍ଟିଲ୍ ଓ ଆରଏସ୍ପି ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ରେ ଆର୍ଏସ୍ପି ରୋମାଞ୍ଚକର ବିଜୟ ହାସଲ କରିଛି। ସଡନ ଡେଥ୍ରେ ଆରଏସ୍ପି ଟାଟା ଷ୍ଟିଲ୍କୁ ୧-୦ ଗୋଲ୍ରେ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ୧-୧ ଗୋଲ୍ରେ ଡ୍ର ରହିଥିଲା। ଏବଂ ପେନାଲ୍ଟି ଶୁଟ୍ଆଉଟ ମଧ୍ୟ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଶେଷରେ ଆର୍ଏସ୍ପି ବିଜୟ ହାସଲ ସହ ଚାମ୍ପିୟନ ଟାଇଟଲ୍ ହାସଲ କରିଥିଲା। ଉଦ୍ଯାପନୀ ସମାରୋହରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସହର ପ୍ରଶାସନ ଓ ସିଏସ୍ଆର ବିଭାଗର ସିଜିଏମ୍ ଇନ୍ଚାର୍ଜ ପି. କେ. ସ୍ୱାଇଁ ଉପସ୍ଥିତ ଥିଲେ। ଏସ୍ଏସ୍ଏମ୍ ବିଭାଗର ଏମ୍ଓଏମ୍ଟି ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ଅତିଥିମାନଙ୍କ ଗହଣରେ କୃତୀ ଦଳର ଖେଳାଳି।

## ମାତୃଭାଷା ବଞ୍ଚାଇ ରଖିବାକୁ ଶପଥ

**ରାଉରକେଲା, ୨୧।୨(ଦିନେଶ ମିଶ୍ର)**

ମୁଁ ଓଡ଼ିଶା ଗର୍ବିତ ସଙ୍ଗଠନ ପକ୍ଷରୁ କୋଏଲନଗର ସ୍ଥିତ କାର୍ଯ୍ୟାଳୟରେ ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ଭାଷାବିତ୍ ଯୋଗଦେଇ ଭାଷା ଆମର ପରିଚୟ ବୋଲି ମତ ପ୍ରକାଶ କରିଥିଲେ। ଭାଷା କେବଳ ଭାବର ଆଦାନ ପ୍ରଦାନ ନୁହଁ ବରଂ ଏହା ସମାଜ ବିକାଶ ସାଧନର ମାଧ୍ୟମ ବୋଲି ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ କହିଥିଲେ। ପରେ ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ସଙ୍ଗଠନର କର୍ମକର୍ତ୍ତା ଶପଥ ପାଠ କରିଥିଲେ। ଏହି ଅବସରରେ ମୁଁ ଓଡିଆ ଗର୍ବିତ ସଙ୍ଗଠନ ଉପସଭାପତି ନମିତା ତ୍ରିପାଠୀ, କୋଷାଧ୍ୟକ୍ଷ ଲୀନା ନାୟକ, ସଂଯୋଜକ ଗୋପାଳ ଜେନା, ସୁଧୀର ସୁନ୍ଦରରାୟ, ଅନିରୁଦ୍ଧ ବିଶ୍ୱାଳ, ପ୍ରୀତିରାଣୀ ରାଉତ, ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ରୀତୁରେଖା ସାହୁ, ବିରଜାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଡିଏମ୍ଙ୍କୁ ସ୍ମାରକପତ୍ର ଦେଲା ସିପିଆଇଏମ୍

**ରାଉରକେଲା, ୨୧।୨(ଦିନେଶ ମିଶ୍ର)**

### କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

କିଟ୍ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟାକୁ ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ଘଟଣାର ବିଚାର ବିଭାଗୀୟ ତଦନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ସିପିଆଇ(ଏମ୍) ରାଜ୍ୟ ତମାମ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଶୁକ୍ରବାର ପାର୍ଟିର ଆଞ୍ଚଳିକ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ଆଞ୍ଚଳିକ କମିଟି ସମ୍ପାଦକ ରାଜ କିଶୋର ପ୍ରଧାନ, ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ବିମାନ ମାଇତି, ଜିଲା କମିଟି ସଦସ୍ୟ ବି. ପି. ମହାପାତ୍ର, ବସନ୍ତ ନାୟକ, ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ, ବିନୟ ବେହୁରିଆ, ଏନ୍. ଏନ୍. ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁଣ ମହାରଣା, ସଚିନ ରାୟ, ଏନ୍. କେ. ରାଉତରାୟ, କୁଳମଣି ରାଉତ, ପ୍ରମୋଦ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ନାରୀ ସଶକ୍ତୀକରଣ ଜରିଆରେ ବିକଶିତ ଭାରତ ସଂକଳ୍ପକୁ ସଫଳ କରାଯିବ

ସମ୍ବଲପୁର,୨୧।୨(ପ୍ରମୋଦ ବହିଦାର)



କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ସମୀକ୍ଷା ବୈଠରେ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

ନାରୀ ସଶକ୍ତିକରଣ ଜରିଆରେ ବିକଶିତ ଭାରତ ସଂକଳ୍ପର ସଫଳ ରୂପାୟନ ସମ୍ଭବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ମହିଳା ଶିଶୁ ବିକାଶ ମନ୍ତ୍ରୀ ସାବିତ୍ରୀ ଠାକୁର କହିଛନ୍ତି। ଦିନିକିଆ ସମ୍ବଲପୁର ଗସ୍ତରେ ଆସି ଶୁକ୍ରବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଠାକୁର ଯୋଗଦେଇଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିଶୁ ଓ ମା'ଙ୍କ ପୋଷଣଯୁକ୍ତ ଖାଦ୍ୟ ବିତରଣ ଅଭିଯାନ, ନାରୀ ସଶକ୍ତି କରଣ ପାଇଁ ଜିଲାସ୍ତରୀୟ ପଦକ୍ଷେପ ସହିତ ମାତୃ ବନ୍ଦନା, ଲକ୍ଷପତି ଦିଦି ଆଦି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ଏଥିରେ ଉପୁଜୁଥିବା ସମସ୍ୟାର ସମୀକ୍ଷା କରିଥିଲେ। ଏହି ଅବସରରେ ସମ୍ବଲପୁର ଜିଲା ସହିତ ସମଗ୍ର ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ଡିଜିଟାଇଜେସନ ପାଇଁ ପ୍ରସ୍ତାବ ଦେଇଥିଲେ। ସେ କହିଲେ, ଏହାଦ୍ୱାରା ଅଙ୍ଗନୱାଡ଼ିରେ ତଥ୍ୟରେ ସ୍ୱଚ୍ଛତା ଆସିପାରିବ। ଏଠାରେ ପିଲାଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ସେମାନଙ୍କ ଉପସ୍ଥାନ, ପୋଷକଯୁକ୍ତ ଖାଦ୍ୟ ବଣ୍ଟନ, ଗର୍ଭବତୀ ମା'ଙ୍କ ସବିଶେଷ ତଥ୍ୟ ପର୍ଯ୍ୟନ୍ତ ସମସ୍ତ ବିବରଣୀ ମୋବାଇଲ ଆପ୍ ଯୋଗେ ମିଳିବା ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇଙ୍କ ସଂଯୋଜନାରେ ଆୟୋଜିତ ସମୀକ୍ଷା ବୈଠକ ପ୍ରାରମ୍ଭରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସାମାଜିକ କଲ୍ୟାଣ ଅଧିକାରୀ ରେଣୁବାଳ ନନ୍ଦ ମହିଳା ଓ ଶିଶୁ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ବିବରଣୀ ଉପସ୍ଥାପନ କରିଥିଲେ। ଧନକଉଡ଼ା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ବିଭିନ୍ନ ଯୋଜନାର ସଫଳତା ଉପସ୍ଥାପନ କରିଥିଲେ। ସହର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୀନତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହା ପୂର୍ବରୁ ସେ ଗୁରୁବାର ରାତିରେ ଢେଙ୍କାନାଳରୁ ଆସି ସମ୍ବଲପୁର ପହଞ୍ଚି ଏମ୍‌ସିଏଲ୍ ଜାଗୃତିବିହାର ଅତିଥି ଭବନରେ ରାତ୍ରୀ ଯାପନ କରିଥିଲେ। ଶୁକ୍ରବାର ସକାଳେ ସେ ସମ୍ବଲପୁର ଆସି ପୂର୍ବାହ୍ନ ୯ଟାରେ ପ୍ରଥମେ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହାବାଦ ସେ ଏମ୍‌ସିଏଚ୍ ଓ ଏନ୍‌ଆର୍‌ସି ପୋଷଣ ପୁନର୍ବାସ କେନ୍ଦ୍ର ପରିଦର୍ଶନ କରିବା ସହ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସେଠାରୁ ସେ ତବଲା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ, କତରବଗା ଗ୍ରାମର ଲକ୍ଷପତି ଦିଦିଙ୍କ ସହ ଆଲୋଚନା କରି ସମ୍ବଲପୁର ଫେରିଥିଲେ। ଅପରାହ୍ନ ୪ଟାରେ ଝାରସୁଗୁଡ଼ା ଅଭିମୁଖେ ବାହାରି ଯାଇଥିଲେ।

### ଅଙ୍ଗନୱାଡ଼ିର ଡିଜିଟାଇଜେଶନ ପାଇଁ ପ୍ରସ୍ତାବ

# ୮କେନ୍ଦ୍ରରେ ୧୧୦୭ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି



କୁଚିଣ୍ଡା ସରକାରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀଛାତ୍ର ବାହାରକୁ ଆସୁଛନ୍ତି।

କୁଚିଣ୍ଡା,୨୧।୨(ବିରଞ୍ଚି ଦର୍ଶା)

ରାଜ୍ୟରେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ସମ୍ବଲପୁର ଜିଲାର କୁଚିଣ୍ଡା ବ୍ଲକରେ ୯ଟି ପରୀକ୍ଷା କେନ୍ଦ୍ରରେ ୨୫ହାଇସ୍କୁଲର ମୋଟ ୧୧୦୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କୁଚିଣ୍ଡା ସରକାରୀ ହାଇସ୍କୁଲ ଓ ବାଳିକା ହାଇସ୍କୁଲ, ପାରୁଆଭାଡି, ଅର୍ଡାବାହାଲ ସରକାରୀ ବାଳିକା ହାଇସ୍କୁଲ, କୁଟୁରାଚୁଆଁ, ଚନ୍ଦନୀମାଲ, କୁନ୍ତରା, ଗୋଛରା ଏବଂ କୁଚିଣ୍ଡା ସରକାରୀ ହାଇସ୍କୁଲରେ ମଧ୍ୟମା କେନ୍ଦ୍ରକୁ ମିଶାଇ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଛି। ବ୍ଲକର ୧୧୨୦ ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ ଓ ୫ ପତ୍ରବିନିମୟଙ୍କ ମଧ୍ୟରୁ ୩ଜଣ କେନ୍ଦ୍ରକୁ ପରୀକ୍ଷା ଦେବାକୁ ନ ଆସି ଅନୁପସ୍ଥିତ ରହିଥିବା କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିତା ପଧାନ ପ୍ରକାଶ କରିଛନ୍ତି। ପ୍ରଥମ ଦିନ ପରୀକ୍ଷା ଓଡିଆ ସାହିତ୍ୟ ବିଷୟରେ ପରୀକ୍ଷା ହୋଇଥିବା ବେଳେ ଶାନ୍ତି ଓ ଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ହୋଇଥିବା ସେ କହିଛନ୍ତି।

# ଶ୍ରୀମାଙ୍କ ୧୪୮ ତମ ଜୟନ୍ତୀ ସମାରୋହ

ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମାତୃନିବାସ ପରିସରରେ ଶୁକ୍ରବାର ଦିବ୍ୟ ଜନନୀ ଶ୍ରୀମାଙ୍କ ପବିତ୍ର ଜନ୍ମ ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପାଠଚକ୍ର ସଭାପତି କମଳାଙ୍କ ଦ୍ୱାରା ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ପିଇଟି ଶିକ୍ଷକ ଆନନ୍ଦ ମିଶ୍ରଙ୍କ ସହଯୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ର ଆଧ୍ୟାତ୍ମିକ ପତାକାକୁ ଅଭିବାଦନ ଜଣାଇଥିଲେ। ଶ୍ରୀମାଙ୍କ ସମାଧି ନିକଟରେ ସମବେତ ଧ୍ୟାନ ପରେ ସ୍କୁଲ କମିଟି ସମ୍ପାଦକ ବୀରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପାଠଚକ୍ର ତଥା ଆଲୋଚନା ସଭା ହୋଇଥିଲା । ସୁନୀତା ମିଶ୍ର ଓ ସୁପ୍ରିୟା ମଣ୍ଡଳ ମାତୃ ବନ୍ଦନା ଗାନ କରିଥିଲେ । ବକ୍ତା ଭାବେ ମନୋରଞ୍ଜନ ପଟ୍ଟନାୟକ, ଡ. ରାଜେଶ କୁମାର ଶତପଥୀ ଯୋଗ ଦେଇଥିଲେ। ଶେଷରେ ଶ୍ରୀଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଦୁଃଖିଶ୍ୟାମ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ମାତୃଭାଷାରେ ଦକ୍ଷତା ହିଁ ମଣିଷର ପରିଚୟ



ଖିଣ୍ଡା ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ସଭାକକ୍ଷଠାରେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକମାନେ।

ସମ୍ବଲପୁର,୨୧।୨(ବି.ଶଙ୍କର)

### ଖିଣ୍ଡା ଉଚ୍ଚବିଦ୍ୟାଳୟରେ ମାତୃଭାଷା ଦିବସ

ମାତୃଭାଷା ପ୍ରତି ଛାତ୍ରୀଛାତ୍ରଙ୍କର ଆଗ୍ରହ ବଢ଼ାଇବା ନିମନ୍ତେ ସମ୍ବଲପୁର ଜିଲା ଖିଣ୍ଡା ସ୍ଥିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ସଭାକକ୍ଷଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଥିଲା। ସ୍ୱଭାବ କବି ଗଙ୍ଗାଧର ମେହେର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ସନ୍ଥକବି ଭୀମଭୋଇଙ୍କ ଚିତ୍ରପଟରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ମାଲ୍ୟାର୍ପଣ କରିଥିଲେ। ଏହାପରେ ମାତୃଭାଷାରେ ଦକ୍ଷତା ହିଁ ମଣିଷର ପରିଚୟ ତିଆରି କରେ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ଡ. ଗୌରିଦାସ ପଧାନ ଆଲୋଚନାଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡ. ପଧାନ ବିଭିନ୍ନ କବିଙ୍କ ଉଦାହରଣ ମାଧ୍ୟମ ନେଇ ମାତୃଭାଷାର କ୍ଷମତା ପ୍ରତିପାଦନ ବିଷୟରେ ମତ ଉପସ୍ଥାପନ କରିଥିଲେ। ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ସଂଘମିତ୍ରା ପଣ୍ଡା, ମମତା ସୁନା, ଶିକ୍ଷକ କାର୍ତ୍ତିକ ପଟେଲ, ସୌଭାଗ୍ୟ ବାରିକ କାର୍ଯକ୍ରମ ଆୟୋଜନରେ ସହାୟତା କରିଥିଲେ। ଶେଷ ପର୍ଯ୍ୟାୟରେ ଓଡ଼ିଆ କବି ଲେଖକଙ୍କ ଅବଦାନ ଉପରେ ଏକ ଜଣାଅଜଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନାକଟିଦେଉଳ,୨୧।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବ୍ଲକର ସମୁଦାୟ ୧୪ ଗ୍ରାମପଞ୍ଚାୟତର ୪୮୫ ଭିନ୍ନକ୍ଷମ ପଞ୍ଜିକୃତ କରିଥିଲେ। ତେବେ ଏଥି ମଧ୍ୟରୁ ଚଳନ ଶକ୍ତି ବାହିତରେ ୧୮୮ଜଣ, ମାନସିକ ବିକାରଗ୍ରସ୍ତ ୫୫, ଶ୍ରବଣ ଶକ୍ତି ବାହିତ ୪୫, ଦୃଷ୍ଟି ହୀନତାରେ ୩୬ ଏବଂ ରକ୍ତ ଶିକୁଳିରେ ୧୮ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରାମର୍ଶ ଦିଆଯାଇଥିଲା। ଏଥି ସହିତ ସମ୍ପୃକ୍ତ ରୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର କୁମାର ମହାନନ୍ଦ, ଜିଲା ଭିନ୍ନକ୍ଷମ ଓ ପୁନର୍ବାସ ଅଧିକାରୀ ରବୀନ୍ଦ୍ରନାଥ ଶତପଥୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଏବିଡ଼ିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ବୁର୍ଲା ଭୀମସାରର ବିଭିନ୍ନ ବିଭାଗର ବିଶେଷଜ୍ଞ ଯୋଗଦେଇ ରୋଗୀଙ୍କର ପରୀକ୍ଷା କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଏବଂ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ



ବଡସିଂଗାରୀସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ସଭା କକ୍ଷରେ ଓଏସଓୟୁ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୨୧।୨(ବି.ଶଙ୍କର)

### ମାତୃଭାଷା ଶିକ୍ଷଣ କୌଶଳରେ ବହୁଭାଷୀ ଶିକ୍ଷା ସମାବେଶ ଶୀର୍ଷକ ଆଲୋଚନା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ଶୁକ୍ରବାର ବଡସିଙ୍ଗାରୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ସଭାକକ୍ଷରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମାତୃଭାଷା ଶିକ୍ଷଣ କୌଶଳରେ ବହୁଭାଷୀ ଶିକ୍ଷା ସମାବେଶର ପ୍ରାସଙ୍ଗିକତା ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ପ୍ରମୋଦ କୁମାର ପାଢ଼ୀ, ଡ. ଉତ୍ତମ କୁମାର ପ୍ରଧାନ ଓ ରାଜେନ୍ଦ୍ର କୁମାର ପାଢ଼ୀ ଉକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ ଓ ହିନ୍ଦୀ ବିଭାଗର ମୁଖ୍ୟ ଡ. ନବନୀତ କୁମାର ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ଡ. ନବ କୁମାର ପଣ୍ଡା ଓ ଡ. ସଂଘମିତ୍ରା ପଣ୍ଡା ମଙ୍ଗଳାଚରଣ କରିଥିଲେ । ସେହିପରି ପ୍ରଥମ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ବିନା କୁମାରୀ ଓରାମ। ଦ୍ୱିତୀୟ ଅଧିବେଶନରେ ଏକ ଭାଷା ସଚେତନତା ମୂଳକ କବିତା ପାଠୋତ୍ସବ ହୋଇଥିଲା। ଏହାକୁ ସଂଯୋଜନା କରିଥିଲେ ରାଜେନ୍ଦ୍ର କୁମାର ପାଢ଼ୀ । ଏହି କବିତା ପାଠୋତ୍ସବରେ ଡ. ଶମ୍ଭୁନାଥ ଅଗ୍ରୱାଲ, ଡ. ଆଦିତ୍ୟ ପାଣ୍ଡେ, ସୁଧାଂଶୁ ଶେଖର ପଣ୍ଡା, ଶୁଭ୍ର ସୋରାଂଶୁ, ଗୁରୁ ଚରଣ ଲାଲ, ରାଧାକାନ୍ତ ସୁନା ପ୍ରମୁଖ ଭାଷା ସଚେତନତା ମୂଳକ କବିତା ଆବୃତ୍ତି କରିଥିଲେ । ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷା କେନ୍ଦ୍ରର କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହିକାର୍ଯ୍ୟକ୍ରମର ସମଗ୍ର କାର୍ଯ୍ୟକୁ ଡ. ସତନ କୁମାର ବାଗ ପରିଚାଳନା କରିଥିଲେ ।

# ଫାଇନାଲରେ ସମ୍ବଲପୁର ଦଳ

ସମ୍ବଲପୁର,୨୧।୨(ବି.ଶଙ୍କର)

### ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜିତ ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ

ସମ୍ବଲପୁର ଜିଲା ବର୍ଷୀୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୂର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଜିଲା ଦଳ ବିଜୟୀ ହୋଇଛି । ଏହି ବିଜୟ ସହ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସମ୍ବଲପୁର ଜିଲା ଓ ନୂଆଁପଡା ଜିଲା ମଧ୍ୟରେ ମ୍ୟାଚ ପ୍ରାୟ ଏକତରଫା ହୋଇଥିଲା। ମ୍ୟାଚ ପ୍ରାରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସମ୍ବଲପୁର ଦଳର ଖେଳାଳିମାନେ ଯୋଜନାବଦ୍ଧ ଭାବେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଫଳସ୍ୱରୁପ ସମ୍ବଲପୁର ଦଳ ୬-୧ ଗୋଲ ସ୍କୋରରେ ବିଜୟୀ ହୋଇଥିଲା । ମ୍ୟାଚର ୨୮, ୪୧ ଓ ୭୮ ତମ ମିନିଟରେ ଅଭୟ କିଷାନ ୩ଟି ଦର୍ଶନୀୟ ଗୋଲସ୍କୋର କରିଥିଲେ। ସେହିପରି ମ୍ୟାଚର ୪୯ତମ ମିନିଟରେ ଦଳ ଅନ୍ୟତମ ଖେଳାଳି ବିଷ୍ଣୁ ଓରାମ ଓ ୮୫ତମ ମିନିଟରେ ଆକାଶ ସାହୁ ଏବଂ ୮୮ତମ ମିନିଟରେ ବଣ୍ଟି ମୁଣ୍ଡା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ଦଳ ୬-୧ ଗୋଲରେ ବିଜୟୀ ହୋଇଥିଲା । ନୂଆଁପଡା ଦଳର ଖେଳାଳି ସଂଜୟ ଖଡିଆ ୧ଟି ଗୋଲ ସ୍କୋଲ କରିବାରେ ସଫଳ ହୋଇଥିଲେ। ଆଜିର ଖେଳକୁ ରାଜ୍ୟସ୍ତରୀୟ ରେଫରୀ ସୁବ୍ରତ ପୁରୋହିତ, ପଞ୍ଚାନନ ପାତ୍ର ଓ ସଲିଲ ବେହେରା ଏବଂ ଜିତୁ ପାତ୍ର ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ସଂଘର ସଭାପତି ଗୋକୁଳ ଦର୍ଜିଙ୍କ ପରିଚାଳନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥି ସ୍ୱାଗତ କରିଥିବା ବେଳେ ସାହେବ ଖମାରୀ ଉଦ୍‌ଘୋଷକ ଥିଲେ।

# ଆଦିବାସୀ ପରମ୍ପରାରେ ବିଶ୍ୱୀକରଣର ପ୍ରଭାବ

ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)



ସାଂସ୍କୃତିକ ବିଶ୍ୱୀକରଣର ପ୍ରଭାବ ସମ୍ପର୍କରେ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

### ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ସାଂସ୍କୃତିକ ବିଶ୍ୱୀକରଣର ପ୍ରଭାବ ସମ୍ପର୍କରେ ଆଲୋଚନାଚକ୍ର

ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ସାଂସ୍କୃତିକ ବିଶ୍ୱୀକରଣ ଏବଂ ସମସାମୟିକ ବିଶ୍ୱରେ ଏହାର ପ୍ରଭାବ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ରଘୁମଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ତତ୍ତ୍ୱମାସୀ ପାଲଟାସିଂହ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ଡ. ଶାଶ୍ୱତ ଚନ୍ଦ୍ର ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱୀକରଣ ଯୋଗୁ ବିଭିନ୍ନ ସମ୍ପ୍ରଦାୟ ଉପରେ ଏହାର ଗଭୀର ପ୍ରଭାବ ପଡିଥିବା ମୁଖ୍ୟ ଅତିଥି କହିଥିଲେ। ଏହାର ପ୍ରଭାବ ଯୋଗୁଁ ଆଦିବାସୀ ପରମ୍ପରାର ସଂରକ୍ଷଣ ଉପରେ ପ୍ରଭାବ ପକାଇଥିବା ସେ କହିଥିଲେ। ସ୍ଥାନୀୟ ପରମ୍ପରା, ଇତିହାସ ଏବଂ ପରିବେଶଗତ ବୁଝାମଣାକୁ ଆଧାର କରି ଆଦିବାସୀ ଜ୍ଞାନ ଏବଂ ସାଂସ୍କୃତିକ ଐତିହ୍ୟର ଭଣ୍ଡାର ରହିଆସିଛି। ତେବେ ଗୋଟିଏ ପଟେ ବିଶ୍ୱୀକରଣ, ପ୍ରଯୁକ୍ତିବିଦ୍ୟାର ଉନ୍ନତି ଏବଂ ବର୍ଦ୍ଧିତ ବିଶ୍ୱ ସଂଯୋଗ ଆଦିବାସୀ ସମ୍ପ୍ରଦାୟ ଗୁଡ଼ିକୁ ଡିଜିଟାଲ ପ୍ଲାଟଫର୍ମରେ ସେମାନଙ୍କର ପାରମ୍ପରିକ ଜ୍ଞାନକୁ ପହଞ୍ଚାଇବାରେ ସହଯୋଗ କରିଛି। ଏହାସହ ସାଂସ୍କୃତିକ ଐତିହ୍ୟର ବ୍ୟାପକ ସ୍ୱୀକୃତି ଏବଂ ପ୍ରଶଂସା ସାଉଁଟି ପାରିଛି। ଅନ୍ୟପକ୍ଷରେ, ବିଶ୍ୱୀକରଣ ଯୋଗୁ ଆଦିବାସୀ ଏବଂ ସ୍ଥାନୀୟ ସାଂସ୍କୃତିକ ଅବକ୍ଷୟ ଏବଂ ପାରମ୍ପରିକ ଜ୍ଞାନର କ୍ଷତି ମଧ୍ୟ ଘଟିଥିବା ମୁଖ୍ୟ ବକ୍ତା ଡ. ଶାଶ୍ୱତ ପୂଜାରୀ କହିଥିଲେ। ଶୈକ୍ଷିକ ଆଲୋଚନା, ଗବେଷଣା, ଉପସ୍ଥାପନା ଏବଂ ଆଦିବାସୀ ଜ୍ଞାନର ସ୍ଥାୟୀ ସଂରକ୍ଷଣ ପାଇଁ ରଣନୀତି ଉପରେ ଆଲୋକପାତ କରିବା ଜରୁରୀ ହୋଇ ପଡିଥିବା ସେ କହିଥିଲେ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ରଘୁମଣି ନାୟକ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମ ଭୋଇ, ସମାଜ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆୟୋଜକଙ୍କରେ ବିଭାଗୀୟ ଅଧ୍ୟାପିକା ଲକ୍ଷ୍ମୀପ୍ରୀୟା ଆଚାର୍ଯ୍ୟ ଏବଂ ଅଧ୍ୟାପକ ସୌମ୍ୟଜିତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରକାଶନ ସୁଦୃଢ଼ ହେଲେ ଲେଖକ, ପାଠକ ଦୂରତା କମିବ

ସମ୍ବଲପୁର,୨୧।୨(ଭବାନୀ ଶଙ୍କର ଭୋଇ)



ସମ୍ବଲପୁରୀ ଦରପନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ସଦସ୍ୟ।

ସମ୍ବଲପୁରୀ ଦରପନ ଅନୁଷ୍ଠାନ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସମ୍ବଲପୁରୀ ଦରପନର ଉପଦେଷ୍ଟା ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି, ଭାଷାର ବର୍ତ୍ତମାନ ସ୍ଥିତି ଏବଂ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ସମ୍ବଲପୁରୀ ଭାଷାରେ ପ୍ରକାଶନର ସମସ୍ୟା ଯୋଗୁ ବହୁ କବି ଲେଖକଙ୍କ ଲେଖା ଲୋକ ଲୋଚନକୁ ଆସିପାରୁ ନ ଥିବା ନେଇ ଚର୍ଚ୍ଚା କରାଯାଇଥିଲା। ଏଥିପାଇଁ ସମ୍ବଲପୁରୀ ଭାଷାରେ ଅଧିକରୁ ଅଧିକ ପୁସ୍ତକ ପ୍ରକାଶନ ନିମନ୍ତେ ସମ୍ବଲପୁରୀ ଦରପନ ପକ୍ଷରୁ ଦାୟିତ୍ୱ ନେବା ଜରୁରୀ ବୋଲି ଉପସ୍ଥିତ ଆଲୋଚକମାନେ ମତ ପ୍ରକାଶ କରିଥିଲେ। ପ୍ରକାଶନ ସୁଦୃଢ ହେଲେ ଲେଖକ ଏବଂ ପାଠକ ମଧ୍ୟରେ ଦୂରତା କମିବ ଏବଂ ସମ୍ବଲପୁରୀ ଭାଷାର ବିକାଶ ସମ୍ଭବ ହେବ ବୋଲି କାର୍ଯ୍ୟକ୍ରମରେ ବରିଷ୍ଠ ଲେଖକମାନେ ମତ ପୋଷଣ କରିଥିଲେ। ଏହି ଅବସରରେ ପ୍ରତି ମାସରେ ପ୍ରତି ସଦସ୍ୟ ଶହେଟଙ୍କାର ପାଣ୍ଠି ସଂଗ୍ରହ କରି ସେହି ପାଣ୍ଠିରେ ପୁସ୍ତକମାନ ପ୍ରକାଶନ କରିବାକୁ ଆଗଭର ହେବାକୁ ମତ ଦେଇଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଡେରାରେ ନିୟମିତ ସମ୍ବଲପୁରୀ କାର୍ଯ୍ୟକ୍ରମ ଆୟୋଜନ ନେଇ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସାଂସ୍କୃତିକ ସମାଜର ପୂର୍ବତନ ସଭାପତି ଅଶୋକ ମିଶ୍ର, ସମ୍ବଲପୁରୀ ଦରପନର କାର୍ଯ୍ୟକାରୀ ସମ୍ପାଦକ ଦେବୀ ପ୍ରସାଦ ଭୋଇ, ଅକ୍ଷର ଅନୁଷ୍ଠାନର ସମ୍ପାଦକ ମାନସ ରଂଜନ ଷଡଙ୍ଗୀ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ପଙ୍କଜିନୀ ମେହେର, ସୁଷମା ପ୍ରଧାନ, କିଶୋର ଧରେଇ, ଲଳିତ ମୋହନ ବେବର୍ତ୍ତା, ବ୍ୟଙ୍ଗକବି ଗୁଣ ରଞ୍ଜନ ସାଲିମା, ସୁପ୍ରୀୟା ଦାସ, ରାହୁଲ ଗୁପ୍ତା, ଲଳିତା ଭୋଇ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

## ସଂକ୍ଷେପରେ

### ବିଶ୍ୱ ମାତୃଭାଷା ଦିବସ ପାଳିତ

ଖପ୍ରାଖୋଲ,୨୧।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକଙ୍କ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧନ କର୍ମୀ ଜିତେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା ରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟଭାମା ସାହୁ, ମୁଖ୍ୟବକ୍ତା ଭାବରେ ଧରମ ସିଂ ଧରୁଆ, ସମ୍ମାନିତ ଅତିଥି ଭାବେ ମକାରୁ ଭୁଏ, ନାରାୟଣ କିଷାନ, ଦିବାକର ମହାପାତ୍ର, ସାଧନ କର୍ମୀ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଭାକୁ ସାଧନ କର୍ମୀ ମନୋରଞ୍ଜନ ବାରିକ ସଂଯୋଜନା କରିଥିଲେ। ଗୋଲାପ ବିଶି ଶପଥ ପାଠ କରାଇ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୁନୁ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

### ୨୩ରୁ ବଲାଙ୍ଗୀରରେ ମହିଳା ଟି-୨୦ କ୍ରିକେଟ

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)

ଫେବୃଆରୀ ୨୩ ଓ ୨୪ ତାରିଖ ଦୁଇଦିନ ଧରି ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସ୍ଥାନୀୟ ଅଗ୍ରଣୀ ମହିଳା ସଙ୍ଗଠନ ନାରୀଶକ୍ତି ଫାଉଣ୍ଡେଶନ ଆନୁକୂଲ୍ୟରେ ତଥା ଜିଲା କ୍ରୀଡ଼ା ସଂସଦ ସହଯୋଗରେ ଦୁଇଦିନ ଧରି ଏହି ରାଜ୍ୟସ୍ତରୀୟ ମହିଳା ଟି-୨୦ ଟୁର୍ନାମେଣ୍ଟ ଆୟୋଜିତ ହେବ। ଏଥିରେ ଆୟୋଜକ ବଲାଙ୍ଗୀର ଏକାଦଶ, ଭୁବନେଶ୍ୱରର ଦୁଇଟି ଦଳ ଓ ରାଉରକେଲାର ଗୋଟିଏ ଦଳ ଭାଗ ନେବେ। ସକାଳ ୯ଟାରୁ ଦୁଇ ଦିନର ମ୍ୟାଚ ଆରମ୍ଭ ହେବ। ବିଜେତା, ଉପବିଜେତା, ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲରଙ୍କ ପାଇଁ ବିଭିନ୍ନ ଆକର୍ଷଣୀୟ ପୁରସ୍କାର ରହିଥିବା ଫାଉଣ୍ଡେଶନ ସମ୍ପାଦିକା ନୂତନ ଦାସ ସୂଚନା ଦେଇଛନ୍ତି।

### ଦେଓଗାଁ ବ୍ଲକ: ୧୦ଟି କେନ୍ଦ୍ରରେ ପରୀକ୍ଷା ଦେଲେ ୧୨୯୮ ଛାତ୍ରୀଛାତ୍ର

ଦେଓଗାଁ,୨୧।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକର ୧୦ଟି କେନ୍ଦ୍ରରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ଦେଓଗାଁ, କୁର୍ଲୁଲା, ବନ୍ଧପଡା, ବଡବାହାଲ, ଅର୍ଜୁନପୁର, ରାମଚନ୍ଦ୍ରପୁର, ଜରାସିଂହା, ସାଲେପାଲି, ଉପରଝରେ, କରୁଆଁଝର ଆଦି ୧୦ଟି କେନ୍ଦ୍ରରେ ବ୍ଲକର ୨୮ଟି ହାଇସ୍କୁଲର ୧୨୯୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି । ତନ୍ମଧ୍ୟରୁ କରୁଆଁଝର କେନ୍ଦ୍ରରେ ୧୧ଜଣ, ବନ୍ଧପଡାରେ ୯, ଅର୍ଜୁନପୁରରେ ୮, ସାଲେପାଲିରେ ୬, କୁର୍ଲୁଲାରେ ୫, ଉପରଝରରେ ୩, ବଡବାହାଲରେ ୩ ,ଜରାସିଂହାରେ ୨କୁ ମିଶାଇ ମୋଟ ୪୭ଜଣ ଛାତ୍ରୀଛାତ୍ର ଉକ୍ତ କେନ୍ଦ୍ରଗୁଡିକରେ ଅନୁପସ୍ଥିତ ଥିବା ନୋଡାଲ ଅଧିକାରୀ ଅମ୍ବରୀଶ ଭୋଇ ସୂଚନା ଦେଇଛନ୍ତି । ଏଥିରୁ ଅଧିକାଂଶ କେନ୍ଦ୍ରରେ ପରୀକ୍ଷା ପାଇଁ ପଡିଥିବା ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କ ପରିବାର ଦାଦନ ଖଟିବାକୁ ଯାଇଥିବା ବେଳେ ପରୀକ୍ଷାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି ।

# ପ୍ରଥମ ଦିନ ପରୀକ୍ଷା ଦେଲେ ୨୧,୬୨୫ ଛାତ୍ରୀଛାତ୍ର

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)

- ମାଟ୍ରିକ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଉତ୍ସାହିତ
- ଅନୁପସ୍ଥିତ ୭୭୪ ଜଣ ପରୀକ୍ଷାର୍ଥୀ
- ଜିଲାର ୧୬୫ ପରୀକ୍ଷା କେନ୍ଦ୍ରରେ ହେବ ମାଟ୍ରିକ ପରୀକ୍ଷା
- ମୁକ୍ତ ଓ ଅବାଧ ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ପତିତପାବନ ଏକାଡେମୀ, ଟାଉନ ବାଳିକା ହାଇସ୍କୁଲ ସମେତ ଜିଲାର ୧୬୫ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସୁରୁଖୁରୁରେ ପରୀକ୍ଷା ଅନୁଷ୍ଠିତ ହୋଇଛି।

ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ପରୀକ୍ଷାର ପ୍ରଥମ ଦିନ ୨୨୦୪୨ ଜଣଙ୍କ ମଧ୍ୟରୁ ୨୧୩୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୭୩୭ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡିଛି। ସେହିପରି ମଧ୍ୟମା ୧୨୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୦ ଜଣ ପରୀକ୍ଷାରେ ଉପସ୍ଥିତ ଥିବା ବେଳେ ୬ ଜଣ ଅନୁପସ୍ଥିତ ଥିଲେ। ରାଜ୍ୟ ମୁକ୍ତ ସ୍କୁଲ କୋର୍ସର ୨୩୧ ଜଣଙ୍କ ମଧ୍ୟରୁ ୨୦୦ ଜଣ ଉପସ୍ଥିତ ଥିବା ବେଳେ ୩୧ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ପ୍ରଥମ ଦିନ ଓଡିଆ ଭାଷା ସାହିତ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ ସ୍କ୍ୱାଡ୍ ୨୧ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।


ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଛାତ୍ରୀଛାତ୍ରମାନେ ଧାଡିବାନ୍ଧି ଠିଆ ହୋଇଛନ୍ତି।

ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରମାନେ ସାଢ଼େ ୭ଟାରୁ ପରୀକ୍ଷା କେନ୍ଦ୍ରଗୁଡିକରେ ଆସି ଠିଆ ହୋଇଥିଲେ। ପ୍ରାୟ ୮ଟା ସମୟରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଦିଆଯାଇଥିଲା। ପରୀକ୍ଷା କେନ୍ଦ୍ର ମୁଖ୍ୟ ଗେଟ୍‌ରେ ପରୀକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରିଥିଲେ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ପରୀକ୍ଷା ସରିଥିଲା। ପ୍ରଥମ ଦିନର ପରୀକ୍ଷା ସୁରୁଖୁରୁରେ ସରିଥିବାରୁ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ରର ଉତ୍ତର ଲେଖିବାରେ ଅନେକ ଛାତ୍ରୀଛାତ୍ର ଅସୁବିଧା ସମ୍ମୁଖୀନ ହୋଇ ନ ଥିବା ଜଣାଇଥିଲେ। ଆଗକୁ ମଧ୍ୟ ପରୀକ୍ଷା ଭଲ ହେବ ବୋଲି ଛାତ୍ରୀଛାତ୍ରମାନେ ଆଶାବ୍ୟକ୍ତ କରିଛନ୍ତି। ନକଲ ଏବଂ ପ୍ରଶ୍ନପତ୍ର ଭାଇରାଲ ରୋକିବା ନେଇ ଚଳିତବର୍ଷ ବୋର୍ଡ ପକ୍ଷରୁ କରାଯାଇଥିବା କ୍ୟୁଆର କୋର୍ଡ ବ୍ୟବସ୍ଥାକୁ ଅନେକ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ସ୍କୁଲ ସମ୍ମୁଖ ଓ ଆଖପାଖରେ ଅଭିଭାବକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମାଟ୍ରିକ ପରୀକ୍ଷାକୁ ଆଖି ଆଗରେ ରଖି ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖାଯାଇଥିଲା।

# ପାଟଣାଗଡ଼ ଅଞ୍ଚଳରେ ବେଆଇନ ବିଦେଶୀ ମଦ ପ୍ରସ୍ତୁତି ଅଭିଯୋଗ

ପାଟଣାଗଡ,୨୧।୨(ସଚ୍ଚିଦାନନ୍ଦ ମହାକୁର)

- ନୀରବଦ୍ରଷ୍ଟା ସାଜିଛି ପୋଲିସ ଓ ଅବକାରୀ ବିଭାଗ
- ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ରାଜ୍ୟ ବାହାରର ଯୁବକ

ପାଟଣାଗଡ ସହରଠାରୁ ପଦ୍ମପୁରକୁ ଯାଇଥିବା ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ନିର୍ଦ୍ଦିଷ୍ଟ ଢାବା ଏବଂ ସହରଠାରୁ ବଲାଙ୍ଗୀରକୁ ଯାଇଥିବା ମୁଖ୍ୟ ରାସ୍ତା ପାର୍ଶ୍ୱର ଅନ୍ୟ ଏକ ଢାବାରେ ଦୈନନ୍ଦିନ ଛୋଟରୁ ବଡ ନକଲି ନାମିଦାମୀ ବ୍ରାଣ୍ଡର ବିଦେଶୀ ମଦ ତିଆରି ହେଉଥିବା ଅଭିଯୋଗ ହେଉଛି। ତେବେ ଏଥିପ୍ରତି ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି।

ପ୍ରକାଶ ଯେ, ବାହାର ରାଜ୍ୟରୁ ଆସି ପାଟଣାଗଡ ଅଞ୍ଚଳରେ କାୟା ବିସ୍ତାର କରିଥିବା କେତେଜଣ ଅଣ ଓଡିଆ ଯୁବକ ପୋଲିସ ଓ ଅବକାରୀ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ସହିତ ହାତ ମିଳାଇ ସ୍ପିରିଟ, ନିଶା ବଟିକା ଓ ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ବ୍ୟବହାର କରି ଦୈନନ୍ଦିନ ଛୋଟରୁ ବଡ କମ୍ପାନୀର ବିଦେଶୀ ମଦ ତିଆରି କରୁଥିବା ଅଭିଯୋଗ ହେଉଛି। ଏହି ଯୁବକମାନେ ରାୟପୁରସ୍ଥିତ ଟାଟିବନ୍ଧ ଅଞ୍ଚଳରେ ଥିବା ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଛୋଟରୁ ବଡ କମ୍ପାନୀର ଲୋଗୋ ଥିବା ଠିପି, ବୋତଲ ସହ ରାସାୟନିକ ପଦାର୍ଥ ଆଣି ନକଲି ବିଦେଶୀ ମଦ ତିଆରି କରୁଛନ୍ତି। ଭୋର ୪ ଟାରୁ ୫ଟା ଭିତରେ ଏହି ଯୁବକମାନେ କେତେକ ନିର୍ଦ୍ଦିଷ୍ଟ ଢାବା ଓ ଗ୍ରାମାଞ୍ଚଳରେ ଥିବା କୁଟିଆ ବିଦେଶୀ ମଦ ଦୋକାନକୁ ବିକ୍ରି କରିବା ପାଇଁ ଯୋଗାଇ ଦେଉଛନ୍ତି। ଏଥିରେ ଅଣ ଓଡିଆ ଯୁବକମାନେ ଲାଭବାନ ହେଉଥିବା ବେଳେ ଢାବା ମାଲିକ ଓ କୁଟିଆ ବ୍ୟବସାୟୀ ଅସଲି ସହିତ ନକଲିକୁ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରୁଥିବା ଅଭିଯୋଗ ହେଉଛି। ଫଳରେ ପ୍ରତିଦିନ ନିଶା ସେବନ କରୁଥିବା ବ୍ୟକ୍ତିମାନେ ରୋଗର ଶିକାର ହୋଇ ଖର୍ଚ୍ଚାନ୍ତରେ ପଡୁଛନ୍ତି। ଏଥିପ୍ରତି ଜିଲା ପୋଲିସ ଓ ଅବକାରୀ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମାଟ୍ରିକ ପରୀକ୍ଷା: ପ୍ରଥମ ଦିନରେ ଅନୁପସ୍ଥିତ ୧୫ ଛାତ୍ରୀଛାତ୍ର


ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀ ଦେବାଳୟ ଦର୍ଶନ ସାରି ଫେରିଛନ୍ତି।

ଲୋଇସିଂହା,୨୧।୨(ସୁଶାନ୍ତ ବାରିକ)

ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ୯୧୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୯୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୫ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ବ୍ଲକର ୧୭ ହାଇସ୍କୁଲରୁ ୯୧୩ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଫର୍ମ ଦାଖଲ କରିଥିଲେ। ଲୋଇସିଂହା ବାଳିକା ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ଯୋଗୀସର୍ଡା ନୋଡାଲ ହାଇସ୍କୁଲର ସମସ୍ତ ୮୯ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ସେହିପରି ଲୋଇସିଂହା ହରେକୃଷ୍ଣ ମହତାବ କେନ୍ଦ୍ରରେ ଶିଶୁ ବିଦ୍ୟାମନ୍ଦିର ଓ କେଉଁଟପାଲି ଆଦିବାସୀ

### ଲୋଇସିଂହା ବ୍ଲକ

ହରିଜନ ସ୍କୁଲର ୧୬୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ। ଯୋଗୀସର୍ଡା ନୋଡାଲ ହାଇସ୍କୁଲ କେନ୍ଦ୍ରରେ କୁଟେନପାଲି, ବୁଢୀପଦର ଓ ବାଦିବାହାଲ ସ୍କୁଲର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଠାରେ ୧୧୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ଜଣ ଅନୁପସ୍ଥିତ , ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲ କେନ୍ଦ୍ରରେ କନ୍ଦାଜୁରୀ, କୁଟୁରାପାଲି, ତଲିଉଡ଼ାର ୧୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଅନୁପସ୍ଥିତ, କୁଶଙ୍ଗ କେନ୍ଦ୍ରରେ ବଜା ଓ ଝାରମୁଣ୍ଡା ସ୍କୁଲର ୧୦୪ ପରୀକ୍ଷାର୍ଥୀରୁ ୯୯ ଉପସ୍ଥିତ ରହିଥିବା ବେଳେ ୫ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସରଗାଡ କେନ୍ଦ୍ରରେ ଉପରବାହାଲ ,କୁଶଙ୍ଗ, ରତାଖଣ୍ଡି ସ୍କୁଲରୁ ୨ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୧୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କୁଟୁରାପାଲି କେନ୍ଦ୍ରରେ ବୁରୋମୁଣ୍ଡା ଓ ସରଗାଡ ସ୍କୁଲର ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ମାତ୍ର ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ହସ୍ତଗତ ରିପୋର୍ଟରୁ ଜଣାପଡିଛି। ଲୋଇସିଂହା ବାଳିକା ଉଚ୍ଚବିଦ୍ୟାଳୟ ହବ କେନ୍ଦ୍ରରୁ ସମସ୍ତ କେନ୍ଦ୍ରକୁ ପ୍ରଶ୍ନପତ୍ର ଯୋଗାଣ ହେଉଥିବା ବେଳେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ଶିକ୍ଷାବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷାର୍ଥୀମାନେ ପ୍ରଥମ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେଉଥିବାରୁ ଦେବାଳୟ ଦର୍ଶନ କରି ଶୁଭ ମନାସି ଥିବା ଦେଖିବାକୁ ମିଳିଥିଲା।

### ଧରିତ୍ରୀ ପ୍ରଭାବ

# ରେଳ ଫାଟକରେ ଜଳିଲା ଷ୍ଟ୍ରିଟ୍ ଲାଇଟ

ଲାଠୋର,୨୧।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଫାଟକରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଦୀର୍ଘ ୬ ମାସ ହେବ ଜଳୁ ନ ଥିଲା। ଲାଇଟ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଫଳରେ ଦିନ ବେଳା ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ଲୋକଙ୍କୁ ବିଶେଷ ଅସୁବିଧା ହେଉ ନ ଥିଲା। ରାତିରେ ଫାଟକ ଦେଇ ଯିବା ଆସିବା ବେଳେ ଲୋକ ନା ନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ ଦୈନିକ ଧରିତ୍ରୀରେ 'ରେଳ ଫାଟକ ଷ୍ଟ୍ରିଟ ଲାଇଟ ଜଳୁନି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ମାଲପଡ଼ା ଗ୍ରାମର ଗଜମଣି ବାଗ ନାମକ ଶିକ୍ଷକ ଡିଆରଏମ ସମ୍ବଲପୁର ଏବଂ ଇଷ୍ଟ କୋଷ୍ଟ ରେଳ ଏକ୍ସ ଯୋଗେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ରେଳ ବିଭାଗ ପଦକ୍ଷେପ ଗ୍ରହଣ କରି ଲାଇଟ ମରାମତି କରିଥିଲେ। ବର୍ତ୍ତମାନ ଫାଟକଠାରେ ଷ୍ଟ୍ରିଟ ଲାଇଟ ଜଳୁଥିବା ଦେଖିବାକୁ ମିଳିଛି ।

# ତୁରେକେଲା କ୍ଲଷ୍ଟରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

କଣ୍ଟାବାଞ୍ଜି,୨୧।୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ବିଦ୍ୟାଳୟଗୁଡିକରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ତୁରେକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ସାହୁ ସଭା ପରିଚାଳନା କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ, ବକ୍ତୃତା ଓ ଶ୍ରୁତଲିଖନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ବିରଞ୍ଚି ନାରାୟଣ ଦାଶ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାତୃଭାଷା ଦିବସର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରଥ, ଚିକେଶ୍ୱରୀ ସେଠ, ବିନୋଦିନୀ ତାଣ୍ଡୀ, ରଜନୀ ମେହେର ଉପସ୍ଥିତ ଥିଲେ। ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଦାଶ ଅତିଥି ଭାବରେ ଯୋଗଦେଇ ଗଳ୍ପ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ମାତୃଭାଷାର ଉପକାରିତା ଉପରେ ବୁଝାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର ଓ ଧରିତ୍ରୀ ମେହେର ଛାତ୍ରୀଛାତ୍ରମାନେ ମାତୃଭାଷାରେ କିପରି ଗପ କହିବେ ସେନେଇ ପ୍ରୋତ୍ସାହିତ କରିଥିଲେ।

# ରେଙ୍ଗାଲିରେ ପୋଲିସର ଜନସମ୍ପର୍କ ଶିବିର


ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଖପ୍ରାଖୋଲ/ଲାଠୋର,୨୧।୨
(ଅଭୟ ତ୍ରିପାଠୀ/ଭୁବନେଶର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ଗାଁ ହାଇସ୍କୁଲ ଖେଳପଡିଆଠାରେ ପୋଲିସ ତରଫରୁ ଜନସମ୍ପର୍କ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସମ୍ପର୍କ ଶିବିର ରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକ ରିଷିକେଶ ଖିଲାରି , ସମ୍ମାନିତ ଅତିଥି ଭାବେ ପାଟଣାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୂଝାରୀ, ବଲାଙ୍ଗୀର ଡ଼ିଆଇଓସି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି, ସୁବେଦାର୍ ଜୟନ୍ତ ମହାପାତ୍ର, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର , ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ , ସ୍ଥାନୀୟ ସରପଞ୍ଚ ଉମାକାନ୍ତ ମେହେର ଯୋଗ ଦେଇଥିଲେ। ଏହି ଅବସରରେ

### ଖେଳକୁଦ ଓ ବିଭିନ୍ନ ଉପକରଣ ବଣ୍ଟନ

ଯୁବକମାନଙ୍କ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଶତାଧିକ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ, ସାଲ, ଛତା,ଶାଢ଼ୀ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ, ଟର୍ଚ୍ଚ ଓ ସାଂସ୍କୃତିକ ଦଳକୁ ବାଦ୍ୟ ଯନ୍ତ୍ର ବଣ୍ଟନ କରାଯାଇଥିଲା। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଏସଆଇ ଗୋପୀନାଥ ଥନାପତି , ଏଏସଆଇ ପ୍ରଫୁଲ୍ଲ କିସାନ, ହାବିଲଦାର ହେମରାଜ ଧରୁଆ, ହୃଷୀକେଶ ଛତ୍ରିଆ ଓ ଡିଭିଏଫ ଯବାନ ସହଯୋଗ କରିଥିଲେ।

# ସବୁ ବିସ୍ଥାପିତଙ୍କୁ ମିଳିନି କ୍ଷତିପୂରଣ

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)

- ବିଧାନସଭାରେ ଉଠିଲା ସୁକତେଲ ବିସ୍ଥାପିତଙ୍କ ସମସ୍ୟା
- ତୁଷୁରା ଏୟାରଷ୍ଟ୍ରିପ୍, ଦେଓଗାଁ ଚିନିକଳ ଉପରେ କଲିକେଶ କଲେ ପ୍ରଶ୍ନ

ବଲାଙ୍ଗୀର ଲୋୟର ସୁକତେଲ ବୃହତ୍ ଜଳସେଚନ ପ୍ରକଳ୍ପର ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଏବଂ ଜଳସେଚନ ସ୍ଥିତି ଉପରେ ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ପ୍ରଶ୍ନ କରିଛନ୍ତି। ଏହାସହିତ ତୁଷରା ଉଡାଜାହାଜ ପଡିଆ, ଦେଓଗାଁ ଚିନିକଳ ଏବଂ ଲାଠୋର ପିଲା ବିକ୍ରି ପ୍ରସଙ୍ଗ ଉଠାଇଥିଲେ। ବିଧାୟକ ସିଂଦେଓ ଲୋୟର ସୁକତେଲ ପ୍ରକଳ୍ପରେ ବଲାଙ୍ଗୀର ବ୍ଲକ ଓ ଲୋଇସିଂହା ବ୍ଲକ ଅଞ୍ଚଳର ୨୭ଟି ଗାଁର ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ବାସ୍ତବରେ କେତେ ପରିବାରକୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଇଛି ଓ ଆଉ କେତେ ପରିବାର କ୍ଷତିପୂରଣ ପାଇବାକୁ ବାକି ଅଛନ୍ତି ପ୍ରଶ୍ନ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଝାରୀ ଏହି ପ୍ରଶ୍ନର ଉତ୍ତରରେ ଲୋୟର ସୁକତେଲ ପ୍ରକଳ୍ପରେ ବଲାଙ୍ଗୀର ସଦର ବ୍ଲକ ଓ ଲୋଇସିଂହା ବ୍ଲକର ୨୭ଟି ଗ୍ରାମର ଲୋକମାନେ ବିସ୍ଥାପିତ ହୋଇଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର ବ୍ଲକର ୧୫ଟି ଗାଁର ୩୭୫୪ଟି ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ୩୫୬୦ ପରିବାରକୁ କ୍ଷତିପୂରଣ ବଣ୍ଟନ କରାଯାଇଛି। ବାକି ୧୪୨ଟି ପରିବାର ସଦସ୍ୟମାନେ ମୃତ୍ୟୁ ଘଟିବା କିମ୍ବା ଅନ୍ୟ କାରଣରୁ ଅଯୋଗ୍ୟ ହୋଇଥିବା ବେଳେ ୫୨ଟି ପରିବାର କ୍ଷତିପୂରଣ ଗ୍ରହଣ କରୁନାହାନ୍ତି। ଲୋଇସିଂହା ବ୍ଲକର ୧୨ଟି ଗାଁର ୩୪୮୪ ପରିବାର ବିସ୍ଥାପିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୨୧୬ ପରିବାରକୁ କ୍ଷତିପୂରଣ ବଣ୍ଟନ କରାଯାଇଛି। ବାକି ୧୨୨ଟି ପରିବାର ମୃତ୍ୟୁ କିମ୍ବା ଅନ୍ୟ କାରଣରୁ କ୍ଷତିପୂରଣ ପାଇନାହାନ୍ତି। ସେହିପରି ୧୪୮ ପରିବାର କ୍ଷତିପୂରଣ ନେଉନାହାଁନ୍ତି ବୋଲି ମନ୍ତ୍ରୀ ପୂଜାରୀ ଉତ୍ତର ରଖିଥିବା କଲିକେଶ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ୨୦୧୩ ମସିହାରେ ପଲିସି ପରିବର୍ତ୍ତନ ପରେ ନୂଆ ଆଇନ ଅନୁଯାୟୀ ସର୍ଭେ କରାଯାଇ କ୍ଷତିପୂରଣ ଦିଆଯାଇଥିବା ମନ୍ତ୍ରୀ କହିଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡାର ଶୁଷ୍କାଞ୍ଚଳରେ ଜଳ ସମସ୍ୟା ଦୂର ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି କଲିକେଶ କରିଥିବା ପ୍ରଶ୍ନର ଉତ୍ତରରେ ମହାନଦୀ ଓ ତେଲନଦୀ ବେସିନ ଅଞ୍ଚଳର ବଲାଙ୍ଗୀର ଜିଲାରେ ଲୋୟର ସୁକତେଲ ଡ୍ୟାମ ଓ କଳାହାଣ୍ଡି ଜିଲାରେ ସାନ୍ଧୁଲ ଭଳି ବ୍ୟାରେଜ ନିର୍ମାଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତଥ୍ୟ ଦେଇଥିବା ଜଣାଇଛନ୍ତି। ସେହିପରି ଉତ୍ତେଇ, ଅପର ଉଦନ୍ତି, ଅପରଲାନ୍ଥ, କଟଙ୍ଗୀ ଭଳି ଡ୍ୟାମ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଛି। ଲୋୟର ଉଦନ୍ତି, ମୋଟେର, ମୁରୋଲିଝର, ଅପରଉଦନ୍ତି, କୁକେଡମାଲରେ ତେଲ ବ୍ୟାରେଜ, ସିନ୍ଧେକେଲା ବ୍ୟାରେଜ, ଲୋୟର ଲାନ୍ଥ ଭଳି ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ କରାଯାଇଛି । ଜଳସେଚନ ବିଭାଗ ଭୂତଳ ଜଳ ସଂରକ୍ଷଣ ପାଇଁ ଲଇତରା, ଛତାମଖନା, ନନ୍ଦଗାଁ ଓ ଗୁଡଭେଲାରେ ଇନଷ୍ଟ୍ରିମ ଷ୍ଟୋରେଜ ନିର୍ମାଣ କରାଉଛନ୍ତି ବୋଲି ସୂଚନା ଦିଆଯାଇଥିବା ଜଣାଇଛନ୍ତି। ଏହାସହିତ ତେଲନଦୀରେ କୁକେଡମାଲ, ବେଲଗାଁ, ଇନ୍ଦ୍ରନଦୀର କୁରସୁଡ, ଉନ୍ଦେର ନଦୀର ପଥର୍ଲା, ଲାନ୍ଥନଦୀରେ ଲୋୟର ଲାନ୍ଥ, ସୋନଗଡର ସିଲେଟକାନୀ, ଅଙ୍ଗନଦୀରେ କୁଟାସିଂହା ଓ ମୁରୋଲିଜୋରରେ ଶଗଡାଠାରେ ଇନଷ୍ଟ୍ରିମ ଷ୍ଟୋରେଜ ନିର୍ମାଣ କରିବାକୁ ଯାଉଥିବା ସୂଚନା ଦେଇଛନ୍ତି। ବିଧାୟକ ସିଂଦେଓ ରାଜ୍ୟ ସରକାରଙ୍କୁ ତୁଷୁରା ଏୟାରଷ୍ଟ୍ରିପର ଉନ୍ନତିକରଣର ସ୍ଥିତି ନେଇ ପ୍ରଶ୍ନ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ତୁଷୁରା ଏୟାରଷ୍ଟ୍ରିପକୁ ୬୫ କୋଟି ଟଙ୍କାର ଅନୁଦାନ ଦିଆଯାଇ ଉନ୍ନତୀକରଣ କରାଯାଉଛି। ଏହାକୁ ୨-ବି ବର୍ଗକୁ ଉନ୍ନୀତ କରିବାକୁ ବେସରକାରୀ ଜମି ଅଧିଗ୍ରହଣ ଚାଲିଥିବା ବେଳେ ସରକାରୀ ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଛି। କେବଳ ତୁଷୁରା ନୁହେଁ ଆଗକୁ ଆହୁରି ୮ଟି ସ୍ଥାନରେ ଉଡାଜାହାଜ ପଡିଆ ବିକଶିତ କରିବାକୁ ସରକାର ଯୋଜନା କରିଥିବା ମନ୍ତ୍ରୀ ଜେନା ଉତ୍ତର ରଖିଥିବା କଲିକେଶ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### ଟିଟିଲାଗଡ଼ ଷ୍ଟେଶନ ନିକଟରେ ମାଲବାହୀ ବଗି ଲାଇନଚ୍ୟୁତ

ଟିଟିଲାଗଡ,୨୧।୨(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ ରେଳଷ୍ଟେଶନ ନିକଟରେ ମାଲବାହୀ ଟ୍ରେନର ୩ଟି ବଗି ଲାଇନଚ୍ୟୁତହୋଇଛି। ରେଳ ବିଭାଗ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି। କେଉଁ କାରଣରୁ ଏହା ଘଟିଲା ଏହାର ତଦନ୍ତ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ କଣ୍ଟାବାଞ୍ଜି ପଟରୁ ଆସିବାକୁ ଥିବା ସମସ୍ତ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

यूनियन बैंक ऑफ़ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) ଶ୍ରୀ ରାଜ କିଶୋର ବଳ, ସା.: ବଡପାଲ୍ଲି, ଭାୟା: ଆଉକୈଳପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ସୋନପୁର କଲେଜ ସମ୍ମୁଖରେ ଛାତ୍ରଙ୍କ ଧାରଣା

ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ)

ଅଭିଯୁକ୍ତଙ୍କୁ ଗିରଫ ଓ କଲେଜରେ ଶୈକ୍ଷିକ ପରିବେଶ ସୃଷ୍ଟି ଦାବିରେ ଛାତ୍ର ଶ୍ରୀକାନ୍ତ ସାହୁ ଶୁକ୍ରବାର ସୋନପୁର କଲେଜ ସମ୍ମୁଖରେ ଧାରଣା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବାରୁ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଅଭିଯୋଗ ଅନୁଯାୟୀ ଶ୍ରୀକାନ୍ତ ସୋନପୁର କଲେଜ ଯୁକ୍ତ ୩ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର। ତାଙ୍କୁ ଜାନୁଆରୀ ୭ରେ କଲେଜ ପରିସରରେ କିଛି ଛାତ୍ର ଓ ଅଣଛାତ୍ର ମିଳିତ ଭାବେ ମାରଣାନ୍ତକ ଆକ୍ରମଣ କରିଥିଲେ। ଶ୍ରୀକାନ୍ତ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଅଭିଯୋଗ କ୍ରମେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ଘଟଣାର ଦେଢ ମାସ ବିତି ଯାଇଥିଲେ ମଧ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାକୁ ସକ୍ଷମ ହୋଇନି।

### ଭାଜପା ଜିଲା ସଭାପତିଙ୍କୁ ସମ୍ବର୍ଦ୍ଧନା

ବିନିକା,୨୧।୨(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାଠାରେ ନୂତନ ଭାବେ ଦାୟିତ୍ୱ ବହନ କରିଥିବା ଭାଜପା ଜିଲା ସଭାପତି ବେଣୁଧର ଦାସଙ୍କୁ ଗୁରୁବାର ସନ୍ଧ୍ୟାରେ ବିନିକା ଭାଜପା ନଗର ଓ ବ୍ଲକ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ନୂତନ ସୁବର୍ଣ୍ଣପୁର ଭାଜପା ଜିଲା ସଭାପତି ବେଣୁଧର ଦାସଙ୍କୁ ଭାଜପା କର୍ମକର୍ତ୍ତା ମୁଖ୍ୟ ରାସ୍ତାରୁ ପାଛୋଟି ନେଇ ସଭା ସ୍ଥଳକୁ ଯାଇଥିଲେ। ସେଠାରେ ଭାଜପା ନଗର ପୂର୍ବତନ ସଭାପତି ଉଷତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ମ୍ବଦ୍ଧନା ସଭାରେ ଭାଜପା ଜିଲା ଉପ ସଭାପତି ଅଶୋକ କୁମାର ପୃଷ୍ଟି, ଜିଲା ପ୍ରଭାରୀ ବିଶ୍ୱମ୍ଭର ମିଶ୍ର, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା, ଉଦ୍ଧବ ମହାକୁଡ଼, ଏସସି ମୋର୍ଚ୍ଚା ଜିଲା ସଭାପତି ବିହାରୀ ମାଝୀ, ସାସଂଦ ନୋମିନି ବାବୁଲୁ ବିଶି, ପୂର୍ବତନ ନଗର ସଭାପତି କୃଷ୍ଣଚନ୍ଦ୍ର ସେଠୀ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁରୁଚି ବେହେରା, ସୋନପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ନବକୃଷ୍ଣ ଦନ୍ତା ମଞ୍ଚାସିନ ଥିଲେ। ନୂତନ ଭାବରେ ଦାୟିତ୍ୱ ପାଇଥିବା ସୁବର୍ଣ୍ଣପୁର ଜିଲା ସଭାପତି ଦାସଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଜିଲା ସଭାପତି ଓ ଅନ୍ୟ କର୍ମକର୍ତ୍ତା ନିସ୍ୱାର୍ଥ ଭାବରେ ଦଳର କାର୍ଯ୍ୟକରି ଅଞ୍ଚଳର ଉନ୍ନତି କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଭୁବନେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ । ପୂର୍ଣ୍ଣ ମେହେର, ଜୟଦେବ ହରି, ଗୋପାଳ କୃଷ୍ଣ ମହାଲିଙ୍ଗ, ଗିରିଷ ପୂରୋହିତ, ପ୍ରଦୀପ ମେହେରଙ୍କ ସମେତ ଭାଜପାର ପ୍ରମୁଖ ଯୋଗଦେଇଥିଲେ ।

# ପ୍ରଥମ ଦିନ ପରୀକ୍ଷା ଦେଲେ ୨୧,୬୨୫ ଛାତ୍ରୀଛାତ୍ର

ବଲାଙ୍ଗୀର,୨୧।୨(ବୀରେନ୍ଦ୍ର କୁମାର ଝାଙ୍କର)

- ମାଟ୍ରିକ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଉତ୍ସାହିତ
- ଅନୁପସ୍ଥିତ ୭୭୪ ଜଣ ପରୀକ୍ଷାର୍ଥୀ
- ଜିଲାର ୧୬୫ ପରୀକ୍ଷା କେନ୍ଦ୍ରରେ ହେବ ମାଟ୍ରିକ ପରୀକ୍ଷା
- ମୁକ୍ତ ଓ ଅବାଧ ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, ପତିତପାବନ ଏକାଡେମୀ, ଟାଉନ ବାଳିକା ହାଇସ୍କୁଲ ସମେତ ଜିଲାର ୧୬୫ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସୁରୁଖୁରୁରେ ପରୀକ୍ଷା ଅନୁଷ୍ଠିତ ହୋଇଛି।

ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ପରୀକ୍ଷାର ପ୍ରଥମ ଦିନ ୨୨୦୪୨ ଜଣଙ୍କ ମଧ୍ୟରୁ ୨୧୩୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୭୩୭ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବା ଜଣାପଡିଛି। ସେହିପରି ମଧ୍ୟମା ୧୨୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୦ ଜଣ ପରୀକ୍ଷାରେ ଉପସ୍ଥିତ ଥିବା ବେଳେ ୬ ଜଣ ଅନୁପସ୍ଥିତ ଥିଲେ। ରାଜ୍ୟ ମୁକ୍ତ ସ୍କୁଲ କୋର୍ସର ୨୩୧ ଜଣଙ୍କ ମଧ୍ୟରୁ ୨୦୦ ଜଣ ଉପସ୍ଥିତ ଥିବା ବେଳେ ୩୧ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ପ୍ରଥମ ଦିନ ଓଡିଆ ଭାଷା ସାହିତ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ ସ୍କ୍ୱାଡ୍ ୨୧ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।



ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଛାତ୍ରୀଛାତ୍ରମାନେ ଧାଡିବାନ୍ଧି ଠିଆ ହୋଇଛନ୍ତି।

ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରମାନେ ସାଢ଼େ ୭ଟାରୁ ପରୀକ୍ଷା କେନ୍ଦ୍ରଗୁଡିକରେ ଆସି ଠିଆ ହୋଇଥିଲେ। ପ୍ରାୟ ୮ଟା ସମୟରେ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଦିଆଯାଇଥିଲା। ପରୀକ୍ଷା କେନ୍ଦ୍ର ମୁଖ୍ୟ ଗେଟ୍‌ରେ ପରୀକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରିଥିଲେ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ପରୀକ୍ଷା ସରିଥିଲା। ପ୍ରଥମ ଦିନର ପରୀକ୍ଷା ସୁରୁଖୁରୁରେ ସରିଥିବାରୁ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ରର ଉତ୍ତର ଲେଖିବାରେ ଅନେକ ଛାତ୍ରୀଛାତ୍ର ଅସୁବିଧା ସମ୍ମୁଖୀନ ହୋଇ ନ ଥିବା ଜଣାଇଥିଲେ। ଆଗକୁ ମଧ ପରୀକ୍ଷା ଭଲ ହେବ ବୋଲି ଛାତ୍ରୀଛାତ୍ରମାନେ ଆଶାବ୍ୟକ୍ତ କରିଛନ୍ତି। ନକଲ ଏବଂ ପ୍ରଶ୍ନପତ୍ର ଭାଇରାଲ ରୋକିବା ନେଇ ଚଳିତବର୍ଷ ବୋର୍ଡ ପକ୍ଷରୁ କରାଯାଇଥିବା କ୍ୟୁଆର କୋର୍ଡ ବ୍ୟବସ୍ଥାକୁ ଅନେକ ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ। ସ୍କୁଲ ସମ୍ମୁଖ ଓ ଆଖପାଖରେ ଅଭିଭାବକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମାଟ୍ରିକ ପରୀକ୍ଷାକୁ ଆଖି ଆଗରେ ରଖି ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖାଯାଇଥିଲା।

# ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୧୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ



ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ବୁଲି ଦେଖୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)

ସାରା ରାଜ୍ୟରେ ଶୁକ୍ରବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲାରେ ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ୧୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ଚଳିତବର୍ଷ ଜିଲାରେ ୬୫୨୯ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୨୫ ଜଣ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ପରିଚାଳନା ପାଇଁ ଜିଲାରେ ୩୨ଟି କେନ୍ଦ୍ର କରାଯାଇଥିବା ବେଳେ ସେଥିମଧ୍ୟରୁ ୩୧ଟି କେନ୍ଦ୍ରରେ ରେଗୁଲାର ପରୀକ୍ଷା ଓ ଗୋଟିଏ କେନ୍ଦ୍ର ଜେବି ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପରୀକ୍ଷା କେନ୍ଦ୍ର କରାଯାଇଛି। ରେଗୁଲାର ଓ ଏକ୍ସ ରେଗୁଲାର ମିଶାଇ ୬୪୮୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଅଧୀନରେ ୪୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୯ ଜଣ ଅନୁପସ୍ଥିତ ଥିଲେ । ପରୀକ୍ଷା ପରିଚାଳନା ପାଇଁ ୩୨ ଜଣ ସୁପରିଟେଣ୍ଡେଣ୍ଟ ଓ ୩୨ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ପରୀକ୍ଷାଗୁଡିକ ସୁଚାରୁ ରୂପେ ହେଉଛି କି ନାହିଁ ଏନେଇ ଜିଲାପାଳ ସୁବ୍ରତ କୁମାର ପଣ୍ଡା ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ । ସହରର ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରସରା ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ।

# ମାତୃଭାଷାର ସୁରକ୍ଷାକୁ ଗୁରୁତ୍ୱ



ମାତୃଭାଷାର ସୁରକ୍ଷା ପାଇଁ ଶପଥ ଗ୍ରହଣ କରାଯାଉଛି।

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁଲ୍ତାସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଘ୍ନ ବିନାଶକ ଗଣେଶଙ୍କ ପୂଜାର୍ଚ୍ଚନା ପରେ ଛାତ୍ରୀମାନେ ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ଅଲିନା ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ଜ୍ୟୋତ୍ସ୍ନାରାଣୀ ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିବାବେଳେ ଶିକ୍ଷକ ସନ୍ତୋଷ ମେହେର ସମ୍ବିଧାନର ପ୍ରସ୍ତାବନା ପାଠ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ମାତୃଭାଷାର ସୁରକ୍ଷା ସହିତ ଏକ ସମୃଦ୍ଧ ଶୈକ୍ଷିକ ବାତାବରଣ ଗଢ଼ି ତୋଳିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଗଳ୍ପ କଥନ, ପୁସ୍ତକ ପଠନ, କବିତା ଆବୃତ୍ତି କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଫଣୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଛାତ୍ର ସର୍ବଦା ପରିଶ୍ରମ କରନ୍ତୁ

### ଚମ୍ପାମାଳ ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି,୨୧।୨(ପୀତାମ୍ବର ସାହୁ)

ଛାତ୍ରୀ ଛାତ୍ରମାନେ ଦେଶର ଭବିଷ୍ୟତ। ଛାତ୍ରୀ ଛାତ୍ରମାନଙ୍କ ସମୃଦ୍ଧି ଓ ଉନ୍ନତି ପାଇଁ ପ୍ରୟାସ କରିବା ଆବଶ୍ୟକ। ଏକାଗ୍ରତା,ଅଧ୍ୟବସାୟ ଓ କଠିନ ପରିଶ୍ରମ କଲେ ଯେକୌଣସି କାର୍ଯ୍ୟ ସଫଳ ହୋଇଥାଏ। ତେଣୁ ଛାତ୍ରୀଛାତ୍ର ସର୍ବଦା ପରିଶ୍ରମ କରିବା ଆବଶ୍ୟକ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଚମ୍ପାମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାଏକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଗଣପତି ଓ ବାବା ଚମ୍ପେଶରଙ୍କ ପୂଜାର୍ଚ୍ଚନା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଉତ୍ସବରେ ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ସତ୍ୟବାନ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ସୁବଳ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପୁରୋହିତ ଓ ଶକୁନ୍ତଳା ମହାପାତ୍ର ମଧ ମଞ୍ଚାସିନ ହୋଇ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ସମ୍ପର୍କତ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଝୁନୁ ଶତପଥି ସଭା ସଂଯୋଜନା କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶୀତା ହାସଲ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଯୋଗଦେଇଥିଲେ।

# ବୌଦ୍ଧ ଜିଲାରେ ଖୁଲମଖୁଲା ବିକ୍ରି ହେଉଛି ମଦ

ବୌଦ୍ଧ,୨୧।୨(ଅଜିତ କୁମାର ବାରିକ)

ବୌଦ୍ଧ ଏକ ଛୋଟିଆ ଜିଲା। ଜିଲା କହିଲେ ୩ ଗୋଟି ବ୍ଲକ ଓ ଗୋଟିଏ ଏନଏସି। କିନ୍ତୁ ଜିଲାରେ ଖୁଲମଖୁଲା ଭାବେ ମଦ ବିକ୍ରି ହେଉଛି। ବେଆଇନ ମଦ କାରବାର ଓ ଗଞ୍ଜେଇ ଚାଲାଣ ରୋକିବାରେ ଅବକାରୀ ବିଭାଗ ଓ ପୋଲିସ ବିଫଳ ହୋଇଛି । ମଦ କାରବାର ନେଇ କେବଳ ଆଖିଦୃଶିଆ ଚଢାଉ କରି କାମ ସାରିଦେଉଛି ଅବକାରୀ ବିଭାଗ । ଜିଲାରେ ବିଭିନ୍ନ ଛକ, ଢାବା, ହୋଟେଲ, ପାନ ଦୋକାନ ଆଦି ସ୍ଥାନଗୁଡିକରେ ବ୍ୟାପକ ଭାବେ କୁଚିଆ ମଦ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ଜିଲାରେ ୧୪ ଗୋଟି ବିଦେଶୀ ମଦ ଦୋକାନ ରହିଥିବା ବେଳେ ୨୯ ଗୋଟି ଦେଶୀମଦ ଭାଟି ରହିଛି। ଏତେ ସଂଖ୍ୟାରେ ସରକାରୀ ମଦ ଦୋକାନ ଖୋଲାଯାଇଥିବା ବେଳେ ବେଆଇନ ଭାବେ ମଦ ବିକ୍ରି ଚାଲିଛି । ଫଳରେ ଯୁବ ପିଢି ମଦ ପିଇ ବିପଥଗାମୀ ହେଉଛନ୍ତି । ମଦ ବିକ୍ରି ବୃଦ୍ଧି ପାଉଥିବାରୁ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି । ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । ମଦ ବିକ୍ରି ବନ୍ଦ ପାଇଁ ବହୁ ସମୟରେ ମହିଳା ଗୋଷ୍ଠୀ ଆନ୍ଦୋଳନ କରି ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଯଦି ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନ ନିଅନ୍ତି ଆଗାମୀ ଦିନରେ ଜିଲାରେ ମଦ ପାଇଁ ବହୁ ଧନଜୀବନ ନଷ୍ଟ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



କଳସ ଶୋଭାଯାତ୍ରାରେ ମହିଳାମାନେ।

ହରଭଙ୍ଗା,୨୧।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମ ପଞ୍ଚାୟତର ରତନପୁରଠାରେ ମହାବୀର ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳା ଓ ପୁରୁଷମାନେ ଲକ୍ଷ୍ମୀନାଳଠାରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ଯାଇ ମନ୍ଦିରରେ ପହଞ୍ଚିଥିଲେ । ଜଳ ଆସିବା ପରେ ପ୍ରଭୁଙ୍କ ପ୍ରତିଷ୍ଠା ଉତ୍ସବ ଅଙ୍କୁରୋପଣ, ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ଅଗ୍ନି ପୂଜା, ବିଶ୍ୱାଶାନ୍ତି ଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ଅଜିତ ବାରିକ, ଜନ୍ମିତା ବାରିକ, ବିଜୟ କର୍ଣ୍ଣ, ରେବତୀ କର୍ଣ୍ଣ, ସାମୁ ଦିବାକର ପ୍ରଧାନ ଥିବା ବେଳେ ପଣ୍ଡିତ ମନୋଜ କୁମାର ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ କୁମାର ପତି, ଅମର ଶତପଥୀ, ଜ୍ୟୋତି ପ୍ରକାଶ ମିଶ୍ର, ବିର କିଶୋର ଚନ୍ଦ, ନବ ଚନ୍ଦ ପୂଜା କାର୍ଯ୍ୟ ତୁଲାଇ ଥିଲେ ।

# ଜୀବନକୁ ଶୃଙ୍ଖଳିତ ରଖେ ପୁସ୍ତକ ପଠନ

ବରଗଡ଼,୨୧।୨(ପ୍ରେମାନନ୍ଦ ଖମାରୀ)





ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ବ୍ଲକ ଅନ୍ତର୍ଗତ ନିଲେଶ୍ୱର ଉଚ୍ଚ ବିଦ୍ୟାଳୟରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ଆବାହକ ଡ. ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନଞ୍ଜୟ ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଦୁର୍ବାଦଳ ମେହେର ମୁଖ୍ୟବକ୍ତା, ପ୍ରଧାନ ଶିକ୍ଷକ ଗୌରାଙ୍ଗ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୁସ୍ତକ ପଠନ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଶିଶୁଶ୍ରୀ ଅନୁଷ୍ଠାନର ସଭାପତି ମନୋରଞ୍ଜନ ମେହେର, ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ସଚ୍ଚିନ୍ଦ୍ର ବେହେରା, ଚନ୍ଦ୍ରଭାନୁ ପଣ୍ଡା, ଗୌରୀଶଙ୍କର ସାହୁ, ସାନନ୍ଦ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ର ଜୀବନରେ ପୁସ୍ତକ ଏବଂ ପାଠାଗାରର ଭୂମିକା, ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁସ୍ତକ ପ୍ରଦର୍ଶନୀ ହୋଇଥିଲା ଏବଂ ଛାତ୍ରୀଛାତ୍ର ପୁସ୍ତକ ପଠନ କରି ବକ୍ତବ୍ୟ ରଖିଥିଲେ। ସେମାନଙ୍କ ମଧ୍ୟରୁ ପୁରନ୍ଦର ସାହୁ, ଖୁସବୁ ସାହୁ ଏବଂ ସୌରଭ ଭୋଇଙ୍କୁ ପୁସ୍ତକ, ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା।

# ରାମଧୁନ କ୍ଲବ ସୁବର୍ଣ୍ଣପୁର ସେମିରେ

ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ)





ମ୍ୟାନ୍ ଅଫ ଦି ମ୍ୟାଚ୍ ସୁନିଲ ବାଘଙ୍କୁ ପୁରସ୍କୃତ କରାଯାଉଛି।

### ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ୍

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୬ତମ ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ପୁଲ୍–ବିର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଉରକେଲା ରେଡ୍ ଓ ଆୟୋଜକ ସୁବର୍ଣ୍ଣପୁର ରାମଧୁନ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ବେଶ ସଂଘର୍ଷ ପୂର୍ଣ୍ଣ ଥିଲା । ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇନଥିଲେ। ଟ୍ରାଇବ୍ରେକରରେ ରାଉରକେଲା ରେଡ୍ ଦଳକୁ ୪–୩ ଗୋଲରେ ପରାସ୍ତ କରି ରାମଧୁନ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ରାମଧୁନ କ୍ଲବର ସୁନିଲ ବାଘଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ମ୍ୟାଚ୍‌କୁ ରେଫେରି ଜିତେନ୍ଦ୍ର ଥନାପତି ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ ସୁଜିତ୍ ରାଜହଂସ, ସଞ୍ଜନ କୁଦେଇ ଓ ଫର୍ଥ ଅଫିସିଆଲ ସଞ୍ଜିବ୍ ସାହୁ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ବିଦ୍ୟା ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଟ୍‌ର ମାର୍କେଟିଂ ମ୍ୟାନେଜର ସୁବଳ ସାହୁ ଓ ଶାରୀରିକ ଶିକ୍ଷା ଶିକ୍ଷକ ରାମ କୁମାର ସାହୁ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବରେ ଘରୋଇ ବସ ମାଲିକ ସଂଘର ଜିଲା ସଭାପତି ଦୀପକ ମହାପାତ୍ର, ସମ୍ପାଦକ ସୁଦର୍ଶନ ପଣ୍ଡା, କାଉନସିଲର ଗଙ୍ଗାଧର ତରିଆ, ସୁକାନ୍ତ ସାହୁ, ପି ରାଜକିଶୋର ରାଓ, ଭାଗରଥୀ ମିଶ୍ର, କନେଷ୍ଟବଲ–ହାବିଲଦାର ସଂଘର ପ୍ରକ୍ତନ ଜିଲା ସଭାପତି କୁମୁଦ ରଞ୍ଜନ ମେହେର, ଯୁକ୍ତ ୨ ଆଦିତି କଲେଜର ଅଧକ୍ଷ ନିଶାନ୍ତ ମହାନ୍ତି, ମାଧବ ମହଲା, ଭେଟେରାନ ଫୁଟବଲ ଖେଳାଳି ଗୋବିନ୍ଦ ଦାସ ତରିଆ, ପଦ୍ମନାଭ ଧରୁଆ, ରିଆଜ ମହମ୍ମଦ ମଞ୍ଚାସିନ ଥିଲେ। ଦିଗାମ୍ବର ଶତପଥୀ ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ପୀୟଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଭା ଆୟୋଜିତ ହୋଇଥିଲା। ରାମଧୁନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ଶନିବାର ସେମିଫାଇନାଲ ମ୍ୟାଚ୍ ସୁବର୍ଣ୍ଣପୁର ରାମଧୁନ କ୍ଲବ ଓ କଟକ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହେବ।


यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି । ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ବଡହାଟ କେନ୍ଦ୍ରାପଡା ଶାଖା/ ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) ଶ୍ରୀ ରାଜ କିଶୋର ବଳ, ସା.: ବଡପାଲ୍ଲି, ଭାୟା: ଆଉକେଇଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚତିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଜମିରୁ ମୃତ ଦେହ ଜବତ

**ଲହୁଣୀପଡା,୨୧।୨(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଆମରୁ ଗ୍ରାମର ଜମିରୁ ଏକ ମୃତଦେହ ପୋଲିସ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ଜାମ୍ବୀରା ବୁରୀଉଲ। ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ମୁଣ୍ଡା ସମ୍ପ୍ରଦାୟର ମାଗେ ପରବ ଆମରୁ ଗ୍ରାମରେ ଗତ ୧୮ ତାରିଖ ରାତିରେ ଅନୁଷ୍ଠିତ ହୋଇଥିଲା। ମାଗେ ପରବ ଦେଖିବାକୁ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଗ୍ରାମର ଜାମ୍ବୀରା ଯାଇଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଗ୍ରାମର କେତେଜଣ ଲୋକେ ଛେଳି ଚରାଇବା ପାଇଁ ଯାଉଥିବା ବେଳେ ଜମିରେ ଏକ ବ୍ୟକ୍ତିର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ କେ. ବଲାଙ୍ଗ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଲହୁଣୀପଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ୭୮୦ ବିୟର ବୋତଲ ଜବତ

**ସବଡେଗା,୨୧।୨ (ଅନନ୍ତ ପଟେଲ):** ସୁନ୍ଦରଗଡ ଜିଲା ସବଡେଗାଠାରେ ଥିବା ଏକ ହୋଟେଲରୁ ଏବଂ ହୋଟେଲ ମାଲିକଙ୍କ ଘରେ ଅବକାରୀ ବିଭାଗ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁରଜ ନାଏକ, ସୁଶାନ୍ତ ସିଂ ଓ ହୋଟେଲ ମାଲିକ ସନ୍ତୋଷ କୁମାର ନାଇକ। ଶୁକ୍ରବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହ ହୋଟେଲ ଏବଂ ହୋଟେଲ ମାଲିକଙ୍କ ଘରୁ ବିପୁଳ ପରିମାଣର ବିୟର ବୋତଲ ଜବତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ହୋଟେଲ ଏବଂ ହୋଟେଲ ମାଲିକଙ୍କ ଘରେ ବିପୁଳ ପରିମାଣରେ ମଦ ରହିଥିବା ଏବଂ ବିକ୍ରି ହେଉଥିବା ଖବର ପାଇ ସୁନ୍ଦରଗଡ ଅବକାରୀ ବିଭାଗର ସୁପରିଟେଣ୍ଡେନ ପ୍ରମୋଦ କୁମାର ପଣ୍ଡାଙ୍କ ଆଦେଶ କ୍ରମେ ସବଡେଗା ଓ ସୁନ୍ଦରଗଡ ଅବକାରୀ ବିଭାଗ ଏକ ଟିମ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୬୫ ପେଟି ବିୟର ଜବତ ହୋଇଛି। ଯେଉଁଥିରେ ୭୮୦ଟି ବିୟର ବୋତଲ ଥିବା ଅବକାରୀ ବିଭାଗ ସୂଚନା ଦେଇଛି।

### ଓଭିଇପିର ବାର୍ଷିକ ଉତ୍ସବ ପାଳିତ



**ରାଉରକେଲା,୨୧।୨(ଦିନେଶ ମିଶ୍ର):** କୋଏଲନଗରସ୍ଥିତ ଓଭିଇପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଏବିଇଓ ସତ୍ୟଭାମା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପିଲାଙ୍କୁ ଶୃଙ୍ଖଳା, ଚରିତ୍ର ଗଠନ ଓ ସମୟାନୁବର୍ତ୍ତିତା ଅନୁସରଣ କରିବା ସହିତ ଓଭିଇପିର ମୁଖ୍ୟ ଉଦ୍ଦେଶ୍ୟ ଉପରେ ସେ ଆଲୋକପାତ କରିଥିଲେ। ସିଆର୍‌ସିସି ଦୀପ୍ତିମୟୀ ପରିଡା ମୁଖ୍ୟ ବକ୍ତା, ଆର୍‌ଇସି କ୍ଲଷ୍ଟର ସିଆର୍‌ସିସି ସିପ୍ରା ସାହୁ, ଗାନ୍ଧୀ ସରକାରୀ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନକ କୁମାରୀ ପରିଡା ଓ ମିଶ୍ର ଖଟାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମଲ୍ଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ପରିଚାଳନା କମିଟି ସଭାପତି ପୂର୍ଣ୍ଣିମା ସାଏ ଓ ଶିକ୍ଷୟିତ୍ରୀ ମନୋରମା ବେହେରା ମଞ୍ଚ ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଦୀନବନ୍ଧୁ କାମିଲା ଧନ୍ୟବାଦ ଅର୍ପଣ କରିଥିଲେ।

### ସୋନପୁର କଲେଜ ସମ୍ମୁଖରେ ଛାତ୍ରଙ୍କ ଧାରଣା

**ସୋନପୁର,୨୧।୨(ମୃତ୍ୟୁଞ୍ଜୟ ଶତପଥୀ):** ଅଭିଯୁକ୍ତଙ୍କୁ ଗିରଫ ଓ କଲେଜରେ ଶୈକ୍ଷିକ ପରିବେଶ ସୃଷ୍ଟି ଦାବିରେ ଛାତ୍ର ଶ୍ରୀକାନ୍ତ ସାହୁ ଶୁକ୍ରବାର ସୋନପୁର କଲେଜ ସମ୍ମୁଖରେ ଧାରଣା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବାରୁ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି।




ନାଟକ ମହୋତ୍ସବରେ ପୁରସ୍କାର ନେଇ କଳାକାରମାନେ ସୂଚନା ଦେଉଛନ୍ତି।

# ନାଟକ ମହୋତ୍ସବରେ ପଞ୍ଚତତ୍ତ୍ୱ ପୁରସ୍କୃତ

**ରାଉରକେଲା,୨୧।୨(ସଙ୍ଗୀତା ଜେନା)**

ଚଳିତ ମାସ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ବିହାର ମୁଙ୍ଗେର ଜିଲାର ବରିହାରପୁରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ନାଟକ ମହୋତ୍ସବରେ ରାଉରକେଲାର ନାଟ୍ୟାନୁଷ୍ଠାନ ପଞ୍ଚତତ୍ତ୍ୱ ସଫଳତା ଲାଭ କରିଛି। ଏଥିରେ ଅନୁଷ୍ଠାନ ଶ୍ରେଷ୍ଠ ପ୍ରଯୋଜନା, ନିର୍ଦ୍ଦେଶନା, କାହାଣୀ, ଅଭିନେତା ଓ ଖଳନାୟକ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ଅନୁଷ୍ଠାନର କଳାକାରମାନେ ପୁରସ୍କୃତ ହେବା ପରେ ରାଉରକେଲା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫେସସ୍ ଅଫ୍ ୱିମେନ୍ ନାଟକ ପାଇଁ ପଞ୍ଚତତ୍ତ୍ୱକୁ ଏହି ପୁରସ୍କାର ମିଳିଛି। ଏ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ନାଟ୍ୟାନୁଷ୍ଠାନର ପ୍ରତିଷ୍ଠାତା ଜନ୍ମେଜୟ ମହାନ୍ତି, ନିହାର ରଞ୍ଜନ ମିଶ୍ର, ଦିବ୍ୟାଂଶୁ ସାହୁ, ସାଇଚନ୍ଦନ ପ୍ରଧାନ, ଫୁଲ ମୁର୍ମୁ, ଶ୍ରୀକାନ୍ତ ନନ୍ଦ, ବନ୍ଦନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକର ରଚୟିତା ତଥା ନିର୍ଦ୍ଦେଶକ ନିହାର ରଞ୍ଜନ ମିଶ୍ର ଯୋଗଦେଇ କହିଲେ, ମୁଙ୍ଗେରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ ନେପାଳ, ଭାରତର ଉତ୍ତରପ୍ରଦେଶ, ଓଡ଼ିଶା ଓ ଅନ୍ୟ ରାଜ୍ୟରୁ କଳାକାରମାନେ ଯୋଗ ଦେଇଥିଲେ। ମଞ୍ଚ ନାଟକ, ପଥପ୍ରାନ୍ତ ନାଟକ, ନୃତ୍ୟସଙ୍ଗୀତ ଓ ଥିଏଟର କରାଯାଇଥିଲା। ଫିଜିକାଲ ଥିଏଟର ଆଦି ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟବର୍ଗରେ ନାଟକ ପୁରସ୍କୃତ ହୋଇଥିଲା। ଦେଶବିଦେଶରୁ ଆସିଥିବା କଳାକାରମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହୋଇଥିଲା। ନାଟ୍ୟାନୁଷ୍ଠାନର କଳାପ୍ରଦର୍ଶନ ବେଶ୍ ପ୍ରଶଂସନୀୟ ହୋଇଥିଲା। ଆଗାମୀ ଦିନରେ ବିଦେଶ ଯିବା ପାଇଁ ମଧ୍ୟ ଆମନ୍ତ୍ରଣ ମିଳିଛି ବୋଲି ମିଶ୍ର ସୂଚନା ଦେଇଥିଲେ।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମଦ ବନ୍ଦ ଦାବିରେ ତାତିଲେ ମହିଳା

**ସୁନ୍ଦରଗଡ,୨୦।୨(ଜୟ ନାରାୟଣ ମେଣ୍ଟୁଳି)**

ହେମଗିର ବ୍ଲକର ବିଭିନ୍ନ ପଞ୍ଚାୟତରେ ମଦ ବନ୍ଦ ବିକ୍ରି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲୁଲୁମ ବାହାଲ ପଞ୍ଚାୟତବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପଞ୍ଚାୟତରେ ଅବାଧ ମଦ କାରବାର ଯୋଗୁ ଅଞ୍ଚଳରେ ବିଶୃଙ୍ଖଳିତ ପରିସ୍ଥିତି ଦେଖାଯାଉଛି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମଦ ବିକ୍ରି ଚାଲିଛି। ସେଥିମଧ୍ୟରୁ ବେହେରାମୁଣ୍ଡା ଗ୍ରାମସ୍ଥିତ ସ୍କୁଲକୁ ଲାଗି ରହିଥିବା ମଦ ଦୋକାନକୁ ଉଠାଇବା ପାଇଁ ସୁନ୍ଦରଗଡ ଜିଲାପାଳଙ୍କଠାରେ ପଞ୍ଚାୟତବାସୀଙ୍କ ତରଫରୁ ଦାବି କରାଯାଇଛି। ସ୍କୁଲ ପାଖରେ ମଦ ଦୋକାନ ରହିବା ଦ୍ୱାରା ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧାସୃଷ୍ଟି ହେଉଛି। ତୁରନ୍ତ ଦୃଢ ପଦକ୍ଷେପ ସ୍ୱରୂପ ଏହି ପଞ୍ଚାୟତରେ ମଦ ବିକ୍ରି ବନ୍ଦ କରାଯିବାକୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମଦବିକ୍ରି ହେବନାହିଁ ଓ ଯିଏ ମଦବିକ୍ରି କରିବ ତା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆନ୍ଦୋଳନକୁ କୋଶଳ ସମାଜ ମହିଳା ସଚିବ ପଦ୍ମା ଦେବୀ ସମର୍ଥନ କରିବା ସହ ଜିଲାପାଳ ଅଫିସ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଉପସ୍ଥିତ ରହି ଅନ୍ୟାୟ ବିରୋଧରେ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଲୁଲୁମବାହାଲ ପଞ୍ଚାୟତର ବିଲାସିନୀ ସେଠ, କଳ୍ପନା ବିଶ୍ୱାଳ, ବିଣା ସେଠ, ଚନ୍ଦ୍ରକାନ୍ତି କର୍ଣ୍ଣା, ଶାନ୍ତି କୋଡବହଲିଆ, ବୀଣାପାଣି ପାଟଯୋଷୀ, ସାବିତ୍ରୀ ବିଶ୍ୱାଳ, ସୁମିତ୍ରା ବିଶ୍ୱାଳ, ବିହାରୀ ସାହୁଙ୍କ ସମେତ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଏଥିରେ ସାମିଲ ହୋଇଥିଲେ।

### ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକକୁ ଜାତୀୟ ପରିବେଶ, ସ୍ଥାୟିତ୍ୱ ପୁରସ୍କାର

**ସୁନ୍ଦରଗଡ,୨୧।୨(ଜୟ ନାରାୟଣ ମେଣ୍ଟୁଳି):** ଜଙ୍ଗଲ, ପରିବେଶ ସୁରକ୍ଷା ତଥା ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ତୃଣମୂଳ ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁନ୍ଦରଗଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକକୁ ଜାତୀୟ ପରିବେଶ ଏବଂ ସ୍ଥାୟୀତ୍ୱ ପୁରସ୍କାର ( ନ୍ୟାସନାଲ ଏନଭାୟାରମେଣ୍ଟ ଆଣ୍ଡ ସଷ୍ଟେନେବୁଲ ଆୱାର୍ଡ)ରେ ସମ୍ମାନିତ କରାଯାଇଛି। ଶୁକ୍ରବାର ଦିଲ୍ଲୀ ୟୁନିଭରସିଟି ଠାରେ ସୋସାଇଟି ଫର ଏନଭାରମେଣ୍ଟ ଆଣ୍ଡ ସଷ୍ଟେନେବୁଲ ଡେଭେଲପମେଣ୍ଟ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେବକର ବରିଷ୍ଠ ପରାମର୍ଶଦାତା ବିଜୟାନନ୍ଦ ନାଏକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସେବକ ସୁନ୍ଦରଗଡ ଜିଲା ଅନ୍ତର୍ଗତ ରଙ୍ଗିଆମୁଣ୍ଡାରେ ଅବସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଜିଲାର ବେକାର ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜଳ, ଜମି, ଜଙ୍ଗଲର ସୁରକ୍ଷା ତଥା ଲୋକଙ୍କ ଜୀବନ ଜୀବିକାର ମାନରେ ଉନ୍ନତି ଆଣିବାର ଲକ୍ଷ୍ୟରଖି ଦୀର୍ଘ ୩୦ ବର୍ଷ ଧରି ନିରନ୍ତର ଭାବରେ କାର୍ଯ୍ୟ କରିଆସୁଛି। ସେବକକୁ ମିଳିଥିବା ଏହି ଜାତୀୟ ସ୍ତରର ସମ୍ମାନ ନିମନ୍ତେ ବିଭିନ୍ନ ସ୍ତରରୁ ଅଭିନନ୍ଦନର ସୁଅ ଛୁଟୁଛି। ସେବକର ଏହି ସଫଳତାରେ ଅଧ୍ୟକ୍ଷ ଅମିୟକାନ୍ତ ନାଏକ କହିଛନ୍ତି, ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନର ପରିଣତି ଭୋଗ କରୁଥିବା ବେଳେ ଯଦି ଆମେ ଏବେଠୁ ସଜାଗ ନ ହେବା ଆଗାମୀ ଦିନରେ ଏହାର ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଆଗାମୀ ଦିନରେ ବୃକ୍ଷରୋପଣ, ଜଳ ଓ ମୃତ୍ତିକା ସଂରକ୍ଷଣ, ପ୍ରାକୃତିକ ସମ୍ପଦର ସୁପରିଚାଳନା ଦିଗରେ ସେବକର ନିରନ୍ତର କାର୍ଯ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି।

# ପ୍ରଥମ ଦିନରେ ପରୀକ୍ଷା ଦେଲେ ୧୯୬୬ ପରୀକ୍ଷାର୍ଥୀ

**କୁଆଁରମୁଣ୍ଡା,୨୧।୨(ମହେନ୍ଦ୍ର କୁମାର ସାହୁ):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଶିକ୍ଷା ବିଭାଗ ଅନ୍ତର୍ଗତ ୯ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନରେ ୧୯୬୬ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଛନ୍ତି। କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ,ମାଟ୍ରିକ ପରୀକ୍ଷା ଦେବା ପାଇଁ ୨୦୧୨ ଜଣ ବିଦ୍ୟାର୍ଥୀ ଫର୍ମ ପୂରଣ କରିଥିଲାବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ମୋଟ ୧୯୬୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ୪୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ୬ଟି ପରୀକ୍ଷା କେନ୍ଦ୍ର ଓ ବୀରମିତ୍ରପୁର ପୌରାଞ୍ଚଳରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଥମ ଦିନ ପରୀକ୍ଷାରେ କୁଆଁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୯ ଜଣ ଅନୁପସ୍ଥିତ ଥିଲାବେଳେ ୧୬୨ ଜଣ ପରୀକ୍ଷା ଦେଇଥିବା ସୂଚନା ମିଳିଛି।

# ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



କଲେଜ ପରିସରରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

**ସୁନ୍ଦରଗଡ,୨୧।୨(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ଅଜୟ କୁମାର ବରଦା ମୁଖ୍ୟ ଅତିଥିଭାବରେ ଯୋଗଦେଇ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ବିଭିନ୍ନ ସଚେତନତା ବାର୍ତ୍ତା ଓ କୌଶଳ କହିଥିଲେ। ଏଥିସହ ଅଗ୍ନି ନିରାପତ୍ତା ପାଇଁ ବିଭିନ୍ନ କୌଶଳ, ସତର୍କତା ଗୁଡିକ ପ୍ରଦର୍ଶନ କରି ଛାତ୍ରୀଙ୍କୁ ସଚେତନ କରିଥିଲେ। ମହାବିଦ୍ୟାଳୟର ସହକାରୀ ପ୍ରଫେସର ମାଷ୍ଟର ନାରାୟଣଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ,କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ।

# ଯାଇସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସବ୍‌ଡେଗା,୨୧।୨(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ଯାଇସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ଅମୁଲ୍ୟ କୁମାର ପଧାନ, ମୁଖ୍ୟ ବକ୍ତା ସମନ୍ୱିତ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପଧାନ, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା, ବିତ୍ତୀୟ ପରାମର୍ଶ ଦାତା ରାଜେନ୍ଦ୍ର ପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତେଶରୀ ପଟେଲ, ଯାଇସର ସରପଞ୍ଚ ପଙ୍କଜିନୀ ମାଝୀ, ସିଆରସିସି ପ୍ରଦୀପ ପଟେଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ନିଜର ପରିଶ୍ରମ ଓ ଅଧ୍ୟାବସାୟ ଜାରି ରଖିବା ସହ ଜଣେ ବଡ଼ ମଣିଷ ହେବା ସହ ନିଜର ଓ ଦେଶ ଓ ଜାତି ନାମ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଲିଙ୍ଗରାଜ ନାଏକ, ପର୍ଶୁରାମ ପଟେଲ, ପ୍ରେମା ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ କିୟା ସିଂହୀ, ବିନତି ଘୋଷି ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମିତା ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

**ଟେନସା,୨୧।୨(ସମୀର କୁମାର ପାଢ଼ୀ)**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଟେନସା ଖଣି ଅଞ୍ଚଳରେ ୨ ଦିନିଆ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲଭିପିଇଆଇ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେଶନର ଦୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ଏହି ପରୀକ୍ଷଣ ଶିବିରକୁ ଟେନସା ସରପଞ୍ଚ ଅନୀତା ପୂର୍ତ୍ତି ଉଦ୍‌ଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଟେନସା ମାଇନ୍ସ ମ୍ୟାନେଜର ଅଭିମନ୍ୟୁ ସାମଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରର ପ୍ରଥମ ଦିନରେ ୧୬୦ଜଣ ସ୍ଥାନୀୟ ଗ୍ରାମବାସୀ, ମାଇନ୍ସରେ କାର୍ଯ୍ୟରତ କର୍ମଚାରୀ ଓ ଟ୍ରକ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ୧୯୪ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୯୯ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୩୧ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ସେମାନଙ୍କ ଅସ୍ତ୍ରୋପଚାର କରାଯିବ। ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ବିକାଶକୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଜିନ୍ଦଲ ଫାଉଣ୍ଡେଶନ ଏହି ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିଆସୁଛି। ସ୍ଥାନୀୟ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେଶନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି।




ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବଡ଼ଗାଁ,୨୧।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଗୁରୁବାର ଅପରାହ୍ନ ୪ଟାରେ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ ବିଡିଓ ପୁର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ଅତିଥି, ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ହେମନ୍ତ ପଣ୍ଡା ମୁଖ୍ୟ ବକ୍ତା ଓ ବଡ଼ଗାଁ ଡିଗ୍ରୀ କଲେଜ ଅଧ୍ୟକ୍ଷା ବନଜା ରାଣୀ ଷଡ଼ଙ୍ଗୀ, ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା, ଆଇଟିଆଇ ଅଧ୍ୟକ୍ଷା ସାଗରିକା ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗୀତାକୁ ସ୍ନାତକ ମହାବିଦ୍ୟାଳର କ୍ରୀଡା ଅଧ୍ୟାପକ ଜିତେନ୍ଦ୍ର ବୁଢ଼ା ପରିଚାଳନା କରିଥିଲେ। ନର୍ସିଂ କଲେଜର ଚେୟାରମେନ ଡ.ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା। ଖେଳ ଓ କାର୍ଯ୍ୟକ୍ରମ ପରିଚାଳନାରେ ନର୍ସିଂ କଲେଜର ଅଧ୍ୟକ୍ଷ ସମାପିକା ରାଉତ, ନିର୍ଦ୍ଦେଶକ ଇଂ ସୁବ୍ରତ ବିଶାଳ, କେଶବ ସାହୁ, ଭାଇସ ପ୍ରିନ୍ସପାଲ ସବିତା ପ୍ରଧାନ, କର୍ମଚାରୀ ଦିବ୍ୟ ଲୋଚନ ପୃଷେଟ, ଓମପ୍ରକାସ ତ୍ରୀପାଠୀଙ୍କ ସହିତ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ପ୍ରତିଯୋଗିତାରେ ପିଙ୍କ ହାଉସ ଚାମ୍ପିୟନ ହୋଇଛି। ଶେଷରେ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାୱ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବଡହାଟ କେନ୍ଦ୍ରାପଡା ଶାଖା/** ଋଣଗ୍ରହୀତାମାନେ: ୧) **ଶ୍ରୀମତୀ ରୁକ୍ମଣୀ ବଳ,** ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) **ଶ୍ରୀ ରାଜ କିଶୋର ବଳ,** ସା.: ବଡପାଲ୍ଲି, ଭାୟା: ଆଉଲ୍‌କୈଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / **ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚଉହଦୀରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ମାତୃଭାଷା ଦିବସ, 'ଆମ ସଂସ୍କୃତି ଓ ଆମ ଖେଳଣା' କର୍ମଶାଳା

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଢୋଲପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିର୍ଗୁଣିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ସହିତ 'ଆମ ସଂସ୍କୃତି ଓ ଆମ ଖେଳଣା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତରଣୀ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଢୋଲପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଅନିତା ପାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ଯୋୱାକିମ ଲୁଗୁନ, ପ୍ରାଣୀ ସମ୍ପଦ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ନୃପଲାଲ କୁମୁରା, ଖଳିନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ, ଦୁଧିଆନାଳୀ କ୍ଲଷ୍ଟରର ସିଆର୍‌ସିସି ଅଜୟ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ମାତୃଭାଷା ଦିବସର ତାତ୍ପର୍ଯ୍ୟ ଓ 'ଆମ ସଂସ୍କୃତି ଓ ଆମ ଖେଳଣା' ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ଏବଂ ସଂଗୀତ ପରିବେଷଣ କରାଯାଇଥିଲା। ସେହିପରି ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ସୁକାନ୍ତ ଦୀପ, ବିଜୟ ବେହେରା, ଦିଲୀପ ବେହେରା, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ବେହେରା ଓ ପ୍ରଭାସିନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଦେବଗଡ଼ ଆଦର୍ଶ ଥାନାରେ ନୂତନ ଥାନା ଅଧିକାରୀ



ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ଥାନାର ନୂତନ ଥାନା ଅଧିକାରୀ ଭାବେ ଇନ୍ସପେକ୍ଟର ସବ୍ୟଶାଚୀ ଶତପଥି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶତପଥି ଦେବଗଧ ଆଦର୍ଶ ଥାନାର ପ୍ରାକ୍ତନ ଥାନା ଅଧିକାରୀ ସରୋଜ କୁମାର ସେଠିଙ୍କଠାରୁ ଆନୁଷ୍ଠାନିକ ବାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି। ଶତପଥି ଏହା ପୂର୍ବରୁ କେନ୍ଦ୍ରାପଡା ଜିଲା ଆଳି ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସେଠୀଙ୍କ ଭିଜିଲାନ୍ସ ବିଭାଗକୁ ବଦଳି ପରେ ତାଙ୍କ ସ୍ଥାନରେ ଶତପଥି ଦେବଗଡ଼ ଥାନାର ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଦେବଗଡ଼ ଥାନାଞ୍ଚଳରେ କିଭଳି ଅପରାଧ ଓ ଅପରାଧିଙ୍କୁ ନିୟନ୍ତ୍ରଣ ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବେ ବୋଲି ନୂତନ ଅଧିକାରୀ ଶତପଥି ପ୍ରକାଶ କରିଛନ୍ତି ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଆହତ

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରକୁଟାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ସଲେଟିକ୍ରା ଗାଁର ଝସକେତନ ନାଏକ(୨୮)। ସୂଚନା ମତେ ସଲେଟିକ୍ରା ଗାଁର ଝସକେତନ ଅନ୍ୟ ୨ଜଣ ଯୁବକଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ସଙ୍କୁଚିତ ରାସ୍ତା ଯୋଗୁ ବାଇକ୍ ଭାରସାମ୍ୟ ହରାଇବାରୁ ୩ଜଣ ଯୁବକ ଖସିପଡ଼ିଥିଲେ। ନାଏକଙ୍କ ଜଙ୍ଘରେ ରଡ ପଶିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଆହତ ତିନିଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଯାଞ୍ଚ କରି ଝସକେତନ ନାଏକଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ଜଣ ଯୁବକଙ୍କ ଚିକିତ୍ସା ଚାଲିଥିବା ପୋଲିସ ସୂଚନା ଦେଇଛି।

# ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗର ସଦୁପଯୋଗ କରିବାକୁ ଗୁରୁତ୍ୱ

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)



ତିଲେଇବଣିରେ ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ମଞ୍ଚାସୀନ ଅତିଥି।

ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ରିଆମାଳ ବ୍ଲକ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଜିତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଉପାଧ୍ୟାୟ ଶିବିରର ଆଭିମୁଖ୍ୟ ରଖିବା ସହ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମାର୍ଗଦର୍ଶିକାରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ସ୍ୱଳ୍ପକାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ଭିତ୍ତିକ ତାଲିମ ଏବଂ ବୈଷୟିକ ଶିକ୍ଷା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ପଣ୍ଡା ପିଲାମାନଙ୍କୁ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେବା ସହ ବେକାର ହୋଇ ନ ବସି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗର ସଦୁପଯୋଗ କରିବାକୁ ମାର୍ଗଦର୍ଶନ କରିଥିଲେ। ଏଥି ସହିତ ଉପସ୍ଥିତ ଥିବା ସମସ୍ତ ଘୋରୋଇ ତାଲିମ ପ୍ରଦାନ କାରୀ ସଂସ୍ଥା ନିଜ ଅନୁଷ୍ଠାନ ପକ୍ଷରୁ ଉପଲବ୍ଧ ଥିବା ସୁବିଧା ବିଷୟରେ ଯୁବକ ଯୁବତୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହା ପରେ ଯୁବକଯୁବତୀମାନେ ବିଭିନ୍ନ ଷ୍ଟଲ ବୁଲି ପିଆଇଏମାନଙ୍କଠାରୁ ସୂଚନା ନେବା ସହ ସ୍ୱେଚ୍ଛାନୁଯାୟୀ ବିଭିନ୍ନ ତାଲିମ ପାଇଁ ରେଜିଷ୍ଟ୍ରେସନ ମଧ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ, ଜନ ଶିକ୍ଷଣ ସଂସ୍ଥାନ ତଥା କ୍ୱିଭାନ୍ ସ୍କିଲ୍ ଏମ୍ପାୱରମେଣ୍ଟ, ସିପେଟ୍, ରାଉରକେଲା, ସରକାରୀ ଆଇଟିଆଇ, ବାରକୋଟ, ସରକାରୀ ପଲିଟେକନିକ୍, ଦେବଗଡ଼ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ଶାହୀ ଏକ୍ସପୋର୍ଟସର ପ୍ରତିନିଧିମାନଙ୍କ ସହ ଶତାଧିକ ଯୁବତୀ ଯୁବକ ଯୋଗଦେଇଥିଲେ।

### ରିଆମାଳ, ତିଳେଇବଣିରେ ବ୍ଲକସ୍ତରୀୟ ପରାମର୍ଶ ଶିବିର

ସେହିପରି ତିଲେଇବଣି ବ୍ଲକ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ, ଶିଶିର କୁମାର ଷଡଙ୍ଗୀ, ମିଶନ ଶକ୍ତି ପଙ୍କଜିନୀ ନାୟକ ଏବଂ ଜିଲା ତଥା ଜିଲା ବାହାରୁ ଆସିଥିବା ବିଭିନ୍ନ ଘୋରୋଇ ତାଲିମ ପ୍ରଦାନ କାରୀ ସଂସ୍ଥାମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ପୁରୀ ସର୍ବପ୍ରଥମେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମାର୍ଗଦର୍ଶିକାରେ ଆୟୋଜିତ କାର୍ଯ୍ୟକ୍ରମ ଆଭିମୁଖ୍ୟ ରଖିବା ସହ ସରକାରଙ୍କ ଦକ୍ଷତା ବିକାଶ ଦିଗରେ ଉପଲବ୍ଧ ଥିବା ବିଭିନ୍ନ ସ୍ୱଳ୍ପକାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ଭିତ୍ତିକ ତାଲିମ ଏବଂ ବୈଷୟିକ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ ବିଡିଓ ପିଲାମାନଙ୍କୁ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିବା ବେଳେ ଷଡଙ୍ଗୀ ବେକାର ହୋଇ ନ ବସି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗର ସଦୁପଯୋଗ କରିବାକୁ ମାର୍ଗଦର୍ଶନ କରିଥିଲେ। ଏଥି ସହିତ ଉପସ୍ଥିତ ଥିବା ସମସ୍ତ ଘରୋଇ ତାଲିମ ପ୍ରଦାନକାରୀ ସଂସ୍ଥା ନିଜ ଅନୁଷ୍ଠାନ ପକ୍ଷରୁ ଉପଲବ୍ଧ ଥିବା ସୁବିଧା ବିଷୟରେ ଯୁବକ ଯୁବତୀମାନଙ୍କୁ ଅବଗତ କରାଇଥିଲେ।

# ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)




ତାଲିମ ଶିବିରର ଉଦ୍‌ଯାପନୀରେ ଛାତ୍ରୀଙ୍କ ସହ ଅତିଥି।

ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟଠାରେ ଯୁକ୍ତ ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀମାନଙ୍କୁ ନେଇ ୮ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସ୍ନେହଲତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ନାରୀମାନଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। କୌଣସି ପରିସ୍ଥିତିରେ ମୁକାବିଲା ପାଇଁ ମାନସିକ ଓ ନୈତିକ ବଳ ପ୍ରୟୋଗ କରିବା ସହିତ ଗତ ଆଠ ଦିନ ଧରି ଶିକ୍ଷା ଲାଭ କରିଥିବା ଆତ୍ମ ସୁରକ୍ଷା କୌଶଳ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଶା ସରକାରଙ୍କ ଏପରି ପଦକ୍ଷେପକୁ ପ୍ରଶଂସା କରିବା ସହିତ ନିଜ ପରିବାର ଓ ଅନୁଷ୍ଠାନର ନାମ ଉଚ୍ଚ କରିବା ସହିତ ଦେଶ ଗଠନରେ ସହଯୋଗ ପାଇଁ କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସଂଯୋଜିକା ପ୍ରାଧ୍ୟାପିକା ପୂର୍ଣ୍ଣମାମୟୀ ଦାଶ ଯୋଗଦେଇ ସମାଜର ଘଟୁଥିବା ଅନ୍ୟାୟ ଓ ଅନୀତିକୁ ଦୂର କରିବା ପାଇଁ ଛାତ୍ରୀମାନଙ୍କ ଦୃଢ଼ ମନୋବଳ ଓ ସଂଯମତା ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଇଂଲିଶ ବିଭାଗର ଅଧ୍ୟାପିକା ତଥା ତାଲିମ ଶିବିର ତତ୍ତ୍ୱାବଧାରକ ରୋହିଣୀ ବାଖଲା ଛାତ୍ରୀମାନଙ୍କୁ ନିର୍ଭୟ ହୋଇ ତଥା ଉପସ୍ଥିତ ବୁଦ୍ଧି ଜରିଆରେ ସମସ୍ତ ବିପଦକୁ ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ନେହା କୁମାରୀ ସାଇ ତାଲିମ ପ୍ରଦାନ କରିବା ସମୟର ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ। ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ସହିତ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅନେକ ଅଧ୍ୟାପକ, ଅଧ୍ୟାପିକା ତଥା ଶିକ୍ଷା କର୍ମଚାରୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପିକା ରୋହିଣୀ ବାଖ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସରବାହାଲ ରେଲୱେ ଓଭରବ୍ରିଜ୍‌ରେ ଲାଗିଲା ଷ୍ଟ୍ରିଟ୍ ଲାଇଟ

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

**ଧରିତ୍ରୀ ପ୍ରଭାବ**



ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ରେଲୱେ ଓଭର ବ୍ରିଜ୍ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ସହିତ ବ୍ରିଜର ଦୁଇ ମୁଣ୍ଡ ରାତି ହେଲେ ସମ୍ପୂର୍ଣ୍ଣ ଭାବେ ଅନ୍ଧକାର ହୋଇଯାଉଛି। ଏଣୁ ଲୋକମାନେ ହ ଇ ର । ଣ ହେବା ସଙ୍ଗେ ସଙ୍ଗେ ଦୁର୍ଘଟଣାର ଶିକାର ହେଉଥିଲେ। ଏ ନେଇ ଗତ ୧୯ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଖବର ପରେ ଝାରସୁଗୁଡ଼ା ମ୍ୟୁନିସିପାଲିଟି ପକ୍ଷରୁ ସେହିଦିନ ସକାଳ ୯ଟାରେ ଜଳୁ ନ ଥିବା ଲାଇଟଗୁଡ଼ିକୁ ମରାମତି କରାଯାଇଥିଲା। ଫଳରେ ୧୯ ତାରିଖ ସନ୍ଧ୍ୟାରୁ ଲାଇଟଗୁଡ଼ିକ ଜଳିବା ଦ୍ୱାରା ଲୋକଙ୍କ ଯିବା ଆସିବାରେ ସୁବିଧା ହୋଇଛି। ଏଣୁ ସରବାହାଲ ତଥା ଝାରସୁଗୁଡ଼ା ଲୋକେ ଧରିତ୍ରୀକୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଝାରସୁଗୁଡ଼ା ମ୍ୟୁନିସିପାଲିଟିର ଏଭଳି କାର୍ଯ୍ୟକୁ ଜନସାଧାରଣ ପ୍ରଂଶସା କରିଛନ୍ତି।

# ଦେବଗଡ଼ ଜିଲାରେ ଶାନ୍ତିଶୃଙ୍ଖଳାର ସହିତ ମାଟ୍ରିକ୍ ପରୀକ୍ଷା ଆରମ୍ଭ

**ପ୍ରଥମ ଦିନରେ ୫୮ ଅନୁପସ୍ଥିତ**

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ଦେବଗଡ଼ ଜିଲାର ୩୩ଟି ପରୀକ୍ଷା କେନ୍ଦ୍ରରେ ୩,୭୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ୫୮ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୫୬ଜଣ ରେଗୁଲାର ଓ ୨ଜଣ ଛାତ୍ରୀଛାତ୍ର ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀ ରହିଥିବା ଜଣାପଡିଛି। ପ୍ରଥମ ଦିନରେ ଜିଲାର ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଅନୁଷ୍ଠିତ ହୋଇଛି। ୩୩ଟି ପରୀକ୍ଷା କେନ୍ଦ୍ର ପାଇଁ ୬ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ସେଣ୍ଟର ଗୁଡିକରୁ ପ୍ରଶ୍ନପତ୍ର ବାହାରି ୮ଟା ୩୦ ମିନିଟ ମଧ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ଚଳିତବର୍ଷ ପରୀକ୍ଷାକୁ ଶୃଙ୍ଖଳିତ ଏବଂ କପିମୁକ୍ତ କରିବା ପାଇଁ ୬ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା କରାଯିବା ସହ ଜିଲା ପ୍ରଶାସନ ପକ୍ଷରୁ ମୋବାଇଲ ସ୍କ୍ୱାର୍ଡ, ଜିଲା ଶିକ୍ଷା ବିଭାଗ ପକ୍ଷରୁ ଫ୍ଲାଇଂ ସ୍କ୍ୱାର୍ଡ ଏବଂ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଟିମ୍ ବିଭିନ୍ନ ସେଣ୍ଟର ପରିଦର୍ଶନ କରି ତଦାରଖ କରୁଛନ୍ତି। ଜିଲାର ପରୀକ୍ଷା କେନ୍ଦ୍ରଗୁଡିକରେ ହୋଇଥିବା ସୁବ୍ୟବସ୍ଥାକୁ ନେଇ ଛାତ୍ରୀଛାତ୍ରମାନେ ଖୁସି ଥିବା ବେଳେ ପ୍ରଥମ ଦିନ ପରୀକ୍ଷା ଭଲ ହୋଇଥିବା ଅନେକ ପରୀକ୍ଷାର୍ଥୀ ପ୍ରକାଶ କରିଛନ୍ତି।

# ଗଣିତ, ବିଜ୍ଞାନ ମେଳା, ଭାଷା ଦିବସ ପାଳନ

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କୁରଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଣିତ ଓ ବିଜ୍ଞାନ କ୍ଲବ ଆନୁକୂଲ୍ୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗଣିତ ଶିକ୍ଷୟିତ୍ରୀ ଅହଲ୍ୟା ସାହୁ ଓ ବିଜ୍ଞାନ ଶିକ୍ଷୟିତ୍ରୀ ସୁଶାନ୍ତି ବସନ୍ତରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁ ଓ ଟାଇଁସର କ୍ଲଷ୍ଟର ସିଆର୍‌ସିସି ଭେନସ ପ୍ରଧାନ ପ୍ରତକ୍ଷ୍ୟ ତତ୍ତାବଧାନରେ ଛାତ୍ରୀଛାତ୍ର ଭାଷା ଦିବସ ପାଳନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ, ଗଣିତ ସମ୍ବନ୍ଧୀୟ କୁଇଜ, ସେମିନାର, ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରର ଆୟୋଜନ କରାଯାଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀରୁ ୯୭ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଗଣିତରେ ୨୭ଟି ଓ ବିଜ୍ଞାନରେ ୨୯ଟି ପ୍ରକଳ୍ପ କୁନି କୁନି ଗଣିତଜ୍ଞ ଓ ବୈଜ୍ଞାନିକ ଅଂଶ ଗ୍ରହଣ କରି ବିଦ୍ୟାଳୟକୁ ଗୌରାନ୍ୱିତ କରିଥିଲେ। ପ୍ରତ୍ୟେକ ଶ୍ରେଣୀରୁ ୩ଜଣ କୃତୀ ଶିଶୁଙ୍କୁ ଚୟନ କରାଯାଇଥିଲା। ଏହା ସହିତ ଭାଷା ଦିବସ ମଧ୍ୟ ପାଳନ ହୋଇଥିଲା। ଶିକ୍ଷୟିତ୍ରୀ ଜୟନ୍ତୀ ମିଶ୍ର, ମମତା ଶତପଥି, ଧରିତ୍ରୀ ରାଏ, ନିଳିମା ବେହେରାଙ୍କ ପ୍ରତାକ୍ଷ୍ୟ ତତ୍ତ୍ୱାବଧାନରେ ଭାଷା ଦିବସ ସୁନ୍ଦର ଭାବରେ ପାଳନ ହୋଇଥିଲା। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁ ଓ ସିଆର୍‌ସିସି ଭେନସ ପ୍ରଧାନ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଧରିତ୍ରୀ ରାଏ, ମମତା ଶତପଥି, ଜୟନ୍ତୀ ମିଶ୍ର, ନିଲିମା ବେହେରା, ଶିକ୍ଷକ ତପନ କୁମାର ନାୟକ, ଲିଙ୍ଗରାଜ ପ୍ରଧାନ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଶିକ୍ଷକବୃନ୍ଦ।

# ବିଶ୍ୱ ମାତୃଭାଷା ଦିବସ ପାଳନ

ଦେବଗଡ଼,୨୧।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ବିଶ୍ୱ ମାତୃଭାଷା ଦିବସ ଶୁକ୍ରବାର ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଅନୁଷ୍ଠାନ ମୁଖ୍ୟ ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ମହାରଣା ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ଓଡ଼ିଆ ବିଭାଗ ଅଧ୍ୟାପିକା ବୀଣାପାଣି ନାୟକ, ଅଧ୍ୟାପକ ମିଳନ ସାହୁ, ବାଣିଜ୍ୟ ବିଭାଗ ଅଧ୍ୟାପିକା ସଞ୍ଜିତା ଜେନା, ମିନତି ବା ଷ୍ଟେ, ଗଣିତ ବିଭାଗ ଅଧ୍ୟାପିକା ଶିଳ୍ପା ପ୍ରଧାନ, ସୁଭଦ୍ରା ନାୟକ ପ୍ରମୁଖ ବିଦ୍ୟାର୍ଥୀମାନଙ୍କୁ ମାତୃଭାଷା ପଠନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ମହାରଣା ସାମ୍ପ୍ରତିକ ପରିସ୍ଥିତିରେ ନିଜ ଅଞ୍ଚଳର କଥିତ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରତ୍ୟେକ ବିଦ୍ୟାର୍ଥୀ ସଂକଳ୍ପ ନିଷ୍ଠ ହେବାକୁ ଆହାନ ଦେଇଥିଲେ। ଭାଷା ବଞ୍ଚିଲେ, ସଂସ୍କୃତି ବଞ୍ଚିଲେ ଆମେ ବଞ୍ଚିବା ଏହା ପରାମର୍ଶ ଦାନ କରିଥିଲେ। ଶେଷରେ ଅଧ୍ୟାପିକା ବୀଣାପାଣି ନାୟକ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଓଡ଼ିଆ ବିଭାଗର ବିଦ୍ୟାର୍ଥୀମାନେ ଅଂଶ ଗ୍ରହଣ କରିଥିଲେ।

# ପଞ୍ଚପଡ଼ା ଶିଶୁ ବିକାଶରେ ମାତୃଭାଷା ଦିବସ



ଅନ୍ତର୍ଜାତୀୟ ମାତୃଭାଷା ଦିବସରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ନିଟକସ୍ଥ ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ପଞ୍ଚପଡା କ୍ଲଷ୍ଟରର ସିଆର୍‌ସିସି ସୁରଜ ପଟେଲଙ୍କ ପ୍ରେରଣାରେ ବିଶ୍ୱ ମାତୃଭାଷା ଦିବସ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝି, ତେଜରାଜ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷା ପ୍ରିୟଙ୍କା ସାହୁ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ବୀଣାପାଣି ପ୍ରଧାନ, ଝରଣା ସାହୁ, ଗୋଲାପି ପାଣ୍ଡେ ପ୍ରମୁଖ ଶତାଧିକ ଶିଶୁ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ଥିଲେ। ବିଦ୍ୟାଳୟର ବିଶିଷ୍ଟ ଆଚାର୍ଯ୍ୟା ମନ୍ଦାକିନୀ ମାକର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ତାରିଣୀ ପ୍ରିୟା ମହାନ୍ତି ଓଡ଼ିଆ ଭାଷାର ବିକାଶ ଓ ସୁରକ୍ଷା ପାଇଁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟ କିଛି ଶିଶୁ ଭଉଣୀଙ୍କୁ ନେଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଓଡ଼ିଆ ଗଳ୍ପ, କବିତା, ବକ୍ତୃତା ଓ ପ୍ରବନ୍ଧ ଉପରେ ସ୍ୱତନ୍ତ୍ର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ଝାରସୁଗୁଡ଼ା,୨୧।୨(ଆଶିଷ ରଞ୍ଜନ ଦାଶ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ତାଳମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅଭିନ ଶିକ୍ଷାଦାନ ଏବଂ ସର୍ବୋତ୍ତମ ଅଭ୍ୟାସକୁ ପ୍ରଦର୍ଶନ ତଥା ପ୍ରୋତ୍ସାହିତ କରିବା ନିମିତ୍ତ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ବୁଧୁବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ବିଇଓ ତନ୍ମୟୀ ଶୁଭଶ୍ରୀ ପିଙ୍ଗଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ତାଳମୁଣ୍ଡା ଗ୍ରାମ ମୁଖିଆ ଅଜୟ କୁମାର ପଟେଲ ମୁଖ୍ୟଅତିଥି, ଅବସର ପ୍ରାପ୍ତ ଶାରୀରିକ ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ ମୁଖ୍ୟବକ୍ତା, ଏସ୍‌ଏମ୍‌ସି ଚେୟାରପାରସନ ଯେମନ୍ତ କୁମୁରା, ପୂର୍ବତନ ସିଆର୍‌ସିସି କୁବେର କୁମାର ପଟେଲ, ପ୍ରଧାନ ଶିକ୍ଷକ ଶୁକ୍ରୁ ନେଟି ଏବଂ ସୁଧୀର ଉନସନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ସାହସପୁର ସିଆର୍‌ସିସି ପ୍ରଦୀପ କୁମାର ନାଏକ ଏବଂ କିଶୋର କୁମାର ଲୁହା ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସିସି ମନୋରଞ୍ଜନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଗଣ ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କରିଥିଲେ। ବ୍ୟବସ୍ଥିତ ଢଙ୍ଗରେ ପାଞ୍ଚଟି ଶିକ୍ଷଣ କେନ୍ଦ୍ରରେ ମୋଟ ୭୨ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ମେଳାରେ ମୋଟ ୨୫୩ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ବିଇଓ ତନ୍ମୟୀ ଶୁଭଶ୍ରୀ ପିଙ୍ଗଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ଅବସର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ପଟେଲ ମୁଖ୍ୟଅତିଥି, ତାଳମୁଣ୍ଡା ସିଆର୍‌ସିସି ମନୋରଞ୍ଜନ କଣ୍ଟା ମୁଖ୍ୟବକ୍ତା, ସିଆର୍‌ସିସି ଦିଲୀପ କୁମାର ନାଏକ, ମଳୟ ବସନ୍ତ ପଟନାୟକ, ଶିକ୍ଷକ ତପନ କୁମାର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷକ ଶିକ୍ଷୟତ୍ରୀ ତଥା ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ବିଆରଟି ଗୋବିନ୍ଦ ବିଶ୍ୱାଳ, ଏମଡିଏମଡିଓ ସୁଶାନ୍ତ କୁମାର ପ୍ରଧାନ, ସମସ୍ତ ସିଆର୍‌ସିସି, ଛତ୍ରଲାଲ କିଷାନ, ବିଭୀଷଣ କିଷାନ, ରଞ୍ଜିତା ମିଶ୍ର, ମମତା ଧୁରୁଆ, ରିଙ୍କି ମହାନନ୍ଦ, ପ୍ରତିମା କିଷାନ ତଥା ସମ୍ପୃକ୍ତ ବିଦ୍ୟାଳୟର ଏସ୍‌ଏମ୍‌ସି ସଭ୍ୟସଭ୍ୟାଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।


यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
୧ମ ମହଲା, କେ କେ ଭାୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା,** କାକଟ ଛକ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା (ଶାଖା ଠିକଣା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ **(୨୦୦୨ର ଆକ୍ଟ ୫୪)** ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଟ କେନ୍ଦ୍ରାପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବଡହାଟ କେନ୍ଦ୍ରାପଡା ଶାଖା/** ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରୁକ୍ମଣୀ ବଳ, ସ୍ୱାମୀ: ରାଜ କିଶୋର ବଳ, ସା.: ତରାଣ୍ଡୋ, ପୋ.: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୫୧, ଓଡ଼ିଶା, ଇଣ୍ଡିଆ, ୨) **ଶ୍ରୀ ରାଜ କିଶୋର ବଳ,** ସା.: ବଡପାଲ୍ଲି, ଭାୟା: ଆଉଲ୍‌କୈଲପୁର, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍-୭୫୪୨୧୭ / **ଜାମିନଦାର: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଜେନାମଣୀ ପଣ୍ଡା, ସା.: ତରାଣ୍ଡୋ, ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୫୧ | ୩୧.୧୦.୨୦୨୪ ସୁଦ୍ଧା ଟ.୪,୩୨,୭୩୮.୭୧ + ସେବାବଦ ସୁଧ | ୧୮.୧୧.୨୦୨୪ / ୧୭.୦୨.୨୦୨୫ | ଶ୍ରୀମତୀ ରୁକ୍ମଣୀ ବଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୬୫/୩୦୧୪, ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୭୨, ତହସିଲ: କେନ୍ଦ୍ରାପଡା, ଥାନା ନଂ.: ୧୮୦, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ |

ତାରିଖ: ୨୧.୦୨.୨୦୨୫
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଏଏମ୍ୟୁ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଆଲିଗଡ଼,୨୧।୨

ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ (ଏଏମ୍ୟୁ)ର ଜଣେ ୨୫ ବର୍ଷୀୟ ଛାତ୍ରଙ୍କ ମୃତଦେହ ଶୁକ୍ରବାର ତାଙ୍କ ହଷ୍ଟେଲ ପ୍ରକୋଷ୍ଠ ନିକଟରୁ ମିଳିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା 'ମୁମ୍ବାଇ ହଷ୍ଟେଲ'ସ୍ଥିତ ଏକ ପ୍ରକୋଷ୍ଠ ବାହାରୁ ଏମ୍.ଏ. ଥିଓଲୋଜିର ପ୍ରଥମ ପର୍ଷ ଛାତ୍ର ମହମ୍ମଦ ଶକିରଙ୍କ ମୃତଦେହ ମିଳିଥିଲା। ଗୁରୁବାର ରାତି ୧୦ଟା ପର୍ଯ୍ୟନ୍ତ ଶକିର ତାଙ୍କ ରୁମ୍‌ରେ ଥିଲେ ଏବଂ ସବୁଦିନ ଭଳି ସନ୍ଧ୍ୟା ମିଲ୍ ଖାଇଥିଲେ। ଶୁକ୍ରବାର ସକାଳୁ ମୃତଦେହ ମିଳିବା ପରେ ୟୁନିଭର୍ସିଟି କର୍ତ୍ତୃପକ୍ଷ ତାଙ୍କ ପରିବାର ଓ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି।



ଫ୍ରାନ୍ସର ନିସ୍ ସହରରେ ଆୟୋଜିତ 'ବ୍ୟାଟେଲ୍ ଅଫ୍ ଫ୍ଲାଓ୍ୱାର୍ସ' ଉତ୍ସବରେ ଜଣେ ଯୁବତୀ ଭାଗ ନେଇଛନ୍ତି। ଫେବୃଆରୀ ୧୮ରେ ଆରମ୍ଭ ହୋଇ ୨୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମାରୋହରେ ଚଳିତବର୍ଷର ଥିମ୍ ରହିଛି 'କିଙ୍ଗ୍ ଅଫ୍ ଦି ଓସେନ୍ସ'। ପ୍ରତିବର୍ଷ ଉକ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଫ୍ଲାଓ୍ୱାର ପରେଡ୍ ବେଳେ ପୁଷ୍ପପ୍ରେମୀମାନଙ୍କୁ ପ୍ରାୟ ୧ ଲକ୍ଷ ଫୁଲ ବଣ୍ଟନ କରାଯାଇଥାଏ।

## ବଳାତ୍କାର ମାମଲାରେ ପୂର୍ବତନ କାଉନସିଲର ଦୋଷମୁକ୍ତ

### ଅଭିଯୋଗ ପରେ ଘର ଭାଙ୍ଗିଥିଲା ପ୍ରଶାସନ

ଭୋପାଳ,୨୧।୨

ମଧ୍ୟପ୍ରଦେଶ ରାଜଗଡ଼ ଜିଲାର ଏକ ଅଦାଲତ ବଳାତ୍କାର ମାମଲାରେ ଅଭିଯୁକ୍ତ ପୂର୍ବତନ କାଉନ୍‌ସିଲରଙ୍କୁ ଦୋଷମୁକ୍ତ କରିଛନ୍ତି। ମହିଳା ଜଣକ ମିଥ୍ୟା ଅଭିଯୋଗ ଆଣିଥିବା କୋର୍ଟ ଜାଣିବାକୁ ପାଇଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପୁଅ ବାହାଘର ପାଇଁ ସହାୟତା କରିବା ନାଁରେ ପୂର୍ବତନ କାଉନସିଲର ଶାଫିକ୍ ଅନ୍‌ସାରୀ ୨୦୨୧ ଫେବୃଆରୀରେ ତାଙ୍କୁ ଘରକୁ ଡାକି ବଳାତ୍କାର କରିଥିଲେ। ଅଭିଯୋଗ ପାଇବା ପରେ ରାଜଗଡ଼ ପ୍ରଶାସନ ବୁଲ୍‌ଡୋଜର ଲଗାଇ ଅନ୍‌ସାରୀଙ୍କ ଘର ଭାଙ୍ଗିଦେଇଥିଲା। ଦଣ୍ଡବିଧାନ ସ୍ୱରୂପ ଘର ଭାଙ୍ଗିବା ବ୍ୟବସ୍ଥା ଭାରତୀୟ ଆଇନରେ ନାହିଁ। ଏହା ସତ୍ତ୍ୱେ ଭାଜପାଶାସିତ ରାଜ୍ୟଗୁଡ଼ିକର ପ୍ରଶାସନ ବାରମ୍ବାର ଅପରାଧୀଙ୍କ ବିରୋଧରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ବିଶେଷ କରି ମୁସଲମାନମାନଙ୍କୁ ଟାର୍ଗେଟ କରାଯାଉଛି। ତେବେ ଅଭିଯୋଗକାରୀ ମହିଳା ଜମି ଜବରଦଖଲ କରି ଘର କରିଥିଲେ। ଉକ୍ତ ଘରେ ବେଆଇନ ନିଶା ବ୍ୟବସାୟ ଚାଲିଥିବା ନେଇ ପଡୋଶୀମାନେ ଅଭିଯୋଗ କରିଥିଲେ। କାଉନ୍‌ସିଲର ଓ ଗ୍ରାମବାସୀଙ୍କ ଅଭିଯୋଗ ପରେ ମହିଳାଙ୍କ ଘର ଭଙ୍ଗାଯାଇଥିଲା। ଉକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କ ବୟାନରେ ତାଳମେଳ ନ ଥିବା ତାରିଖରେ ଅତିରିକ୍ତ ସେସନ୍ସ ଜଜ୍ ଚିତ୍ରେନ୍ଦ୍ର ସିଂ ସୋଲାଙ୍କି କହିଛନ୍ତି। ଏପରିକି ବଳାତ୍କାର ସମୟରେ ମହିଳା ଜଣକ ଅନ୍‌ସାରୀଙ୍କ ଘରେ ଥିଲେ କି ନାହିଁ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବିଚାରପତି କହିଛନ୍ତି।

## ଚାଇନାର ସମରାଭ୍ୟାସ

### ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ବିମାନ ରୁଟ୍‌ରେ ପରିବର୍ତ୍ତନ



ମେଲ୍‌ବୋର୍ନ,୨୧।୨

ଅଷ୍ଟ୍ରେଲିଆର ପୂର୍ବ ଉପକୂଳରେ ଚାଇନାର ୩ଟି ଯୁଦ୍ଧଜାହାଜ ସମରାଭ୍ୟାସ ଚଳାଇଥିବାରୁ ଗୁଳିମାଡ଼ ଆଶଙ୍କାରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ବ୍ୟବସାୟିକ ବିମାନ ଚଳାଚଳ ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ଟାସ୍‌ମାନ ସି ଉପର ଦେଇ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳାଚଳ କରୁଥିବା ଏୟାରଲାଇନ୍ସଗୁଡ଼ିକୁ ସତର୍କ କରିଦିଆଯାଇଥିବା ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ ମାର୍ଲେସ୍ କହିଛନ୍ତି। ଉକ୍ତ ଆକାଶପଥରେ ବିପଦ ସମ୍ଭାବନା ଥିବା ଅଷ୍ଟ୍ରେଲିଆର ବାୟୁସେବା ନିୟାମକ ମଧ୍ୟ ବ୍ୟବସାୟିକ ପାଇଲଟ୍‌ମାନଙ୍କୁ ସତର୍କ କରାଇଥିଲା। ଚାଇନା ଅନ୍ତର୍ଜାତୀୟ ଜଳରାଶିରେ ସମରାଭ୍ୟାସ ଚଳାଇଥିବା ନେଇ ବେଜିଂ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆକୁ ଜଣାଇ ନ ଥିବା ମାର୍ଲେସ୍ କହିଛନ୍ତି। ସେମାନେ ଆକାଶମାର୍ଗରୁ ଚାଇନାର ଯୁଦ୍ଧାଭ୍ୟାସ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଚାଇନା ଯୁଦ୍ଧାଭ୍ୟାସ ସମ୍ପର୍କରେ ସତର୍କ କରାଯିବା ପୂର୍ବରୁ ସିଡ୍‌ନୀରୁ ନ୍ୟୁଜିଲାଣ୍ଡର କ୍ରିଷ୍ଟଚର୍ଚ୍ଚ ଏବଂ କୁଇନ୍ସଟାଉନ୍ ଯିବାକୁ ଥିବା ୩ଟି ବିମାନ ଶୁକ୍ରବାର ସକାଳେ ଉକ୍ତ ରୁଟ୍‌ରେ ଉଡ୍ଡୁଥିବା ଦେଖାଯାଇଥିଲା।

## ୨୧ ନିୟୁତ ଡଲାର: ବୀଣା ରେଡ୍ଡୀ କିଏ

ନ୍ୟୁୟର୍କ/ନୂଆଦିଲ୍ଲୀ, ୨୧।୨(ଏଜେନ୍ସି/ପିଟି)

ଭାରତରେ ନିର୍ବାଚନ ବେଳେ ମତଦାନ ହାର ବୃଦ୍ଧି ପାଇଁ ଆମେରିକା ବାର୍ଷିକ ୨୧ ନିୟୁତ ଡଲାର (୧୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ସହାୟତା ଦେଇଆସୁଥିଲା। ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗତ ସପ୍ତାହରୁ ଏହି ପାଣ୍ଠି ଯୋଗାଣକୁ ବନ୍ଦ କରିଦିଆଯାଇଛି। ବାଇଡେନ୍ ପ୍ରଶାସନ ବୋଧେ ଆଉ କାହାକୁ ନିର୍ବାଚନରେ ଜିତାଇବା ପାଇଁ ଭାରତକୁ ଏହି ଆର୍ଥିକ ସହାୟତା ଯୋଗାଇଆସୁଥିଲା ବୋଲି ଟ୍ରମ୍ପ ମନ୍ତବ୍ୟ ଦେବା ପରେ ଦେଶରେ ଏନେଇ ନାନା ପ୍ରଶ୍ନ ଉଠିଲାଣି।

ବିଲିୟନେୟାର ଏଲନ୍ ମସ୍କଙ୍କ ଅଧ୍ୟକ୍ଷତାରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଗତ ୧୬ରେ ଭାରତକୁ ୨୧ ନିୟୁତ ଡଲାର ପାଣ୍ଠି ପ୍ରଦାନକୁ ରଦ୍ଦ କରାଯିବା ପରେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି, ଯାହାକୁ ନେଇ ଭାରତରେ ଜାତୀୟ ରାଜନୀତି ସରଗରମ ହୋଇଛି।



ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଦିଆଯାଉଥିବା ଏହି ପାଣ୍ଠିକୁ ଟ୍ରମ୍ପ ଏକ 'କିକ୍‌ବ୍ୟାକ୍ ସ୍କିମ୍' ବୋଲି ଅଭିହିତ କରିଛନ୍ତି। ଆମର ନିଜସ୍ୱ ଅନେକ ଅସୁବିଧା ଥିବାବେଳେ ଭାରତକୁ ଏତେ ଅର୍ଥ କାହିଁକି ଦେବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଭାରତର ନିର୍ବାଚନରେ ବାହ୍ୟଶକ୍ତିର ହସ୍ତକ୍ଷେପ ନେଇ ବିତର୍କ ସୃଷ୍ଟି ହୋଇଥିବାରୁ ବହିର୍ବ୍ୟାପାର ମୁଖପାତ୍ର ରଣବୀର ଜୟସ୍ୱାଲ ଏହାକୁ ଏକ ଚିନ୍ତାଜନକ ବିଷୟ ବୋଲି କହିଛନ୍ତି।

ଭାଜପା ଏମ୍‌ପି ମହେଶ ଜେଠମାଲାନୀ ଏକ୍ସ'ରେ କହିଛନ୍ତି, ୨୦୨୧ରେ ବୀଣା ରେଡ୍ଡୀଙ୍କୁ ୟୁଏସ୍‌ଏଆଇଡି'ର ଭାରତୀୟ ମିଶନ ମୁଖ୍ୟ ଭାବେ ନୂଆଦିଲ୍ଲୀକୁ ପଠାଯାଇଥିଲା। ୨୦୨୪ ଲୋକ ସଭା ନିର୍ବାଚନ ପରେ ବୀଣା ଆମେରିକାକୁ ଫେରିଯାଇଥିଲେ। ଡିଓଜିଇ ଜାଣିବାକୁ ପାଇଛି ଯେ, ୟୁଏସ୍‌ଏଆଇଡି ଭାରତରେ ସରକାର ପରିବର୍ତ୍ତନ ସକାଶେ ମତଦାନ ବୃଦ୍ଧି ପାଇଁ ୨୧ ନିୟୁତ ଡଲାର ଖର୍ଚ୍ଚ କରୁଥିଲା। ସମ୍ଭବତଃ ବୀଣା ନିଜ ଭୋଟର ଟର୍ନଆଉଟ୍ ମିଶନ ଶେଷକରି ଆମେରିକାକୁ ଫେରିଯାଇଥିଲେ। ବୀଣା ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ଏରିକ୍ ଗ୍ରାସେଟିଙ୍କ ସହ ସମନ୍ୱୟ ରଖି ଏଜେନ୍ସିର ଲକ୍ଷ୍ୟ ପୂରଣ କରିଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଲୋକ ସଭା ନିର୍ବାଚନ ପ୍ରଚାରବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ 'ଅବ୍‌କି ବାର୍ ୪୦୦ ପାର୍' ନାରା ଦେଉଥିଲେ। କିନ୍ତୁ ଭାଜପା ୨୪୦ ଆସନରେ ସୀମିତ ରହିଯାଇଥିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ସମର୍ଥନ ନେଇ ସରକାର ଗଢ଼ିବାକୁ ପଡ଼ିଲା। ମହେଶ ସମ୍ଭବତଃ ଭାଜପାର ଲକ୍ଷ୍ୟଚ୍ୟୁତି ପାଇଁ ବୀଣାଙ୍କୁ ଦାୟୀକରି ସୋସିଆଲ ମିଡିଆରେ ଏଭଳି ମନ୍ତବ୍ୟ ଦେଇଥିବା ମନେକରାଯାଉଛି। ବୀଣା ହେଉଛନ୍ତି ଆନ୍ଧ୍ରରେ ଜନ୍ମିତ ଜଣେ କୂଟନୀତିଜ୍ଞ, ଯିଏକି ୨୦୨୧ ଅଗଷ୍ଟରୁ ୨୦୨୪ ଜୁଲାଇ ପର୍ଯ୍ୟନ୍ତ ଭାରତ ଓ ଭୁଟାନ୍ ପାଇଁ ୟୁଏସ୍‌ଏଆଇଡିର ମିଶନ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେ ଆମେରିକାର ସିନିୟର ଫରେନ୍ ସର୍ଭିସ୍‌ର ଜଣେ ସଦସ୍ୟା। ଦେଶରେ ମତଦାନ ବୃଦ୍ଧି କରାଇବା ହେଉଛି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦାୟିତ୍ୱ। ତେଣୁ ଆମେରିକାରୁ ପୂର୍ବରୁ ଆସୁଥିବା ୨୧ ନିୟୁତ ଡଲାର ପ୍ରକୃତରେ କାହା ପାଖକୁ ଯାଉଥିଲା, ତାହା ମଧ୍ୟ ଏବେ ଏକ ବଡ଼ ପ୍ରଶ୍ନ ହୋଇଛି।

## କେସିଆର୍‌ଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ ହତ୍ୟା

ହାଇଦ୍ରାବାଦ, ୨୧।୨

ତେଲଙ୍ଗାନାର ଭୁପାଳପଲ୍ଲୀ ସହରରେ ଗୁରୁବାର ୨ ଜଣ ଅଚିହ୍ନା ଆକ୍ରମଣକାରୀ ଏନ୍. ରାଜଲିଙ୍ଗା ମୂର୍ତ୍ତି ନାମକ ଜଣେ ବ୍ୟକ୍ତିଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ରାଜଲିଙ୍ଗା ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍)ଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କାଲେଶ୍ୱରମ ଜଳସେଚନ ପ୍ରକଳ୍ପ ଅଧୀନ ମେଦିଗଡ୍ଡା ସ୍ଥିତ ବ୍ୟାରେଜର କିଛି ପିଲର୍ସ ଭୁଶୁଡ଼ିବା ପାଇଁ ସେ କେସିଆର୍‌ଙ୍କୁ ଦାୟୀ କରିଥିଲେ। କାଲେଶ୍ୱରମ ଜଳସେଚନ ପ୍ରକଳ୍ପରେ କେସିଆର୍ ଭ୍ରଷ୍ଟାଚାର କରିଥିବା ନେଇ ସେ ଅଭିଯୋଗ କରିଥିଲେ। ତେବେ ରାଜଲିଙ୍ଗାଙ୍କ ହତ୍ୟା ଘଟଣାରେ କୌଣସି ରାଜନୈତିକ ଦିଗକୁ ପୋଲିସ ଅସ୍ୱୀକାର କରିଛି। ଜମି ବିବାଦକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି।

## ପଣବନ୍ଦୀଙ୍କ ଭୁଲ୍ ମୃତଦେହ ପଠାଇଛି ହମାସ୍

### ପ୍ରତିଶୋଧ ନେବାକୁ ନେତାନ୍ୟାହୁଙ୍କ ଚେତାବନୀ

ଜେରୁଜେଲମ୍,୨୧।୨

ଯୁଦ୍ଧବିରତି ରାଜିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଗୁରୁବାର ହସ୍ତାନ୍ତର କରିଥିବା ୪ ପଣବନ୍ଦୀଙ୍କ ମୃତଦେହ ମଧ୍ୟରୁ ଗୋଟିଏ ଭୁଲ୍ ମୃତଦେହ ବୋଲି ଜଣାପଡ଼ିବା ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କ୍ଷୁବ୍ଧ ହୋଇଛନ୍ତି। ହମାସ୍‌ର ଏଭଳି କାର୍ଯ୍ୟ ନିଷ୍ଠୁରତା ଏବଂ ଯୁଦ୍ଧବିରତି ଚୁକ୍ତିନାମାର ଗୁରୁତର ଉଲ୍ଲଂଘନ ବୋଲି ସେ କହିବା ସହ ଏହାର ପ୍ରତିଶୋଧ ନେବାକୁ ଶୁକ୍ରବାର ଚେତାବନୀ ଦେଇଛନ୍ତି। ହସ୍ତାନ୍ତର ମୃତଦେହଗୁଡ଼ିକ ଶିରି ବିବାସ୍, ତାଙ୍କ ୨ ପିଲା ଏରିଏଲ୍, କଫିର ଏବଂ ଓଡେଡ୍ ଲିଫ୍‌ଶିଜ ବୋଲି କୁହାଯାଇଥିଲା। ତେବେ ୨ ପିଲାଙ୍କ ମାଆ ଶିରି ବିବାସ୍‌ଙ୍କ ମୃତଦେହ ବଦଳରେ ଗାଜାର ଜଣେ ମହିଳାଙ୍କ ମୃତଦେହ ପଠାଯାଇଥିବା ଜଣାପଡ଼ିବା ପରେ ଇସ୍ରାଏଲ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିସହିତ ଅସ୍ତ୍ରବିରତିର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଚୁକ୍ତି ଅନୁଯାୟୀ ଶନିବାର ଆଉ ୬ ଜଣ ପଣବନ୍ଦୀଙ୍କୁ ହମାସ୍ ମୁକ୍ତ କରିବା ଯୋଜନା ରହିଛି।

ସମସ୍ତ ପଣବନ୍ଦୀଙ୍କ ସହ ଶିରିଙ୍କୁ ଜୀବିତ ହେଉ କି ମୃତ, ସ୍ୱଦେଶ ଫେରାଇଆଣିବା ପାଇଁ ଆମେ ପ୍ରତିବଦ୍ଧ। ଭୁଲ୍ ମୃତଦେହ ପଠାଇ ଚୁକ୍ତିନାମା ଉଲ୍ଲଂଘନ କରିଥିବା ହମାସ୍‌କୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ନେତାନ୍ୟାହୁ କହିଛନ୍ତି।

## ମେମୋରି ଚାମ୍ପିୟନ୍‌ଶିପ୍ ଜିତିଲେ ଭାରତୀୟ ଛାତ୍ର

ନୂଆଦିଲ୍ଲୀ,୨୧।୨

ଭାରତର ୨୦ ବର୍ଷୀୟ ଛାତ୍ର ବିଶ୍ୱ ରାଜକୁମାର ମେମୋରି ଲିଗ୍ ଓ୍ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛନ୍ତି। ଏହି ଅନ୍‌ଲାଇନ୍ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କର ପରସ୍ପର ମଧ୍ୟରେ ପ୍ରତଦ୍ୱନ୍ଦ୍ୱିତା ହୋଇଥାଏ। ରାଜକୁମାର ହେଉଛନ୍ତି ପଣ୍ଡିଚେରୀର ମନାକୁଲା ବିନୟାଗାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ଛାତ୍ର। ପ୍ରତିଯୋଗିତାରେ ସେ ୫,୦୦୦ ସ୍କୋର ସହ ର୍‌ୟାଙ୍କ୍ ଓ୍ୱାନ୍‌ରେ ରହିଛନ୍ତି। ରାଜକୁମାର ୧୩.୫୦ ସେକେଣ୍ଡରେ ୮୦ଟି ସଂଖ୍ୟା ଏବଂ ୮.୪୦ ସେକେଣ୍ଡରେ ୩୦ଟି ଛବିକୁ ମନେପକାଇପାରିଥିଲେ। ପ୍ରସ୍ତୁତି ସମ୍ପର୍କରେ ପ୍ରଶ୍ନ ହେବାରୁ ମସ୍ତିଷ୍କକୁ ସହାୟତା ପାଇଁ ହାଇଡ୍ରେଶନ ବା ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜକୁମାର କହିଛନ୍ତି।

## 'ସ୍ୱାମୀଙ୍କ ବିରୋଧରେ ନିଷ୍ଠୁରତା ଅଭିଯୋଗ ଦାଏର ପାଇଁ ଯୌତୁକ ଦାବି ଅନାବଶ୍ୟକ'

### ଆନ୍ଧ୍ର ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୨୧।୨(ପି.ଟି.)

ବିବାହିତ ମହିଳାମାନଙ୍କୁ ସେମାନଙ୍କ ସ୍ୱାମୀ ଓ ଶାଶୁଘର ଲୋକଙ୍କଠାରୁ ସୁରକ୍ଷା ଦେବା ନିମନ୍ତେ ୧୯୮୩ରେ ଭାରତୀୟ ଦଣ୍ଡ ସଂହିତା(ଆଇପିସି)ରେ ଧାରା ୪୯୮ଏ ସାମିଲ ହୋଇଥିଲା। ଏହି ଧାରା ଅନୁଯାୟୀ, ସ୍ୱାମୀଙ୍କ ବିରୋଧରେ ନିଷ୍ଠୁରତା ଅପରାଧ ମାମଲା ଦାଏର ପାଇଁ ଯୌତୁକ ଦାବି ପ୍ରାକ୍ ଆବଶ୍ୟକତା ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନିଷ୍ଠୁରତା ଆଇନରେ ରହିଥିବା ଧାରା ୪୯୮ଏର ବିଶେଷତ୍ୱ ହେଲା ନିଷ୍ଠୁର ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଯୌତୁକ ଦାବିକୁ ଏକ ବ୍ୟବସ୍ଥା ଭାବେ ସାମିଲ କରିବା ଜରୁରୀ ନୁହେଁ ବୋଲି ଗତବର୍ଷ ଡିସେମ୍ବର ୧୨ରେ ଜଷ୍ଟିସ୍ ବିକ୍ରମ ନାଥ ଏବଂ ପ୍ରସନ୍ନ ବି. ଭାରାଲେଙ୍କ ଖଣ୍ଡପୀଠ କହିଥିଲେ। ତେଣୁ ବିନା ଯୌତୁକ ଦାବିରେ ନିଷ୍ଠୁରତା ଅଭିଯୋଗ ହିଁ ଅଭିଯୁକ୍ତଙ୍କୁ ଆଇପିସିର ଧାରା ୪୯୮ଏରେ ଦଣ୍ଡିତ କରିବା ପାଇଁ ଯଥେଷ୍ଟ ବୋଲି ଖଣ୍ଡପୀଠ କହିଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏଭଳି ଏକ ମାମଲାର ଶୁଣାଣି କରି ଯୌତୁକ ଦାବି ଅଭିଯୋଗ ନ ଥିବାରୁ ଆଇପିସିର ଧାରା ୪୯୮ଏ ଅନୁଯାୟୀ ନିଷ୍ଠୁରତା ଏତଲାକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟ ଏକାଧିକ ରାୟର ଉଦାହରଣ ଦେଇ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି।



## ସମ୍ଭାଜୀ ମହାରାଜଙ୍କ ଉପରେ ଆପତ୍ତିଜନକ କଣ୍ଟେଣ୍ଟ

### ଓ୍ୱିକିପେଡିଆର ୪ ସମ୍ପାଦକଙ୍କ ନାଁରେ ମାମଲା

ମୁମ୍ବାଇ,୨୧।୨

ମରାଠା ଶାସକ ଛତ୍ରପତି ଶିବାଜୀଙ୍କ ପୁଅ ସମ୍ଭାଜୀ ମହାରାଜଙ୍କ ଉପରେ ବିବାଦୀୟ ବିଷୟବସ୍ତୁକୁ ନେଇ ମହାରାଷ୍ଟ୍ରର ସାଇବର ସେଲ୍ ଓ୍ୱିକିପେଡିଆର ୪ ଜଣ ସମ୍ପାଦକଙ୍କ ବିରୋଧରେ ମାମଲା ରୁଜୁ କରିଛି। କାଲିଫର୍ନିଆର ଓ୍ୱିକିପେଡିଆ ଫାଉଣ୍ଡେଶନକୁ ୧୦ ଥର ଇମେଲ୍ ଏବଂ ନୋଟିସ ପଠାଇବା ସତ୍ତ୍ୱେ ଆପତ୍ତିଜନକ କଣ୍ଟେଣ୍ଟକୁ ହଟାଯାଇ ନ ଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଏହି ପ୍ରସଙ୍ଗକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାଜୀ ମହାରାଜଙ୍କ ଜୀବନୀ ଆଧାରରେ ନିର୍ମିତ ବଲିଉଡ୍ ଚଳଚ୍ଚିତ୍ର 'ଛାବା' ମୁକ୍ତିଲାଭ କରିବା ପରେ ବିଭିନ୍ନ ସଂଗଠନ ଏହି ଐତିହାସିକ ବିକୃତିକୁ ଉଠାଇଥିଲେ। ଓ୍ୱିକିପେଡିଆ ପୃଷ୍ଠାରେ ପ୍ରକାଶିତ ବିଷୟବସ୍ତୁ ଠିକ୍ ନୁହେଁ ଏବଂ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଉପୁଜାଇବା ସମ୍ଭାବନା ରହିଥିବା ମହାରାଷ୍ଟ୍ର ସାଇବର ସେଲ୍ ପକ୍ଷରୁ ନୋଟିସ ଜରିଆରେ ଓ୍ୱିକିପେଡିଆକୁ ଜଣାଇ ଦିଆଯାଇଥିଲା। ଓ୍ୱିକିପେଡିଆ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୯ ଏବଂ ୭୯ର ଉଲ୍ଲଂଘନ କରିଥିବାରୁ ଏହା ବିରୋଧରେ ମାମଲା ରୁଜୁ ହୋଇଛି।

## ଫୁରସତ୍

### ଜୀବନକୁ ସକାରାତ୍ମକ ଭାବେ ଗଢ଼ି ତୋଳିବା

#### ବିଶ୍ୱ ସ୍କାଉଟ୍ସ ଦିବସ

ବିଶ୍ୱବ୍ୟାପୀ ଫେବୃୟାରୀ ୨୨କୁ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ। କୋଟି କୋଟି ସ୍କାଉଟ ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ପାଳନ କରିଥାନ୍ତି। ଏହିଦିନ ବ୍ରିଟେନ୍‌ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ବଡେନ ପାଓ୍ୱେଲ ଜନ୍ମ ଗ୍ରହଣ କରିଥିଲେ। ଜଣେ ସେନା ଅଧିକାରୀ, ଲେଖକ ଓ ସମାଜ ସଂସ୍କାରକ ଭାବେ ସେ ବେଶ୍ ଜଣାଶୁଣା। ବିଶ୍ୱର ସେ ପ୍ରଥମ ଚିଫ୍ ସ୍କାଉଟ ହୋଇଥିବାରୁ ତାଙ୍କ ଜନ୍ମଦିନ ୧୮୫୭ ଫେବୃୟାରୀ ୨୨କୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତାଙ୍କ ସ୍ତ୍ରୀ ଓଲେଭ ବଡେନ ପାଓ୍ୱେଲ ସ୍କାଉଟିଂ ଓ ଗଲର୍ସ ଗାଇଡ ପ୍ରତିଷ୍ଠାତା ଥିଲେ। ଦୁହିଁଙ୍କ ପ୍ରେରଣା କେବଳ କେନିଆ ନୁହେଁ, ସାରା ବିଶ୍ୱକୁ ବାଟ ଦେଖାଇଥିଲା।

ସ୍କାଉଟ ଦିବସ ୨୦୨୫ର ଥିମ୍ ରହିଛି, ନିଜ ଜୀବନକୁ ସକାରାତ୍ମକ ଭାବେ ଗଢ଼ି ତୋଳିବା। ଯୁବପିଢ଼ି ନିଜ ଜୀବନ ପାଇଁ ସକ୍ରିୟ ଦାୟିତ୍ୱ ନେବା ସହ ସକାରାତ୍ମକକୁ ବଢେଇବା। ସ୍କାଉଟ ସଂଘ ପକ୍ଷରୁ ଏହି ଦିବସକୁ ପ୍ରତିଜ୍ଞା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଗଲର୍ସ ଗାଇଡ ଓ ଗଲର୍ସ ସ୍କାଉଟ ପକ୍ଷରୁ ଏହି ଦିବସକୁ ବିଶ୍ୱ ଚିନ୍ତନ ଦିବସ ଭାବେ ପାଳନ କରାଯାଇଥାଏ।

ପ୍ରଥମେ ୧୯୨୦ରେ ପ୍ରଥମ ବିଶ୍ୱ ସ୍କାଉଟ୍ସ ସମ୍ମିଳନୀର ଲଣ୍ଡନ ସଂସ୍କରଣରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରବର୍ଟ ବାଡେନ-ପାଓ୍ୱେଲଙ୍କ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ମତ ପ୍ରକାଶ ପାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବିପଦ ସମୟରେ ମାନବ ସମାଜ ପାଖରେ ବନ୍ଧୁ ଭଳି ଠିଆହେବାକୁ ସ୍କାଉଟ ଦିବସ ଶିକ୍ଷା ପ୍ରଦାନ କରିଥାଏ।



ବଡେନ ପାଓ୍ୱେଲ

### ଗାଙ୍ଗୁଲିଙ୍କ ବାୟୋପିକ୍‌ରେ ରାଜକୁମାର ରାଓ

ମୁମ୍ବାଇ

କପିଲ ଦେବଙ୍କଠାରୁ ଆରମ୍ଭ କରି ଏମ୍.ଏସ୍. ଧୋନୀ ଏବଂ ମିତାଲି ରାଜଙ୍କ ଭଳି କିମ୍ବଦନ୍ତୀ କ୍ରିକେଟରଙ୍କ ଜୀବନୀ ଉପରେ ଫିଲ୍ମ ନିର୍ମାଣ ହୋଇଛି। ଏବେ ଏହି ତାଲିକାରେ ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ନାମ ମଧ୍ୟ ଯୋଡି ହେବାକୁ ଯାଉଛି। ଶୁକ୍ରବାର ଗଣମାଧ୍ୟମରେ ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଜୀବନୀ ଉପରେ ଏକ ବାୟୋପିକ ତିଆରି ହେବାକୁ ଯାଉଛି ଏବଂ ରାଜକୁମାର ରାଓ ମୁଖ୍ୟ ଭୂମିକାରେ ଅର୍ଥାତ୍ ଗାଙ୍ଗୁଲିଙ୍କ ଚରିତ୍ରରେ ନଜର ଆସିବେ। କହିରଖୁଛୁ କି, ସୌରଭ ଗାଙ୍ଗୁଲିଙ୍କ ଭୂମିକା ପାଇଁ ଆୟୁଷ୍ମାନ ଖୁରାନା, ରଣବୀର କପୁରଙ୍କ ଭଳି ବହୁ ବଡ଼ ସେଲିବ୍ରେଟିଙ୍କ ନାଁ ଚର୍ଚ୍ଚାରେ ଥିଲା। ସୌରଭ ଗାଙ୍ଗୁଲି ଭାରତୀୟ ଦଳର ସବୁଠାରୁ ସଫଳ ଅଧିନାୟକମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ୨୦୦୨ ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜେତା ହୋଇଥିଲା ଏବଂ ତାଙ୍କ ଅଧୀନରେ ଭାରତ ୨୦୦୩ ବିଶ୍ୱକପ୍‌ର ଫାଇନାଲରେ ପହଞ୍ଚିଥିଲା। ଗାଙ୍ଗୁଲି ଦିନିକିଆ କ୍ରିକେଟ ଇତିହାସରେ ନବମ ସର୍ବାଧିକ ରନ୍ ସ୍କୋରର୍ ମଧ୍ୟ। ସେ ତାଙ୍କ ଦିନିକିଆ କ୍ୟାରିୟରରେ ୧୧,୩୬୩ ରନ୍ କରିଥିଲେ। ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ରନ୍ ବିଷୟରେ କହିବାକୁ ଗଲେ, ଗାଙ୍ଗୁଲି ୧୮,୫୭୫ ରନ୍ କରିଛନ୍ତି।



# ଜନସେବାରୁ ରାଜନୈତିକ ସଫଳତା ମିଳିଛି: ସୁଦର୍ଶନ

## ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ


ସୁଦର୍ଶନ ହରିପାଲ-ରେଙ୍ଗାଲି(ସମ୍ବଲପୁର)

ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ସଂରକ୍ଷିତ ଆସନରୁ ପ୍ରଥମ ଥର ପାଇଁ ସୁଦର୍ଶନ ହରିପାଲ ବିଧାୟକ ହୋଇଛନ୍ତି। ବିଜେଡି ଟିକେଟରୁ ଲଢ଼ି ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ନାଉରୀ ନାୟକଙ୍କୁ ୧ ହଜାର ୬୩୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ତାଙ୍କୁ ୭୩ ହଜାର ୪୨୦ ଖଣ୍ଡ ଭୋଟ ମିଳିଥିବା ବେଳେ ନାଉରୀଙ୍କ ସପକ୍ଷରେ ୭୧ ହଜାର ୭୮୮ ଖଣ୍ଡ ଭୋଟ ପଡ଼ିଥିଲା।

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଲାମାଟି ପଞ୍ଚାୟତ ବାବୁବନ୍ଧ ଗାଁରେ ୧୯୮୧ରେ ତାଙ୍କ ଜନ୍ମ। ସୁଦର୍ଶନଙ୍କ ପିତା ତେଜରାଜ ହରିପାଲ ଏବଂ ମାତା ପାତ ହରିପାଲ ମୂଲମଜୁରି କରି ପରିବାର ପୋଷଣ କରୁଥିଲେ। ବାବୁବନ୍ଧରେ ରାଜପଥ କଡ଼ରେ ଥିବା ତାଙ୍କ ଘର ରାଜପଥ ସମ୍ପ୍ରସାରଣରେ ଭାଙ୍ଗି ଦିଆଗଲା। ତା'ପରେ ବଡ଼ କଷ୍ଟରେ ଜିଲାର ଗୋଶାଳାରେ ଆସି ରହିଥିଲେ। ବାବୁବନ୍ଧରେ ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଲାଭ କରିଥିବା ସୁଦର୍ଶନ ବୈଜାମଣ୍ଡା ଆଶ୍ରମ ସ୍କୁଲରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ଏହାପରେ ଗୋଶାଳା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ପରେ ସେ ଜ୍ୟୋତି ବିହାର ଜୁନିୟର କଲେଜରୁ ଯୁକ୍ତ ୨ରେ ଉତ୍ତୀର୍ଣ୍ଣ ହୋଇଥିଲେ। ତା'ପରେ ବୁର୍ଲା ଏନ୍ଏସି ମହାବିଦ୍ୟାଳୟରେ ଯୁକ୍ତ ୩ରେ ନାମ ଲେଖାଇଥିଲେ। ହେଲେ ପରିବାରିକ ସମସ୍ୟା ଯୋଗୁ ସେ ପାଠ ଛାଡ଼ି କଲାମାଟି ପଞ୍ଚାୟତରେ କମ୍ୟୁନିଟି ମୋବିଲାଇଜର ଭାବେ ଯୋଗଦେଇଥିଲେ। ତା' ସହ ଛାତ୍ରୀଛାତ୍ରଙ୍କୁ ଟିଉସନ କରିବା ଆରମ୍ଭ କରିଥିଲେ। ୨୦୦୭ରେ ହିଣ୍ଡାଲକୋରେ ଏକ ଠିକା ସଂସ୍ଥା ଅଧୀନରେ ସୁପରଭାଇଜର ଭାବେ ଯୋଗଦେଇଥିଲେ। ବିଜେଡି ପ୍ରତି ତାଙ୍କର ଆକର୍ଷଣ ଯୋଗୁ ସେ ଦଳରେ ଯୋଗଦେଇଥିଲେ। ବିଜେଡିର ପୋଷ୍ଟର ଲଗାଇବା କାମରୁ ଆରମ୍ଭ ହୋଇଥିଲା ତାଙ୍କ ରାଜନୈତିକ ଯାତ୍ରା। ୨୦୧୨ରେ ସେ ଧନକଉଡ଼ା ବ୍ଲକ୍ ପାଇଁ ବିଜେଡିର ଡିଜିଟାଲ ମିଡିଆ ସଂଯୋଜକ ହୋଇଥିଲେ। ୨୦୨୨ରେ ଜିଲା ପରିଷଦ ନିର୍ବାଚନରେ ଭାଜପାର ଗଡ଼ କୁହାଯାଉଥିବା ଗୋଶାଳା ଅଞ୍ଚଳ ପାଇଁ ବିଜେଡି ଏକ ସ୍ୱଚ୍ଛ ଚେହେରା ଖୋଜୁଥିଲା। ସାମାଜିକ କାର୍ଯ୍ୟ କରୁଥିବା ସୁଦର୍ଶନଙ୍କୁ ଜିଲା ପରିଷଦ ଟିକେଟ ମିଳିଥିଲା। ସେ ଜିଲାପରିଷଦ ସଦସ୍ୟ ଭାବେ ବିଜୟୀ ହେବାପରେ ଜନସମ୍ପର୍କକୁ ଆହୁରି ସୁଦୃଢ଼ କରିଥିଲେ। ୨୦୨୪ ନିର୍ବାଚନରେ ତତ୍କାଳୀନ ଭାଜପା ବିଧାୟକ ନାଉରୀ ନାୟକଙ୍କ ସମ୍ମୁଖରେ ଅନେକେ ପୁରୁଣା ନେତାଙ୍କୁ ତଉଲିବା ପରେ ସୁଦର୍ଶନଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରିଥିଲା।

### ବିଧାୟକ କହନ୍ତି

ବିଜେଡିରୁ ଟିକେଟ ପାଇବା ନେଇ ପୂର୍ବରୁ ଚିନ୍ତା କରି ନ ଥିଲି ବୋଲି ସୁଦର୍ଶନ କହିଛନ୍ତି। ବିଧାୟକ ହେବାପରେ ମୁଁ ସାପ୍ତାହିକ ରୁଟିନ୍ ତିଆରି କରି ପୂରା ନିର୍ବାଚନମଣ୍ଡଳୀ ବୁଲୁଛି। ଗୋଶାଳାରେ ଲୋକଙ୍କ ସୁବିଧା ପାଇଁ ମାଗଣାରେ ଅନଲାଇନ୍ ଆବେଦନ କରିବା ବ୍ୟବସ୍ଥା କରିଛି। ଆଗକୁ ବିଧାନସଭା କ୍ଷେତ୍ରର ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯିବ। ଗାଁ ଗାଁରୁ ବୁର୍ଲା ଭିମ୍ସାର ମେଡିକାଲକୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେଣୁ ଭିମସାରରେ ଜଣେ ଯୁବକଙ୍କୁ ରୋଗୀମାନଙ୍କୁ ସହଯୋଗ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପ୍ରତି ସପ୍ତାହରେ ବିଭିନ୍ନ ଗାଁକୁ ଯାଇ ଲୋକମାନଙ୍କ ଅସୁବିଧା ବୁଝୁଛି। ବିଭିନ୍ନ ବିଦ୍ୟାଳୟ ଏବଂ ସରକାରୀ କାର୍ଯ୍ୟାଳୟରେ ତଦାରଖ କରୁଛି। ଲୋକଙ୍କ ସହ ଜନସମ୍ପର୍କକୁ ସୁଦୃଢ଼ କରିପାରିଥିବାରୁ ଲୋକମାନେ ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ମୋତେ ଅବଗତ କରୁଛନ୍ତି। ସେଥିପାଇଁ 'ସମର୍ଥ' ମାନସିକ ରୋଗୀ ନିର୍ଯାତନା ମାମଲା ପର୍ଦ୍ଦାଫାଶ କରିବା ସହ ସେମାନଙ୍କ ଉଦ୍ଧାର କରିବାରେ ସଫଳ ହୋଇପାରିଛି। ଯୁବକଙ୍କୁ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇଁ ଦୃଢ଼ ଦାବି କରୁଛି। ଲୋକଙ୍କ ସେବାରୁ ରାଜନୈତିକ ସଫଳତା ପାଇଥିବା ସେ କହିଛନ୍ତି।

ସ୍ତ୍ରୀ ନିଶା ହରିପାଲ ଜଣେ ଗୃହିଣୀ। ବଡ଼ ପୁଅ ସପ୍ତମ ଏବଂ ସାନପୁଅ ପ୍ରଥମ ଶ୍ରେଣୀରେ ପଢୁଛନ୍ତି।

- ରିପୋର୍ଟ: **ଭବାନୀ ଶଙ୍କର ଭୋଇ, ସମ୍ବଲପୁର**


କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ଦଳୀୟ ନେତୃବୃନ୍ଦ।

# ବିଧାନସଭାରୁ ରାଜରାସ୍ତା ପର୍ଯ୍ୟନ୍ତ ଲଢ଼େଇ କରିବ କଂଗ୍ରେସ: ଭକ୍ତ ଦାସ

**ଭୁବନେଶ୍ୱର, ୨୧।୨ (ସୁନିତ୍ ମିଶ୍ର)**

- ଆଦାନୀ ହାତକୁ ଖଣିଜ ସମ୍ପଦ ଟେକିଦେବାକୁ ଚକ୍ରାନ୍ତ ଚାଲିଛି: ଅଜୟ କୁମାର ଲଲ୍ଲୁ
- ୨୪ରେ ଦଳୀୟ ନେତାଙ୍କୁ ଦାୟିତ୍ୱ ବଣ୍ଟନ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି)ର ସଭାପତି ଭାବେ ଦାୟିତ୍ୱ ନେବାପରେ ଭକ୍ତ ଚରଣ ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ନିମନ୍ତେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସଂକଳ୍ପ ପଦଯାତ୍ରା କରିଥିଲେ। ବହୁ ସମର୍ଥକଙ୍କ ସହ ଲଗାତର ୩ ଦିନ ଧରି ଚାଲିକି ଶ୍ରୀକ୍ଷେତ୍ରକୁ ଯିବା ବାଟରେ କଂଗ୍ରେସ ନେତା, କର୍ମୀ ଓ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡ଼ି ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ସଂକଳ୍ପ ନେଇଥିବା ପିସିସି ସଭାପତି ଭକ୍ତ କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା କଂଗ୍ରେସ ଉପରେ ରହିଛି। ଓଡ଼ିଶା ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ବିଶ୍ୱାସ ଜିତିବା ଆମର ପ୍ରଥମ କର୍ତ୍ତବ୍ୟ ହେବ। ପୁରୀ ଯାତ୍ରା ସମୟରେ କଂଗ୍ରେସର ପୁରୁଖା ନେତାଙ୍କ ନୈତିକ ସମର୍ଥନ ଦଳ ପାଇଁ କାମ କରିବାର ମନୋବଳକୁ ବଢାଇଛି। ମୁଖ୍ୟମନ୍ତ୍ରୀ ହେବା ଲାଗି ତାଙ୍କର ଇଚ୍ଛା ନାହିଁ। ଦଳକୁ ଗଡ଼ି କ୍ଷମତାକୁ ଆଣିଲେ ତାଙ୍କ ଜୀବନର ସମସ୍ତ ଇଚ୍ଛା ପୂରଣ ହେବ। ଆସନ୍ତା ଦିନରେ ରାଜ୍ୟବାସୀଙ୍କ ଆଶା, ଭରସା ଓ ଆଶୀର୍ବାଦକୁ ପାଥେୟକରି କଂଗ୍ରେସ ଏ ଅହଂକାରୀ ସରକାର ବିରୋଧରେ ବିଧାନସଭାରୁ ଆରମ୍ଭ କରି ରାଜରାସ୍ତାରେ ଲଢ଼େଇ କରିବ। ଆଗାମୀ ଦିନରେ ଛାତ୍ର, ଯୁବ ଓ ମହିଳା କଂଗ୍ରେସଠାରୁ ଆରମ୍ଭକରି ସମସ୍ତ ଛାମୁଆ ସଙ୍ଗଠନକୁ ନେଇ ରାଜ୍ୟରେ ଲଢ଼େଇର ଡାକରା ଦିଆଯିବ। ରାଜନୈତିକ ଦଳ ଭାବେ ଜନତାଙ୍କ ପାଖରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ପ୍ରତ୍ୟେକ କଂଗ୍ରେସ କର୍ମୀ ହେଉଛନ୍ତି ଜଣେ ଲେଖା ଯୋଦ୍ଧା। ସେମାନେ ଭୟ କରନ୍ତି ନାହିଁ। କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ଘୃଣା, ହିଂସା ଓ ଭେଦଭାବର ଡବଲ ଇଞ୍ଜିନ ସରକାର ପତନ କରାଇବା ତାଙ୍କର ପ୍ରଥମ କାମ। ଏ ରାଜ୍ୟର ଆଦିବାସୀ, ଅନୁସୂଚିତ ଜାତି ଓ ପଛୁଆବର୍ଗଙ୍କ ପ୍ରତି ଘୋର ଅନ୍ୟାୟ କରାଯାଉଛି। ବିଶେଷକରି ଆଦିବାସୀ ଓ ଅନୁସୂଚିତ ଜାତି ଲୋକଙ୍କ ଜମିକୁ ବଳ ପ୍ରୟୋଗକରି ଅଧିଗ୍ରହଣକରି ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କୁ ଦିଆଯାଉଛି। ଖାଲି ସେତିକି ନୁହେଁ, ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ସ୍ଥିତିରେ ରହିଛି। ଏ ସରକାର ଆସିବା ପରେ ପାଖାପାଖି ୧୧ ଜଣରୁ ଅଧିକ କୃଷକ ଆତ୍ମହତ୍ୟା କରିବା ସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଦିବାସୀ ମହିଳାଙ୍କ ପ୍ରତି ପାଶବିକ ଅତ୍ୟାଚାର କରାଯାଉଛି। ଏପରିକି ସାମଗ୍ରିକ ଭାବରେ ମହିଳାମାନଙ୍କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ରାଜ୍ୟର ସମସ୍ତ ଖଣିଜ ସମ୍ପଦ ହରିଲୁଟ ଚାଲିଛି। ଏପରିକି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ ଆଦାନୀ ହାତରେ ଟେକିଦେବା ପାଇଁ ଚକ୍ରାନ୍ତ ଚାଲିଛି। କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ। ଦରଦାମ ବର୍ତ୍ତମାନ ଆକାଶଛୁଆଁ। ଆଦିବାସୀ, ଦଳିତ ଓ ଅବହେଳିତ ବର୍ଗ ପାଇଁ ଦଳ ଯେଉଁ ସଂକଳ୍ପ ନେଇଛି ସେଥିଲାଗି ଅହରହ ସଂଗ୍ରାମ ଜାରି ରହିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ବରିଷ୍ଠ ନେତାମାନଙ୍କୁ ନେଇ ପିସିସି ସଭାପତି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନଠାରେ କରିଛନ୍ତି। ଦଳର ଆଗାମୀ ରଣନୀତି କ'ଣ ହେବ ତାକୁ ନେଇ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆସନ୍ତା ୨୪ରେ ଦଳ କେଉଁ ନେତାଙ୍କୁ କ'ଣ ଦାୟିତ୍ୱ ବାଣ୍ଟିବ ସେନେଇ ଆଲୋଚନା କରିଥିବା ଜଣାପଡ଼ିଛି।

# ଦୁର୍ନୀତି ଅଭିଯୋଗ ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ ନିତ୍ୟାନନ୍ଦ

**ଭୁବନେଶ୍ୱର, ୨୧।୨ (ବନ୍ଦନା ସେଠୀ)**


ନିତ୍ୟାନନ୍ଦ ଗଣ୍ଡ

## ୫-ଟି ସ୍କୁଲ ରୂପାନ୍ତରଣରେ ୩୦୮୮.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି

ବିଧାନସଭାରେ ଉଠିଲା ୫ଟି ପ୍ରସଙ୍ଗ। ଶୁକ୍ରବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିବା ସହ ୫ଟି ସ୍କୁଲ ରୂପାନ୍ତରିତ ପାଇଁ କେତେ ଖର୍ଚ୍ଚ ହୋଇଛି ବୋଲି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ୫ଟିରେ ରୂପାନ୍ତରୀକରଣ ପାଇଁ ୩୦୮୮.୨୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେହିପରି ବିଧାୟକ ଭାସ୍କର ମଢେଇ ୫ଟି ସ୍କୁଲରେ ଦୁର୍ନୀତିର ତଦନ୍ତ ହୋଇଛି କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଯେଉଁଠି ୫ଟି ସ୍କୁଲ ଦୁର୍ନୀତିର ଅଭିଯୋଗ ଆସିଛି ସେଠାରେ ତଦନ୍ତ ହୋଇଛି। ଆଗକୁ ବି ଯଦି ଦୁର୍ନୀତି ହୋଇଥିବା ନଜରକୁ ଆସିବ ବିଭାଗ ତା'ର ଅନୁଧ୍ୟାନ କରିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୫ଟି ସ୍କୁଲରେ ଦୁର୍ନୀତି ହୋଇଥିଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବାକୁ ଭାଜପା ବିଧାୟକ ସନାତନ ବିଜୁଳି ଦାବି କରିଥିଲେ। ବିନା ଟେଣ୍ଡରରେ ୫ଟି ସ୍କୁଲ କାମ ହୋଇଥିବାବେଳେ, ଦୁର୍ନୀତି ହୋଇଛି। ୫ଟି ସ୍କୁଲ ରେ ଫାଟ ଦେଖାଗଲାଣି। ତେଣୁ ସରକାର ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ। ଏହାର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ବିଭାଗ ଏହା ଉପରେ ନିଶ୍ଚିତ ବିଚାର କରିବ।

## ରାଜ୍ୟ ଖବର

# କ୍ଲାସ୍‌ରୁମ୍‌ରେ ଶାର୍ଟ ଖୋଲି ଶୋଇବା ଅଭିଯୋଗରେ ଶିକ୍ଷକ ନିଲମ୍ବିତ

## ଭିଡିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

**ଔପଦା, ୨୧।୨ (ଧରିତ୍ରୀ ପଣ୍ଡା)**


ଶିକ୍ଷକ ପ୍ରଶାନ୍ତ କୁମାର ଜେନା

ବାଲେଶ୍ୱର ଜିଲା ଔପଦା ବ୍ଲକ ଇଶ୍ୱରପୁର ପଞ୍ଚାୟତ ଅଧୀନ ଅଣ୍ଡରା ନୋଡ଼ାଲ ୟୁପି ସ୍କୁଲ ଶିକ୍ଷକ ପ୍ରଶାନ୍ତ କୁମାର ଜେନାଙ୍କୁ ନିଲମ୍ବନ କରାଯିବା ଘଟଣାର ନୂଆ ତଥ୍ୟ ସାମ୍ନାକୁ ଆସିଛି। ନିଜ ପିଲାକୁ କୋଳରେ ବସାଇ ପାଠ ପଢ଼ାଇବା ଘଟଣା ନୁହେଁ ବରଂ କ୍ଲାସରୁମ୍‌ରେ ଶାର୍ଟ ଖୋଲି ଶୋଇବା ଅଭିଯୋଗରେ ସେ ନିଲମ୍ବିତ ହୋଇଥିବା ଜଣାପଡିଛି। ଏହି ଘଟଣାରେ ପ୍ରକୃତ ସତ୍ୟ ଲୁଚାଇବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି।

ଶିକ୍ଷକ ଜେନା ବିଦ୍ୟାଳୟ ଶ୍ରେଣୀଗୃହରେ ନିଜ ପିଲାକୁ କୋଳରେ ବସାଇ ପାଠ ପଢାଇବା, ବସିବା ସ୍ଥାନରେ ଲମ୍ବ ହୋଇ ଶୋଇବା, ଶାର୍ଟ ଖୋଲି ପାଠ ପଢ଼ାଇବା ସମୟରେ କେତେଜଣ ବ୍ୟକ୍ତି ଫଟୋ ଉତ୍ତୋଳନ କରି ବିଇଓ ନାରାୟଣ ଦାସଙ୍କ ପାଖକୁ ପଠାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଇଓ ଦାସ ଘଟଣାର ତଦନ୍ତ କରି ପତ୍ର ସଂଖ୍ୟା ୧୪୦ ତା ୨୦।୦୧।୨୦୨୫ରେ ଶିକ୍ଷକ ଜେନାଙ୍କୁ ନିଲମ୍ବିତ କରିଥିଲେ। ତାଙ୍କର ୫୦ ପ୍ରତିଶତ ଦରମା କଟାଯିବା ସହ ଢ଼ିଁପୁରା ପ୍ରାଥମିକ ବିଦ୍ୟାଳୟକୁ ସହକାରୀ ଶିକ୍ଷକ ଭାବେ ବଦଳି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ବିଇଓ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଶିକ୍ଷକଙ୍କୁ ନିଲମ୍ବିତ କରିବାର କାରଣ କେବଳ ନିଜ ଛୁଆକୁ କୋଳରେ ବସାଇ ପାଠ ପଢ଼ାଇବା ନୁହେଁ ବରଂ ଶ୍ରେଣୀଗୃହରେ ଶାର୍ଟ ଖୋଲି ପାଠ ପଢ଼ାଇବା, ଶ୍ରେଣୀଗୃହରେ ଶୋଇବା ଏବଂ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ନିଲମ୍ବିତ କରାଯାଇଛି। ଜେନାଙ୍କୁ ନିଲମ୍ବିତ କରିବାର ଯଥେଷ୍ଟ ବୈଧ କାରଣ ଅଛି ବୋଲି ବିଇଓ ଦାସ ପ୍ରକାଶ କରିଛନ୍ତି।

# ଆବାସ ପାଇଁ ୨୦ ହଜାର ଦାବିକଲେ ପିଇଓ

## ବିଡିଓଙ୍କ ନିକଟରେ ଅଭିଯୋଗକଲେ ଆବେଦନକାରୀ

**ବିଞ୍ଝାରପୁର, ୨୧।୨ (ରାମକୃଷ୍ଣ ଦାସ)**


ଅଭିଯୋଗକାରୀ ଓ ତାଙ୍କ ପରିବାର।

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର କେତେକ ପଞ୍ଚାୟତରେ ପିଇଓମାନେ ଖୋଲାଖୋଲି ଦୁର୍ନୀତି କରୁଛନ୍ତି। କପିଳା ପଞ୍ଚାୟତରେ ଗରିବ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କଠାରୁ ଜିଆରଏସ୍ ଏବଂ ପିଇଓ ଆବାସ ସର୍ଭେ ଓ ବର୍ଦ୍ଧିତ ଭତ୍ତା ପାଇଁ ଅର୍ଥ ଦାବି କରୁଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ କପିଳା ପଞ୍ଚାୟତର ଲୋକେ ଗୁରୁବାର ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ସେହିପରି ଆଉଁରୀ ପଞ୍ଚାୟତରୁ ଆଉ ଏକ ଅଭିଯୋଗ ଆସିଛି। ଆଉଁରୀ ଗ୍ରାମର ବାସୁଦେବ ଜେନା ୭୦ ପ୍ରତିଶତ ଭିନ୍ନକ୍ଷମ। ଘର ପାଖରେ ଏକ ପାନଦୋକାନ କରି ଛଣଛପର ଘରେ ୫ ସଦସ୍ୟବିଶିଷ୍ଟ ପରିବାର ରହୁଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ବାସୁଦେବ ବିଭିନ୍ନ ସମୟରେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ଘର ମିଳିପାରିନାହିଁ। ବାସୁଦେବ ଘର ପାଇଁ ପିଇଓଙ୍କୁ ନିବେଦନ କରିଥିଲାବେଳେ ସେ କୁଆଡ଼େ ତାଙ୍କୁ ୨୦ ହଜାର ଟଙ୍କା ଖର୍ଚ୍ଚ ଦାବି କରିଥିଲେ। ଏନେଇ ବାସୁଦେବ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପିଇଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ। ବିଡିଓ ହିତାଂଶୁ ସାମଲଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଛନ୍ତି, ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଝୋଡ଼ିଆ ପ୍ରତିନିଧି ଦଳ

**ରାୟଗଡ଼ା/ଜୟପୁର, ୨୧।୨ (ଆଶିଷ ରଞ୍ଜନ ପଣ୍ଡା/ପବନ ପାଣିଗ୍ରାହୀ)**

## ଝୋଡ଼ିଆଙ୍କୁ ଆଦିବାସୀ, ସଉରା ଭାଷାକୁ ଅଷ୍ଟମ ସୂଚୀ ମାନ୍ୟତା ଦାବି


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ବିଧାୟକ ସତ୍ୟଜିତ ଗମାଙ୍ଗ ଏବଂ ଝୋଡ଼ିଆ ପ୍ରତିନିଧି ଦଳ।

ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ଏବଂ ଲାଞ୍ଜିଆ ସଉରା ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀ ମାନ୍ୟତା ଦାବିରେ ସଉରା ଓ ଝୋଡ଼ିଆ ସମ୍ପ୍ରଦାୟର ପ୍ରତିନିଧି ଦଳ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ ପ୍ରତିନିଧି ଦଳଙ୍କ ସହ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ରାଷ୍ଟ୍ରପତି ଭବନକୁ ଯାଇ ମୁର୍ମୁଙ୍କୁ ଭେଟିବା ସହ ଝୋଡ଼ିଆଙ୍କ ଦୀର୍ଘଦିନର ଦାବି ପୂରଣ ସ୍ୱରୂପ ସେମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ ଦାବି କରିଥିଲେ। ଏଥିସହ ଜିଲାର ଆଦିମ ଅଧିବାସୀ ଲାଞ୍ଜିଆ ସଉରାଙ୍କ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ୱୀକୃତି ପ୍ରଦାନ ପାଇଁ ଦାବି କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଦାବିପତ୍ର ଗ୍ରହଣକରି ଏ ନେଇ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ଉଲାକା ସୂଚନା ଦେଇଛନ୍ତି। ଏହା ସହ ପୂର୍ବରୁ ରାଜ୍ୟରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇଛି କି ନାହିଁ ବୋଲି ମଧ୍ୟ ରାଷ୍ଟ୍ରପତି ପଚାରି ବୁଝିଥିଲେ। ଏହି ଦୁଇ ଦାବି ପାଇଁ ଏମ୍‌ପି ଉଲାକାଙ୍କ ନେତୃତ୍ୱରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ଏଥିରେ ଅଞ୍ଚଳରୁ ପ୍ରାୟ ୧୦ହଜାର ଦସ୍ତଖତ ହୋଇଥିବା ବେଳେ ତ୍ରିପୁରାରୁ ମଧ୍ୟ ଲୋକେ ଦସ୍ତଖତ କରିଥିଲେ। ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ପାଇଁ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ଦସ୍ତଖତ କରିଛନ୍ତି।

ପ୍ରକାଶ ଥାଉକି, କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ ରହୁଥିବା ଝୋଡ଼ିଆ ସମ୍ପ୍ରଦାୟ ପୂର୍ବରୁ ପରଜା ଜନଜାତିର ସମକକ୍ଷ ଭାବେ ମାନ୍ୟତା ପାଇ ୧୯୯୭ ପର୍ଯ୍ୟନ୍ତ ଅନୁସୂଚିତ ଜନଜାତି ବର୍ଗରେ ଅନ୍ତର୍ଭୁକ୍ତ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ଆଦିବାସୀ ମାନ୍ୟତା କାଟି ଦିଆଯାଇ ସାଧାରଣ ବର୍ଗରେ ସାମିଲକରି ଦିଆଯାଇଥିଲା। ଏ ନେଇ ଝୋଡ଼ିଆ ସମ୍ପ୍ରଦାୟ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବହୁବାର ଅନୁରୋଧ ପୂର୍ବକ ଦାବି ହୋଇଆସିଥିଲେ ମଧ୍ୟ ଆଦିବାସୀ ମାନ୍ୟତା ମିଳିପାରିନାହିଁ। ତେଣୁ ସେମାନଙ୍କୁ ପୁନଃ ଆଦିବାସୀ ମାନ୍ୟତା ଦିଆଯାଉ ବୋଲି ଏମ୍‌ପି ଉଲାକା ଓ ଝୋଡ଼ିଆ ସମ୍ପ୍ରଦାୟ ଦାବି କରିଛି। ସେହିଭଳି ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟରେ ୫ଲକ୍ଷରୁ ଅଧିକ ଆଦିବାସୀଙ୍କ କଥିତ ସୌରା ଭାଷାର ଏକ ସମୃଦ୍ଧ ଐତିହ୍ୟ ଏବଂ ଏକକ ଅନନ୍ୟ ଲିପି ସଉରା ସୋମ୍ପେଙ୍ଗ ରହିଛି। ତଥାପି ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ତତ୍‌ସହିତ ସଉରା ଭାଷାକୁ ସରକାରୀ ସ୍ୱୀକୃତି, ସରକାରୀ ସମର୍ଥନ ଏବଂ ଭାଷାଭିତ୍ତିକ ସଂରକ୍ଷଣ ପଦକ୍ଷେପକୁ ଅସ୍ୱୀକାର ଓ ଉପେକ୍ଷିତ କରାଯାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ସଉରା ଲିପି ଓ ଭାଷାକୁ ସରକାରୀ ସ୍ୱୀକୃତି ପୂର୍ବକ ଭାରତୀୟ ସମ୍ବିଧାନରେ ଅଷ୍ଟମ ସୂଚୀରେ ସାମିଲ କରିବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଉରା ପ୍ରତିନିଧି ରାମପ୍ରସାଦ ଗମାଙ୍ଗ, କେତନ ଶବର, ଦିନମସି ଗମାଙ୍ଗ, ଓଇରୁମ୍ପି ଶବର ଏବଂ ଝୋଡ଼ିଆ ପ୍ରତିନିଧି ନୀଳକଣ୍ଠ ଝୋଡ଼ିଆ, ସଦ୍ଧୁଚରଣ ମାଝି ଓ ବୁଧେଶ୍ୱର ଝୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# କୂଅ ଭିତରୁ ଗାଡ଼ଭାଲୁ ଉଦ୍ଧାର

## ଭାଲୁଟି ହନି ବ୍ରିଜଡେର ପ୍ରଜାତିର: ଡେପୁଟି ରେଞ୍ଜର

**ଦିଗପହଣ୍ଡି, ୨୧।୨ (ଅଶେଷ ନାଥ ମିଶ୍ର)**


ଗାଡ ଭାଲୁ।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ସାଗର ସାହିର ବଳରାମ ପ୍ରଧାନଙ୍କ କୂଅରୁ ଶୁକ୍ରବାର ଏକ ଗାଡ଼ଭାଲୁ ଉଦ୍ଧାର ହୋଇଛି। ଭାଲୁଟି ବଳରାମଙ୍କ କୂଅରେ ଗଳି ପଡିଥିଲା। ଏହା ଏକ ବିରଳ ପ୍ରଜାତିର ଗାଡ଼ଭାଲୁ (ହନି ବ୍ରିଜଡେର) ବୋଲି କୁହାଯାଉଛି। ଖବରପାଇ ଶୁକ୍ରବାର ସକାଳେ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଭାଲୁଟିକୁ କୂଅରୁ ଉଦ୍ଧାର କରିଥିଲେ।

ଖବରରୁ ଜଣାପଡ଼ିଛି, ଗୁରୁବାର ବିଳମ୍ବିତ ରାତିରେ ଗାଡଭାଲୁଟି ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଜଙ୍ଗଲରୁ ଜନବସତିକୁ ଚାଲିଆସିଥିଲା। ଅନ୍ଧାର ରାତିରେ ବାଟବଣା ହୋଇ ବିଲ ରାସ୍ତାରେ ଆସିବା ବେଳେ ଗ୍ରାମର ବଳରାମଙ୍କ କୂଅ ଭିତରକୁ ଖସି ପଡିଥିଲା। ଭୋରରୁ କେତେ ଜଣ ବ୍ୟକ୍ତି ସେହି ରାସ୍ତାରେ ଯାଉଥିବା ବେଳେ କୂଅ ଭିତରୁ ଭାଲୁର ଗର୍ଜନ ଶୁଣିବାକୁ ପାଇଥିଲେ। ପରେ ସେମାନେ କୂଅ ନିକଟକୁ ଯାଇ ଭିତରକୁ ଚାହିଁବାରୁ ଭାଲୁଟିକୁ ଦେଖିଥିଲେ। ଖବର ପ୍ରଚାର ହେବା ପରେ ଗାଡ଼ଭାଲୁକୁ ଦେଖିବାକୁ କୂଅ ନିକଟରେ ଭିଡ଼ ଜମିଥିଲା। ଖବରପାଇ ସାନଖେମୁଣ୍ଡି ଦମକଳବାହିନୀ ଏବଂ ଚନ୍ଦ୍ରଗିରି ବନାଞ୍ଚଳ ଭୀଷ୍ମଗିରି ସେକ୍ସନର ବନପାଳ ଦେବାଶିଷ ଶତପଥୀ, ପୋଡ଼ାମାରି ଡେପୁଟି ରେଞ୍ଜର ରୂପକ ପ୍ରଧାନ, ବନପାଳ ସୁନୀଲ ମଣ୍ଡଳ ଓ ବିଭାଗର ରାପିଡ ଆକ୍ସନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ପରିଶ୍ରମ କରି ଗାଡଭାଲୁକୁ କୂଅ ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ତାକୁ କର୍ମଚାରୀମାନେ ଯନ୍ତାରେ ଧରି ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ଏହା ଏକ ବିରଳ ପ୍ରଜାତିର ଗାଡ଼ଭାଲୁ (ହନି ବ୍ରିଜଡେର)। ଆବଶ୍ୟକ ଚିକିତ୍ସା ପରେ ଏହାକୁ ଜଙ୍ଗଲରେ ଛଡାଯିବ ବୋଲି ଡେପୁଟି ରେଞ୍ଜର ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ବଳରାମଙ୍କ ଏକ କୂଅ ଗ୍ରାମ ଜଙ୍ଗଲ ନିକଟସ୍ଥ ଜମି ମଧ୍ୟରେ ରହିଛି।

# କଳା ଶିକ୍ଷକଙ୍କ କଳା କାରନାମା

## ବଚସାରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ତଣ୍ଟି ଚିପି ମାରିଥିଲେ

କାମାକ୍ଷାନଗର, ୨୧।୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀଙ୍କ ହତ୍ୟା ରହସ୍ୟ ଶୁକ୍ରବାର ଉନ୍ମୋଚନ କରିଛି ପୋଲିସ। ତୁମୁସିଙ୍ଗା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସୋମନାଥ ବିଶ୍ୱାଳ ହିଁ ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିବା ସହ ଘଟଣାସ୍ଥଳକୁ ଆଣି କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି।

ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର କହିଛନ୍ତି, ତୁମୁସିଙ୍ଗା ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀଙ୍କ ମୃତଦେହ ଗୁନେଇବିଲିସ୍ଥିତ ନିଜ ଘର ସମ୍ମୁଖ ଗ୍ୟାରେଜ ଘରୁ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଥିଲା। ପ୍ରାରମ୍ଭିକ



ମୃତା ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ



ଗିରଫ ଅଭିଯୁକ୍ତ ଶିକ୍ଷକ ସୋମନାଥ ବିଶ୍ୱାଳ

ତଦନ୍ତ ପରେ ପୋଲିସ ଏହା ଏକ ହତ୍ୟା ଘଟଣା ହୋଇଥିବା ଜାଣିପାରିଥିଲା। ବୁଧବାର ରାତିରେ ଅଭିଯୁକ୍ତ ସୋମନାଥ ପ୍ରଧାନଶିକ୍ଷୟିତ୍ରୀଙ୍କ ଘରକୁ ଯାଇଥିଲେ। କୌଣସି କାରଣକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ପ୍ରଭାତୀ ପିନ୍ଧିଥିବା ଓଢ଼ଣିରେ ତାଙ୍କ ବେକକୁ ସୋମନାଥ ଚିପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରଭାତୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମୃତଦେହକୁ ଏକ କୋଠରି ଭିତରେ ପକାଇ ବାହାରୁ ତାଲା ଦେଇ ସୋମନାଥ ପଳାଇ ଯାଇଥିଲେ। ଘଟଣାସ୍ଥଳରୁ ସୋମନାଥ ନେଇଯାଇଥିବା ପ୍ରଭାତୀଙ୍କ ୨ଟି ମୋବାଇଲ ଫୋନ, ତାଙ୍କ ଝିଅଙ୍କ ମୋବାଇଲ ଫୋନ ଓ ସୁନାହାରକୁ ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, ତୁମୁସିଙ୍ଗା ଆଇଆଇସି ମନସ୍ୱିନୀ ମହାନ୍ତି, ପଣ୍ଡୁଆ ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ, ମୀନକେତନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଏହି ଘଟଣାରେ ଅନ୍ୟ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବାନେଇ ପ୍ରକାଶ କରିଥିବା ବେଳେ ପୋଲିସ ଏ ନେଇ କିଛି କହିନାହିଁ। ସେହିପରି ଏହି ହତ୍ୟାକାଣ୍ଡ ପଛରେ ଟଙ୍କା ଦେଣନେଣ କାରଣ ବୋଲି ମୃତ ପ୍ରଧାନଶିକ୍ଷୟିତ୍ରୀଙ୍କ ପରିବାର ଲୋକେ କହିବା ସହ ଅଭିଯୁକ୍ତଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି।

# ବସ୍‌ରୁ ପର୍ସ ଚୋରି ଅଭିଯୋଗ: ୫ ମହିଳା ଗିରଫ

ଆଠଗଡ଼, ୨୧।୨ (ସତ୍ୟପ୍ରସାଦ ରଥ)



ଗିରଫ ଅଭିଯୁକ୍ତ ମହିଳାମାନେ।

ବସ୍‌ରେ ଜଣେ ମହିଳାଙ୍କଠାରୁ ପର୍ସ ଚୋରି କରିବା ଅଭିଯୋଗରେ ଆଠଗଡ଼ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମସ୍ତ ଅଭିଯୁକ୍ତ ମହିଳା ବୋଲି ଜଣାପଡ଼ିଛି। ସେମାନେ ହେଲେ ମହାରାଷ୍ଟ୍ର ଅଞ୍ଚଳର ମହିଳା ସମିତା କମଣ୍ଡେଇ(୪୦), ରେଶମା ବିସିନେଇ(୩୫), ମାଳତୀ ବିସିନେଇ(୫୦), ସାରିକା ପତ୍ରୀ (୪୨) ଓ ଲଛମା ଇଞ୍ଜୁରିକସ (୬୦)।

କଟକ ଜିଲାର ଖୁଣ୍ଟୁଣୀ ଅଞ୍ଚଳରେ ବିବାହ କରିଥିବା ଆଠଗଡ଼ ରସିକପୁର ଅଞ୍ଚଳର ରଶିତା ବାରିକ ଏକ ଘରୋଇ ବସ୍‌ଯୋଗ ଶୁକ୍ରବାର ଆଠଗଡ଼ ଆସୁଥିଲେ। ସେ ଖୁଣ୍ଟୁଣୀରେ ବସ୍‌ରେ ଚଢ଼ିବାବେଳକୁ କେତେଜଣ ଫେରିବାଲା ମହିଳା ପୂର୍ବରୁ ବସ୍‌ରେ ବସିଥିଲେ। ଆଠଗଡ଼ ପୁରୁଣା ବସଷ୍ଟାଣ୍ଡଠାରେ ବସ୍ ପହଞ୍ଚିବା ପରେ ସେଠାରେ ଓହ୍ଲାଇ ଏକ ଦୋକାନକୁ ରଶ୍ମିତା ଯାଇଥିଲେ। ଏହି ସମୟରେ ପର୍ସ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ବାପ ଘର ଲୋକଙ୍କୁ ଖବର ଦେଇଥିଲେ। ଉକ୍ତ ବସ୍‌ଷ୍ଟାଣ୍ଡରେ ମହିଳା ଫେରିବାଲାମାନେ ମଧ୍ୟ ବସ୍‌ରୁ ଓହ୍ଲାଇ ନିକଟରେ ଥିବା ଏକ ଦୋକାନରେ ବସିଥିଲେ। ଏନେଇ ରଶ୍ମିତାଙ୍କର ସେମାନଙ୍କ ଉପରେ ସନ୍ଦେହ ହେବାରୁ ପରିବାର ଲୋକ ଆସିବା ପରେ ସ୍ଥାନୀୟ ଲୋକଙ୍କ ସହ ମିଶି ମହିଳା ଫେରିବାଲାମାନଙ୍କୁ ତାଙ୍କ ପର୍ସ ବିଷୟରେ ପଚାରିଥିଲେ। ମାତ୍ର ଅଭିଯୁକ୍ତା ମହିଳାମାନେ ରଶିତା ଓ ତାଙ୍କ ସାଙ୍ଗରେ ଥିବା ଲୋକଙ୍କୁ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଅଭିଯୁକ୍ତ ମହିଳାମାନଙ୍କ ଠାରୁ ରଶ୍ମିତାଙ୍କ ଚୋରି ଯାଇଥିବା ପର୍ସ ମିଳିଥିଲା, ମାତ୍ର ସେଥିରେ ଥିବା ସବୁ ଟଙ୍କା ମିଳି ନ ଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରି ଆଠଗଡ଼ ଥାନାକୁ ନେଇଛି। ଏନେଇ ରଶ୍ମିତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୪୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ପୋଲିସକୁ ତଥ୍ୟ ଲୁଚାଇଲେ ସ୍ପାଇଡର ସତୀଶ

## ରିମାଣ୍ଡ ସରିଲା, ଜେଲ ଫେରିଲେ ଆନ୍ତଃ ରାଜ୍ୟ ଲୁଟେରା

ଭୁବନେଶ୍ୱର, ୨୧।୨ (ସୂର୍ଯ୍ୟକାନ୍ତ ବେହେରା)

ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ଘଟଣାରେ ଗିରଫ ଆନ୍ତଃ ରାଜ୍ୟ ଲୁଟେରା ସତୀ ବାବୁ ଓରଫ୍ ସତୀଶ ରେଡ୍ଡୀ ଓରଫ୍ ସ୍ପାଇଡର ସତୀଶଙ୍କ ୫ ଦିନିଆ ରିମାଣ୍ଡ ଶୁକ୍ରବାର ଶେଷ ହୋଇଛି। ଏହାପରେ ସତୀଶଙ୍କୁ ନୟାପଲ୍ଲୀ ପୋଲିସ କୋର୍ଟରେ ହାଜର କରିଥିଲା। ସେଠାରୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ତେବେ ବଡ଼ବଡ଼ିଆଙ୍କ ଘରୁ ଚୋରି କରୁଥିବାରୁ ବହୁ ତଥ୍ୟ ହାସଲ ଆଶାରେ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିଥିଲା। ନିରଞ୍ଜନଙ୍କ ଘରକୁ କେଉଁପଟେ, କେମିତି ପ୍ରବେଶ କରି କ'ଣସବୁ ଚୋରି କଲେ ତାହାର ସିନ୍ ରିକ୍ରିଏଶନ ଗୁରୁବାର ହୋଇଥିଲା। ମାତ୍ର ସତୀଶଙ୍କଠାରୁ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସ ପାଇପାରି ନ ଥିବା ସୂଚନା ମିଳିଛି।

ସୂଚନାନୁସାରେ, ଜାନୁଆରୀ ୨୬ରେ କଂଗ୍ରେସ ନେତା ନିରଞ୍ଜନଙ୍କ ଘରୁ ସତୀଶ ଚୋରି କରିବା ପରେ ଏକ ଭଡ଼ା କାରରେ ଫେରାର ହୋଇଯାଇଥିଲେ। କମିଶନରେଟ୍ ପୋଲିସ ୧୦ ହଜାର ଫୋନ୍ ଓ ୪୦୦ ସିସିଟିଭି ଫୁଟେଜ ଯାଞ୍ଚ ସହ ୫୦ ହାର୍ଡକୋର୍ ଚୋରଙ୍କ ତଥ୍ୟ ଅନୁଧ୍ୟାନ କରି ୧୮ ଦିନ ପରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରୁ ସତୀଶଙ୍କୁ ଗିରଫ କରିଥିଲା। ଗୋଟିଏ କାର୍, ବହୁ ସୁନାଅଳଙ୍କାର, ମୋବାଇଲ ଫୋନ, ନଗଦ ୭ ଲକ୍ଷ ଟଙ୍କା, ଅପରାଧ ବେଳେ ବ୍ୟବହୃତ ପୋଷାକ, ଟର୍ଚ୍ଚ ଲାଇଟ ଆଦି ସତୀଙ୍କଠାରୁ ଜବତ କରାଯାଇଥିଲା।

# ୧୦ ହଜାର କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

## କନ୍ଧମାଳର ୫ ଥାନା ଅଞ୍ଚଳରେ ଚଢ଼ାଉ

ଫୁଲବାଣୀ/ବାଲିଗୁଡ଼ା, ୨୧।୨ (ରାକେଶ କୁମାର ରାଉତ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ପୋଲିସ ଶୁକ୍ରବାର ୫ ଥାନା ଅଞ୍ଚଳରେ ଏକକାଳୀନ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଚଢ଼ାଉ ବେଳେ ୧୦ହଜାର ୮୫୨କେଜି ଗଞ୍ଜେଇ ଜବତ କରାଯିବା ସହ ଜଣଙ୍କୁ ଗିରଫ କ ରାଯାଇଛି।

କନ୍ଧମାଳରୁ ଗଞ୍ଜେଇ ଚୋରାଚାଲାଣ ରୋକିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଏସ୍‌ପି ହରିଶ ବିସି ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ଦାରୁଗୋଣ୍ଡା ଘାଟି ନିକଟ ଜଙ୍ଗଲରୁ ୬୫୨୦ କେଜି, ଫିରିଙ୍ଗିଆ ଥାନା ଅଧୀନରେ ଥିବା କାସିନପଦର ପଞ୍ଚାୟତର ମାଜିପଡ଼ା ଜଙ୍ଗଲରୁ ୧୫୨୦ କେଜି, ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଦ୍ରେଜୁ ପଞ୍ଚାୟତ ମିନିଆକଟି ଜଙ୍ଗଲରୁ ୨୦୫୨ କେଜି, ବାଲିଗୁଡ଼ା ଥାନା ଅଧୀନ ଜାକ୍ରିପଦା ଜଙ୍ଗଲରୁ ୬୫୦ କେଜି, ଟିକାବାଲି ଥାନା ଅନ୍ତର୍ଗତ ସୁନାପଙ୍ଗା ଗ୍ରାମ ନିକଟରୁ ୧୧୦ କେଜି



ଜବତ ହୋଇଥିବା ଗଞ୍ଜେଇ।

ଗଞ୍ଜେଇ ଜବତ କରାଯାଇଛି। ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ସୂଚନାଯୋଗ୍ୟ, ନିଶା ବ୍ୟବସାୟୀମାନେ ଜଙ୍ଗଲ ମଧ୍ୟରେ ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଗାତ ଖୋଳି ଗଞ୍ଜେଇ ରଖି ଚୋରା ଚାଲାଣ କରୁଛନ୍ତି। ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଏହି ଅଭିଯାନ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କନ୍ଧମାଳ ଏସ୍‌ପି ସୂଚନା ଦେଇଛନ୍ତି।

# ଟଙ୍କା ମାଗିବାରୁ ଚା' ଦୋକାନରେ ବୁଲିଲା ଖଣ୍ଡା, ୨ ଅଟକ

ବ୍ରହ୍ମପୁର, ୨୧।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଉତ୍କଳ ସିନେମା ହଲ ଛକରେ ଶୁକ୍ରବାର ଟଙ୍କା ମାଗିବାକୁ ନେଇ ଏକ ଚା ଦୋକାନରେ ଖଣ୍ଡା ବୁଲିଛି। ଦୁର୍ବୃତ୍ତମାନେ ଚା' ଦୋକାନକୁ ଖଣ୍ଡାରେ ଭଙ୍ଗାରୁଜା କରିବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି। କଂସାରି ସାହିର ବି. ରମେଶ ରାଓ ଉତ୍କଳ ସିନେମା ହଲ ଛକ ଠାରେ ଏକ ଚା' ଓ ବିସ୍କୁଟ ଦୋକାନ ଖୋଲିଛନ୍ତି । ଶୁକ୍ରବାର ରମେଶ ନିଜର ଚା'ଦୋକାନ ଖୋଲି ବ୍ୟବସାୟ କରୁଥିବାବେଳେ ୨ ଜଣ ଯୁବକ ଆସି ଚା' ଓ ବିସ୍କୁଟ ଖାଇଥିଲେ। ରମେଶ ସେମାନଙ୍କୁ ଚା'ବିସ୍କୁଟ ବାବଦକୁ ଟଙ୍କା ମାଗିବାରୁ ସେମାନେ ତାଙ୍କୁ ଗାଲିଗୁଲଜ କରିବା ସହ ଧମକଚମକ ଦେଇ ସେଠାରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ସେହି ୨ ଜଣ ଯୁବକ ହାତରେ ଖଣ୍ଡା ଓ ମାରଣାସ୍ତ୍ର ଧରି ଆସି ରମେଶଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ରମେଶ ଜୀବନ ବଞ୍ଚାଇବାକୁ ଲୁଚିଯିବା ପରେ ଯୁବକମାନେ ଖଣ୍ଡାରେ ଦୋକାନର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ବିକ୍ରି ହୋଇଥିବା ଟଙ୍କା ନେଇ ଫେରାର ହୋଇଯାଇଥିଲେ ବୋଲି ରମେଶ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାରେ ସଂପୃକ୍ତି ଅଭିଯୋଗରେ ବଡବଜାର ଥାନା ପୁଲିସ ୨ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଆକଟ କରିବାରୁ ବଡ଼ ଭାଇଙ୍କୁ ହତ୍ୟା

ଫିରିଙ୍ଗିଆ, ୨୧।୨ (ବିମଳ ଦିଗାଲ)

କନ୍ଧମାଳ ଜିଲା ଅର୍ନ୍ତଗତ ଫିରିଙ୍ଗିଆ ବ୍ଲକ୍ ସାଡ଼ିଙ୍ଗିଆ ପଞ୍ଚାୟତ ସୁମେରୁ ବନ୍ଧ ଲଦାପଦାର ଗ୍ରାମରେ ସାମାନ୍ୟ କଥାକୁ କେନ୍ଦ୍ରକରି ମଝିଆ ଭାଇ ବଡ଼ଭାଇକୁ ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ମୃତ ବଡ଼ ଭାଇ ହେଲେ କୃଷ୍ଣ କହଁର। ସୂଚନାଯୋଗ୍ୟ ଯେ, ଗୁରୁବାର ରାତ ୮ଟାରେ ମଝିଆ ଭାଇ ରାମ ଘରକୁ ଫେରିବା ସମୟରେ ବଡଭାଇ କୃଷ୍ଣ ତାଙ୍କୁ କାହିଁକି ବୁଲାବୁଲି କରୁଛୁ। କାମ ଧନ୍ଦା କରୁନୁ ବୋଲି କହିଥିଲେ। ଏଥିରେ ରାମ ରାଗିଯାଇ ବଡ଼ଭାଇ କୃଷ୍ଣଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ସାନ ଭାଇ ଲକ୍ଷ୍ମଣ ପହଞ୍ଚି ବିରୋଧ କରିବାରୁ ତାଙ୍କୁ ମଧ୍ୟ ରାମ ମାରିବାକୁ ଚେଷ୍ଟା କରିଥିଲେ। ଲକ୍ଷ୍ମଣ ହାତରେ ଆଘାତ ପାଇ ଭୟରେ ଦୌଡ଼ି ପଳାଇ ଥିଲେ। ଏହା ପରେ ରାମ ସେଠାରୁ ଫେରାର ହୋଇ ଯାଇଥିଲେ। ଫିରିଙ୍ଗିଆ ପୋଲିସ ଖବର ପାଇ ତଦନ୍ତ ଆରମ୍ଭ କରିଛି। ଥାନାରେ ୪୧/୨୫ରେ ମାମଲା ରୁଜୁ ହୋଇଛି।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଢାଉଁ ଢାଉଁ ଢାଉଁ ବାଜଇ ଢୋଲ, ବାହାରେ ଚିକ୍କଣ ଭିତରେ ପୋଲ।**

ସାଧାରଣତଃ ବଡ଼ ବଡ଼ କଥା କହୁଥିବା ଲୋକଙ୍କର କାମ ସେତେଟା ସନ୍ତୋଷଜନକ ହୋଇ ନ ଥାଏ। ଏଭଳି ବ୍ୟକ୍ତି ବାହାରେ ତୁମ୍ବିତୋଫାନ କରି ଲୋକଙ୍କୁ ତୁଚ୍ଛା ଆକୃଷ୍ଟ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଢିରା କି ଜାଣେ ବୋଝର ଗରୁ।**

ଭାରି ଜିନିଷକୁ ଟେକି ଧରିବାକୁ ହେଲେ ଢିରାର ସାହାଯ୍ୟ ନେବାକୁ ପଡ଼ିଥାଏ। ପରନ୍ତୁ ମୂଳ ବସ୍ତୁ କେତେ ପରିମାଣର ବୋଝ ମୁଣ୍ଡାଇଛି ତାହା ଢିରା ଜାଣିପାରି ନ ଥାଏ। ପରୋକ୍ଷରେ ଟିକିନିଖି କାର୍ଯ୍ୟ କରୁଥିବା ବ୍ୟକ୍ତିର ଗୁରୁଦାୟିତ୍ୱକୁ ସାହାଯ୍ୟକାରୀ ବ୍ୟକ୍ତି ବୁଝିବାକୁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କିଟ୍ ଛାତ୍ରୀ ମୃତ୍ୟୁକୁ ନେଇ ଓଏଚ୍‌ଆର୍‌ସିରେ ମାମଲା

କଟକ, ୨୧।୨ (କାର୍ତ୍ତିକ ସାହୁ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍)ରେ ବି.ଟେକ୍. ଛାତ୍ରୀ ମୃତ୍ୟୁକୁ ନେଇ ଓଡ଼ିଶା ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ମାମଲା ରୁଜୁ ହୋଇଛି। ମାମଲାର ବିବରଣୀ ଅନୁସାରେ, ନେପାଳରୁ ଆସି କିଟ୍‌ରେ ବି.ଟେକ୍. ପଢୁଥିବା ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତଦେହ ଗତ ରବିବାର ହଷ୍ଟେଲରୁ ମିଳିଥିଲା। କିଟ୍ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହିଥିଲେ। ଏହି ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଛାତ୍ରୀଛାତ୍ରମାନେ ଦାବି କରି ପ୍ରତିବାଦ ଜଣାଇଥିଲେ। ତେବେ ଏହି ଘଟଣାରେ ପ୍ରତିପକ୍ଷମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। କିଟ୍ ପକ୍ଷରୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇ ନେପାଳର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷିତ ଭାବନା ସୃଷ୍ଟି ହେବାରୁ ସେମାନେ କ୍ୟାମ୍ପସ ଛାଡ଼ିଥିଲେ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପରିସରରେ ଅଶାନ୍ତ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣା ଭାରତ ଓ ନେପାଳ ମଧ୍ୟରେ ଘୃଣା, ଅସ୍ଥିରତା ଭାବ ସୃଷ୍ଟିକୁ ପ୍ରୋତ୍ସାହିତ କରିବ। କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବିରୋଧରେ ଦିଆଯାଇଥିବା ଏତଲାର ସ୍ଥିତି ସଂକ୍ରାନ୍ତରେ ତଥ୍ୟ ଦେବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ସେହିପରି କିଟ୍‌ର ଛାତ୍ରୀ ନିବାସର ଯୁଗ୍ମ ନିର୍ଦ୍ଦେଶିକା ଜୟନ୍ତୀ ନାଥଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ପ୍ରାର୍ଥନା କରାଯାଇଛି। ଏଭଳି ଲଜ୍ଜାଜନକ ଘଟଣା ଭବିଷ୍ୟତରେ ନ ଘଟିବା ତଥା ନେପାଳ ବିଦ୍ୟାର୍ଥୀଙ୍କୁ କ୍ଷତିପୂରଣ ବାବଦରେ କିଟ୍ ପକ୍ଷରୁ ନିଶ୍ଚିତ କରିବାକୁ ମଧ୍ୟ ଆବେଦନରେ ଦର୍ଶାଯାଇଛି। ନେପାଳ ଛାତ୍ରୀଛାତ୍ରଙ୍କ ନିରାପତ୍ତା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଏବଂ କ୍ୟାମ୍ପସ୍‌କୁ ସେମାନଙ୍କର ପ୍ରତ୍ୟାବର୍ତ୍ତନ ଓ ପାଠପଢ଼ାକୁ ନେଇ କ'ଣ ପଦକ୍ଷେପ ରହିଛି ତାହା ଜଣାଇବାକୁ ଆବେଦନରେ ଆଇନଜୀବୀ ଶିବଶଙ୍କର ମହାନ୍ତି ଦର୍ଶାଇଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଓ କିଟ୍ ଶିକ୍ଷାନୁଷ୍ଠାନକୁ ପକ୍ଷଭୁକ୍ତ କରାଯାଇଛି।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଢେଙ୍କାନାଳ, ୨୧।୨ (ରତନ ନାୟାର)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଢେଙ୍କାନାଳ ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସୁଶୀଲ କୁମାର ସାହୁ ଶୁକ୍ରବାର ଅଭିଯୁକ୍ତ ସଞ୍ଜୟ ଦେହୁରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୨୨ ଜୁନ ୨୦୧୯ରେ କାମାକ୍ଷାନଗର ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ଅଭିଯୁକ୍ତ ସଞ୍ଜୟ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୨୭/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ କରିଥିଲା। ୨୦ଜଣ ସାକ୍ଷୀଙ୍କ ବୟାନ, ୨୪ଟି ପ୍ରମାଣକୁ ଆଧାର କରି ଜିଲା ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସାହୁ ଅଭିଯୁକ୍ତ ସଞ୍ଜୟଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପୋକ୍ସୋ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନିରଞ୍ଜନ ସାହୁ ପରିଚାଳନା କରିଥିଲେ।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

ଅନ୍ୟାନ୍ୟ ଖବର

# ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ଓମାନରୁ ସୁରକ୍ଷିତ ଫେରିଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୧।୨ (ସୁନିତ୍ ମିଶ୍ର)

ଓମାନରେ ଫସି ରହିଥିବା ଗଞ୍ଜାମ ଅଞ୍ଚଳର ୪ ଜଣ ଓଡ଼ିଆ ଶ୍ରମିକ ନିରାପଦ ଭାବେ ଓଡ଼ିଶା ଫେରିଛନ୍ତି। ସେମାନେ ଗୁରୁବାର ଭୋର ୪ଟାରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଫ୍ଲାଇଟ ଯୋଗେ ମସ୍କଟରୁ ମୁମ୍ବାଇ ଆସିଥିଲେ। ଶୁକ୍ରବାର ମୁମ୍ବାଇରୁ ଭୁବନେଶ୍ୱରରେ ପହଞ୍ଚି ଟ୍ରେନ ଯୋଗେ ବ୍ରହ୍ମପୁରରେ ପହଞ୍ଚିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଓମାନରେ ଥିବା ଭାରତୀୟ ଦୂତାବାସକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ସୂଚନାଯୋଗ୍ୟ, ଓମାନରେ ଫସିଥିବା ଏହି ଓଡ଼ିଆ ଶ୍ରମିକମାନଙ୍କ ବିଷୟରେ ଇ-ମେଲ ଓ ବିଭିନ୍ନ ଓଡ଼ିଆ ଖବର କାଗଜରୁ ସୂଚନା ମିଳିବା ପରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ଉଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଖ୍ୟ ଆବାସିକ କମିଶନର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଓମାନରେ ଥିବା ଭାରତର ରାଷ୍ଟ୍ରଦୂତଙ୍କ ସହ ଆଲୋଚନା କରି ଶ୍ରମିକମାନଙ୍କ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଭାରତର ଦୂତାବାସ ପକ୍ଷରୁ ଏହି ଶ୍ରମିକମାନଙ୍କୁ ଓମାନର ସୋହର ନାମକ ସ୍ଥାନରେ ଥିବାର ସୂଚନା ମିଳିଥିଲା। ସେମାନଙ୍କ ସହିତ ଫୋନ ଯୋଗେ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇଥିଲା। ଭାରତର ଦୂତାବାସ ପକ୍ଷରୁ ଏହି ଓଡ଼ିଆ ଶ୍ରମିକମାନଙ୍କ ପାଇଁ ଏକ ଗୁରୁଦ୍ୱାର ଠାରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିଲା।

# ହାତୀ ଅସୁସ୍ଥ, ଗୁଳି ବାଜିଥିବା ସନ୍ଦେହ

**ବଇଣ୍ଡା, ୨୧।୨ (ପରିକ୍ଷିତ ସାହୁ):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଥାନା ପୁରୁଣାପାଣିଅଞ୍ଚଳରେଗୁରୁବାରଏକଦନ୍ତାଅସୁସ୍ଥଥିବା ସହ ଗର୍ଜନ କରୁଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀ ଦେହରେ ଗୁଳି ବାଜିଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ଗ୍ରାମବାସୀ କହିଛନ୍ତି, ସପ୍ତାହେ ହେବ ହାତୀଟି ଧଣ୍ଡାତୋପା ରେଞ୍ଜର ବିଭିନ୍ନ ଗ୍ରାମରେ ଅସୁସ୍ଥ ଅବସ୍ଥାରେ ବୁଲୁଛି। ଗୁରୁବାର ପୁରୁଣାପାଣି ଗ୍ରାମରେ ପଶି ଚାଷଜମି ପାଖ ନାଳ ନିକଟରେ ଅଟକିବା ସହ ଗଛ ଭାଙ୍ଗିଥିଲା। ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ହାତୀଟି ଉକ୍ତ ସ୍ଥାନରେ ଥିବାବେଳେ ଗ୍ରାମବାସୀ ବାଣ ଫୁଟାଇଥିଲେ ମଧ୍ୟ ଆଗକୁ ଯାଇ ପାରୁ ନ ଥିଲା। ହାତୀ ବେକରେ ବେଲ୍ଟ ଲାଗିଥିବା ବେଳେ ଗୁଳି ବାଜିଥିବା ପୁରୁଣାପାଣି ଗ୍ରାମବାସୀ କହିଛନ୍ତି। ଧଣ୍ଡାତୋପା ବନ ବିଭାଗର ଏକ ଟିମ୍ ଆସିଥିଲେ ମଧ୍ୟ ଚିକିତ୍ସା କରୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ହାତୀର ଚିକିତ୍ସା କରିବା ପାଇଁ ଦାବି ହୋଇଛି। ଏନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ।

# ନ୍ୟାୟ ଦାବିକଲା ନେପାଳ ସମାଜ ସଂଘ

## କିଟ୍‌ରେ ନେପାଳୀ ଛାତ୍ରୀ ମୃତ୍ୟୁ, ଆକ୍ରମଣ ମାମଲା

- ପୋଲିସ କମିଶନରଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୨୧।୨ (ସୂର୍ଯ୍ୟକାନ୍ତ ବେହେରା)

କିଟ୍ ବିଶ୍ୱ ବିଦ୍ୟାଳୟରେ ବି.ଟେକ୍ ପଢୁଥିବା ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ନେପାଳୀ ଛାତ୍ରୀଛାତ୍ରଙ୍କୁ ମାଡ ମାରି ତଡିବା ଘଟଣାକୁ ନେଇ ଓଡ଼ିଶାରୁ ନେପାଳ ପର୍ଯ୍ୟନ୍ତ ନିନ୍ଦା କରାଯାଉଛି। ଇତିମଧ୍ୟରେ ନେପାଳ ରାଷ୍ଟ୍ରଦୂତ କାର୍ଯ୍ୟାଳୟରୁ ୨ଜଣିଆ ପ୍ରତିନିଧି ଦଳ ଓଡ଼ିଶା ଆସି ରାଜ୍ୟ ସରକାର, କିଟ୍ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିବାବେଳେ ନେପାଳ ବୈଦେଶିକ ମନ୍ତ୍ରୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଆଭାସୀ ମାଧ୍ୟମରେ କଥା ହୋଇଛନ୍ତି। ଏପରିସ୍ଥିତିରେ ନେପାଳ ସମାଜ ସଂଘ ଓଡିଶା ଶାଖା ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମୃତା ଛାତ୍ରୀଙ୍କ ପରିବାର ଓ ଆକ୍ରମଣ ତଥା ନିର୍ଯାତନାର ଶିକାର ନେପାଳୀ ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟାୟ ଦାବି କରିଛି। ସଂଘ କର୍ମକର୍ତ୍ତାମାନେ ଶୁକ୍ରବାର କମିଶନଟେର ପୋଲିସ ମୁଖ୍ୟାଳୟକୁ ଯାଇ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ବିଧାନସଭା ଯୋଗୁ ସେ ଉପସ୍ଥିତ ନ ଥିବାରୁ ଦାୟିତ୍ୱରେ ଥିବା ଜଣେ ଡିସିପି ଓ ଅତିରିକ୍ତ ଡିସିପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତି ହୋଇଥିବା ନିର୍ଯାତନା ଓ ମାଡ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପରିବହନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ

## ଆଇଡବ୍ଲ୍ୟୁଟି ଟର୍ମିନାଲକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗକଲେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ

ନୂଆଦିଲ୍ଲୀ,୨୧।୨

ବର୍ତ୍ତମାନ ପରିବହନ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟିହେଉଛି। ଏହି ସମସ୍ୟାର ସମାଧାନ ଓ ପରିବହନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟରେ ଆସାମର ଯୋଗୀଘୋପଠାରେ ନିର୍ମିତ ନୂଆ ଇନ୍‌ଲ୍ୟାଣ୍ଡ ୱାଟରୱେଜ ଟର୍ମିନାଲ (ଡିଡବ୍ଲ୍ୟୁଟି)କୁ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରି ଏହାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଏପରିକି ଏହି ଟର୍ମିନାଲକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ଫେବୃଆରୀରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଟର୍ମିନାଲ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ଏହା ଭୁଟାନର ଗେଲେଫୁରୁ ୯୧କି.ମି., ବାଂଲାଦେଶ ସୀମାରୁ ୧୦୮ କି.ମି. ଓ ଗୁଆହାଟୀରୁ ୧୪୭କି.ମି. ଦୂରତାରେ ଅବସ୍ଥିତ ରହିଛି, ଯାହା ଏହାକୁ ବାଂଲାଦେଶ ଓ ଭୁଟାନ ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଯୋଗିତା ପାଇଁ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଭାବେ ଚିହ୍ନଟ କରୁଛି। ଯୋଗୀଘୋପ ଟର୍ମିନାଲ ଭାରତ ଓ ବାଂଲାଦେଶ ମଧ୍ୟରେ ପିଆଇଡବ୍ଲ୍ୟୁଟିଆଣ୍ଡଟି ଅଧୀନରେ ଅନ୍ୟତମ ଘୋଷିତ ବନ୍ଦର । ସେହିଭଳି ୨୦୨୭ ସୁଦ୍ଧା ଏହି ଟର୍ମିନାଲ ବାର୍ଷିକ ୧/୧ ମିଲିୟନ ଟନର ମାଲ୍ ପରିବହନ କରିବ ବୋଲି ଆଶା କରାଯାଉଛି। ଏହି ଟର୍ମିନାଲର ଉଦ୍‌ଘାଟନ ସମାରୋହରେ କେନ୍ଦ୍ର ମନ୍ତ୍ରୀ ସୋନୱାଲ ବାଂଲାଦେଶକୁ ୧୧୦ ମେଟ୍ରିକ ଟନର କୋଇଲା ପରିବହନ କରୁଥିବା ବାର୍ଜ ଅଜୟ ଓ ବିଷ୍ଣୁ ସହିତ ଏମଭି ପଦ୍ମା ନାଭିଗେଶନ ୨ ଏବଂ ପଥର ଖଣ୍ଡ ପରିବହନ କରୁଥିବା ଏମ୍‌ଭି ତ୍ରିଶୂଳ ଜାହାଜର ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏମ୍‌ଭି ତ୍ରିଶୂଳ ଜାହାଜର ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏ ନେଇ କେନ୍ଦ୍ରମନ୍ତ୍ରୀ ସୋନୱାଲ କହିଥିଲେ, ଆଜି ଦେଶର ଜଳପଥ ପରିବହନ କ୍ଷେତ୍ର ପାଇଁ ଏକ ଐତିହାସିକ ଦିନ । କାରଣ ଆମେ ଯୋଗୀଘୋପଠାରେ ଆଇଡବ୍ଲ୍ୟୁଟି ଟର୍ମିନାଲକୁ ଲୋକମାନଙ୍କ ପାଇଁ ଓ ଦେଶ ପାଇଁ ସମର୍ପିତ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ଜଳପଥ ପରିବହନ ଭାରତର ପରିବହନ କ୍ଷେତ୍ରର ଅଭିବୃଦ୍ଧିକୁ ଆଗକୁ ବଢାଇବା ସହ ଏକ ଉଲ୍ଲେଖନୀୟ ରୂପାନ୍ତରଣ ଦେଇ ଗତି କରୁଛି। ଏହା ଆମକୁ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଲକ୍ଷ୍ୟ ଆଡକୁ ଅଗ୍ରସର କରୁଛି। ଏହି ଟର୍ମିନାଲ ଅଞ୍ଚଳରେ ସଂଯୋଗ ବୃଦ୍ଧି କରିବା ଏବଂ ଭୁଟାନ ଓ ବାଂଲାଦେଶ ସହ ଆମର ଦ୍ୱିପାକ୍ଷିକ କାରବାରକୁ ସୁଦୃଢ କରିବା ପାଇଁ ପ୍ରସ୍ତୁତ ରହିଛି। ଏହି ଆଭ୍ୟନ୍ତରୀଣ ଜଳମାର୍ଗ ଭାରତର ପରିବହନ କ୍ଷେତ୍ରର ବିକାଶ ପାଇଁ ଅନେକ ସମ୍ଭାବନା ଧାରଣ କରିଛି। ନଦୀ ଓ ଜଳମାର୍ଗଗୁଡିକର ଆମର ବିସ୍ତୃତ ନେଟ୍‌ୱର୍କର ଉପଯୋଗକରି ଆମେ ସାମଗ୍ରୀ ପରିବହନ ପାଇଁ ଏକ ସ୍ଥାୟୀ, ପ୍ରଭାବୀ ଓ ଦକ୍ଷ ମାଧ୍ୟମ ସୃଷ୍ଟି କରିପାରିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଆଭ୍ୟନ୍ତରୀଣ ଜଳପଥ ପରିବହନକୁ ସଶକ୍ତ ଓ ସକ୍ଷମ କରିବା ଲାଗି ରାଷ୍ଟ୍ରୀୟ ଜଳପଥ ଅଧିନିୟମ ୨୦୧୬ ଅନ୍ତର୍ଦ୍ଦେଶୀୟ ଜାହଜ ଅଧିନିୟମ ୨୦୨୧ ଭଳି ଏକାଧିକ ଆଇନ ପ୍ରଣୟନ କରିଛନ୍ତି। ଏହି ଟର୍ମିନାଲର ଉଦ୍‌ଘାଟନୀ ସମାରୋହରେ ରୟାଲ ଗଭର୍ନମେଣ୍ଟ ଅଫ୍ ଭୁଟାନର ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତି ମନ୍ତ୍ରୀ ଲ୍ୟୋନପୋ ନାମଗ୍ୟାଲ ଦୋରଜୀ, ଆସାମ ସରକାରଙ୍କ ପଞ୍ଚାୟତ ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ରିତ କୁମାର ଦାସ, ଶିଳ୍ପ ଓ ବାଣିଜ୍ୟ, ଉଦ୍ୟୋଗ ମନ୍ତ୍ରୀ ବିମଳ ବୋରା,ପରିବହନ ମନ୍ତ୍ରୀ ଯୋଗେନ ମୋହନ, ବାରପେଟାର ଏମ୍‌ପି ଫନୀଭୂଷଣ ଚୌଧୁରୀ, ଧୁବ୍ରିର ଏମ୍‌ପି ରାକିବୁଲ ହୁସୈନ, ଅଭୟପୁରୀ ଦକ୍ଷିଣର ବିଧାୟକ ପ୍ରଦୀପ ସରକାର, ଆଇଡବ୍ଲ୍ୟୁଏଆଇର ଅଧ୍ୟକ୍ଷ ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ବାଗିର ଜିଆଇଇଏ ସମାରୋହ

ନୂଆଦିଲ୍ଲୀ,୨୧।୨

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସ (ବିଏଜିଆଇ ବା ବାଗି)ର ବହୁ ପ୍ରତୀକ୍ଷିତ ସ୍ୱୀକୃତି ସମ୍ମାନ 'ଗ୍ଲୋବାଲ ଇନ୍‌ସ୍ୟୁରାନ୍ସ ଏକ୍ସିଲେନ୍ସ ଆୱାର୍ଡ (ଜିଆଇଇଏ) ସମାରୋହ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏସିଆ, ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକା ଭଳି ରାଷ୍ଟ୍ରରେ ଜେନେରାଲ ଇନ୍‌ସ୍ୟୁରାନ୍ସ ଏବଂ ହେଲ୍‌ଥ ଇନ୍‌ସ୍ୟୁରାନ୍ସ କ୍ଷେତ୍ରରେ କାର୍ଯ୍ୟରତ ପରାମର୍ଶଦାତାମାନଙ୍କର ଉତ୍କୃଷ୍ଟ ଯୋଗଦାନକୁ ଚିହ୍ନଟ ତଥା ସମ୍ମାନିତ କରିବା ପାଇଁ ଏହି ସମ୍ମାନ ଓ ସ୍ୱୀକୃତି ଦିଆଯାଉଛି। ଅପରପକ୍ଷରେ ଏସିଆ ଇନ୍‌ସ୍ୟୁରାନ୍ସ ରିଭ୍ୟୁ (ଏଆଇଆର୍) ଏହି କ୍ଷେତ୍ରର ଏକ ଭରସାଯୋଗ୍ୟ ନାମ ଏବଂ ଏହାକୁ ୨୦୨୫ ବର୍ଷ ପାଇଁ ପ୍ରତିଷ୍ଠିତ ପୁରସ୍କାରଗୁଡ଼ିକର ତଦାରଖ ଓ ପରିଚାଳନା ପାଇଁ ଚୟନ କରାଯାଇଛି। ଫଳରେ ଏହି କାର୍ଯ୍ୟକ୍ରମରେ ଅଧିକ ବିଶ୍ୱସନୀୟତା ଓ ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞତା ଯୋଗହୋଇପାରିଛି।

ଏ ସମ୍ପର୍କରେ ବାଗିର ଏମ୍‌ଡି ତଥା ସିଇଓ ତପନ ସିଂଘଲ କହିଛନ୍ତି, ଇନ୍‌ସ୍ୟୁରାନ୍ସ ପରାମର୍ଶଦାତାମାନେ ହେଉଛନ୍ତି, ଏହି ଉଦ୍ୟୋଗର ପ୍ରକୃତ ନାୟକ। ଏପରିକି ଯେଉଁମାନେ ଗ୍ରାହକମାନଙ୍କ ଆବଶ୍ୟକତା ସମୟରେ ସେମାନଙ୍କ ନିକଟରେ ଠିଆ ହେଉଛନ୍ତି ଏବଂ ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ, ସହାନୁଭୂତି ଏବଂ ଦୃଢ଼ ସହାୟତା ପ୍ରଦାନ କରୁଛନ୍ତି, ଅନେକ ସମୟରେ ସେମାନଙ୍କର ଯୋଗଦାନ ଲୋକଲୋଚନକୁ ଆସିପାରେ ନାହିଁ । କିନ୍ତୁ ସେମାନେ ହେଉଛନ୍ତି ଇନ୍‌ସ୍ୟୁରାନ୍ସ କ୍ଷେତ୍ରର ମେରୁଦଣ୍ଡ। ବର୍ତ୍ତମାନ ସେମାନଙ୍କର ବିଶିଷ୍ଟ ଅବଦାନକୁ ସମ୍ମାନିତ କରିବାର ଯଥାର୍ଥ ସମୟ ଉପନୀତ ହୋଇଛି।

## ନିରୁଦ୍ଦିଷ୍ଟ



ମମତା ରଣା(୨୬), ଗ୍ରାମ- ସରେଇବାହଲ, ଗତ ୧୬।୦୨।୨୦୨୫ ରାତିରେ ଘରୁ କୁଆଡ଼େ ଚାଲି ଯାଇଛନ୍ତି। କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ଦୟାକରି ଏହି ୯୩୩୭୯୨୮୨୩୯ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୩୦୨୨

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୧।୨

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି । ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୨୫(୪୨୪.୯୦) ପଏଣ୍ଟ କମି ୭୫,୩୧୧ (୭୫,୩୧୧.୦୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୭ (୧୧୭.୨୫) ପଏଣ୍ଟ ହ୍ରାସ ଘଟି ୨୨,୭୯୬ (୨୨,୭୯୫.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ଜିଓ ଥିଙ୍ଗସ୍ ସହ ପ୍ୟୋର ଇଭିର ସହଭାଗିତା

ନୂଆଦିଲ୍ଲୀ,୨୧।୨ (ଅଭୟ ଦାଶ)

ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ସହାୟକ ସଂସ୍ଥା ଜିଓ ଥିଙ୍ଗସ୍ ଲିମିଟେଡ୍ ଏବଂ ପ୍ୟୋର ଇଭି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଅନୁଯାୟୀ ଦେଶର ପ୍ରମୁଖ ଦୁଇଚକିଆ ବୈଦ୍ୟୁତିକ ଯାନ ନିର୍ମାତା ପ୍ୟୋର ଇଭି ତା'ର ମଡେଲରେ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟର ଏବଂ ଟେଲିମେଟିକ୍ସକୁ ଯୋଡ଼ିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଅପରପକ୍ଷରେ ଏହି ସହଭାଗିତାର ଉଦ୍ଦେଶ୍ୟ ହେଉଛି, ଉନ୍ନତ ଆଇଓଟି ସମାଧାନ, ନିରବଚ୍ଛିନ୍ନ ସଂଯୋଗ ଏବଂ ସାମଗ୍ରିକ ଡିଜିଟାଲ ଏକତ୍ରୀକରଣର ଉପଯୋଗକରି ବ୍ରାଣ୍ଡ ଉପଭୋକ୍ତା ଅଭିଜ୍ଞତାକୁ ନୂଆ ରୂପ ଦେବ। ପ୍ୟୋର ଇଭି ତା'ର ଇଲେକ୍ଟ୍ରିକ ଦୁଇଚକିଆ ଯାନଗୁଡ଼ିକରେ ଏଣ୍ଡ-ଟୁ-ଏଣ୍ଡ ଆଇଓଟି ସଲ୍ୟୁଶନ ଅନ୍ତର୍ଭୁକ୍ତ ଥିବା ଜିଓ ଥିଙ୍ଗସ୍ ସ୍ମାର୍ଟ ଡିଜିଟାଲ କ୍ଲଷ୍ଟରର ଏକତ୍ରୀକରଣ କରିବ। ଯାହା ସେମାନଙ୍କ କାର୍ଯ୍ୟକାରିତା ଏବଂ ଇଣ୍ଟରଆକ୍ଟିଭିଟିକୁ ବଢ଼ାଇବ। ୪ଜି ସଂଯୋଗ ଦ୍ୱାରା ସକ୍ଷମ ଟେଲିମାଟିକ୍ସର ଅନ୍ତର୍ଭୁକ୍ତୀକରଣ ଦ୍ୱାରା ଗ୍ରାହକମାନେ ରିଅଲ ଟାଇମରେ ଯାନର କାର୍ଯ୍ୟଦକ୍ଷତା ନିରୀକ୍ଷଣ ଏବଂ ଅଧିକ ଦକ୍ଷ ପରିଚାଳନା ପାଇଁ ଉପଯୋଗୀ ଧାରଣା ହାସଲ କରିପାରିବେ। ଏ ସମ୍ପର୍କରେ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍‌ର ସଭାପତି ଆଶିଷ ଲୋଧା କହିଛନ୍ତି, 'ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଉଦ୍ଭାବନ ଏବଂ ଉତ୍କର୍ଷ ପ୍ରତି ଆମ ଭଳି ସମାନ ଦୃଷ୍ଟିକୋଣ ରଖିଥିବା କମ୍ପାନୀ ପ୍ୟୋର ଇଭି ସହିତ ହାତ ମିଳାଇ ଆମେ ଆନନ୍ଦିତ। ସେହିଭଳି ପ୍ୟୋର ଇଭିର ପ୍ରତିଷ୍ଠାତା ତଥା ଏମ୍‌ଡି ନିଶାନ୍ତ ଡୋଙ୍ଗରୀ କହିଛନ୍ତି, ଆମେ ଆମ ବାହନଗୁଡ଼ିକର ଦକ୍ଷତା ଏବଂ ଇଣ୍ଟରାକ୍ଟିଭିଟି ବୃଦ୍ଧିକରି ଇଲେକ୍ଟ୍ରିକ ମୋବିଲିଟିକୁ ପୁନଃ ପରିକଳ୍ପିତ କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ଆମ ବାହନଗୁଡ଼ିକ ମଧ୍ୟରେ ଜିଓ ଥିଙ୍ଗସ୍‌ର ଉନ୍ନତ ଆଇଓଟି କ୍ଷମତାକୁ ଏକତ୍ରୀକରଣ କରିବା ପ୍ୟୋର ଇଭିର ଉତ୍ପାଦଗୁଡ଼ିକୁ ସର୍ବୋଚ୍ଚ ଶିଳ୍ପ ମାନଦଣ୍ଡରେ ଉନ୍ନତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି ଡୋଙ୍ଗରୀ କହିଛନ୍ତି।





# ବଜାରରେ ବିଏସ୍‌ଏଚ୍‌ର ନୂତନ ରେଞ୍ଜ

ନୂଆଦିଲ୍ଲୀ,୨୧।୨

ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସେସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ଉତ୍ପାଦ ତଥା ନୂତନ ରେଞ୍ଜର ବଶ୍ ଏବଂ ସାଇମେନ୍ସ ଡିସ୍‌ୱାଶରର୍ସର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବୃହତ୍ ଭାରତୀୟ ପରିବାରଗୁଡିକର ଆବଶ୍ୟକତାକୁ ପୂରଣକରିବା ପାଇଁ ଡିଜାଇନ କରାଯାଇଥିବା ଏଭଳି ଅତ୍ୟାଧୁନିକ ଡିସ୍‌ୱାଶରଗୁଡିକ ଏକ ୧୫-ପ୍ଲେସ୍ ସେଟିଂ କ୍ଷମତା ସହ ଆସୁଛି। ଏଥିରେ ନୂଆ କଳା ରଙ୍ଗର ଏକ ସ୍ଲିକ୍ ଷ୍ଟେନ୍‌ଲେସ୍ ଷ୍ଟିଲ ବେସ୍ ରହିଛି। ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସେସ ଗୁଡିକ ଭାରତର ଡିସ୍‌ୱାଶିଂ ବର୍ଗରେ ୫୩% ର ଏକ ବୃହତ୍ ବଜାର ଅଂଶ ହାସଲ କରିଛି। ଏହି ନୂଆ ରେଞ୍ଜର ଡିସ୍‌ୱାଶରଗୁଡ଼ିକ ଏକାଧିକ ଆଧୁନିକ ଫିଚର ପ୍ରଦାନ କରୁଛି। ଏହି ଡିସ୍‌ୱାଶରଗୁଡିକ ଇନ୍-ବିଲ୍ଟ ହୋମ୍ କନେକ୍ଟ ଟେକ୍ନୋଲୋଜି ସହ ସୁସଜ୍ଜିତ ରହିଛି, ଯାହା ଉପଭୋକ୍ତାଙ୍କୁ ଦୂରରେ ରହି ଏହାକୁ ତଦାରଖ କରିବା ଏବଂ ଉନ୍ନତ ସୁବିଧା ପାଇଁ ଗ୍ରାହକଙ୍କ ସ୍ମାର୍ଟଫୋନରୁ ଡିସ୍‌ୱାଶରକୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଅନୁମତି ଦେଇଥାଏ। ଏ ସମ୍ପର୍କରେ ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସେସ୍‌ର ଏମ୍‌ଡି ତଥା ସିଇଓ ସେଫ୍ ଖାନ କହିଛନ୍ତି, ଏହି ଷ୍ଟେଟ-ଅଫ୍-ଦ-ଆର୍ଟ ଆପ୍ଲାଏନ୍ସଗୁଡିକ ଅନ୍ତର୍ନିହିତକାରୀ, ବୁଦ୍ଧିମାନ ଫିଚରଗୁଡିକରେ ସୁସଜ୍ଜିତ ରହିଛି, ଯାହା ସ୍ୱଚ୍ଛତା ଓ ଦକ୍ଷତାକୁ ପ୍ରାଥମିକତା ଦେଇଥାଏ, ଦୈନନ୍ଦିନ କାର୍ଯ୍ୟକୁ ସରଳ କରି ରୋଷେଇ ଘର ପାଇଁ ଏକ ସୁସ୍ଥ ପରିବେଶ ନିଶ୍ଚିତ କରିଥାଏ।

# Classified Everyday

0674-2580101, 9692975378



## REAL ESTATE SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-3030

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9853035888, 9437054765.** D-3023

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-3029

## GENERAL SALE

Sale of Concrete Mixture a ready made Lift & Mixture with Bolero Pickup Van running condition. 8327792030. D-76420





**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236





Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

## AFFIDAVIT

By virtue of an affidavit sworn before Executive Magistrate, Cuttack, dt 21.02.25, I, Sasmita Mahakul, W/o- Subrat Kumar Mahakul, Safalanga, P.O.- Nuagaon, Kendrapara declare that I have changed my name from Sasmiat Mahakul to Sasmita Mahakul. Henceforth, I shall be known as Sasmita Mahakul for all purposes. D-3032

By virtue of an affidavit sworn before Notary, Cuttack, dated 17.02.2025, I, Madhusmita Behera, Address: At- Nuapatana, P.O.- Nuapatana, P.S.- Narasinghpur, Dist.- Cuttack, PIN- 754032 declare that I have changed my name from Dali Madhusmita to Madhusmita Behera. Henceforth, I shall be known as Madhusmita Behera for all purposes.
Madhusmita Behera
D-3031

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Executive Magistrate, Simulia, dated 21.02.2025, I, Bhagabati Barik, W/o- Ratikanta Mohakud, Address: Vill- Somanathpur, P.O.-Parbatipur, P.S.- Simulia, Dist.- Balasore, Odisha, PIN- 756166 declare that I have changed my name from Bhagabati Mohakud to Bhagabati Barik. Henceforth, I shall be known as Bhagabati Barik for all purposes. D-3034

I, Bijay Kumar Karna, serving Soldier Army No.- 2513963A Hav Clk Bijay Kumar Karna, permanent resident of Vill- Anantapali, P.O.- Harinapali, Dist.- Subarnapur, State- Odisha, PIN -767062 have applied for change of my father's name from Arjuna Karna to Arjun Karna and my mother's name from Pankajini Karna to Pankajini Khandagiri due to mismatch in my Service documents. D-3033

By virtue of an affidavit sworn before Notary Public, dated 14.02.2025 I, Palavi Patnaik, Address: At- Siliput, P.O.- Therubali, Dist.- Rayagada, PIN- 765018, Odisha declare that I have changed my name from Pallavi Pollai to Palavi Patnaik. Henceforth, I shall be known as Palavi Patnaik for all purposes.
Palavi Patnaik
D-3025

By virtue of an affidavit sworn before Executive Magistrate, Betnoti, Mayurbhanj, dated 20.02.2025, I, Ratikanta Maharna, Address: At- Daldali, P.O.- Bidukudia, P.S.- Baisinga, Dist.- Mayurbhanj, Odisha- 757028, declare that I have changed my daughter's name from Prangya Maharnna to Prangya Maharna. Henceforth, she shall be known as Prangya Maharna for all purposes.
Ratikanta Maharna
D-3026

By virtue of affidavit sworn before Notary, Bhubaneswar, on dtd 20.02.2025, I Reena Polai, 36 years, D/o- Niranjan Polai residing at Maa Mangala Basti, Bhoinagar, Bhubaneswar, VTC, Kharvelnagar, Bhubaneswar- 22, have changed my name from 'REENA SETHI' to 'Reena Polai' for all purposes. D-3020

By virtue of an affidavit sworn before Executive Magistrate, Jatni, dated 12.02.2025 I, Bebina Behera, W/o- Biswanath Behera, At- Panchupalli, Post.- Retang, P.S.- Airfield, Dist.- Khordha, Odisha, PIN- 752054 declare that I have changed my son name from Himansu Kumar Behera to Subhransu Behera. Henceforth, he shall be known as Subhransu Behera for all purposes. D-3024

Virtue of an affidavit sworn before Executive Magistrate, Khordha, Aff. No.- 420 dated on 19.02.2025 I, Satiyabhama Devi, At/P.O.- Dagugaon Chandeswer, P.S.- Tangi, Dist.- Khordha, I declare that I've changed my name from Satyabhama Devi to Satiyabhama devi. Henceforth, I shall be known as SATIYABHAMA DEVI for all purposes. D-73576

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଡ଼ଃ. ନମିତା କର
ଆବିର୍ଭାବ : ୩୦.୧୦.୧୯୪୪
ତିରୋଧାନ : ୧୨.୦୨.୨୦୨୫
ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ, ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାଦ ଅପରିହାର୍ଯ୍ୟାର୍ଥେ ନ ତ୍ୱଂ ଶୋଚିତୁମର୍ହସି।।
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା ଓ ଶ୍ରଦ୍ଧା ଆମମାନଙ୍କ ପାଇଁ ଚିରଦିନ ଉଦାହରଣ ହୋଇ ରହିବ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ହତଭାଗ୍ୟ ସ୍ୱାମୀ-ଡ଼ଃ. ବିଜୟାନନ୍ଦ କର, ପୁତ୍ର-ସୁବ୍ରତ, ବୋହୂ-ସାଗରିକା, ଝିଅ-ସୁରଭୀ, ଜ୍ୱାଇଁ-ପ୍ରଦିପ ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୧୯୯୬

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୀରା ଅପା

## ଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ସେଦିନ ରାସ୍ତାରେ ଗଲାବେଳେ ଦେଖିଲି ଶହଶହ ଲୋକ 'ମୀରା ଆଶ୍ରମ' ଆଗରେ ରୁଣ୍ଡ ହୋଇଛନ୍ତି। ଅନେକ ଧୋବଧବଳିଆ ଲୋକ ବଡ଼ବଡ଼ ଗାଡ଼ିରୁ ଓହ୍ଲାଇ ଫୁଲତୋଡ଼ା ଧରି ଆଶ୍ରମ ଭିତରକୁ ପ୍ରବେଶ କରୁଛନ୍ତି। ମନରେ ଉତ୍କଣ୍ଠା ଜାତ ହେଲା ଘଟଣା କ'ଣ ଜାଣିବା ପାଇଁ। ବୁଝାବୁଝି କଲାରୁ ଜଣାପଡ଼ିଲା ଆଶ୍ରମ ପ୍ରତିଷ୍ଠାତ୍ରୀ ମୀରା ଅପା ଆଉ ଏ ଦୁନିଆରେ ନାହିଁ। କେହି କେହି କହୁଛନ୍ତି ଆହା... ବିଚାରି ଭଲ ମଣିଷଟେ ଥିଲା। ଆଉ କେହି କେହି କହୁଛନ୍ତି, ବିଚରା ଅନାଥ ପିଲାଙ୍କର କ'ଣ ହେବ? ଖବରଟା ଶୁଣିବା ପରେ ଅଜାଣତରେ ମୋ' ଆଖିରୁ ବି ଦୁଇବୁନ୍ଦା ଲୁହ ଝରି ଆସିଲା। ମନେମନେ ଭାବିଲି, ଭଗବାନ କାହିଁକି ଭଲ ମଣିଷମାନଙ୍କୁ ଏତେ ଶୀଘ୍ର ନେଇଯାଆନ୍ତି କେଜାଣି!

ମୀରାବାଈ ଦାସ। ସମାଜ ସେବୀ ଭାବରେ ଏ ସହରରେ ବେଶ୍ ପରିଚିତା। ପରିଚୟ ଯେତିକି ଉଜ୍ଜ୍ୱଳ, ଅତୀତ ସେତିକି କଳଙ୍କିତ। ବହୁତ ସଂଘର୍ଷପୂର୍ଣ୍ଣ ତା'ର ଜୀବନ କାହାଣୀ। ବାପା ମାଆଙ୍କର ଏକମାତ୍ର ଝିଅ ମୀରା, ଦେଖିବାକୁ ଖୁବ୍ ସୁନ୍ଦରୀ। ବେଶ୍ ହସକୁରୀ। ବାପା ଜଣେ ନାମମାତ୍ର ଚାଷୀ। ପର ଜମି ଭାଗଚାଷ କରି ପରିବାର ସୁରୁଖୁରୁରେ ପ୍ରତିପୋଷଣ କରୁଥିଲେ। ଧାନ ସମୟରେ ଧାନ, ବାକି ସମୟରେ ବିରି, ମୁଗ, ହରଡ଼, କୋଳଥ ଓ ପନିପରିବା ଚାଷରୁ ପରିବାର ଚଳିଯାଉଥିଲା। ତିନିପ୍ରାଣୀ କୁଟୁମ୍ବ। ଝିଅଟା ଗାଁ ହାଇସ୍କୁଲ ପାଠ ସାରି ଗତବର୍ଷ କଲେଜରେ ପାଦ ଥାପିଛି। ସାଇକେଲରେ କଲେଜ ଯାଏ। ସେଦିନ କଲେଜରୁ ଫେରିବା ବେଳକୁ ତା'ର ସବୁକିଛି ସରିଯାଇଥିଲା। ବାପା ମା' ବିଲରେ ଚାଷ କରୁଥିଲେ। ହଠାତ୍ ମାଡ଼ିଆସିଲା କଳାହାଣ୍ଡିଆ ମେଘ। ତୁହାକୁ ତୁହା ବିଜୁଳି ଓ ଘଡ଼ଘଡ଼ି। ପ୍ରକୃତିର ଏପରି ଭୟଙ୍କର ରୂପ ଦେଖି ବିଲରେ ହଳ କରୁଥିବା ବାପା ମାଆ ହଳ ସିନା ଫିଟେଇ ଦେଇଥିଲେ, କିନ୍ତୁ ବଜ୍ରପାତରେ ଟଳିପଡ଼ିଥିଲେ ସେଠାରେ।

ମୀରା କଲେଜରୁ ଘରେ ପହଞ୍ଚିଲାବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ଅନେକ କାନ୍ଦିଥିଲା। ପୁଣି ମନକୁ ଦୃଢ଼ କରି ଛିଡ଼ା ହେବାକୁ ଚେଷ୍ଟା କରିଥିଲା।

ଦିନେ ଜଣେ ଚିହ୍ନାଲୋକ ଆସି ତାକୁ ସମବେଦନା ଜଣାଇଥିଲେ। ତା' ପାଇଁ ଏକ ଚାକିରି ଯୋଗାଡ଼ କରିଦେବାକୁ କହି ତାକୁ ସାଙ୍ଗରେ ନେଇଯାଇଥିଲେ। ପିଲା ଲୋକ, କିଛି ବୁଝିପାରି ନଥିଲା। ତାଙ୍କୁ ବିଶ୍ୱାସ କରି ତାଙ୍କ ସହ ଚାଲିଯାଇଥିଲା ସୁଦୂର କଲିକତା। ସେଠାରେ ତାକୁ ଏକ କୋଠୀରେ ବିକ୍ରି କରି ଫେରି ଆସିଥିଲା ସେହି ଭଦ୍ରଲୋକ ଜଣକ। କୋଠୀ ମାଲିକାଣୀ କହିଥିଲା ଦେଖ୍ ମା', ଆମେ ଗ୍ରାହକଙ୍କୁ ଯେତିକି ଖୁସି କରି ପାରିବା, ଆମର ରୋଜଗାର ସେତିକି ଅଧିକ ହେବ। କ'ଣ ବୁଝିଲା କେଜାଣି, ମୁଣ୍ଡ ହଲାଇ ହଁ ମାରିଲା। ତା'ପରେ ବଦଳିଗଲା ମୀରାର ପରିଚୟ। ସେଦିନ ନିଜକୁ ସମ୍ପୂର୍ଣ୍ଣ ନିଃସ୍ୱ ଅନୁଭବ କଲା, ଯେତେବେଳେ ନିଜକୁ ଆବିଷ୍କାର କଲା ଜଣେ ଅପରିଚିତ ପୁରୁଷର ଶଯ୍ୟାରେ। ଅନେକ ପ୍ରତିବାଦ କଲା। ବିରୋଧ କଲା। କିନ୍ତୁ ଫଳ ହେଲା ଓଲଟା। ପ୍ରତିବଦଳରେ ମିଳିଲା ମାଡ଼ ଆଉ ଗାଳି। ଏମିତି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସହି ସହି ନିଜକୁ ସମର୍ପି ଦେଉଥିଲା ପ୍ରତିଦିନ ଜଣେ ଜଣେ ନୂଆ ପୁରୁଷଙ୍କ ନିକଟରେ। ଆସ୍ତେ ଆସ୍ତେ ଏହା ତା'ର ଦେହସୁହା ହୋଇଗଲା ଓ ପରବର୍ତ୍ତୀ ସମୟରେ ଅଭ୍ୟାସ ପାଲଟିଗଲା। ସେ ସାଜିଥିଲା କୋଠୀର ରାଣୀ ମହୁମାଛି। ଆସ୍ତେ ଆସ୍ତେ ତା' ବ୍ୟବସାୟର ପରିସର ବଢ଼ିଲା। କୋଠୀରୁ ବାହାରି ବଡ଼ ବଡ଼ ହୋଟେଲ ଯାଇ ଗ୍ରାହକଙ୍କୁ ସେବା ଯୋଗାଇଲା। ପ୍ରତିବଦଳରେ ତାକୁ ମିଳୁଥିଲା ପ୍ରଚୁର ଟଙ୍କା ଓ ଦାମୀ ଦାମୀ ଉପହାର। ତା'ର ବ୍ୟବହାର ଓ ମିଷ୍ଟଭାଷୀ ଗୁଣ ଯୋଗୁଁ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଥିଲା ମୀରା।

କିଛି ଓଡ଼ିଆ ଧନୀ ବ୍ୟକ୍ତି ଓ ନେତା ଥିଲେ ତା'ର ଗ୍ରାହକ। ସେମାନଙ୍କ ସହ ସମ୍ପର୍କ ଯୋଡ଼ିବା ପରେ ଓଡ଼ିଶା ପ୍ରତି ତା' ମନରେ ପୁଣି ମୋହ ଜାତ ହୋଇଥିଲା। ଜଣେ ନେତା ତାକୁ ଓଡ଼ିଶା ଫେରି ଆସିବାକୁ ପରାମର୍ଶ ଦେବାସହ ସମସ୍ତ ପ୍ରକାର ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଲେ। ତାଙ୍କ ଉପରେ ଭରସା କରି ମୀରା ଫେରିଆସିଥିଲା ଭୁବନେଶ୍ୱର। ବସ୍ତି ଅଞ୍ଚଳରେ ଘରଟିଏ ଭଡ଼ାରେ ନେଇ ରହିଲା। କେବଳ ବଡ଼ ବଡ଼ ହୋଟେଲକୁ ଯାଇ ଗ୍ରାହକଙ୍କୁ ସେବା ଯୋଗାଉଥିଲା ସେ। ଅନେକ ବିଦେଶୀ ଗ୍ରାହକଙ୍କୁ ସେବା ଯୋଗାଇ ମୋଟା ଅଙ୍କର ରୋଜଗାର କରୁଥିଲା ମଧ୍ୟ। ତାକୁ ଓଡ଼ିଶା



ଆସିବାକୁ ପରାମର୍ଶ ଦେଇଥିବା ନେତାଙ୍କ ଆଶୀର୍ବାଦରେ ସହରର ଶେଷ ପ୍ରାନ୍ତରେ ଭଲ ଜମି ଖଣ୍ଡେ ପାଇଥିଲା ମୀରା। ସେଠାରେ ତିଆରିଥିଲା ଘରଟିଏ। ଜଣେ ବିଦେଶୀ ପର୍ଯ୍ୟଟକ ଥିଲେ ତା'ର ଗ୍ରାହକ। ସେ ସବୁବେଳେ ତାକୁ ଖୋଜୁଥିଲେ। ପୁଳାପୁଳା ଅର୍ଥ ଦେଉଥିଲେ। ପ୍ରତିବଦଳରେ ସେ ତା' ଦେହକୁ ଛୁଁ ନଥିଲେ। ବରଂ ସେ ତା'ଠାରୁ ସ୍ନେହ ଚାହୁଁଥିଲେ। ମମତା ଆଶା କରୁଥିଲେ। ଏକଥା ମୀରା ପଚାରିଥିଲା ସେ ଯୁବକଙ୍କୁ। ଯୁବକ ଜଣକ କହିଥିଲେ, ଜୀବନରେ ଅନେକ ନାରୀଙ୍କୁ ପ୍ରେମ କରିବା ପରେ ଅନୁଭବ କରିଛି ତୁମ ସ୍ନେହ, ପ୍ରେମ ଓ ଭଲପାଇବା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ପ୍ରଥମ ଦିନରୁ ହିଁ ତୁମଠାରୁ ମାଆର ମମତା, ଭଉଣୀର ସ୍ନେହ ଓ ପ୍ରେମିକାର ପ୍ରେମ ପାଇପାରିଛି। ତୁମେ ମୋ' ପାଇଁ ଜଣେ ସାଧାରଣ ମହିଳା ନୁହଁ, ତୁମେ ସବୁଦିନ ମୋ' ହୃଦୟରେ ପ୍ରେମର ଦେବୀ ହୋଇ ପୂଜା ପାଉଥିବ। ସେହି ଦିନଠାରୁ ତା' ଭିତରେ ଏକ ବିରାଟ ପରିବର୍ତ୍ତନ ଆସିଥିଲା। ତା' ଭିତରେ ଥିବା ମାତୃତ୍ୱ ଜାଗିଉଠିଥିଲା। ଦେହ ବ୍ୟବସାୟ ଛାଡ଼ି ଘର ସଂସାର କରିବାକୁ ଇଚ୍ଛା କଲା। ହେଲେ ବେଶ୍ୟାଟାକୁ କିଏ ବା କାହିଁକି ବାହା ହେବ ଯେ! ଏମାନେ ତ ଗୋଟିଏ ରାତିର ସାଥୀ। ଶତ ଶଯ୍ୟାର ନାୟିକା।

ଭାଗ୍ୟ କେତେବେଳେ କାହାକୁ କେଉଁ ଆଡ଼କୁ ଟାଣିନିଏ କେହି ଜାଣି ପାରନ୍ତିନି। ଦିନେ ରେଳଷ୍ଟେସନ ଦେଇ ଗଲାବେଳେ ନଜର ପଡ଼ିଲା ଏକ ଦୁର୍ଘଟଣା ଉପରେ। ରାସ୍ତା କଡ଼ରେ ବଜ୍ରପାତରେ ମରି ପଡ଼ିଛି ମାଆଟିଏ। ପାଖରେ ତା'ର ଚାରିଗୋଟି ଛୋଟ ଛୋଟ ଶିଶୁକନ୍ୟା ବିକଳ ହୋଇ କାନ୍ଦୁଥା'ନ୍ତି। ମୃତା ଜରି ଗୋଟାଳି ମାଆ ଓ ତା'ର ଚାରି ଶିଶୁଙ୍କୁ ଦେଖି ତା'ର ପିଲାବେଳ କଥା ମନେପଡ଼ିଗଲା। ତା' ଭିତରେ ଥିବା ମାତୃତ୍ୱ ପୁଣି ବିଳପି ଉଠିଲା। ମନେମନେ ଭାବିଲା ଏହି ଶିଶୁମାନଙ୍କୁ ତା'ପରି ନର୍କକୁ ଯିବାକୁ ଦେବନି। ସେମାନଙ୍କୁ ମଣିଷ ପରି ଗଢ଼ିତୋଳିବ। କୋଳେଇ ନେଲା ସେଇ ଚାରି ଶିଶୁଙ୍କୁ। ପାଲଟିଗଲା ସେମାନଙ୍କ ଯଶୋଦା ମାଆ। ସେଦିନ ଟିଭି ଓ ଖବରକାଗଜରେ ଶିରୋନାମ ପାଲଟିଥିଲା ଯଶୋଦା ମାଆ ମୀରା।

ବୟସ ବଢ଼ିବା ସହିତ ମାନସିକତାରେ ପରିବର୍ତ୍ତନ ଆସିଲା ମୀରାର। ଆସ୍ତେ ଆସ୍ତେ ସମାଜ ସେବା ଆଡ଼କୁ ମନୋନିବେଶ କଲା। ସହରର ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସହ ଯୋଗାଯୋଗ କରି ସହର ସାରା ବୃକ୍ଷରୋପଣ କରିବା ଥିଲା ତା'ର ପ୍ରଥମ କାମ। ଲୋକମାନେ ବୃକ୍ଷରୋପଣ କରନ୍ତି, ତା' ସହ ଫଟୋ ଉଠାନ୍ତି କିନ୍ତୁ ଏହାର ଯତ୍ନ ନିଅନ୍ତି ନାହିଁ। ଏହି କ୍ରମରେ ମୀରା ଆହ୍ୱାନ ଦେଇଥିଲା ଆପଣମାନେ ବୃକ୍ଷରୋପଣ କରନ୍ତୁ ଆମେ ତା'ର ଯତ୍ନ ନେବୁ। ତା' ପାଇଁ ସମଗ୍ର ସହର ଆଜି ସବୁଜ ସୁନ୍ଦର ହୋଇଉଠିଥିଲା। ପରେ ପରେ ରକ୍ତଦାନ କାର୍ଯ୍ୟକ୍ରମ, ଅସହାୟ ଲୋକଙ୍କ ଶବସତ୍କାର, ଡାକ୍ତରଖାନା ପରିସର, ରାସ୍ତା କଡ଼ରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ, ବସ୍ ଷ୍ଟାଣ୍ଡ ଓ ମନ୍ଦିର ପ୍ରାଙ୍ଗଣ ଆଦି ସ୍ଥାନଗୁଡ଼ିକ ସଫେଇ କରି ସହରକୁ ସ୍ୱଚ୍ଛ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଜଣ ଜଣ କରି ଚଉଦ ଜଣ ଅନାଥ କନ୍ୟାସନ୍ତାନଙ୍କୁ ଆଣି ଲାଳନ ପାଳନ କରିଥିଲା। ସହରରେ ଏମିତି ସ୍ୱେଚ୍ଛାସେବୀ ସଂଗଠନ ନାହିଁ, ଯାହାର ସଦସ୍ୟ ମୀରା ନଥିଲା। ସମସ୍ତ ଯୁବ ଗୋଷ୍ଠୀଙ୍କ ପାଇଁ ଆଦର୍ଶ ପାଲଟିଥିଲା ମୀରା। ସହରର ଜଣେ ଆଦର୍ଶ ସ୍ୱେଚ୍ଛାସେବୀ ଭାବରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଥିଲା। ସେ ଥିଲା ସମସ୍ତଙ୍କ ପାଇଁ ମୀରା ଅପା। ତା'ର ଏଭଳି ନିଃସ୍ୱାର୍ଥପର ସେବାକୁ ସରକାର ମଧ୍ୟ ପ୍ରଶଂସା କରିବାକୁ ପଛେଇ ନଥିଲେ। ତା'ର ଅନାଥାଶ୍ରମ ପରିଚାଳନା ପାଇଁ କିଛି କିଛି ଅର୍ଥ ମଧ୍ୟ ଯୋଗାଇ ଦେଉଥିଲେ। ଅନେକବାର ଅନେକ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ ଜଣେ ଆଦର୍ଶ ସମାଜସେବୀ ଭାବରେ।

ସତରେ ଭଗବାନ୍ କେଡ଼େ ନିଷ୍ଠୁର। ସେଦିନ କେତେଜଣ ସ୍ୱେଚ୍ଛାସେବୀ ଭାଇ ଭଉଣୀଙ୍କ ସହ ରାସ୍ତା କଡ଼ରେ ବୃକ୍ଷରୋପଣ କରୁଥିବା ସମୟରେ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ତୁହାକୁ ତୁହା ବିଜୁଳି ଓ ଘଡ଼ଘଡ଼ି। ସମସ୍ତଙ୍କୁ ଧରି ସୁରକ୍ଷିତ ସ୍ଥାନକୁ ଯିବା ପୂର୍ବରୁ ହୋଇଥିଲା ବଜ୍ରପାତ। ସେଇଠାରେ ଟଳିପଡ଼ିଥିଲା ମୀରା ଅପା। ଚାହୁଁଚାହୁଁ ଖବର ବିଜୁଳି ବେଗରେ ଚାରିଆଡ଼େ ପ୍ରଚାର ହୋଇଗଲା। ସହର ସାରା ଖେଳିଗଲା ଶୋକର ଛାୟା। ସ୍ୱେଚ୍ଛାସେବୀମାନେ ବୋହି ଆଣିଥିଲେ ମୀରାର ଶରୀରକୁ, ତା' ଆଶ୍ରମକୁ। ଆସ୍ତେ ଆସ୍ତେ ଲୋକାରଣ୍ୟ ହୋଇଉଠିଥିଲା ଆଶ୍ରମର ସମଗ୍ର ପରିବେଶ। ନେତା ମନ୍ତ୍ରୀଠାରୁ ଆରମ୍ଭ କରି ସହରର ପ୍ରତିଷ୍ଠିତ ଲୋକମାନେ ପୁଷ୍ପଗୁଚ୍ଛ ଧରି ଆସିଥିଲେ ଶେଷଦର୍ଶନ କରିବାକୁ। ଅନ୍ତିମ ଯାତ୍ରାରେ ସରକାରଙ୍କ ତରଫରୁ ମିଳିଥିଲା ରାଷ୍ଟ୍ରୀୟ ସମ୍ମାନ। ସେଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୀରାର ସମର୍ପିତ ମନୋଭବକୁ ସମ୍ମାନ ଜଣାଇ ଘୋଷଣା କରିଥିଲେ 'ମୀରାବାଈ ସେବା ସମ୍ମାନ'। ସହରର ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଏକାଠି ହୋଇ ମୀରାର ଅନ୍ତିମ ସଂସ୍କାର କରିଥିଲେ। ସେତେବେଳେ ସେ ଆଉ ମାନବୀ ହୋଇ ନଥିଲା, ଜୀବନସାରା ସମସ୍ତଙ୍କୁ ନିଃସାର୍ଥପର ସେବା ଯୋଗାଇ ସମସ୍ତଙ୍କ ଆଖିରେ ସେ ଦେବୀ ପାଲଟିଯାଇଥିଲା।

ମୋ: ୯୬୬୮୦୦୧୧୫୫

## କବିତା

### କୁମ୍ଭମେଳା

**ଚିରଶ୍ରୀ ଇନ୍ଦ୍ରସିଂ**

ଖାଲି ମେଳା ଦେଖିଲି
କୁମ୍ଭ ରହିଗଲା
ଯୋଉ ଖାଲି କି ସେଇ ଖାଲି।

ମେଳା କହିଲେ ସମୁଦ୍ର, ମୁଣ୍ଡମାଳ
ମେଳା କହିଲେ ଏଣୀ ନୟନା, ଗହଳି,
ଆଲୁଅ, ଯାଦୁଖେଳ

ନଦୀ ଇଚ୍ଛାମତୀ ମଉନାବତୀ
ଉଚ୍ଛୁରକୁ ତାର ଡର, ଚିରକାଳ

ସେ କେବଳ ଗୀତ ଗାଏ
ଘାଟ ହେଲେ ନିରୋଳା, ଅନ୍ଧାର

ମାଟି ଉପରକୁ ଉଠିଆସେ ସେ
ଆଉଜେଇ ନିଏ ତା' କୋଳକୁ
ତା' ଜଳରେ ମିଶାଇଦେଲେ
ଭଲପାଇବାର ଲୁହ ଦି' ଧାର
ଡେଣାରେ ବସାଇ ବୁଲେଇ ଆଣେ
କେଇଘେରା ତାରାମାନଙ୍କର
ସାହି ବସ୍ତି ଆଡ଼ୁ, ତା' ପାଦରେ
ପିନ୍ଧାଇଦେଲେ ପ୍ରାର୍ଥନାର ଅଳଙ୍କାର।

କୋଉ ବି ନଦୀରେ, କୋଉ ବି ତିଥିରେ
ପକାଇହୁଏ ବୁଡ଼, କୁମ୍ଭବୁଡ଼
ବୁଝିଲାବେଳକୁ ଏତିକି
ମଶାଣି ଦାଢ଼ରେ ପଡ଼ିଛି
ଆମ ଗାଁ ନଈଟିର ଦରପୋଡ଼ା ହାଡ଼।

ଏବେ ବତାଇ ଦିଅନ୍ତୁ ଅବଧାନ
କେଉଁ ଭାବରେ କେଉଁ ଭୂମିରେ
କରିପାରିବି ମୋ' ପ୍ରିୟ ନଦୀଟିର
ଅସ୍ଥି ବିସର୍ଜନ।

ମୋ: ୮୦୧୮୪୨୦୫୧୭

### ବୋଉ

**କ୍ଷଣପ୍ରଭା ମହାନ୍ତି**

ଆତ୍ମୀୟତାର ବର୍ଣ୍ଣମାଳାରେ
ବୋଉ ଗୋଟେ ଶବ୍ଦକୋଷ,
ଦୁଃଖର ଡେଣାରେ ଉଡ଼ିପାରେ ବୋଉ
କାହିଁ ପୁଣି କେତେ କୋଶ।

ଫୁଙ୍ଗୁଳା ପାଦକୁ ନଥାଏ ବିଶ୍ରାମ
ଘରରୁ ବାହାର ଧାଏଁ, ଦିନ ହେଲେ
କାଇଁ ଥକିପଡ଼େ ନାହିଁ,
ନିରବରେ ସହିଯାଏ।

ପର୍ଯ୍ୟାପ୍ତ ନିଦରୁ ସକାଳକୁ
ମୁକୁଳେଇ ଦେଇ ବୋଉ
ନିଜେ ବାନ୍ଧି ହୋଇଯାଏ
ତା' ସଂସାର ଭିତରେ।

ବାସି ଅଗଣା ବି ସତେଜ ଦିଶୁଥାଏ
ବୋଉର ଚଞ୍ଚଳପଣରେ,
ଦାଣ୍ଡପଟ ଗୁହାଳରୁ ହମ୍ବାରଡ଼ି ଶୁଭେ
ମୋ' ବୋଉର ପାଦଶବ୍ଦରେ।

ଅଳସକୁ ଚଉଡେଇ ଦେଇ
ରାତି ବିଛଣାରେ,
ଗୋଟେ ସକାଳ ସଜ ହୋଇ
ଥାଏ ବୋଉ ଅପେକ୍ଷାରେ।

ବୋଉ ଆଖିରେ ନ ଥାଏ ସ୍ୱପ୍ନ,
ଥାଏ ଯାହା ବାସ୍ତବତାର ଚିତ୍ର।
ବୋଉ ଧମନୀରେ ଧାଉଁଥାଏ
ବିଶ୍ୱାସର ରକ୍ତ।
ହୃଦୟ ତା' ଗୋଟେ ପୁଣ୍ୟକ୍ଷେତ୍ର।

ମୋ: ୯୪୩୮୭୫୧୩୯୫

### ଶାନ୍ତି ଚିର ସୁନ୍ଦର

**ଅୟସ୍କାନ୍ତ**

ଶାନ୍ତି ଶାନ୍ତି ସବୁଠି ପଡ଼ିଛି ଡାକ
କି ଖେଳେ ମାତିଛି ମଣିଷ
ଯେତେକ ଯାକ
କ୍ରୁଦ୍ଧ ହୋଇକି ଯୁଦ୍ଧ କରୁଛି ଖାଲି
ସବୁଜିମା ନାହିଁ, ସବୁଠି ତ ମରୁବାଲି
ଧୂ ଧୂ ଜଳେ ଜୀବନର ମଧୁବନ
ଫୁଲେ ଫୁଲେ ଆଜି ଝାଉଁଳଇ ଯୌବନ
ଖୋଜୁ ସଦା ଆମେ ଶାନ୍ତିସ୍ୱସ୍ତ୍ୟୟନ
ଈଶ୍ୱର ଦିଅ ପ୍ରଶାନ୍ତି ମାଗେ,
ନାରଖାର ଏ ଜୀବନ!

ଅଶାନ୍ତ ମନ, ଭଙ୍ଗା ହୃଦୟ
କବିତା ପାରେନା ସୃଜି
ମିଛ ଫୁଟାଣି ତ ମଥା ଚାଟିନିଏ
ଉଜୁଡ଼େ ସପନରାଜି
କେଉଁଠି ଶାନ୍ତି, ବନ୍ଧୁହେ କୁହ,
ପ୍ରାର୍ଥୀ ତା'ର ପାଶେ
ଚିର ସୁନ୍ଦର ସିଏ ସର୍ବଦା,
ଦୂରରେ ଥାଇକି ନାଲି ହସ
ଖାଲି ହସେ!

ମୋ: ୮୭୬୩୩୯୩୧୧୬

**ଗୀତି-କବିତା**

### ଲୁହ

**ମଞ୍ଜୁଲତା ସିଂହ**

ତନ୍ଦ୍ରାବିହୀନ ଆଖିରେ ମୋ' ଭରା
ଉଚ୍ଛୁଳା ଲୁହର ଧାର
କାହା ଅନୁରାଗ ତୋଳେ ସେ ଲୁହକୁ
କାହିଁକି ଥରକୁ ଥର...

ଶ୍ରାବଣ ତ କେବେ ଭିଜାଇ ପାରିନି
ଭିଜାଇଛି ଲୁହ ଯେତେ
ବୁଝାଇ ପାରିନି ଅବୁଝା ମନକୁ
ଝୁରିଛି ଝରିଛି କେତେ
ଲୁହର ଢେଉରେ ଭିଜେ ନିତି ନିତି
ଜୀବନ ଯମୁନା ତୀର...
କାହା ଅନୁରାଗ ତୋଳେ ସେ ଲୁହକୁ
କାହିଁକି ଥରକୁ ଥର...।

ଲୁହର ଭିଡ଼ରେ ହଜିଛି ସପନ
ଖୋଜି ଖୋଜି ପାଉନାହିଁ
ଛିଡ଼ିଗଲା ତାର ହୃଦୟ ବୀଣାର
ଯୋଡ଼ି ଆଉ ପାରୁନାହିଁ
ରାତି ଫେରିଯାଏ ସପନକୁ ନେଇ
ବାଟ ଭୁଲି ବାର ବାର...
କାହା ଅନୁରାଗ ତୋଳେ ସେ ଲୁହକୁ
କାହିଁକି ଥରକୁ ଥର...।

ମୋ: ୮୮୪୭୮୫୨୯୧୭

## ପୁସ୍ତକ ପରିଚୟ

### ଶୋକ, ସ୍ୱପ୍ନରେ ଇପ୍‌ସିତା ଓ ଅନ୍ୟମାନେ



**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡ଼ିକର ଲେଖକ କେବେ ଦୃଶ୍ୟ ରହି ତ କେବେ ଅନ୍ତରାଳରେ ଥାଇ ନିଜର କାହାଣୀ ଓ ଚରିତ୍ରମାନଙ୍କୁ ସଂଚାଳିତ କରନ୍ତି। ତାଙ୍କ ଗଳ୍ପରେ ଥାଏ ଏକ ଅଚାନକ ଆରମ୍ଭ ଓ ପରିଣତିରେ ସ୍ୱପ୍ନ ସରି ନ ଥିବା ଏକ ନିଦ୍ରାଭଂଗ। "ରୀତା ସହ ସବୁବେଳେ ଏମିତି ହୁଏ। ସେ ସଭାରେ ପହଞ୍ଚିଲା ବେଳକୁ କେହି ଆସି ନଥାନ୍ତି। ଅଥଚ ସେ ଡେରିରେ ପହଞ୍ଚିଲାବେଳକୁ ସଭାକକ୍ଷରେ ତା' ପାଇଁ ବସିବା ସ୍ଥାନ ନ ଥାଏ।" (ପ୍ରଥମ ପୁଲକ, ପୃ:୧୩) ଗଳ୍ପଟି ଏଇଠୁ ଆରମ୍ଭହୁଏ, ତା'ପରେ ଖୋଜାଲୋଡ଼ା 'ଏ ଗୀତା କିଏ'? ବହିର ପଞ୍ଚମ ଗଳ୍ପ 'ଶୋକ ଓ ସ୍ୱପ୍ନରେ ଇପ୍‌ସିତା'କୁ ରମେଶ ବହିର ଶିରୋନାମ କରିଛନ୍ତି। କେବଳ ଏଥିରେ ଯୋଡ଼ାଯାଇଛି 'ଅନ୍ୟମାନେ', 'ଓ'ଟି ସ୍ଥାନାନ୍ତରିତ ହୋଇଛି। ଇପ୍‌ସିତା ଗାଁ ସ୍କୁଲରେ ପଢ଼ାଉଥିଲା ବେଳେ ସ୍କୁଲ ସମ୍ପାଦକଙ୍କ କାମୁକତାର ଶିକାର ହେବା ତା' ସ୍ମୃତିରୁ ଲିଭୁନାହିଁ। ସେକ୍ସପିୟରଙ୍କ ହ୍ୟାମ୍‌ଲେଟ୍‌ର 'ଟୁ ବି ଅର୍ ନଟ୍ ଟୁ ବି'ର ଦ୍ୱନ୍ଦ୍ୱ ତା' ଜୀବନରେ ସମାହିତ ହୋଇପାରୁନାହିଁ। ଲେଖକ ଇଂଲିଶ୍ ଭାଷା-ସାହିତ୍ୟର ଛାତ୍ର ଓ ଇଂଲିଶ୍ ଦୈନିକରେ ଦୀର୍ଘଦିନର ପତ୍ରକାରିତା। 'ପତ୍ରକାରିତା' ତାଙ୍କୁ ଦିଆଇଛି ଗଳ୍ପରେ କଳେବରର ସଂଯମ। ବାଲ୍ୟ, କୈଶୋର ଓ ଯୌବନର ଅନୁଭବ ଭିତରୁ ଅଙ୍କୁରିଥିବା କଥକତା ତାଙ୍କ ଗଳ୍ପଗୁଡ଼ିକୁ ଭାବ-ସଂବେଦୀ କରିଛି। ଯଥାର୍ଥରେ ନିଜ ଗଳ୍ପଗୁଡ଼ିକରେ ସେ ବିଦ୍ୟମାନ 'କାହାଣୀ ରଚନା ପୂର୍ବରୁ' ଓ 'କାହାଣୀ ସରିବା ପରେ ବି'। ଆଶା, ବହିଟି ସବୁ ଶ୍ରେଣୀର ପାଠିକାପାଠକଙ୍କୁ ସମାନ୍ତରାଳ ଅନୁଭବରେ ଭାବିତ କରିବ।

### କିଛି କବିତା



**କବୟିତ୍ରୀ:** ପ୍ରତିଭା ପରିଡ଼ା
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୭୫/-

ଆଲୋଚ୍ୟ କବିତାଗ୍ରନ୍ଥରେ ଗ୍ରନ୍ଥାୟିତ ମୋଟ ୪୬ଟି କବିତା। ଗ୍ରନ୍ଥାରମ୍ଭରେ ଥିବା ଗଦ୍ୟଲେଖରେ ପ୍ରତିଭା କହିଛନ୍ତି: "ମୁଁ ଶାରୀରିକ ଅକ୍ଷମ ଜୀବନଟିଏ। ଜୀବନରେ ଅନେକ କଷ୍ଟ ସହିଛି। ଅନ୍ୟ ପକ୍ଷରେ ଅସରନ୍ତି ଭଲପାଇବା ବି ସହ୍ୟ କରିଛି। ଆଉ ସେଇଥିପାଇଁ ମାଟି/ମଣିଷ/ ଈଶ୍ୱରଙ୍କ ନିକଟରେ ଋଣଗ୍ରସ୍ତ ହୋଇପଡ଼ିଛି ସାରା ଆୟୁଷ୍କାଳ। ଆଉ ସେଇ ଋଣମୁକ୍ତିର ତପସ୍ୟା ହିଁ ମୋର କବିତା।" କବିଙ୍କ କବିତାରେ ଅଳଙ୍କାରର ଘଟାଟୋପ ନ ଥାଏ, ଥାଏ ସଚିତ୍ର ସାଦାସାଦା ଅବତାରଣା, ଯାହା ଚୈତ୍ରର ମଳୟ ପରି ମରମୀ ପାଠକର ହୃଦୟକୁ ଛୁଇଁଯାଏ। କେଇଟି ଦୃଷ୍ଟାନ୍ତ ନେବା- ୧. "ବେଳଟେ ଥାଏ କି/ ଜହ୍ନ ଉକୁଟି ଆସିବାର?/ ବେଳଟେ ଥାଏ କି/ ପଥର ସନ୍ଧିରୁ ଝର ଖୋଲିଯିବାର?/ ପୁଣି ବେଳଟେ ଥାଏକି କଢ଼ି ମୁକୁଳିଯିବାର?/ ବେଳଟେ ଥାଏ କି/ ବାଟ ଖୋଜି ମିଳିଯିବାର?" (ବେଳଟେ ଥାଏ, ପୃ:୨୩), ୨. "ତୁ ବୋଧେ ନଈମଝିରେ ଏକୁଟିଆ ନାଆଟିଏ/ ଉଦୁଉଦିଆ ଦ୍ୱିପହରେ/ ଝଂକାଳିଆ ବରଗଛଟିଏ/ ଅନ୍ଧାରର ସମୁଦ୍ରରେ/ ଆଖି ପାଉ ନ ଥିବା/ ମିଞ୍ଜିମିଞ୍ଜି ଦୀପଶିଖାଟିଏ/ ଆଉ ମୁଁ ତ/ ବାଟ ଚାଲୁଚାଲୁ/ ଭୋର୍ କି ସଞ୍ଜ ବାରିପାରି ନ ଥିବା/ ଏକୁଟିଆ ବାଟୋଇଟିଏ।" (ବାଟୋଇଟିଏ ମୁଁ, ପୃ:୬୭)। ଅନେକ କବିତାରେ ପ୍ରତିଭା ଯେପରି ନିଜ ପିଠିରେ ନିଜର ଦୁଃଖ, ପରାଜୟ ଓ ଅସ୍ୱସ୍ତିକୁ ନାଉକରି ବାଟଚାଲୁଥିବା ପଥିକଟିଏ; ଅଥଚ ଜୀବନକୁ ଛି' କରିଦେବାର ନକାରାତ୍ମକତାରେ କେବେ ବି ସେ ନିଜକୁ ଛନ୍ଦି ଦିଅନ୍ତି ନାହିଁ। ତାଙ୍କ ଉକ୍ତିରେ- "ଜଗତରେ କବିତା ହିଁ ସତ୍ୟ।/ କବିତାର ପୀଡ଼ା ସତ୍ୟ ପୁଣି ସତ୍ୟ ବି କବିତାର ଆନନ୍ଦ।" ଗଛକୁ ପତ୍ର ପରି, ଫୁଲକୁ ସୁବାସ ପରି ଶବ୍ଦଙ୍କର ସମୀକରଣ ଭିତରୁ ଉଦିତ ହୁଏ କବୟିତ୍ରୀଙ୍କ କବିତା। ଏ କବିତା ପାଠକ ଖୋଜେ ନାହିଁ, ବରଂ ପାଠକ ଖୋଜିବସନ୍ତି ଗଭୀର ଜୀବନାନୁରାଗରେ ଭରା ଏ ସବୁ କବିତାକୁ।

## କାଳକାଳକୁ

"ସବୁଠାରୁ ଅନ୍ଧକାରମୟ ରାତିର ବି ସକାଳ ଅଛି, ଅଛି ସୂର୍ଯ୍ୟୋଦୟ।"

– ଭିକ୍ଟର ହ୍ୟୁଗୋ



**ଭିକ୍ଟର ହ୍ୟୁଗୋଙ୍କ** ଜନ୍ମ ୨୬ ଫେବୃଆରୀ ୧୮୦୨ରେ ଓ ପରଲୋକ ୧୮୮୫ରେ, ଫ୍ରାନ୍ସରେ। ସେ ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର, ନିବନ୍ଧ ଲେଖକ ଓ ରାଜନେତା। ତାଙ୍କ ପ୍ରସିଦ୍ଧ କୃତିଗୁଡ଼ିକ ମଧ୍ୟରେ ରହିଛି- ଉପନ୍ୟାସ: 'ଦ ହଞ୍ଚ୍‌ବ୍ୟାକ୍ ଅଫ୍ ନୋତ୍ରେ-ଡେମ୍' (୧୮୩୧) ଓ "ଲେସ୍ ମିଜରେବଲ୍‌ସ" (୧୮୬୨), କବିତା: "ଲେସ୍ କଣ୍ଟେମ୍ପ୍ଲେସନ୍‌ସ", 'ଦ ଲିଜେଣ୍ଡ ଅଫ୍ ଦ ଏଜେସ୍', ନାଟକ: "କ୍ରୋମ୍‌ୱେଲ୍" ଓ "ହର୍‌ନାନି"। ସେ ଥିଲେ ଫରାସୀ ରୋମାଣ୍ଟିକ୍ ସାହିତ୍ୟ ଆନ୍ଦୋଳନର ପୁରୋଭାଗରେ। ଭିକ୍ଟର କହନ୍ତି: "ଅନ୍ୟ ଜଣେକୁ ଭଲପାଇବା ହେଉଛି ଈଶ୍ୱରଙ୍କ ମୁଖଦର୍ଶନ" ଏବଂ କହନ୍ତି: "ମୁଁ ଯେତେବେଳେ ମୃତ, ମୋ' ଭୂଲତାରେ ଚୁମ୍ବନଟିଏ ଦେବ-କଥାଦିଅ, ମୁଁ ତାହା ବାରିପାରିବି।"

# ଘରଚଟିଆର ଡାକ

**ଲଘୁଗଳ୍ପ**

**ସୁନନ୍ଦା ମହାନ୍ତି**

ଗାନ୍ଧିଜୀ ରଖିଥିବା ତିନିମାଙ୍କଡ଼ଙ୍କ ବାର୍ତ୍ତା ଥିଲା ଏମିତି- ଖରାପ କଥା କହିବ ନାହିଁ, ଖରାପ କଥା ଶୁଣିବ ନାହିଁ କି ଖରାପ କଥା ଦେଖିବ ନାହିଁ। ତେବେ ଯାଇ ଭଲ ମଣିଷ ହୋଇପାରିବ। ଆଜିକାଲି ରମାନାଥବାବୁ ଦେଖନ୍ତି ଗାନ୍ଧିଜୀ ଦେଇଥିବା ସେଇ ବାର୍ତ୍ତା ଭିତରେ କେତେ ଗୂଢ଼ତତ୍ତ୍ୱ ଲୁଚିରହିଛି। ସମ୍ପର୍କକୁ ବଞ୍ଚାଇ ରଖିବାକୁ ହେଲେ ଆଖିବୁଜି ଅନ୍ଧ, କାନବୁଜି କାଲା ଓ ପାଟି ବନ୍ଦ କରି ବଧିର ହୋଇଯିବାକୁ ହୁଏ। ସମ୍ପର୍କ କହିଲେ ଖାଲି ଚିହ୍ନା ଜଣା, ସ୍ନେହ ଭାବୁସି, ରକ୍ତଗତ ନିକଟ କି ଦୂର ସମ୍ପର୍କୀୟ ନୁହେଁ ଖୋଦ୍ ନିଜ ପୁଅ ଝିଅ ବଡ଼ ହେଲାପରେ ତାଙ୍କ କାର୍ଯ୍ୟକଳାପ ଭଲ ଲାଗୁ ନ ଥିଲେ ମଧ୍ୟ କିଛି ନ ଦେଖିଲା, ନ ଶୁଣିଲା, ନ ଜାଣିଲା ପରି। ନ ହେଲେ ସେମାନେ କହିବେ ବାପା ଜଣେ ଆଉଟ୍‌ଡେଟେଡ୍ ମଣିଷ ଅର୍ଥାତ୍ ଯୁଗୋପଯୋଗୀ ନୁହନ୍ତି ଆଦୌ। ସେଇଥିପାଇଁ ତ ଏକମାତ୍ର ପୁଅ ପାଇଁ ଏତେସବୁ କରି ମଧ୍ୟ ଆଜି ସେ ତାଙ୍କଠାରୁ ବହୁତ ଦୂରରେ। ନିଜର ପେନ୍‌ସନ ଅଛି, ଗୋଡ଼ହାତ ଚଳୁଛି ଓ ଚଲାବୁଲା ଠିକ୍‌ଠାକ୍ କରିପାରୁଛନ୍ତି ତ ସେ। କ'ଣ ଏକୁଟିଆ ଚଳିପାରିବେନି ଏ ସଂସାରରେ? ସ୍ତ୍ରୀ ବଞ୍ଚିଥିଲା ବେଳେ ମଧ୍ୟ ସବୁବେଳେ ଅଭିଯୋଗ କରନ୍ତି କିଛି ବୁଝୁନ, ଦେଖୁନ, ଶୁଣୁନ, ଏ ସଂସାର କେମିତି ଚାଲିବ ଯେ! ସବୁ ଠିକ୍‌ଠିକ୍ ଚାଲିବ ଅଞ୍ଜଳି।

ଏଇତ ପିଲାଙ୍କ କଥା ଏତେ ଭାବୁଥିବା ଲୋକଟା ଅଞ୍ଜଳି, ଏତେ ମମତା ପଣତ ଉଡ଼େଇ, ମାତୃତ୍ୱ ଅଜାଡ଼ି ଅଜାଡ଼ି ଚାଲିଗଲା ପରେ କ'ଣ ସଂସାର ଚଳୁଚି ନା ନାଇଁ! ଖାଲି ପାର୍ଥକ୍ୟ ଏତିକି ରମାନାଥବାବୁଙ୍କୁ ଗୋଡ଼େଇ ଗୋଡ଼େଇ କହିବାକୁ କେହି ନାହିଁ କି ଫେରିବା ବାଟକୁ ଅନେଇ ବସିନି କେହି। କିନ୍ତୁ ପୁଅ ତା' ବାଟରେ ଗଲା ପରେ ଅଞ୍ଜଳିଙ୍କ ପଥ ବାଛି ନେଇଛନ୍ତି ରମାନାଥବାବୁ। ଅଞ୍ଜଳି ସିନା ଚାରିଟା ପରେ ଛାତକୁ ଯାଇ ପକ୍ଷୀ ଠାବ କରି ଡାକ ପକାଉଥିଲେ ଦେଖିବ ଆସ, ଦେଖିବ ଆସ ପୁଅ ରହୁଥିବା ଦିଲ୍ଲୀ ପରି ଆମ ଗାଁରେ କେତେ ଶୁଆ। ରମାନାଥ ସେତେବେଳେ କହନ୍ତି ତୁମର ସିନା କିଛି କାମ ନାହିଁ ଯେ ତୁମେ ପକ୍ଷୀ ନିରୀକ୍ଷଣ କରିବ, ମୋର ଅନେକ କାମ କହି ଅନେଇ ଥିବେ ମିସ୍ତ୍ରିମାନଙ୍କୁ। କେବେ ରାଜମିସ୍ତ୍ରି ତ କେବେ ବଢ଼େଇ ତ କେବେ ଗ୍ରିଲ କାରିଗର ତ କେବେ ଇଲେକ୍ଟ୍ରିସିଆନ୍‌କୁ। ଏତେ ସବୁ କାହିଁ କରୁଛ? କିଏ ରହିବ ତୁମ ଏ ଗାଁ ଘରେ? ଯେତିକି କରିଛ ତାହାର ରକ୍ଷଣାବେକ୍ଷଣ କରୁକରୁ ମୋ' ଦିନ ଯାଉଛି କହନ୍ତି ଅଞ୍ଜଳି ତ ରମାନାଥ ଗର୍ଜନ କରନ୍ତି, କହନ୍ତି- ଆହେ ତୁମରି ପୁଅ ପାଇଁ କରୁଛି। ମୋ' ଭାଇବନ୍ଧୁ କୁଟୁମ୍ବଙ୍କ ପାଇଁ ନୁହ କି ତୁମ ଭାଇବନ୍ଧୁ କୁଟୁମ୍ବଙ୍କ ପାଇଁ ନୁହ। ଏକମାତ୍ର ତୁମ ଗୁଣମଣି ପାଇଁ, ହେଲେ ଆଜି ଅଞ୍ଜଳି ନାହାନ୍ତି ଦେଖିବାକୁ ପୁଅ ରହିଲା କି ନାହିଁ।

ପୁଅ ରୁଦ୍ର ମୁହେଁ ମୁହେଁ ଶୁଣାଇଦେଲା ଗାଁରେ କ'ଣ ଅଛି ଯେ ମୁଁ ଏଠି ରହିବି! ତୁମେ ଏତେ ଟଙ୍କା ସାରି ଏତେବଡ଼ ଘର କରିବା କ'ଣ ଦରକାର ଥିଲା କହି ସେହି ଦିଲ୍ଲୀରେ ଫ୍ଲାଟ୍ କିଣି ରହିଲା। ପୁଅ ବୁଝିଲା ନାହିଁ ଗାଁରେ ଭାଇକୁ ଭାଇର କାନ୍ଧ ଅଛି। ଯାନିଯାତ, ଭାଇଚାରା ଅଛି, ଚୁଙ୍ଗିଘରେ ଭାଗବତ ପଢ଼ା ଚାଲିଛି, ରାମଚରିତମାନସ ପାରାୟଣ ଉଚ୍ଚାରଣ ମନ୍ତ୍ରରେ ଶିହରଣ ସୃଷ୍ଟି ହେଉଛି। ନଈ କୁଳୁକୁଳୁ ଗାଇ ବହିଯାଉଛି, ଗଛରୁ ନଡ଼ିଆ, ପଇଡ଼, କଦଳୀ ଆମ୍ବ ପଣସ ପାଇ ଜୀବନ ଆହ୍ଲାଦିତ ହୋଇଉଠୁଛି। ସର୍ବୋପରି ସହରରେ ବିଲୁପ୍ତ ପ୍ରାୟ ଘରଚଟିଆ ପକ୍ଷୀ ଅଛନ୍ତି। ଯିଏ ଗାଈ ମଇଁଷି, ଛେଳି, ମେଣ୍ଢାଙ୍କ ବନ୍ଧୁ ହୋଇ ସେମାନେ ବିଶ୍ରାମ ନେଉଥିଲା ବେଳେ ତାଙ୍କ ଦେହରୁ ଟିଙ୍କ ବାଛୁଥାଏ ବନ୍ଧୁ ହୋଇ। କାଉ ସିନା ସମସ୍ତଙ୍କୁ ଉଠାଉଥାଏ କା କା କହି, ହେଲେ ରମାନାଥଙ୍କୁ ତ ଘରଚଟିଆ ଡାକ ନ ଶୁଭିଲା ଯାଏଁ ନିଦ ଭାଙ୍ଗେନି କେବେ। ପୁଅ କହେ ଗାଁରେ ମୋ' ଝିଅ ପଢ଼ିବ କେଉଁଠି? ହସ୍ପିଟାଲ ସୁବିଧା କାହିଁ ଗାଁରେ? ମଣିଷର ସର୍ବୋଚ୍ଚ ଆବଶ୍ୟକତା ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ନ ଥିବା ଗାଁରେ ମୁଁ ଚଳିପାରିବି ନାହିଁ।

ସେଦିନ କିନ୍ତୁ ପରିବାର ସହ ପୁଅ ହଠାତ୍ ଗାଁରେ ପହଞ୍ଚିବା ଦେଖି ଆଶ୍ଚର୍ଯ୍ୟ ରମାନାଥ। କମ୍ପାନୀ ଚାକିରି ଚାଲିଯାଇଥିଲା। କିଣିଥିବା ଫ୍ଲାଟ୍ ଘରଟାକୁ ପୁଅ ରୁଦ୍ର ପୂର୍ବରୁ ସାତଜଣ କିଣିସାରିଥିଲେ, ସୁତରାଂ ଆପଣାଛାଏଁ ଫ୍ଲାଟ୍ ହାତରୁ ଗଲା। ଶ୍ୱଶୁର ଘରେ କେହି ନ ଥିଲେ ବିଧବା ବଡ଼ଝିଅକୁ ଛାଡ଼ି। ସେଥିରେ ପୁଣି ସେ ଘରକୁ ଏ ଭିତରେ ତା' ନାମରେ କରାଇ ସାରିଥିଲା। ନିଜ ସ୍ତ୍ରୀର ଅଧିକାର ସାବ୍ୟସ୍ତ କରିବାକୁ ପୁଅ ରୁଦ୍ର, ବାପା ରମାନାଥବାବୁଙ୍କ ପରି ପୋଖତ ଓକିଲଙ୍କ ସହାୟତା ଲୋଡ଼ିଲା ବେଳେ ବୋହୂ ଘରଚଟିଆ ପକ୍ଷୀ ଉପରେ ଥେସିସ ଲେଖୁଥିଲା। ରାତିରେ ନାତୁଣୀ ରମାନାଥବାବୁଙ୍କ ଗୋଡ଼ ଉପରେ ଗୋଡ଼ ଲଦି ପଚାରୁଥିଲା ଗାଁରେ ଏତେ ଘରଚଟିଆ ପକ୍ଷୀ ଥିଲାବେଳେ ସହରରେ ବିଲୁପ୍ତ କାହିଁକି ଜେଜେ? ଜେଜେ ରମାନାଥବାବୁ କହିଲେ କାଲି ସକାଳେ ମୋ' ନିଦ ଭାଙ୍ଗିବାକୁ ଗୋଟେ ଘରଚଟିଆ ଆସିବ ଦେଖିବୁ। ତାକୁ ପଚାରିବୁ ସେ ଗାଁକୁ କାହିଁକି ଭଲପାଏ? ଗାଁରେ ତା' ପାଇଁ କ'ଣ ସବୁ ରହିଥିବାରୁ ସେ ଗାଁ ଛାଡ଼ି ଯାଉନି। ସେ କ'ଣ ମଣିଷ ପରି କଥା କହିବ କି ଜେଜେ? କହି ଅନୁଷ୍କା ହସି ହସି ଗଡ଼ିଯାଉଥିଲେ ବି କହୁଥିଲା ଯାହା କୁହ ଜେଜେ ଗାଁରେ କିନ୍ତୁ ଯୋଉ ସ୍ନେହ ଶ୍ରଦ୍ଧା ଓ ଭଲପାଇବା ଅଛି ସହରରେ ଜମା ନାହିଁ। ଆଲୋ ବାୟାଣୀ ସହରର ଢୋ ଢା, ପେଁ ପାଁ, ଘୋ ଘାକୁ ଘରଚଟିଆ ପକ୍ଷୀର ଜମା ପସନ୍ଦ ନୁହେଁ। କ'ଣ ବୁଝିଲା କେଜାଣି ନାତୁଣୀଟା ରମାନାଥଙ୍କ ବେକ ଚାରିପଟେ ହାତ ଛନ୍ଦି କହୁଥିଲା ଗାଁ ଭାରି ଭଲ ଆଉ ତା' ସହ ତୁମେ ଓ ତୁମ ଘରଚଟିଆ ପକ୍ଷୀର ଡାକ। ଏତେଦିନ ପରେ ରମାନାଥ ଅଞ୍ଜଳିଙ୍କୁ ଖୁବ୍ ମନେପକାଉଥିଲେ କେଜାଣି କାହିଁକି, ହୁଏତ ଅନୁଷ୍କାର ଆବିଳତାବିହୀନ ନିବିଡ଼ତା ଠିକ୍ ଅଞ୍ଜଳିଙ୍କ ପରି ଥିଲା। ସକାଳୁ ସକାଳୁ ଅନୁଷ୍କା ଡାକ ପକାଉଥିଲା ଜେଜେ ଦେଖିବ ଆସ ଘରଚଟିଆ ପକ୍ଷୀଟି ବସା କରିଛି ଉପରେ। ନାତୁଣୀର ଡାକ ଆଜି ଘରଚଟିଆ ପକ୍ଷୀର ଡାକ ପରି ଶୁଭୁଥିଲା ରମାନାଥଙ୍କୁ।

ମୋ: ୯୦୪୦୯୭୭୩୨୭



ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨/୨୦୨୫ Bhubaneswar, Saturday, February 22/ 2025

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ଭାରତ ଇଚ୍ଛୁକ

**ନୂଆଦିଲ୍ଲୀ, ୨୧।୨ (ପି.ଟି.):** ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ଇଚ୍ଛୁକ ଏବଂ ଗ୍ଲାସ୍‌ଗୋରେ ହେବାକୁ ଥିବା ୨୦୨୬ ସଂସ୍କରଣରୁ ବାଦ୍ ଦିଆଯାଉଥିବା ସମସ୍ତ ଇଭେଣ୍ଟକୁ ମଧ୍ୟ ପ୍ରୋଗ୍ରାମରେ ସାମିଲ କରିବାକୁ ଚାହୁଁଛି। ଫଳରେ ଭାରତର ପଦକ ତାଲିକାକୁ ପ୍ରଭାବିତ ହେବାକୁ ପଡ଼ିବ ନାହିଁ। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଇଚ୍ଛୁକ ଥିବା ନେଇ ପତ୍ର ଦାଖଲ କରିବା ନିମନ୍ତେ ମାର୍ଚ୍ଚ ୩୧ ଅନ୍ତିମ ତାରିଖ ଥିବାବେଳେ ଖୁବ ଶୀଘ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟର ନିକଟସ୍ଥ ସୂତ୍ରରୁ ଜଣାପଡ଼ିଛି। ଆମେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ପାଇଁ ଇଚ୍ଛୁକ। ଏ ସମ୍ପର୍କରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍) ସହିତ ଆଲୋଚନା ମଧ୍ୟ ହୋଇଛି। ଏଥିସହିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରୋଗ୍ରାମରୁ ବାଦ୍ ଦିଆଯାଇଥିବା ସମସ୍ତ ଇଭେଣ୍ଟକୁ ଆୟୋଜନ କରିବା ଲାଗି ମଧ୍ୟ ପ୍ରସ୍ତାବ ଦିଆଯାଇଛି ବୋଲି ସୂତ୍ରରୁ କୁହାଯାଇଛି। ଭାରତ ଅନ୍ତିମ ଥର ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଗତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ଦୃଷ୍ଟିକୋଣରୁ ଭାରତକୁ ଶକ୍ତ ଧକ୍କା ଲାଗିଥିଲା। ଗ୍ଲାସଗୋଠାରେ ହେବାକୁ ଥିବା ୨୦୨୬ ସଂସ୍କରଣର ଇଭେଣ୍ଟ ତାଲିକାରୁ ହକି, ବ୍ୟାଡମିଣ୍ଟନ, ରେସଲିଂ, କ୍ରିକେଟ ଓ ଶୁଟିଂ ଇତ୍ୟାଦିକୁ ବାଦ ଦିଆଯାଇଥିବା ଘୋଷଣା କରାଯାଇଥିଲା। ଏହି ସଂସ୍କରଣ ଆସନ୍ତାବର୍ଷ ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶୁକ୍ରବାର ନେଦରଲାଣ୍ଡ୍ସ ଓ ଇଂଲଣ୍ଡ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ ବିକାଶ ନାୟକ)

# ଭାରତୀୟ ମହିଳା ହକି ଦଳର ଚତୁର୍ଥ ପରାଜୟ

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

ଭାରତୀୟ ମହିଳା ହକି ଦଳ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଜର୍ମାନୀ ୪-୦ ଗୋଲରେ ଘରୋଇ ଦଳକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚରେ ଜର୍ମାନୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳି ପ୍ରଥମଥର ପାଇଁ ଏହି ମ୍ୟାଚରୁ ୩ ପଏଣ୍ଟ ହାସଲ କରିଥିଲା। ଆକ୍ରମଣାତ୍ମକ ରଣନୀତିରେ ପଡ଼ିଆକୁ ଓହ୍ଲାଇଥିବା ଜର୍ମାନୀ ଦଳ ୩ୟ ମିନିଟ୍‌ରେ ଆମେଲି ଓର୍ଟମାନଙ୍କ ଗୋଲ ବଳରେ ଭାରତ ଉପରେ ଚାପ ପ୍ରୟୋଗ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୧୮ଶ ମିନିଟ୍‌ରେ ସୋଫିଆ ସ୍ୱାବିଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ବେଳକୁ ଜର୍ମାନୀ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଭଲ ଚ୍ୟାଲେଞ୍ଜ ଦେଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୭ତମ ମିନିଟରେ ସ୍ୱାବି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିବାବେଳେ ମ୍ୟାଚ ଶେଷ ହେବାର କିଛି କ୍ଷଣ ପୂର୍ବରୁ ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରିଥିଲେ ଜୋହାନା ହାଚେନବର୍ଗ। ମ୍ୟାଚ ସମୟରେ ହାଲ୍‌କା ବର୍ଷା ହୋଇଥିଲେ ହେଁ ଉପସ୍ଥିତ ଦର୍ଶକମାନେ ଖେଳକୁ ଉପଭୋଗ କରିଥିଲେ। ଏହା ପୂର୍ବରୁ ଜର୍ମାନୀ ୬ଟି ମ୍ୟାଚ ଖେଳିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟରେ ବିଜୟ ସ୍ୱାଦ ପାଇ ନ ଥିଲା। ଗୋଟିଏ ଶୁଟ୍‌ଆଉଟ ବିଜୟ ହାସଲ କରିଥିବାବେଳେ ଗୋଟିଏ ଶୁଟ୍ ଆଉଟ ପରାଜୟ ଓ ୪ ପରାଜୟ ସହିତ ଏବେ ୭ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଭାରତ ୫ ମ୍ୟାଚରୁ ୪ର୍ଥ ପରାଜୟ ସହିତ ୪ ପଏଣ୍ଟରେ ରହି ସର୍ବନିମ୍ନ ସ୍ଥାନକୁ ଖସିଛି।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (ଆଜିର ମ୍ୟାଚ)**

**ମହିଳା**
* ନେଦରଲାଣ୍ଡ୍ସ ବନାମ ଇଂଲଣ୍ଡ
ସମୟ: ଅପରାହ୍ନ ୩ଟା।
* ଭାରତ ବନାମ ଜର୍ମାନୀ
ସମୟ: ସନ୍ଧ୍ୟା ୫ଟା ୧୫

**ପୁରୁଷ**
ଭାରତ ବନାମ ଆୟର୍ଲାଣ୍ଡ
ସନ୍ଧ୍ୟା ୭ଟା ୩୦।
**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**



ପ୍ରୋ ଲିଗ୍‌ରେ ଶୁକ୍ରବାର ବଲ୍ ପାଇଁ ଭାରତ ଓ ଜର୍ମାନୀ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

# ନେଦରଲାଣ୍ଡ୍ସ ୫, ଇଂଲଣ୍ଡ ୧

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକିରେ ଶୁକ୍ରବାର ନେଦରଲାଣ୍ଡ୍ସ ୫-୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ପକ୍ଷରୁ ଜୋଜେ ବର୍ଗ ୨୭, ପେନ୍ ଡିକେ ୩୩, ଲୁନା ଫୋକୋ ୩୭, ଫେଡ୍ରିକ ମାଟଲା ୩୮ ଓ ଫେ ଭାନ୍ ଡର୍ ଇଲେଷ୍ଟ ୫୦ତମ ମିନିଟରେ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଓଲିଭିଆ ହାମିଲଟନ ୫୭ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୫ ମ୍ୟାଚରୁ ୪ ବିଜୟ ସହ ୧୨ ପଏଣ୍ଟ ପାଇ ନେଦରଲାଣ୍ଡ୍ସ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଇଂଲଣ୍ଡ ୭ ମ୍ୟାଚରୁ ୫ ପଏଣ୍ଟ ସହ ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ପୂରା ମ୍ୟାଚରେ ନେଦରଲାଣ୍ଡ୍ସ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲେ ହେଁ ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ରେ ଅଗ୍ରଣୀ ହାସଲ କରିଥିଲା ଏହି ଦଳ। ତୃତୀୟ କ୍ୱାର୍ଟରରେ ୩ଟି ଓ ୪ର୍ଥ କ୍ୱାର୍ଟରରେ ଗୋଟିଏ ଗୋଲ ଦେଇ ବିପକ୍ଷ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା ନେଦରଲାଣ୍ଡ୍ସ। ଶେଷ ପର୍ଯ୍ୟାୟରେ ଇଂଲଣ୍ଡ ଯଦିଓ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲା ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାକୁ ଦଳ ନିକଟରେ ଆଉ ସମୟ ନ ଥିଲା।

**ରଣଜୀ ଟ୍ରଫି**

# ଫାଇନାଲରେ ବିଦର୍ଭ-କେରଳ

**ଅହମ୍ମଦାବାଦ,୨୧।୨:** ଚଳିତ ରଣଜୀ ଟ୍ରଫିରେ ଶୁକ୍ରବାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ବିଦର୍ଭ ଓ କେରଳ ପରସ୍ପରକୁ ଭେଟିବେ। ଗତ ଥରର ଫାଇନାଲିଷ୍ଟ ବିଦର୍ଭ ୮୦ ରନରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇକୁ ପରାସ୍ତ କରିଥିବାବେଳେ କେରଳ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଗୁଜରାଟକୁ ପରାସ୍ତ କରି ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଅହମ୍ମଦାବାଦରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମ ଇନିଂସରେ କେରଳ ୪୫୭ ରନ କରିଥିଲା। ଏହାର ଜବାବରେ ଗୁଜରାଟ ମ୍ୟାଚର ଅନ୍ତିମ ଦିନ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୨୯/୭ରୁ ବ୍ୟାଟିଂ ଆରମ୍ଭ କରି ଅନ୍ତିମ ୩ ଉଇକେଟରେ ୨୬ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ୨ ରନର ଅଗ୍ରଣୀ ଯୋଗୁ କେରଳ ରଣଜୀ ଟ୍ରଫିରେ ପଦାର୍ପଣ କରିବାର ୬୮ ବର୍ଷ ପରେ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା। କେରଳ ତା'ର ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୧୧୪ ରନ କରିଥିଲା। ନାଗପୁରରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚର ପ୍ରଥମ ଇନିଂସରେ ବିଦର୍ଭ ୩୮୩ ରନ କରିଥିବା ବେଳେ ମୁମ୍ବାଇ ୨୭୦ ରନ କରିଥିଲା। ୧୧୩ ରନରେ ଆଗୁଆ ରହିଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୨୯୨ ରନ କରିଥିଲା। ଫଳରେ ମୁମ୍ବାଇ ଆଗରେ ୪୦୬ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାର ଜବାବରେ ମୁମ୍ବାଇ ଶୁକ୍ରବାର ତଥା ମ୍ୟାଚର ଅନ୍ତିମ ଦିନ ଅସମାପ୍ତ ଦ୍ୱିତୀୟ ସ୍କୋର ୮୩/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ମୁମ୍ବାଇ ତା'ର ବଳକା ୭ ଉଇକେଟରେ ୨୪୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୬୬, ସାମ୍ସ ମୁଲାନି ୪୬ ଓ ଆକାଶ ଆନନ୍ଦ ୩୯ ରନ କରିଥିଲେ। ବିଜୟୀ ବିଦର୍ଭ ପାଇଁ ହର୍ଷ ଦୁବେ ୫ଟି ଉଇକେଟ ନେଇଥିବା ବେଳେ ୟଶ ଠାକୁର ଓ ପାର୍ଥ ରେଖାଡେ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ରୌପ୍ୟ, ୨ ବ୍ରୋଞ୍ଜ

**ଭୁବନେଶ୍ୱର, ୨୧।୨ (ବିଜୟ ରଣା):** ଚଣ୍ଡିଗଡ଼ରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ଚମତ୍କାର ପ୍ରଦର୍ଶନ କରିଛି। ଫେବୃଆରୀ ୧୯ ରୁ ୨୧ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ୍‌ରେ ପ୍ରଯତ୍ନ ବରାଳଙ୍କ ତତ୍ତ୍ୱାବଧାନରେ ମହିଳା ବର୍ଗରେ ଜୟନ୍ତୀ ସେଠୀ, ଅଞ୍ଜନା ମୁଖୀ, ମନିଷା ମେରେଲ, ମଧୁସ୍ମିତା ଜେନା, ଲୋପାମୁଦ୍ରା ସାହୁ ଓ ସୁକାନ୍ତୀ ପାତ୍ରୋ ପ୍ରମୁଖ ଭାଗ ନେଇଥିବା ବେଳେ ପୁରୁଷ ବର୍ଗରେ ରଞ୍ଜନ କୁମାର ସାହୁ, ରକ୍ କୁମାର ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ହରି ବେହେରା, ପି. ସୂର୍ଯ୍ୟଭେଙ୍କଟ, ନଥନ ବେଶ୍ରା, ମନୋଜ କୁମାର ସେଠୀ, ରବି ସାବର ଓ ଟୁକୁ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମନୀଷା ମେରେଲଙ୍କୁ ଉଭୟ ୧୦୦ମିଟର ଦୌଡ଼ ଏବଂ ଲମ୍ବ ଡିଆଁ ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ଏବଂ ପୁରୁଷ ବର୍ଗରେ ଟୁକୁ ସେଠୀଙ୍କୁ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ହରି ବେହେରାଙ୍କୁ ଡିସ୍କସ୍‌ରେ ରୌପ୍ୟ ଏବଂ ରଞ୍ଜନ ସାହୁଙ୍କୁ ଶଟପୁଟ ଥ୍ରୋରେ ଓ ଲକ୍ଷ୍ମୀଧର ମହାନ୍ତିଙ୍କୁ ଟ୍ରିପଲ୍ ଡିଆଁରେ ବ୍ରୋଞ୍ଜ ପଦକ ପ୍ରାପ୍ତ ହୋଇଛି। ପ୍ରଯତ୍ନ ବରାଳଙ୍କୁ ଏହି ଚାମ୍ପିୟନଶିପ୍ ନିମନ୍ତେ ଓଡ଼ିଶା ଦଳର ପ୍ରଶିକ୍ଷକ ତଥା ପରିଚାଳକ ଭାବରେ ନିଯୁକ୍ତି ଦିଆଯାଇଥିଲା।

# ଜିମ୍ନାଷ୍ଟ ପ୍ରତିଭା ରିତିକାଙ୍କୁ ସମ୍ବର୍ଦ୍ଧନା



ଜେଏମ୍ ରିତିକା ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୨୧।୨(ତପନ ସ୍ୱାଇଁ)**

ଚଳିତ ମାସ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନଠାରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ାର ଜିମ୍ନାଷ୍ଟିକରେ ଓଡ଼ିଶା ମହିଳା ଆର୍ଟିଷ୍ଟିକ ଦଳ ୧୧୬.୬୫ ସ୍କୋର କରି ଦଳଗତ ଭାବେ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛନ୍ତି। ଭୁବନେଶ୍ୱରର ଜେଏମ୍ ରିତିକା ଦାସ ଓଡ଼ିଶା ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଦଳର ସଦସ୍ୟା ରହିଥିଲେ। ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ସଭାପତି ସୁରେଶ କୁମାର ରାଉତରାୟ, ଉପସଭାପତି ମୀରା ରାଣୀ ଦାସ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ, ବିଶିଷ୍ଟ ପର୍ବତାରୋହୀ ସିଦ୍ଧାର୍ଥ କୁମାର ରାଉତରାୟ ଓ ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ମାନେ ରିତିକାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ଜିମ୍ନାଷ୍ଟିକ୍ ଦଳ ସଫଳତାର ଶ୍ରେୟ ଓଡ଼ିଶା ଜିମ୍ନାଷ୍ଟିକ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁଙ୍କୁ ଦେବା ସହିତ ଧନ୍ୟବାଦ ଅର୍ପଣ କରାଯାଇଛି। କୋଲକାତାଠାରେ ଅନୁଷ୍ଠିତ ଏସଜିଏଫଆଇ ସ୍କୁଲ ନ୍ୟାଶନାଲ ଗେମ୍ସରେ ମାତ୍ର ୦.୧ ମାର୍କ କମ୍ ରଖି ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଖେଲୋ ଇଣ୍ଡିଆରେ ଚୟନ ହେବା ନେଇ ଆଶା କରିଛନ୍ତି।

# ଦକ୍ଷିଣ ଆଫ୍ରିକାର ଦୃଢ଼ ବ୍ୟାଟିଂ

**ଚାମ୍ପିୟନ୍ସ ଟ୍ରଫି**

**କରାଚୀ,୨୧।୨**

ନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଉଥିବା ଚାମ୍ପିୟନ୍ସ ଟ୍ରଫିର ତୃତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଆଫଗାନିସ୍ତାନ ସମ୍ମୁଖରେ ୩୧୬ ରନର ଟାର୍ଗେଟ ଛିଡ଼ା କରିଛି। ଏହାର ଜବାବରେ ଆଫଗାନିସ୍ତାନ ୨୦ ଓଭର ସୁଦ୍ଧା ୪ ଉଇକେଟ ହରାଇ ୭୭ ରନ କରିଛି। ରିପୋର୍ଟ ଲେଖାହେଲା ବେଳକୁ ରେହମତ ଶାହା ୧୩ ଓ ଆଜମାତୁଲା ଓମାରଜାଇ ୧୫ ରନରେ ବ୍ୟାଟିଂ କରୁଛନ୍ତି।

## ରିକେଲଟନଙ୍କ ଶତକ

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭରୁ ଟୋନି ଡି ଜର୍ଜିଙ୍କ ଉଇକେଟ ହରାଇଥିଲା। ନଂ-୩ରେ ବ୍ୟାଟିଂ ଆସିଥିବା ଅଧିନାୟକ ବଭୁମା ଅନ୍ୟତମ ଓପନର ରିୟାନ ରିକେଲଟନଙ୍କ ସହ ମିଶି ଦ୍ୱିତୀୟ ଉଇକେଟ ଲାଗି ଦଳୀୟ ସ୍କୋରରେ ୧୨୯ ରନ ଯୋଡ଼ି ଥିଲେ। ବଭୁମା ୫ ଚୌକା ସହିତ ୫୮ ରନ କରିବା ପରେ ପାଭିଲିଅନ ଫେରିଥିଲେ। ରିକେଲଟନ ୧୦୬ ବଲରେ ୭ ଚୌକା ଓ ୧ ଛକା ସହିତ ୧୦୩ ରନ କରି ରନଆଉଟ ହୋଇଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ପ୍ରଥମ ଶତକ ଥିଲା। ଏହାପରେ ଭାନ ଡର ଡୁସେନ ୫୨, ଡେଭିଡ ମିଲର ୧୪ ଓ ୱିଆନ ମୁଲଡର ୧୨ ରନ କରି ଆଉଟ ହୋଇଥିବା ବେଳେ ଏଡେନ ମାରକ୍ରାମ ୫୨ ରନ କରି ଅପରାଜିତ ରହିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୬ ଉଇକେଟ ହରାଇ ୩୧୫ ରନ କରିଥିଲା। ଆଫଗାନିସ୍ତାନ ପକ୍ଷରୁ ମହମ୍ମଦ ନବି ୨ ଉଇକେଟ ନେଇଥିବାବେଳେ ଫାଜଲହକ ଫାରୁକି, ଓମାରଜାଇ ଓ ନୁର ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୧୫/୬ (ରିୟାନ ରିକେଲଟନ ୧୦୩, ଟେମ୍ବା ବଭୁମା ୫୮, ଏଡେନ ମାରକ୍ରାମ ୫୨*, ଭାନ ଡର ଡୁସେନ ୫୨, ମହମ୍ମଦ ନବି ୨/୫୧, ଆଜମାତୁଲା ଓମାରଜାଇ ୧/୩୯, ଫାଜଲହକ ଫାରୁକି ୧/୫୯)।

**ଆଜିର ମ୍ୟାଚ**

**ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ**
**ସ୍ଥାନ: ଲାହୋର, ସମୟ: ଅପରାହ୍ନ ୨.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ-୧୮**

# ପୁଣେ ହାଫ୍ ମାରାଥନ ବିଜେତା ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୨୧।୨ (ପି.ଟି.):** ଡୋପ୍ ଟେଷ୍ଟରେ ବିଫଳ ହେବାରୁ ଗତବର୍ଷର ପୁଣେ ହାଫ୍ ମାରାଥନ ଟାଇଟଲ ବିଜେତା ପ୍ରଧାନ ବିଳାସ କିରୁଲାକର ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। କିରୁଲାକର ୧ ଘଣ୍ଟା ୪ ମିନିଟ ଓ ୨୨ ସେକେଣ୍ଡ ଟାଇମିଂରେ ୨୦୨୪ ଡିସେମ୍ବରରେ ପୁଣେ ମାରାଥନ ଜିତିଥିଲେ। ତାଙ୍କଠାରୁ ସଂଗୃହୀତ ସାମ୍ପଲରେ ଶକ୍ତି ବର୍ଦ୍ଧକ ଡ୍ରଗ୍ ମେଲଡୋନିୟମର ମାତ୍ରା ଠାବ ହୋଇଥିଲା। ଏଆଇୟୁ ହେଉଛି ୱାର୍ଲ୍ଡ ଆଥ୍‌ଲେଟିକ୍ସର ଇଣ୍ଡିପେଣ୍ଡେଣ୍ଟ ଏଜେନ୍ସି। ଅନ୍ତର୍ଜାତୀୟ ସ୍ତର ଆଥଲେଟ୍ସରେ ଏହି ସଂସ୍ଥା ଆଣ୍ଟି ଡୋପିଙ୍ଗ ପ୍ରୋଗ୍ରାମ୍‌ର ସମସ୍ତ ବିଷୟ ବୁଝାଶୁଝା କରିଥାଏ। ୨୦୧୬ରେ ମେଲୋଡିୟମର ବ୍ୟବହାର ନଜରକୁ ଆସିଥିଲା। ସେତେବେଳେ ଟେନିସ ଷ୍ଟାର ମାରିଆ ଶାରାପୋଭା ଏହି ଡ୍ରଗ୍ସ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ି ସସ୍‌ପେଣ୍ଡ ହୋଇଥିଲେ। ଡାକ୍ତରମାନେ ହାର୍ଟ ଟିସୁକୁ ସୁରକ୍ଷିତ କରିବା ଲାଗି ମେଲୋଡୋନିୟମ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଥାନ୍ତି। ଏହି ଡ୍ରଗ୍ସ ଆହୁରି ମଧ୍ୟ ନ୍ୟୁରୋଲୋଜିକାଲ କ୍ଲିନିକ୍‌ରେ ଆସ୍ଥେନିଆ ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ।

# ହାଇକୋର୍ଟ- ଭୁବନେଶ୍ୱର ବାର୍ ଫାଇନାଲ

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

**ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ**

ଭୁବନେଶ୍ୱର ବାର୍ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୦ମ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟ ଓ ଭୁବନେଶ୍ୱର ବାର୍ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଓଡ଼ିଶା ହାଇକୋର୍ଟ ଦଳ ୬ ଉଇକେଟରେ ମୋଟର ଭେହିକ୍ଲ ବାର୍ ଆସୋସିଏଶନକୁ ହରାଇ ଦେଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୋଟର ଭେହିକ୍ଲ ବାର୍ ଆସୋସିଏଶନ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୨୨ ରନ କରିଥିଲା। ଦଳ ପକ୍ଷରୁ ଏସ. ଦୀପକ ସର୍ବାଧିକ ୬୧ ରନ କରିଥିଲେ। ବିପକ୍ଷ ଦଳର ସରୋଜ ବେହେରା ୩ ଉଇକେଟ ନେଇଥିଲେ। ୧୨୩ ରନର ବିଜୟ ଲକ୍ଷ୍ୟକୁ ହାଇକୋର୍ଟ ବାର୍ ଆସୋସିଏଶନ ୧୪.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ୨୫ ବଲ୍‌ରୁ ୪୫ ରନକରି ଅପରାଜିତ ରହିଥିବା ଭକ୍ତି ପି. ସାମଲଙ୍କୁ ଅତିଥି ଅଶୋକ କୁମାର ପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ବାର୍ ୭ ଉଇକେଟରେ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏଶନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବୋର୍ଡ ଅଫ୍ ରେଭେନ୍ୟୁ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ହରାଇ ୧୦୪ ରନ କରିଥିଲା। ରୋହିତ ରଞ୍ଜନ ରାୟ ସର୍ବାଧିକ ୪୦ ରନକରି ଅପରାଜିତ ରହିଥିଲେ। ଜବାବରେ ଭୁବନେଶ୍ୱର ବାର୍ ୧୨.୨ ଓଭରରେ ୩ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ସୁମନ ରାଉତରାୟ ୫୯ ରନକରି ଅପରାଜିତ ରହିଥିଲେ। ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ସୁମନ ରାଉତରାୟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ସୁମନ ରାଉତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।



କଟକରେ ଚାଲିଥିବା ଜାତୀୟ ପୁରୁଷ କବାଡ଼ି ଟୁର୍ନାମେଣ୍ଟରେ ଶୁକ୍ରବାର ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ